# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-148 ◆MONDAY ◆24 NOVEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪୮ ◆ସୋମବାର ◆୨୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍

# ଭାରତକୁ ଚାମ୍ପିଅନ କଲେ ଓଡ଼ିଶାର ଫୁଲ ସୋରେନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇ ଇତିହାସ ରଚିଛି। ରବିବାର ପି. ସାରା ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୭ ୱିକେଟରେ ନେପାଳକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟିକା ଟିସି ଦୀପିକା ବୋଲିଂ ନିଷ୍ପତ୍ତି ନେଇଥିଲେ। ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁ ନେପାଳ ୨୦ ଓଭରରେ ୫ ୱିକେଟ ହରାଇ ୧୧୪ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଭାରତ ୧୨ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଆ ଖେଳାଳି ଫୁଲ ସୋରେନ ଭାରତ ପକ୍ଷରୁ ସର୍ବାଧିକ ଅପରାଜିତ ୪୪ ରନ କରିଥିଲେ। ଇନିଂସ ଓପନ୍ କରିଥିବା ଫୁଲ ୨୭ ବଲରେ ୪ ଚୌକା ସହ ଏହି ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ କରୁଣା ମଧ୍ୟ ୪୨ ରନ ସଂଗ୍ରହ କରିଥିଲେ। ଫୁଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଫୁଲଙ୍କ ବ୍ୟତୀତ ଓଡ଼ିଶାର ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା ଓ ପାର୍ବତୀ ମାରାଣ୍ଡି ବିଶ୍ୱ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟା ରହିଛନ୍ତି।



ଚାମ୍ପିଅନ ଟ୍ରଫି ସହ ଓଡ଼ିଶାର ୪ ଖେଳାଳି

# ମା' କ୍ଷୀରରୁ ମିଳିଲା ୟୁରାନିୟମ

## ୬ ଜିଲ୍ଲାରୁ ସାମ୍ନାକୁ ଆସିଲା ୪୦ ମାମଲା

■ ପାଟନା, ୨୩।୧୧ (ଏଜେନ୍ସି): ନବଜାତକଙ୍କ ଅମୃତ ମା' କ୍ଷୀର ବି ଏବେ ବିଶୁଦ୍ଧ ନୁହେଁ। ଏହା ବିଷ ପାଲଟି ଗଲାଣି। ମା' କ୍ଷୀରରୁ ବିଷାକ୍ତ ୟୁରାନିୟମ ମିଳିଛି। ବିହାରରୁ ଏଭଳି ବିପଜ୍ଜନକ ସୂଚନା ସାମ୍ନାକୁ ଆସିଛି। ବିହାର ସ୍ତନ୍ୟପାନ କରାଉଥିବା ୪୦ ମହିଳାଙ୍କ କ୍ଷୀର ନମୁନାରୁ ୟୁରାନିୟମ (ୟୁ୨୩୮) ମିଳିଛି। ନେଚର ଜର୍ଣ୍ଣାଲରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ମା' କ୍ଷୀରରେ ଥିବା ୟୁରାନିୟମ ଶିଶୁଠାରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ଅନେକ ପ୍ରତିଷ୍ଠାନର ଗବେଷକଙ୍କ ଅନୁଯାୟୀ କ୍ଷୀର ମାଧ୍ୟମରେ ଶିଶୁଙ୍କ ଶରୀରକୁ ୟୁରାନିୟମ ଗଲେ କର୍କଟ ଭଳି ଜଟିଳ ରୋଗର ବିପଦ ସୃଷ୍ଟି ହୋଇପାରେ। ଠିକରେ ହାଡ଼ର ବିକାଶ ହୁଏ ନାହିଁ। ପାଟନାର 'ମହାବୀର କ୍ୟାନସର ପ୍ରତିଷ୍ଠାନ' ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଏଥିରେ ଦିଲ୍ଲୀ ଏମ୍ସର ବାୟୋ କେମେଷ୍ଟ୍ରି ବିଭାଗ ଡ. ଅଶୋକ ଶର୍ମାଙ୍କ ଟିମ୍ ମଧ୍ୟ ସାମିଲ ଥିଲା। ସେ ଏହି ଅଧ୍ୟୟନର ସହାୟକ ଲେଖକ ମଧ୍ୟ। ଡ. ଶର୍ମା କହିଛନ୍ତି ଯେ ୪୦ ମାଆଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ସବୁ ନମୁନାରୁ ୟୁରାନିୟମ ମିଳିଥିଲା। ୟୁରାନିୟମର ଉତ୍ସ ବିଷୟରେ ଏବେ କିଛି ସ୍ପଷ୍ଟ ହୋଇନାହିଁ। ଏହା କେମିତି ଆସିଲା ଜଣାପଡ଼ି ନାହିଁ। ବିହାରରେ ପାନୀୟ ଏବଂ ▶ପୃଷ୍ଠା-୭


# ଶେଷ ମିନିଟ୍‌ରେ ବାତିଲ୍ କରିହେବ ବିମାନ ଟିକଟ; ଫେରସ୍ତ ମିଳିବ ଭଡ଼ା

■ ନୂଆଦିଲ୍ଲୀ,୨୩।୧୧ (ଏଜେନ୍ସି): କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଖୁବ୍ ଶୀଘ୍ର ବିମାନ ଭଡା ଫେରସ୍ତ ବା ରିଫଣ୍ଡ ଏବଂ ଟିକଟ ଉପରେ ଯାତ୍ରୀଙ୍କ ପାଇଁ ବୀମା ସୁବିଧା ଆରମ୍ଭ କରିବାକୁ ଯାଉଛି। କାରଣ ଡିଜିସିଏ ବିମାନ ଭଡା ଫେରସ୍ତ ସମ୍ବନ୍ଧୀୟ ନିୟମରେ ଏକ ବଡ଼ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ନୂତନ ଚିଠା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଯଦି କୌଣସି ଯାତ୍ରୀଙ୍କୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ଟିକଟ ବାତିଲ କରିବାକୁ ପଡ଼େ, ତେବେ ବିମାନ କମ୍ପାନୀକୁ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କରିବାକୁ ପଡିବ କିମ୍ବା ଏକ କ୍ରେଡିଟ୍ ନୋଟ୍ ଜାରି କରିବାକୁ ପଡିବ। ଟ୍ରାଭେଲ୍ ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ରିଫଣ୍ଡ ଏବେ ବିମାନ କମ୍ପାନୀର ଦାୟିତ୍ୱ ହେବ। ଏହାର ଅର୍ଥ ହେଉଛି ଅନଲାଇନ୍ ପୋର୍ଟାଲ କିମ୍ବା ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ମଧ୍ୟ ବିମାନ କମ୍ପାନୀ ଯାତ୍ରୀଙ୍କୁ ଫେରସ୍ତ ଅର୍ଥ ପ୍ରଦାନ କରିବ। ଏଥିପାଇଁ ୨୧ କାର୍ଯ୍ୟ ଦିବସର ସମୟସୀମା ଧାର୍ଯ୍ୟ କରାଯାଇଛି। ଚିଠା ନିୟମ ଉପରେ ଅଂଶୀଦାରମାନଙ୍କ ମତାମତ ନଭେମ୍ବର ୨୦ ମଧ୍ୟରେ ଲୋଡାଯାଇଛି। ଆହୁରିମଧ୍ୟ ସରକାର ବିମାନ ଟିକଟରେ ଇନ୍-ବିଲ୍ଟ ବୀମା ଯୋଡିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ଉଡ଼ାଣର ମାତ୍ର କିଛି ଘଣ୍ଟା ପୂର୍ବରୁ ▶ପୃଷ୍ଠା-୭

# ଦ୍ୱନ୍ଦ୍ୱ ବଢ଼ାଇଲା ଯୋଡ଼ା ଲଘୁଚାପ

## ଆଜି ଅବପାତର ରୂପ ନେବ ଲଘୁଚାପ ■ ବାତ୍ୟା ଗତିପଥ ବଦଳାଇଲେ ବର୍ତ୍ତିଯିବ ଓଡ଼ିଶା

■ ଭୁବନେଶ୍ୱର, ୨୩।୧୧ (ସମିସ): ମଲାକ୍କା ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗରରେ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସ୍ୱଦଶ ଲଘୁଚାପରେ ପରିଣତ ହୋଇଛି। ସୋମବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତ ଓ ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ବାତ୍ୟାର ପରିଣତ ହେବ। ଏହି ସ୍ପଷ୍ଟ ଚିହ୍ନିତ ଲଘୁଚାପ ବର୍ତ୍ତମାନ ସକ୍ରିୟ ରହିଖଥିବା ବେଳେ ଏହା କ୍ରମଶଃ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି ଜାରି ରଖିଛି। ଅନ୍ୟପଟେ ଏହି ଲଘୁଚାପ ସହିତ ବଙ୍ଗୋପସାଗରରେ ଆସନ୍ତା ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି ଯାହାକି ବାତ୍ୟାର ଗତିପଥ ଓ ତୀବ୍ରତାକୁ ଦ୍ୱନ୍ଦ୍ୱାତ୍ମକ କରିଦେଇଛି। ପାଣିପାଗ ବିଶେଷଜ୍ଞମାନେ ଦୁଇଟି ଲଘୁଚାପର



ମିଶ୍ରଣ ନେଇ ଆକଳନ କରୁଥିଲେ ମଧ୍ୟ ଏହା ମିଶ୍ରଣ ପରେ କେଉଁ ଆଡ଼କୁ ଗତି କରିବ ତାହା ଆସନ୍ତା ୨୭ ପରେ ସ୍ପଷ୍ଟ ହେବ ବୋଲି କହୁଛନ୍ତି।

ଅନ୍ୟପଟେ ଦୀର୍ଘ ୧୦୦ ବର୍ଷର ରେକର୍ଡ ଅନୁଯାୟୀ ଶୀତ ଦିନରେ ବାତ୍ୟା ସୃଷ୍ଟି ହେଲେ ତାହାର ପ୍ରଭାବ ତାମିଲନାଡୁ ବା ଆନ୍ଧ୍ର ଆଡ଼କୁ ହୋଇଥିବା ଦେଖା ଦେଇଛି। ତେଣୁ ଏହି ବାତ୍ୟା ମଧ୍ୟ ଓଡିଶା ଆଡ଼କୁ ଆସିବାର ସମ୍ଭାବନା କମ୍ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି ଏହା ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ଅଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତାଙ୍କ କହିବା ଅନୁଯାୟୀ ▶ପୃଷ୍ଠା-୭

## 'ସକାଳ'ର ୫ମ ସ୍ୱନକ୍ଷତ୍ର

# ବିତର୍କରେ ଭାଗନେଲେ ରାଜ୍ୟର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ




■ ଭୁବନେଶ୍ୱର, ୨୩।୧୧ (ସମିସ): ଲୋକପ୍ରିୟ ଦୈନିକ 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜ୍ୟର ସବୁ ଜିଲ୍ଲାର ସଦର ମହକୁମା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ବିତର୍କ ପ୍ରତିଯୋଗିତା। ରାଜ୍ୟର ବିଭିନ୍ନ ସ୍ଥାନରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ପାଇଁ ରହିଥିବା ବିଷୟବସ୍ତୁ 'ଜେନ୍-ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା' ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ନିଜନିଜର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେହିପରି ସେହିପରି ପୁସ୍ତକ ବଞ୍ଚିବା ଶିଖାଇବା ସହିତ ଜ୍ଞାନ ଓ ଚେତନାକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନେଇଥାଏ ବୋଲି ବିଦ୍ୟାଳୟ ଛାତ୍ରଛାତ୍ରୀମାନେ 'ବହି ପଢ଼ା: ଜରୁରୀ ଆବଶ୍ୟକତା ନା ଅନାବଶ୍ୟକ ଚାପ' ବିଷୟ ଉପରେ ନିଜନିଜ ଆଭିମୁଖ୍ୟ ରଖିଛନ୍ତି।

'ଭାରତ ମସଲା' ପ୍ରାୟୋଜିତ ଓ 'ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ' ସହଭାଗିତାରେ ଅନୁଷ୍ଠିତ ଏହି ବିତର୍କ ପ୍ରତିଯୋଗିତାରେ ସାରା ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ହଜାର ହଜାର ପ୍ରତିଭାଦୀପ୍ତ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ମାର୍ମିକ ଅଭିଭାଷଣ ରଖିଛନ୍ତି। ବିଭିନ୍ନ ସ୍ଥାନରେ ସମାଜରେ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଜ୍ଞ ବିଚାରକମାନେ ଛାତ୍ରଛାତ୍ରୀଙ୍କ ବିତର୍କର ମୂଲ୍ୟାୟନ କରିଛନ୍ତି। ପ୍ରତିଯୋଗିତା ଶେଷରେ ବିଚାରକ ତଥା ଅତିଥିମାନେ ପ୍ରତି ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୩ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହ ସ୍ମୃତି ଫଳକ ସହ ସମ୍ମାନିତ କରିଛନ୍ତି ଓ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ଜିଲ୍ଲାସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଯୋଗ ଦେବେ।

**ରାଜ୍ୟସ୍ତରୀୟ ବିତର୍କ ପାଇଁ ୩୦ଜିଲ୍ଲାରୁ ୬୦ ପ୍ରତିଯୋଗୀ ମନୋନୀତ**

ପ୍ରତିଷ୍ଠା ହେବାର ମାତ୍ର ୫ ବର୍ଷ ମଧ୍ୟରେ ପାଠକଙ୍କ ବିଶ୍ୱସନୀୟତା ହାସଲ କରିଥିବା 'ସକାଳ' ପକ୍ଷରୁ ଏହି ବିତର୍କ ପ୍ରତିଯୋଗିତା ସାଧାରଣରେ ବେଶ୍ ପ୍ରଶଂସିତ ହୋଇଛି। ସାମ୍ପ୍ରତିକ ସମୟର ଦୁଇଟି ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ବିତର୍କ ଜରିଆରେ ଆଲୋକପାତ କରିବାରେ ସମର୍ଥ ହୋଇ ପାରିଥିବାରୁ 'ସକାଳ'ର ପ୍ରୟାସକୁ ଅତିଥିମାନେ ବେଶ୍ ପ୍ରଶଂସା କରିଛନ୍ତି। ରାଜ୍ୟରେ 'ସକାଳ'ର ସ୍ୱନକ୍ଷତ୍ର ଦିବସ ଅବସରରେ ବିଭିନ୍ନ ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ 'ସକାଳ'ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ ଶୁଭେଚ୍ଛା ଜ୍ଞାପନ କରିବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ 'ସକାଳ' ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଖୋର୍ଦ୍ଧା ବାଘମାରୀରେ ନାବାଳିକାକୁ ଗଣଦୁଷ୍କର୍ମ

# ହୃଦୟବିଦାରକ ଓ ସ୍ପର୍ଶକାତର: ନବୀନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଘଟଣାକୁ ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ ବୋଲି ଉଲ୍ଲେଖ କରି ମହିଳାମାନଙ୍କ ଉପରେ ରାଜ୍ୟରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ଦୁଷ୍କର୍ମ ଘଟଣା ସମସ୍ତଙ୍କୁ ବିଚଳିତ କରିଦେଉଛି ବୋଲି ନବୀନ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲାରେ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ନିସ୍ଠୁକ ମାଡ଼ ଘଟଣାକୁ ମଧ୍ୟ ସେ ନିନ୍ଦା କରିଛନ୍ତି।



**ବିଜେପି ସରକାରରେ ରାଜ୍ୟର ମା'ମାନେ ସବୁଠୁ ଅସୁରକ୍ଷିତ**

**ନିଦରୁ ଉଠି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଆହ୍ୱାନ**

ନବୀନ କହିଛନ୍ତି ଯେ ଭଦ୍ରକ ଅରଣ୍ଡିରେ ମା'ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସ୍‌ଏଚଜିର ▶ପୃଷ୍ଠା-୭

## ଏସ୍‌ଆଇଆର୍ ଚାପ

# ୧୯ ଦିନରେ ୧୫ ବିଏଲ୍‌ଓଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ୱେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ଅଭିଯାନ ଅବସରରେ ବୁଥ ଲେବଲ ଅଫିସର (ବିଏଲ୍‌ଓ) ଙ୍କ ମୃତ୍ୟୁ ଚିନ୍ତା ସୃଷ୍ଟି କରିଛି। କାର୍ଯ୍ୟର ଚାପ ଯୋଗୁ ଏଭଳି ଘଟଣା ଘଟୁଛି ବୋଲି କୁହାଯାଉଛି। ନଭେମ୍ବର ୨୧ ରାତିରୁ ୨୨ ତାରିଖ ମଧ୍ୟରେ ମଧ୍ୟପ୍ରଦେଶରେ ଦୁଇଜଣ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶରେ ଭୋପାଳରେ ୨ ଜଣ ବିଏଲ୍‌ଓ ହୃଦ୍‌ଘାତ ଆସିବା ଫଳରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମବଙ୍ଗରେ ଜଣେ ମହିଳା ବିଏଲ୍‌ଓ ଆତ୍ମହତ୍ୟା କରିଛନ୍ତି। ଅଧିକ କାର୍ଯ୍ୟ ଓ ଲକ୍ଷ୍ୟ ପୂରଣ କରିବାର ଚାପକୁ ନିୟନ୍ତ୍ରଣ ନ କରିପାରିବାରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି ମୃତକଙ୍କ ପରିବାର ଲୋକେ କହିଛନ୍ତି। ଶନିବାର ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ ରାଜସ୍ଥାନ ଭଳି ବଡ଼ ରାଜ୍ୟରେ ସର୍ବାଧିକ ୬୦.୫୪ ପ୍ରତିଶତ ଫର୍ମ ଡିଜିଟାଲ ହୋଇଛି। ସେହିପରି କେରଳରେ ସର୍ବନିମ୍ନ ୧୦.୫୮ ଫର୍ମ ଡିଜିଟାଲ ହୋଇଛି। ମୋଟ୍ ଉପରେ ୯୮.୯୮ ଫର୍ମ ବିତରଣ ହୋଇଛି ବୋଲି କମିଶନ ସୂଚନା ଦେଇଛନ୍ତି।

**ଗୁଜରାଟ, ଏମ୍‌ପିରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗରେ ୩, ରାଜସ୍ଥାନ, ତାମିଲନାଡୁ ଓ କେରଳରେ ଜଣେ**

ପଶ୍ଚିମବଙ୍ଗରେ ଦ୍ୱିତୀୟ ଆତ୍ମହତ୍ୟା ସହ ବିଏଲ୍‌ଓଙ୍କ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ରାଜ୍ୟରେ ଦୁଇଜଣ ବିଏଲ୍‌ଓ ଆତ୍ମହତ୍ୟା କରିଥିବା ବେଳେ ଆଉ ଜଣେ ଚାପ ଯୋଗୁ ଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ସେହିପରି ରାଜସ୍ଥାନର ଜୟପୁରରେ ରବିବାର ବିଏଲ୍‌ଓ ମୁକେଶ ଜାଙ୍ଗିଡି (୪୮) ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟେ କରୋଲିରେ ଜଣେ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ସବାଇ ମାଧୋପୁରରେ ଜଣେ ବିଏଲ୍‌ଓ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅନ୍ୟପଟେ ଗୁଜରାଟ୍‌ରେ ୪ ଦିନରେ ୪ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି। ଅହମଦାବାଦ୍ ଓ ଦାହୋଦ୍‌ରେ ଜଣେ ବିଏଲ୍‌ଓ ଅସୁସ୍ଥ ହେବା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ମଧ୍ୟ ପ୍ରଦେଶରେ ଗୋଟିଏ ରାତିରେ ୨ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ଓ ଆଉ ଜଣେ ହୃଦ୍‌ଘାତ୍‌ର ଶିକାର ▶ପୃଷ୍ଠା-୭

# ଏସ୍‌ସିବିରେ ଡାଏଲିସିସ୍ ବନ୍ଦ !

## ୨ ମାସ ହେବ ମିଳୁନି ପିଡି ଫ୍ଲୁଇଡ୍

■ କଟକ, ୨୩।୧୧ (ସମିସ): ଜଟିଳ ବୃକ୍କ (କିଡ୍‌ନୀ) ରୋଗରେ ଆକ୍ରାନ୍ତଙ୍କୁ ବଡ଼ ମେଡିକାଲରେ ଡାଏଲିସିସ୍ ସେବା ମିଳୁନାହିଁ। ପିଡି ଫ୍ଲୁଇଡ୍ ନଥିବାରୁ ନେଫ୍ରୋଲୋଜି ବିଭାଗରେ ଏହି ଚିକିତ୍ସା ବ୍ୟବସ୍ଥା ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଆଜି ୨୧ଜଣ ରୋଗୀ ଏଭଳି ଅଭିଯୋଗ କରି ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭୦ରୁ ଅଧିକ ରୋଗୀ ଏହି ସମସ୍ୟା ଭୋଗୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ(ଓଏସ୍‌ଏମସି) ପିଡି ଫ୍ଲୁଇଡ୍ ଯୋଗାଇବା ବନ୍ଦ କରିଥିବା ବେଳେ ଡିଏମଇଟିଙ୍କ କାର୍ଯ୍ୟାଳୟରୁ ଅର୍ଥ ମଞ୍ଜୁର ନହେବା ଯୋଗୁଁ ବୃକ୍କ ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଥିବା ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି। ଏ ସଂପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର୍ ଡଃ ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



**ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କଲେ ୨୧ ରୋଗୀ**

ପ୍ରକାଶଥାଉକି, ବଡ଼ ମେଡିକାଲରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲାଣି। ଗୋଟିଏ ପରେ ଗୋଟିଏ ବିଭାଗ ଏବେ ରୋଗୀଙ୍କୁ ମୌଳିକ ଚିକିତ୍ସା ଯୋଗାଇଦେବା ନିମନ୍ତେ ମଧ୍ୟ ସରକାରୀ ଅର୍ଥକୁ ଅପେକ୍ଷା କରି ରହୁଛନ୍ତି। ଡାଏଲିସିସ୍ ନିମନ୍ତେ ପିଡି ଫ୍ଲୁଇଡ୍‌ର ଆବଶ୍ୟକତା ରହିଛି। ବୃକ୍କ ଅକାମୀ ହେବାକୁ ଲାଗିଲେ ଡାଏଲିସିସ୍ ▶ପୃଷ୍ଠା-୭

## ରୋବର୍ଟ କିୟୋସାକିଙ୍କ ଚେତାବନୀ

# ମାନ୍ଦାବସ୍ଥା କବଳରେ ବିଶ୍ୱ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): 'ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍'ର ଲେଖକ ରବର୍ଟ କିୟୋସାକି ଏକ ବିଶ୍ୱ ଆର୍ଥିକ ସଙ୍କଟ ବିଷୟରେ ଚେତାବନୀ ଦେଇଛନ୍ତି। ରବର୍ଟ କିୟୋସାକି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ ଇତିହାସର ସବୁଠାରୁ ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ଆରମ୍ଭ ହୋଇଛି। ୭୮ ବର୍ଷୀୟ କିୟୋସାକି ତାଙ୍କର ଭବିଷ୍ୟବାଣୀକୁ ପୁନରାବୃତ୍ତି କରି କହିଛନ୍ତି, ୨୦୧୩ରେ, ସେ 'ରିଚ୍ ଡ୍ୟାଡ୍ସ ଭବିଷ୍ୟବାଣୀ' ପ୍ରକାଶ କରିଥିଲେ। ସେଥିରେ ସେସବୁଠାରୁ ବଡ଼ ମାନ୍ଦାବସ୍ଥାର ଭବିଷ୍ୟବାଣୀ କରିଥିଲେ। ଦୁର୍ଭାଗ୍ୟବଶତଃ, ସେହି ମାନ୍ଦାବସ୍ଥା ଆସିଯାଇଛି। ସେ ଲେଖିଛନ୍ତି ଯେ ଏହା କେବଳ ଯୁକ୍ତରାଷ୍ଟ୍ର ଆମେରିକା ବିଷୟରେ ନୁହେଁ। ୟୁରୋପ ଏବଂ ଏସିଆ ମଧ୍ୟ ଏକ ଆର୍ଥିକ ମାନ୍ଦାବସ୍ଥାର କବଳରେ ରହିଛି। ତେବେ କେଉଁ ସମ୍ପତ୍ତି ଏହି ବଜାର ମାନ୍ଦାବସ୍ଥାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ, ତାହା ମଧ୍ୟ ସେ ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ବଜାର ତଳମୁହାଁ ହୋଇଛି। କିୟୋସାକି



ବିଶ୍ୱାସ କରନ୍ତି ଯେ ଏଆଇ ଚାକିରି ଖାଇଯିବ। ଯେତେବେଳେ ଚାକିରି ଉଭାନ ହୋଇଯିବ, ଅଫିସ ଏବଂ ଆବାସିକ ସମ୍ପତ୍ତିର ମୂଲ୍ୟ ମଧ୍ୟ ହ୍ରାସ ପାଇବ। ରିଅଲ୍ ଇଷ୍ଟେଟ୍ ବଜାର ମଧ୍ୟ କ୍ରାସ୍ ହୋଇପାରେ। ଏହି ହ୍ରାସକୁ ଏଡାଇବା ପାଇଁ, କିୟୋସାକି ସୁନା, ରୁପା, ବିଟ୍ କଏନ୍ ଏବଂ ଇଥେରିୟମ୍ ଭଳି ଜିନିଷଗୁଡ଼ିକରେ ନିବେଶ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମ୍ପତ୍ତିରେ ନିବେଶ କରିବାର ଏହା ସଠିକ୍ ସମୟ। ସେ କହିଛନ୍ତି ଯେ ରୁପାକୁ ସର୍ବୋତ୍ତମ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ।

**ଇତିହାସର ସବୁଠାରୁ ବଡ଼ ପତନ ଆରମ୍ଭ**

କିୟୋସାକି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି ରୁପା ମୂଲ୍ୟ ୫୦ ଡଲାର। ଖୁବ୍ ଶୀଘ୍ର ଏହା ୭୦ ଡଲାର ରେ ପହଞ୍ଚିବ ଏବଂ ୨୦୨୬ ସୁଦ୍ଧା ୨୦୦ ଡଲାରରେ ମଧ୍ୟ ପହଞ୍ଚିପାରେ। ଏଥିରେ ଖବର ହେଉଛି ଯେ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ସମସ୍ତ ସମ୍ପତ୍ତି ହରାଇବେ। ଏକ ନୂତନ ପୋଷ୍ଟରେ କିୟୋସାକି ବିଟ୍ କଏନ୍ କିଣିବାକୁ ପରାମର୍ଶ ଦେଉଛନ୍ତି, ଯଦିଓ ସେ ନିଜେ ବିଟ୍ କଏନ୍ ବିକ୍ରି କରିଛନ୍ତି। ଦୁଇ ଦିନ ପୂର୍ବେ, ଏକ ପୋଷ୍ଟରେ, କିୟୋସାକି କହିଥିଲେ ଯେ ସେ ୨.୨୫ ନିୟୁତ (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟର ବିଟ୍ କଏନ୍ ବିକ୍ରି କରିଛନ୍ତି। ପ୍ରତ୍ୟେକ ମୁଦ୍ରାର ମୂଲ୍ୟ କେବଳ ୬୦୦୦ (ପ୍ରାୟ ୫ ଲକ୍ଷ ଟଙ୍କା) ଥିବାବେଳେ ସେ ଏହି ବିଟ୍ କଏନ୍ କିଣିଥିଲେ। ବର୍ତ୍ତମାନ, ସେ ସେଗୁଡ଼ିକୁ ପ୍ରାୟ ୯୦ ହଜାର (ପ୍ରାୟ ୮୦ ଲକ୍ଷ ଟଙ୍କା) ରେ ବିକ୍ରି କରିଛନ୍ତି। ଏହି ଟଙ୍କାରେ ସେ ଦୁଇଟି ସର୍ଜରୀ କେନ୍ଦ୍ର କିଣିଛନ୍ତି ଏବଂ ଏକ ବିଲବୋର୍ଡ ବ୍ୟବସାୟରେ ନିବେଶ କରିଛନ୍ତି।

# 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ବିତର୍କ ପ୍ରତିଯୋଗିତା







ଦେବଗଡ଼,୨୩।୧୧(ସମିସ)

ଦୈନିକ ଖବର କାଗଜ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ଆଜି ଦେବଗଡ଼ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଆପ୍ରାଇଜ ଏଜୁକେଶନାଲ ଇନଷ୍ଟିଚ୍ୟୁଟ ପରିସରରେ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ସକାଳ ଜିଲ୍ଲା ପ୍ରତିନିଧି ବ୍ରିଜେଶରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସମୟରେ ପଥଭ୍ରଷ୍ଟ ନହୋଇ ପାଠ ପଢ଼ାରେ ମନୋନିବେଶ କରିବା ସହ ବର୍ତ୍ତମାନ ପରିସ୍ଥିତିରେ ଛାତ୍ରଛାତ୍ରୀ ମାନେ ନିଜକୁ ନିଶା ଓ ସାଇବର ଠକେଇ ଠାରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନର ବିକାଶ ପାଇଁ ବିତର୍କ ଭଳି ପ୍ରତିଯୋଗିତା ଆୟୋଜନ କରିଥିବାରୁ 'ସକାଳ' ଓ 'ନନ୍ଦିଘୋଷ' ପରିବାରକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ, ଆପ୍ରାଇଜ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ଶରତ ବେହେରା ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର ପରିଚାଳନା କରିଥିଲେ। ଏହାପରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଭାଗ ନେଇଥିବା କନିଷ୍ଠ ଓ ବରିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିକ୍ଷାବିତ ଡରାମଚନ୍ଦ୍ର ମହାପାତ୍ର, ବୁଢ଼ାପାଳ ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ, ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡିଆ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଦାୟିତ୍ୱ ବହନ କରିଥିଲେ। କନିଷ୍ଠ ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶ୍ରୀୟେଶ୍ୱରୀ ଗଡନାୟକ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ କ୍ରିତିକା କିରଣ ସାମଲ ଦ୍ୱିତୀୟ, ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଛାତ୍ରୀ ସୋନାଲିସା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ଆପ୍ରାଇଜ ଇନଷ୍ଟିଚ୍ୟୁଟ ଛାତ୍ର ଓଁକାର ସେଠୀ ପ୍ରଥମ, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ରୀ ସାବିତ୍ରୀ ବେହେରା ଦ୍ୱିତୀୟ, ଆପ୍ରାଇଜ ଇନଷ୍ଟିଚ୍ୟୁଟ ଛାତ୍ରୀ ସୁନୟନା ଦେହୁରୀ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। 'ସକାଳ' ଜିଲ୍ଲା ପ୍ରତିନିଧି ବ୍ରିଜେଶରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାମ୍ବାଦିକ ଅନୁଜ ପ୍ରଧାନଙ୍କ ସମେତ ଆପ୍ରାଇଜ ଇନଷ୍ଟିଚ୍ୟୁଟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## ବରିଷ୍ଠ ବର୍ଗରେ ଫାଲଗୁନୀ ବେହେରା ଓ କନିଷ୍ଠ ବର୍ଗରେ ଅଭିପ୍ସା କର ପ୍ରଥମ

**ଝାରସୁଗୁଡ଼ା:** ଦୈନିକ ଓଡ଼ିଆ ଖବରକାଗଜ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସାରା ରାଜ୍ୟରେ ବିତର୍କ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ରବିବାର ପିକେଏସଏସ କଲେଜ, ଏଚ କଣ୍ଟାପାଲି, ଝାରସୁଗୁଡ଼ା ପରିସରରେ ଅନୁଷ୍ଠିତ ହୋଇଥିଲା। କନିଷ୍ଠ ଏବଂ ବରିଷ୍ଠ ଦୁଇଟି ବର୍ଗରେ ଅନୁଷ୍ଠିତ ବିତର୍କ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗର ବିତର୍କ ଶୀର୍ଷକ ଛାତ୍ରଛାତ୍ରୀଙ୍କ ପାଇଁ 'ବହିପଢ଼ା:ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?' ଶୀର୍ଷକ ଏବଂ ବରିଷ୍ଠ ବିଭାଗରେ ବିତର୍କର ଶୀର୍ଷକ 'ଜେନ୍ ଜେଡ୍:ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?' ରହିଥିଲା। ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଡିଏଭି ପବ୍ଲିକ ସ୍କୁଲ ଝାରସୁଗୁଡ଼ାର ଛାତ୍ରୀ ଅଭିପ୍ସା କର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଡିଏଭି ପବ୍ଲିକ ସ୍କୁଲ ଏସଓସିପି ବ୍ରଜରାଜନଗରର ଛାତ୍ରୀ ଏକତା ପ୍ରଧାନ ଦ୍ୱିତୀୟ, ଡାନିଏଲ ପବ୍ଲିକ ସ୍କୁଲ ବ୍ରଜରାଜନଗରର ଛାତ୍ରୀ ଆରାଧ୍ୟା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ପିକେଏସଏସ କଲେଜ ଏଚ କଣ୍ଟାପାଲି ଝାରସୁଗୁଡ଼ାର ଫାଲ୍ଗୁନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉଷାରାଣୀ ବେହେରା ଦ୍ୱିତୀୟ, ଦିବ୍ୟା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅଭିପ୍ସା କର ଓ ଫାଲଗୁନି ବେହେରା ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ରବିବାର ଦୈନିକ ଖବରକାଗଜ ପକ୍ଷରୁ ଆୟୋଜିତ ଏହି ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଝାରସୁଗୁଡ଼ା ପୁଲିସ ଅଧିକାରୀ ଡିଏସପି ଲିଲିମା ଲଳିତା ବାର୍ଲା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ତଥା ବିଶିଷ୍ଟ ଅତିଥି ଓ ବିଚାରକ ଭାବେ ଝାରସୁଗୁଡ଼ାର ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ବାଳଗୋବିନ୍ଦ ମିଶ୍ର, ସମାଜସେବୀ ସାହିତ୍ୟିକା ମାନସୀ ପଣ୍ଡା, ଡାନିଏଲ ପବ୍ଲିକ ସ୍କୁଲ ବ୍ରଜରାଜନଗରର ପ୍ରିନ୍ସିପାଲ ପରମ ଜ୍ୟୋତି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଯୁକ୍ତା ମେହେର ମଞ୍ଚ ସଞ୍ଚାଳନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ବିତର୍କ ବିଷୟରେ ସୂଚନା ପ୍ରଦାନ କରିଥିବା ବେଳେ ସକାଳର ବରିଷ୍ଠ ଇବ ଥର୍ମାଲ ପ୍ରତିନିଧି ଉମାକାନ୍ତ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସକାଳର ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ତୁଳେଶ୍ୱରୀ ପ୍ରଧାନ କାର୍ଯ୍ୟକ୍ରମର ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରାଯିବା ସହିତ ଝାରସୁଗୁଡ଼ା "ସକାଳ" ପରିବାର ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଓ ବୃକ୍ଷ ଚାରା ଦେଇ ସମ୍ମାନିତ କରାଯାଇଥିଲା। ବିତର୍କ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯିବା ସହିତ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଅଫ ପାର୍ଟିସିପେଶନ ପ୍ରଦାନ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସକାଳ' ପରିବାର ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ତୁଳେଶ୍ୱରୀ ପ୍ରଧାନ, ଇବଥର୍ମାଲ ପ୍ରତିନିଧି ଉମାକାନ୍ତ ପଣ୍ଡା, ନନ୍ଦିଘୋଷ ଟିଭିର ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ମୁକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।











# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ଝାରସୁଗୁଡ଼ା,୨୩।୧୧(ସମିସ):** ରବିବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ବିଭିନ୍ନ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପୋକ୍ସୋ ଜଜ୍ ପୂଜା ଷଡଙ୍ଗୀ, ବରିଷ୍ଠ ଦେୱାନି ବିଚାରପତି (ଏଲ୍.ଆର୍) ଦେବଶ୍ରୀ ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାରରାଜେନ୍ଦ୍ର ଦାସ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀରେ ପଢୁଥିବା ୨୮ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। କଳା ଶିକ୍ଷକ ମନୋଜ ମହାପାତ୍ର ଓ ସମୀର ପଶାୟତଙ୍କ ସାଙ୍ଗରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପୋକ୍ସୋ ଜଜ୍ ପୂଜା ଷଡଙ୍ଗୀ ମୂଲ୍ୟାଙ୍କନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ସମସ୍ତ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଏବଂ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରାଧିକରଣ ପକ୍ଷରୁ ଅତିଥି ମାନଙ୍କ କରକମଳରେ ପ୍ରଦାନ କରା ଯାଇଥିଲା। ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଚିତ୍ର ଗୁଡିକୁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ପଠାଯିବ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।



# ବୋହୂର ଠେଙ୍ଗା ମାଡରେ ଶ୍ୱଶୁର ଗୁରୁତର

**ଦେବଗଡ଼,୨୩।୧୧(ସମିସ):** ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ଥାନା ଧିରମୁଣ୍ଡା ଗାଁର ଚାରିଘରିଆ ସାହିରେ ବୋହୂର ଠେଙ୍ଗା ମାଡରେ ଶ୍ୱଶୁରଙ୍କ ମୁଣ୍ଡ ଫାଟିଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଶ୍ୱଶୁର ମଧ୍ୟ ବୋହୂଙ୍କୁ ମାଡ ମାରିଥିବା ନେଇ ପାଲଟା ଅଭିଯୋଗ ହୋଇଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ ପାରିବାରିକ କଳହକୁ କେନ୍ଦ୍ର କରି ରଞ୍ଜନ ଘଡେଇଙ୍କ ସ୍ତ୍ରୀ ବବିତା ଘଡେଇ ତାଙ୍କ ଶ୍ୱଶୁର ତ୍ରିନାଥ ଘଡେଇଙ୍କୁ ଏକ ଠେଙ୍ଗା ଯୋଗେ ମାଡ ମାରିଥିଲେ। ଫଳରେ ତ୍ରିନାଥଙ୍କ ମୁଣ୍ଡ ଫାଟିଯିବା ସହିତ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ତ୍ରିନାଥ ଚିକିତ୍ସା ହୋଇ ଫେରିବା ପରେ ଗତକାଲି କୁଣ୍ଢେଇଗୋଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତ୍ରିନାଥଙ୍କ ଅଭିଯୋଗ ଆଧାରରେ ବବିତାଙ୍କ ବିରୋଧରେ ପୁଲିସ ଗତକାଲି ରାତିରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ଆଜି ବବିତା ତାଙ୍କ ଶ୍ୱଶୁରଙ୍କ ବିରୋଧରେ ପାଲଟା ଅଭିଯୋଗ କରିବା ସହିତ ଶ୍ୱଶୁରଙ୍କ ମାଡରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଉଲ୍ଲେଖ କରିଛନ୍ତି। ତେବେ ବବିତାଙ୍କ ଅଭିଯୋଗ ଉପରେ ମାମଲା ହୋଇନଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ଜଣାପଡିଛି।

# ଓପିଜିସି ତରଫରୁ ସ୍ୱାସ୍ଥ୍ୟ ଶିବିର

**ଇବଥର୍ମାଲ,୨୩।୧୧(ସମିସ):** ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ (ଓପିଜିସି ) ତରଫରୁ ଆଜି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍ ଅନ୍ତର୍ଗତ ପଣ୍ଡରୀ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ପଣ୍ଡରୀ ସରପଞ୍ଚ ସୁଭାଷିନୀ ସାହୁ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ଇବଥର୍ମାଲ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଂଗୀତା ପଣ୍ଡା, ଡାକ୍ତର କିଶୋର ମିଶ୍ରଙ୍କ ସମେତ ସମ୍ବଲପୁରରୁ ଆମନ୍ତ୍ରିତ ଶିଶୁରୋଗ ବିଶେଷଜ୍ଞ ଡା ମଦନ ମୋହନ ତ୍ରିପାଠୀ ଓ ଭେଷଜ ବିଶେଷଜ୍ଞ ଡା ଦୀପକ ପାଣିଗ୍ରାହୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପଣ୍ଡରୀ, ପେଚଓକଟା, ଗାଦିକଣ୍ଟା, ବେଙ୍କମୁରା ବଲଣ୍ଡଓ, ଗିଦ୍ଧଓ ଏବଂ ଅଇଁଲାଝରନ ଇତ୍ୟାଦି ଗାଁର ୨୩୪ ରୋଗୀଙ୍କୁ ରକ୍ତଚାପ, ମଧୁମେହ, ରକ୍ତହୀନତା, ଶାରୀରିକ ଦୁର୍ବଳତା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଶ୍ୱାସନଳି ସଂକ୍ରମଣ, ଚର୍ମରୋଗ, ଚକ୍ଷୁ ସଂକ୍ରମଣ, ଗ୍ୟାସ୍ଟ୍ରିକ, ପେଟବ୍ୟଥା, ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସଆର ବିଭାଗ ଏବଂ ଇବ ଥର୍ମାଲ ଚିକିତ୍ସାଳୟର ମିଳିତ ଉଦ୍ୟମରେ ପରିଚାଳିତ ଏହି ଶିବିରରେ ସିଏସଆର ବିଭାଗର ହିମାଂଶୁ ଭୂଷଣ ବେହେରା, ରାଜେନ୍ଦ୍ର ସା, ତାପସ ପଣ୍ଡା, ପ୍ରମୁଖ ଉପସ୍ଥିତ ରହିଥିଲେ। ଇବଥର୍ମାଲ ଚିକିତ୍ସାଳୟର ପ୍ରଭାତ ବାରିକ, ରିତା ଜେମ୍ସ, ସବିତା ନାୟକ, ସନ୍ଧ୍ୟାରାଣୀ କିଷାନ, ପ୍ରଭାତ ବିଶ୍ୱାଳ, ଅଭିମନ୍ୟୁ ଭୋଇ, ଦିଲ୍ଲୀପ ଦୀପ, ସ୍ନେହାଶିଷ ବେହେରା, କୁଞ୍ଜବିହାରୀ ବେହରା, ପ୍ରଫୁଲ୍ଲ ପ୍ରଧାନ ଏବଂ କର୍ଣ୍ଣ ବାଗ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।




# ବାରମ୍ବାର ଖବର ପ୍ରକାଶ ପରେ ଜିଲ୍ଲା ଖଣିଜ ପାଣ୍ଠିରୁ ମିଳିଲା ଅନୁଦାନ

ଝାରସୁଗୁଡ଼ା,୨୩।୧୧(ସମିସ)

ବିକଶିତ ଜିଲ୍ଲା ଭାବେ ପରିଗଣିତ ହେଉଥିବା ଝାରସୁଗୁଡ଼ା ଜିଲ୍ଲାର ସଦର ବ୍ଲକ୍ ଅନ୍ତର୍ଗତ କଦଳିମୁଣ୍ଡା ଗାଁରରାସ୍ତା ଅବସ୍ଥା ଦୀର୍ଘ ବର୍ଷ ହେବ ଶୋଚନୀୟ ହୋଇ ପଡିରହିଥିବା ବେଳେ ବର୍ଷା ହେଲେ ଗ୍ରାମବାସୀଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିଲା। ଲୋଇସିଂହ ପଞ୍ଚାୟତ ବାରଖଣ୍ଡିଆ କଦଳୀମୁଣ୍ଡାରାସ୍ତା ଅବସ୍ଥା ଅତି ଶୋଚନୀୟ ହେବା ଫଳରେ କୋମଳମତି ଶିଶୁ ସମେତ ମହିଳା ଏବଂ ଗ୍ରାମବାସୀ ନୀତି କଷ୍ଟ ଭୋଗୁଥିଲେ। ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଯୁବକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠ, ଝାରସୁଗୁଡ଼ା ଜିଲ୍ଲାପାଳ, ପଞ୍ଚାୟତିରାଜ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଗତ ସକାଳ ଖବରକାଗଜରେ ଗତ ୨୦୨୫ ଜୁଲାଇ ୨୭ ତାରିଖରେ "ଗାଁରେ ପଶିପାରୁନି ଆମ୍ବୁଲାନ୍ସ, ବର୍ଷାରେ ରାସ୍ତା ପାଲଟିଛି ମୃତ୍ୟୁଫାଶ" ଶୀର୍ଷକ ଖବର, ୨୦୨୩ ଅଗଷ୍ଟ ୨୮ ତାରିଖରେ "ପକ୍କା ରାସ୍ତା ସାତସପନ, ନୀତି କଷ୍ଟ ଭୋଗୁଛନ୍ତି ଗର୍ଭବତୀ, ଶିଶୁ, ଛାତ୍ରଛାତ୍ରୀ" ଶୀର୍ଷକ ଖବର ପ୍ରକାଶ ପରେ ପ୍ରଶାସନିକ ମହଲରେ ତତ୍ପରତା ପ୍ରକାଶ ପାଇଥିଲା। ଏହା ସହିତ ବାରମ୍ବାର ଗ୍ରାମବାସୀଙ୍କ ଅଭିଯୋଗ ଓ ଖବରକାଗଜରେ ପ୍ରକାଶ ପାଇବା ପରେ ବାରଖଣ୍ଡିଆ ପିଡବ୍ଲ୍ୟୁଡିରୋଡ ଠାରୁ ତିଳେଇମାଲ ହନୁମାନ ମନ୍ଦିର ଭାୟା କଦଳିମୁଣ୍ଡା ରାସ୍ତା ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ୧୦ମ ଟ୍ରଷ୍ଟବୋର୍ଡ ବୈଠକରେ ରାସ୍ତା ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ପୂରଣ ହେବାକୁ ଯାଉଛି କଦଳୀମୁଣ୍ଡା ଗ୍ରାମବାସୀଙ୍କ ଦୀର୍ଘବର୍ଷର ଦାବି। ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ଗାଁପଞ୍ଚାୟତ ଅନ୍ତର୍ଗତ ବାରଖଣ୍ଡିଆ ଖେଳ ପଡିଆ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଏଥିରେ ପ୍ରାୟ ସାଢ଼େ ୮କୋଟିରୁ ଅଧିକ ଅଟକଳ ମୂଲ୍ୟରେ ନିର୍ମାଣ ହେବାକୁ ଥିବା ବାରଖଣ୍ଡିଆ ପିଡବ୍ଲୁଡିରୋଡ ଠାରୁ ତିଳେଇମାଲ ହନୁମାନ ମନ୍ଦିର ଭାୟା କଦଳିମୁଣ୍ଡା ରାସ୍ତା ଏବଂ ବ୍ରିଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ୪କୋଟି ୯୧ଲକ୍ଷ ଅଟକଳ ମୂଲ୍ୟରେ ବାରଖଣ୍ଡିଆ ପିଡବ୍ଲୁଡିରାସ୍ତାରୁ ତିଳେଇମାଲ ହନୁମାନ ମନ୍ଦିର ଭାୟା କଦଳୀମୁଣ୍ଡା ରାସ୍ତା ଏବଂ ଏହିରାସ୍ତା ବଘେଇନାଳ ଉପରେ ୫କୋଟି୧୭ଲକ୍ଷ ଅଟକଳରେ ସେତୁ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ୩କୋଟି ୮୯ ଲକ୍ଷ ଟଙ୍କା ବ୍ୟୟରେ ଠରକଶପୁର ଶିବ ମନ୍ଦିର ଠାରୁ ଡିଗ୍ରିପଡା ଦେଇ ଭୋଇମୁଣ୍ଡା ପର୍ଯ୍ୟନ୍ତରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।


ସକାଳ
ଗାଁରେ ପଶିପାରୁନି ଆମ୍ବୁଲାନ୍ସ
ବର୍ଷାରେ ରାସ୍ତା ପାଲଟିଛି ମୃତ୍ୟୁଫାଶ


ସକାଳ
ପକ୍କାରାସ୍ତା ସାତସପନ / ନିତି କଷ୍ଟ ଭୋଗୁଛନ୍ତି ଗର୍ଭବତୀ, ଶିଶୁ, ଛାତ୍ରଛାତ୍ରୀ

'ସକାଳ' ପ୍ରଭାବ

## ରାଜସ୍ୱମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ରଘୁନନ୍ଦନ ପଣ୍ଡା, ପ୍ରମୋଦ ସେନାପତି, ମଙ୍ଗଳ ସାହୁ, ଝାରସୁଗୁଡ଼ା ବିଡିଓ ଅନିଲ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହିରାସ୍ତା ନିର୍ମାଣଫଳରେ କଦଳିମୁଣ୍ଡା ଗ୍ରାମବାସୀଙ୍କ ସମେତ ସମଗ୍ର ଲୋଇସିଂହ ପଞ୍ଚାୟତ ଏବଂ ସୁନ୍ଦରଗଡ ଅଞ୍ଚଳର ଜନସାଧାରଣ ମଧ୍ୟ ଉପକୃତ ହେବେ।

# ସ୍ୱନକ୍ଷତ୍ର ଉପଲକ୍ଷେ 'ସକାଳ'ର ବିତର୍କ ପ୍ରତିଯୋଗିତା












**ରାଉରକେଲା, ୨୩।୧୧(ସମିସ)**

ଛାତ୍ର ଜୀବନ ଯେତିକି ମୂଲ୍ୟବାନ୍ ସେତିକି କଠୋର। ଛାତ୍ର ଜୀବନ ହେଉଛି ତପସ୍ୟାର ସମୟ। ସାଧୁତା, କର୍ତ୍ତବ୍ୟ ପରାୟଣତା, ସାମାଜିକ ପ୍ରତିବଦ୍ଧତା, ସମୟାନୁବର୍ତ୍ତିତା ଛାତ୍ର ଜୀବନର ମୂଳମନ୍ତ୍ର ହେବା ଉଚିତ। ସର୍ବୋପରି ସଂଘର୍ଷପୂର୍ଣ୍ଣ ଛାତ୍ର ଜୀବନରେ ବିଶେଷ କରି ବିଫଳତାକୁ ସମ୍ମୁଖୀନ କରିବା ଛାତ୍ର ଜୀବନର ଅସୀମ ଧୈର୍ଯ୍ୟ ହେବା ଉଚିତ ବୋଲି ରାଉରକେଲାରେ 'ସକାଳ'ର ସ୍କୁଲ ଓ କଲେଜସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଯୋଗଦେଇଥିବା ବିଶିଷ୍ଟ ଅତିଥିମାନେମତବ୍ୟକ୍ତ କରିଛନ୍ତି। 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦିତନଗରସ୍ଥିତ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର କୁଳସଚିବ ନିଶି ପୁନମ ମିଞ୍ଜ ଯୋଗ ଦେଇ ଯେଉଁଠି ଥାଉ ପଛେ ନିଜ ମାଆ ଏବଂ ମାତୃଭାଷା ପ୍ରତି ସବୁବେଳେ ସମ୍ମାନ ଦେବା ଉଚିତ। ଯେତେ ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ ନିଜ ମାତୃଭାଷାକୁ କହିବା, ପଢ଼ିବା ଏବଂ ଏହି ଭାଷାର ଗଭୀରତା ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବାର ଆବଶ୍ୟକତା ରହିଛି ବୋଲି ମିଞ୍ଜ କହିଥିଲେ। ଜିଲ୍ଲାର ଅତିରିକ୍ତ ଏସପି ଶ୍ରାବଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ବିଦ୍ୟାଧ୍ୟୟନ ସହ ପିତାମାତାଙ୍କ ପ୍ରତି, ସମାଜ ପ୍ରତି ନିଜ କର୍ତ୍ତବ୍ୟ ସମ୍ପର୍କରେ ଅବଗତ ହେବା ଜରୁରୀ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ 'ସକାଳ'ର ୫ମ ସ୍ୱନକ୍ଷତ୍ର ପାଳନ ଅବ୍ୟବହିତ ପୂର୍ବରୁ ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହରିହର ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ 'ସକାଳ'ର ଏତାଦୃଶ ଉଦ୍ୟମର ପ୍ରଶଂସା କରିଥିଲେ। ଉତ୍ସବରେ ସ୍ୱାଗତ ଭାଷଣ ଦେଇ 'ସକାଳ' ପକ୍ଷରୁ ଶ୍ରୀ ପଟ୍ଟନାୟକ କହିଥିଲେ ଛାତ୍ରଛାତ୍ରୀ ଓଡ଼ିଆ, ଭାଷା, ସଂସ୍କୃତି, ପରମ୍ପରା ଠାରୁ ଦୂରେଇ ଯାଉଥିବା ବେଳେ ଭାଷା ପ୍ରତି ଆଗ୍ରହ ବୃଦ୍ଧି କରିବା ନିମନ୍ତେ 'ସକାଳ'ର ଏହି ପ୍ରୟାସ ହିଁ କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ।

**କନିଷ୍ଠ ବର୍ଗରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଥମ**

**ବରିଷ୍ଠ ବର୍ଗରେ ପ୍ରୟାସ ପ୍ରୀତିରଞ୍ଜନ ବାରିକ ପ୍ରଥମ**

'ସକାଳ' ପକ୍ଷରୁ ଆୟୋଜିତ ବିତର୍କ ପ୍ରତିଯୋଗିତାର ବିଷୟବସ୍ତୁ ବରିଷ୍ଠ ବର୍ଗରେ 'ଜେନ୍ ଜେଡ୍: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?' ରଖାଯାଇଥିଲା ବେଳେ କନିଷ୍ଠ ବର୍ଗରେ ବିଷୟବସ୍ତୁ ଥିଲା 'ବହିପଢ଼ା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?' ରହିଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ କରି ପୁରସ୍କୃତ କରିଥିଲେ। କନିଷ୍ଠ ବର୍ଗରେ ସାରନଗରୀ ସ୍ଥିତ ଆଦର୍ଶ ବିଦ୍ୟାମନ୍ଦିରର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଥମ, ଛେଣ୍ଡ ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲର ୯ମ ଶ୍ରେଣୀ ଛାତ୍ର ପ୍ରୟାଗରାଜ ବାରିକ ଦ୍ୱିତୀୟ ଏବଂ ବାସନ୍ତୀ କଲୋନୀ ସରକାରୀ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଅଲିଶା ରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପ୍ରଥମ ବର୍ଷର ଛାତ୍ର ପ୍ରୟାସ ପ୍ରୀତି ରଞ୍ଜନ ବାରିକ ପ୍ରଥମ, ବିଏସସି ୨ୟ ବର୍ଷ ଛାତ୍ରୀ ପ୍ରସପିତା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ବିଏସସି ୨ୟ ବର୍ଷର ଛାତ୍ରୀ ବିଜେୟନ୍ଦ୍ରୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକା ତଥା ଅବସରପ୍ରାପ୍ତ ଓଡ଼ିଶା ଶିକ୍ଷା ସେବା ଅଧିକାରୀ ରଶ୍ମିବାଳା ରାଉତରାୟ, ସାହିତ୍ୟିକା, ଆଲୋଚିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ଏବଂ ସାହିତ୍ୟିକ ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଲକ୍ଷ୍ମଣନାଥ ଦାସ କନିଷ୍ଠ ବର୍ଗରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ ବର୍ଗରେ ମ୍ୟୁନିସିପାଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଗିରିଜା ଶଙ୍କର ଗୋସ୍ୱାମୀ, ଆରଏସପିର ଅବସରପ୍ରାପ୍ତ ଡିଜିଏମ୍ ତଥା ମଧୁସୂଦନ ପାଠାଗାରର ସାଧାରଣ ସମ୍ପାଦକ ବିଜୟ ବରାଳ ଏବଂ ସାହିତ୍ୟିକା, ଉଦ୍‌ଘୋଷିକା ତଥା ସେକ୍ଟର-୬ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ମୂଲ୍ୟାୟନ କରିଥିଲେ। ସମସ୍ତ ବିଚାରକମାନଙ୍କୁ 'ସକାଳ' ପକ୍ଷରୁ ମୁଖ୍ୟ ଅତିଥି ବିପିୟୁଟିକୁଳ ସଚିବ ମିଞ୍ଜ, ଅତିରିକ୍ତ ଏସପି ସୁଶ୍ରୀ ନାୟକ ଏବଂ ପ୍ରଫେସର ଦାସ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ବୃକ୍ଷଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ମୁଖ୍ୟ ଅତିଥି ମିଞ୍ଜ, ସମ୍ମାନିତ ଅତିଥି ଅତିରିକ୍ତ ଏସପି ସୁଶ୍ରୀ ନାୟକ ଏବଂ ପ୍ରଫେସର ଦାସଙ୍କୁ 'ସକାଳ' ପକ୍ଷରୁ ଶ୍ରୀ ପଟ୍ଟନାୟକ ପୁଷ୍ପଗୁଚ୍ଛ, ଉପଢ୍ୌକନ ଏବଂ ବୃକ୍ଷଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ନନ୍ଦିଘୋଷ ଟିଭିର ବ୍ୟୁରୋଚିଫ୍ ଅବନିରଞ୍ଜନ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୁସ୍ମିତା ମହାପାତ୍ର ଅତି ସୁନ୍ଦର ଭାବେ ସଂଯୋଜନା କରିଥିଲେ। ଏହି ଅବସରରେ ପଣ୍ଡିତ ଅଜୟ ପାଣି, ହରିହର ଶତପଥୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସକାଳର ଫଟୋ ସାମ୍ବାଦିକ ସୁବ୍ରତ ଜେନା, ମ୍ୟୁନିସିପାଲ ମହାବିଦ୍ୟାଳୟର ଦିପ୍ତୀ ମହାନ୍ତି, ସୁରଜ ତନ୍ତୀ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବେଆଇନ ବାଲି ଚୋରାଚାଲାଣ; ୯ ହାଇୱା ଜବତ



**ବଣାଇଁ, ୨୩।୧୧(ସମିସ):** ବଣାଇଁ ତହସିଲ ଅଧୀନ ବ୍ରାହ୍ମଣୀ ନଦୀ ଶଯ୍ୟାର ବନେଇକଳା ଘାଟରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବାବେଳେ ୯ ଟି ହାଇୱା ଗାଡ଼ିକୁ ଜବତ୍ କରିଛି ବଣାଇଁ ପୁଲିସ। ଶନିବାର ରାତିରେ ବଣାଇଁ ପୁଲିସ ପକ୍ଷରୁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ ରେ ବାହାରି ଥିବା ବେଳେ ବଣାଇଁ ବ୍ରାହ୍ମଣୀ ନଦୀ ଶଯ୍ୟାର ବିଭିନ୍ନ ବାଲି ଘାଟ ଗୁଡ଼ିକରେ ଅତର୍କିତ ଚଢ଼ଉ କରିଥିଲେ। ଏହି ସମୟରେ ଲିଜ୍‌ଧାରୀ ଦୁର୍ଗା ମାଧବ ମିଶ୍ରଙ୍କ ନାଁ ରେ ଥିବା ବନେକଳା ଘାଟରୁ ୯ ଟି ହାଇୱାରେ ବାଲି ବୋଝେଇ ହୋଇ ପରିବହନ ନିମନ୍ତେ ଯିବା ବେଳେ ପୁଲିସ ସମସ୍ତ ଗାଡି ଗୁଡ଼ିକୁ ଅଟକ ରଖି କାଗଜ ପତ୍ର ଯାଞ୍ଚ୍ କରିଥିଲା। ଗାଡ଼ିରେ ଚାଲାଣ କାଗଜପତ୍ର ବୈଧ ନଥିବା ବେଳେ ସେସବୁ ଗାଡି ଗୁଡ଼ିକ ନକଲି ଟିପି ବ୍ୟବହାର କରି ବାଲି ଚୋରା ଚାଲାଣ କରୁଥିବା ଜଣାପଡ଼ିଥିଲା। ଯାହା ଫଳରେ ପୋଲିସ୍ ସବୁ ଗାଡି ଗୁଡ଼ିକୁ ଜବତ କରି ବଣାଇଁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ କେତେକ ଡ୍ରାଇଭର ଗାଡି ଗୁଡ଼ିକ ନେଇ ଫେରାର ହେବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସ୍ ସେମାନଙ୍କୁ ଗୋଡେଇ ଧରିଥିଲା। ଏପରିକି ବନେଇକେଲା ରୁ ବଣାଇଁ ଥାନା କୁ ଆସିବା ବେଳେ ଜଣେ ଡ୍ରାଇଭର ଜକେଇକଳା ନିକଟରେ ଗାଡ଼ିକୁ ଅଟକାଇ ଲକ୍ କରି ଫେରାର ହୋଇଯାଇଥିବା ବେଳେ ସେଠାରେ ଜଣେ ପୁଲିସ ଗାଡ଼ିଟିକୁ ଜଗି ରହିଥିବା ଜଣାପଡ଼ିଛି।

## ହାଟିଆରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୨୩।୧୧(ସମିସ):** ରାଉରକେଲାର ସାରନଗରୀ ଅଞ୍ଚଳର ଜଣେ ଯୁବକ ଆଜି ଝାଡ଼ଖଣ୍ଡ ରାଜ୍ୟ ହାଟିଆରେ ଏକ ରେଳଧାରଣାରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଉଛନ୍ତି ପ୍ରଶାନ୍ତ କୁମାର ନାୟକ (୪୦)। ସେ ସାରନଗରୀ ବି.ବ୍ଲକରେ ରହୁଥିଲେ। ସେ ଲାଲଟାଙ୍କି ଅଞ୍ଚଳରେ ବିବାହ କରିଥିଲେ ହେଁ ତାଙ୍କର ବୈବାହିକ ଜୀବନରେ ଅଶାନ୍ତି ରହିଥିଲା। ସେ ଆର୍‌ଏସ୍‌ପିରେ ଠିକାଦାର ନିକଟରେ କାର୍ଯ୍ୟକରୁଥିବା ସହ ତାଙ୍କର ପୁରା ପରିବାର ତାଙ୍କ ଉପରେ ନିର୍ଭରଶୀଳ ଥିଲେ। ତାଙ୍କ ବଡ଼ ଭାଇ ସୁମନ୍ତ କୁମାର ନାୟକ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବାବେଳେ ସାନ ଭାଇ ବି ମେଡିକାଲରେ ଚିକିତ୍ସାରତ। ଗତ କିଛିଦିନ ଧରି ପ୍ରଶାନ୍ତ ମାନସିକ ଚାପରେ ଥିବା କୁହାଯାଉଛି। ଆଜି ସେ ତପସ୍ୱିନୀ ଏକ୍ସପ୍ରେସ୍ ରେ ଯାଇ ହଟିଆରେ ରେଳଧାରଣାକୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି।

**୪ ଡକାୟତି ଘଟଣାର ପର୍ଦ୍ଦାଫାସ**

# ପୁଲିସ ଗୁଳିରେ ୩ ଆନ୍ତଃରାଜ୍ୟ ଦୁର୍ଦ୍ଧାନ୍ତ ଅପରାଧୀ ଆହତ






**ରାଉରକେଲା, ୨୩।୧୧(ସମିସ)**

କିଛି ଦିନ ଧରି ବଣାଇଁ ଉପଖଣ୍ଡରେ ହେଉଥିବା କ୍ରମାଗତ ଚୋରି, ଲୁଟ୍, ଡକାୟତି ଘଟଣାର ୪ଟି ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି ରାଉରକେଲା ପୁଲିସ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ରାଉରକେଲା ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଲହୁଣୀପଡ଼ା, କେ.ବଲାଙ୍ଗ, ଲାଠିକଟା ନିକଟରେ ପୁଲିସର ନାକାବନ୍ଦି ବେଳେ ପୁଲିସ ଗୁଳିରେ ୩ ଜଣ ଆନ୍ତଃରାଜ୍ୟ ଦୁର୍ଦ୍ଧାନ୍ତ ଅପରାଧୀ ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ଏହି ଗ୍ୟାଙ୍ଗର ମୋଟ ୮ ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି। ଏତଦବ୍ୟତୀତ ସେମାନଙ୍କ ନିକଟରୁ ୭୬ ହଜାର ୧୫୦ ଟଙ୍କା, ୩ଟି ପିସ୍ତଲ, ୮ ରାଉଣ୍ଡ ଜୀବନ୍ତ ଗୁଳି ସହ ବାଇକ ଜବତ କରାଯାଇଛି। ପୁଲିସର ଏନକାଉଣ୍ଟରରେ ଆହତ ୩ ଜଣ କୁଖ୍ୟାତ ଅପରାଧି ହେଲେ ଝାଡଖଣ୍ଡର ଚାଣ୍ଡେ ଓରଫ ଚନ୍ଦା ନାୟକ, ସୁନ୍ଦରଗଡ଼ ଜିଲ୍ଲା ରକ୍ସି ଅଞ୍ଚଳର ରାଜେଶ ସିଂହ ଏବଂ ଝାଡଖଣ୍ଡର ପାରସରାମ୍। ଗିରଫ କୁଖ୍ୟାତ ଅପରାଧିମାନେ ହେଲେ ଝାଡଖଣ୍ଡରାଜ୍ୟର ଖୁଣ୍ଟି ଜିଲ୍ଲାର ଚାଣ୍ଡେ ଓରଫ ଚନ୍ଦା ନାୟକ(୩୧), ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଲଙ୍ଗଳକଟା ଗାଁର ରାଜେଶ ସିଂହ(୩୬), ଝାଡଖଣ୍ଡ ଗୁମଲା ଜିଲ୍ଲାର ପାରସରାମ୍ ଓରଫ ଲମ୍ବୁ(୩୩), ଝାଡଖଣ୍ଡ ଖୁଣ୍ଟି ଜିଲ୍ଲାର ଜେମସ୍ ଓରଫ ଆନେଥିନ ଟପ୍ପୋ(୩୦), ପଶ୍ଚିମ ସିଂହଭୂମି ଜିଲ୍ଲା ତୋଇବେ ଥାନା ଅଞ୍ଚଳର ସୁରଝୁନୀ ପୂର୍ତ୍ତି (୩୩), ଝାଡଖଣ୍ଡ ଖୁଣ୍ଟି ଜିଲ୍ଲା ମୁର୍ହୁ ଥାନା ଅଞ୍ଚଳର ସୁଏଲ ପୂର୍ତ୍ତି (୨୪), ଝାଡଖଣ୍ଡ ଖୁଣ୍ଟି ଜିଲ୍ଲା ଅନ୍ତର୍ଗତ ଆର୍କି ଥାନା ଅଞ୍ଚଳର ଏତୁଆ ନାୟକ (୪୨) ଏବଂ ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ରକ୍ସି ଅଞ୍ଚଳର ସାନିଆ କେରକେଟା (୨୨)।

ରାଉରକେଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ନିତେଶ ୱାଧୱାନୀ ଏ ବିଷୟରେ ସୂଚନା ଦେଇ କହିଲେ ଆନ୍ତଃରାଜ୍ୟ ଦୁର୍ଦ୍ଧାନ୍ତ ଅପରାଧୀ ଚନ୍ଦା ନାୟକ ଓରଫ ଚାଣ୍ଡେ ଓ ରାଜେଶ ସିଂହ ଏବଂ ତାଙ୍କ ସଶସ୍ତ୍ର ସହଯୋଗୀମାନଙ୍କ ବଣାଇଁ ଅଞ୍ଚଳରେ ମୁଭମେଣ୍ଟ ରହିଥିବା ପୁଲିସକୁ ସୂଚନା ମିଳିଥିଲା। ଶନିବାର ରାତି ୧୧ଟାରେ ବଣାଇଁ ଏସଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ବଣାଇଁ ଉପଖଣ୍ଡ ଅଞ୍ଚଳର ଥାନା ଅଧିକାରୀଙ୍କୁ ଆଲର୍ଟ କରାଯାଇ ସେମାନଙ୍କ ଥାନା ଅଞ୍ଚଳର ମୁଖ୍ୟ ଛକ, ରାସ୍ତା, ଏବଂ ଆନ୍ତଃରାଜ୍ୟ ସୀମାନ୍ତରେ ପୁଲିସ ନାକାବନ୍ଦି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୩ ତାରିଖ ଭୋର ୪ଟା ବେଳେ ଏକ ଗାଡ଼ିରେ ପ୍ରାୟ ୧୦ ଜଣ ସନ୍ଦିଗ୍ଧ ଯୁବକ ଝାଡଖଣ୍ଡ ଆଡୁ ଆସି କୋଇଡା ଆଡେ ଯାଉଥିବା ବେଳେ କେ. ବଲାଙ୍ଗ ନିକଟରେ ପୁଲିସର ନାକାବନ୍ଦି ଦେଖି ପଛକୁ ଫେରି ଯାଇଥିଲେ। ତେବେ ପୁଲିସ ସେମାନଙ୍କୁ ଅଟକାଇ ଆତ୍ମ ସମର୍ପଣ କରିବାକୁ କହିବାରୁ ସେମାନେ ନ ଅଟକି ଲମ୍ବି ନିକଟରେ ସେମାନେ ପୁଲିସ ଉପରକୁ ଗୁଳି ଚାଳନା କରିଥିଲେ। ଏହାର ଜବାବରେ କେ. ବଲାଙ୍ଗ ଓ କୋଇଡା ପୁଲିସ ଟିମ୍ ସେମାନଙ୍କ ଉପରକୁ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲେ। ଏଥିରେ ପାରସରାମ ଆହତ ହୋଇଥିଲା। ତେବେ ଅନ୍ୟମାନେ ଦ୍ରୁତ ଗତିରେ ଲହୁଣୀପଡ଼ା ଆଡେ ଚମ୍ପଟ ମାରିଥିଲେ। ତେବେ ଲହୁଣୀପଡ଼ା ଓ ଚାନ୍ଦିପୋଷ ପୁଲିସ ପକ୍ଷରୁ କୁଚେଇତା ନିକଟରେ ହୋଇଥିବା ପୁଲିସ ନାକାବନ୍ଦିରେ ପୁଲିସକୁ ଦେଖି ପୁଲିସ ଟିମକୁ ଗୁଳି ଚାଳନା କରିଥିଲେ। ଏହି ଗୁଳି ପୁଲିସ ଭ୍ୟାନରେ ବାଜି ଛିଦ୍ର ହୋଇଯାଇଥିବା ବେଳେ କୌଣସି ପୁଲିସ କର୍ମଚାରୀଙ୍କର ମୃତାହତ ହୋଇନଥିଲେ। ଏହାର ପାଲଟା ଜବାବରେ ପୁଲିସ ମଧ୍ୟ ସେମାନଙ୍କ ଉପରକୁ ୨ରାଉଣ୍ଡ ଗୁଳି ଚାଳନା କରିବାରୁ ଚାଣ୍ଡେ ଓରଫ ଚାନ୍ଦା ନାୟକ ଓ ରାଜେଶ ସିଂହ ଆହତ ହୋଇଥିଲେ। ସମସ୍ତ ଆହତଙ୍କ ଗୋଡରେ ଗୁଳି ବାଜିଥିବା ସୂଚନା ମିଳିଛି। ଆହତ ୩ ଜଣଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଅନ୍ୟ ୫ ଜଣଙ୍କୁ ଆଜି ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସପି ୱାଧୱାନୀ ସୂଚନା ଦେଇଛନ୍ତି।

**୮ ଗିରଫ, ୭୬ ଲକ୍ଷ ଟଙ୍କା, ୩ ପିସ୍ତଲ, ୮ ରାଉଣ୍ଡ ଗୁଳି ସହ ବାଇକ୍ ଜବତ**

ଏହି ଅପରାଧୀମାନେ କୋଇଡା ଓ ଅନ୍ୟାନ୍ୟ ଅଞ୍ଚଳରେ ଡକାୟତି କରି ଫେରାର ହୋଇ ଯାଉଥିଲେ। ନିକଟରେ ଲହୁଣୀପଡ଼ା ବରସୁଆଁ ଟ୍ରାନ୍ସପୋର୍ଟ ଅଫିସ ଓ କୋଇଡାର ଅନ୍ୟ ଏକ ଟ୍ରାନ୍ସପୋର୍ଟରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ। ସେମିତି ବଣାଇରେ ଜଣେ ବ୍ୟବସାୟୀଙ୍କ ପରିବାରଙ୍କୁ ବାନ୍ଧି ଲୁଟପାଟ ଘଟଣାରେ ଏମାନେ ଜଡିତ ଥିବା ଜଣାପଡ଼ିଛି। ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଲହୁଣିପଡ଼ା ଥାନା ଅନ୍ତର୍ଗତ ବରସୁଆଁ ସାଇଡିଂ ନିକଟସ୍ଥ ବିଏନ୍‌ଆର ଟ୍ରାନ୍ସପୋର୍ଟ ଅଫିସ୍‌ରେ ୮ରୁ ୧୦ ଜଣ ମୁଖାପିନ୍ଧା ଯୁବକ ହାତରେ ମାରଣାସ୍ତ୍ର ଧରି ପଶିଥିଲେ। କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଦେବା ସହ ଲୁଟ୍‌ପାଟ୍ କଲେ। ୩ ଲକ୍ଷ ୫୯ ହଜାର ଧରି ଫେରାର ହୋଇ ଯାଇଥିଲେ। ଗତ ୧୯ ତାରିଖ ରାତିରେ ସମାନ ଢଙ୍ଗରେ ଡକାୟତମାନେ କୋଇଡା ବଜାରର ମା' ତାରିଣୀ ଟ୍ରାନ୍ସପୋର୍ଟରୁ ଲୁଟ୍‌ପାଟ୍ କରିଥିଲେ। ବନ୍ଧୁକ ଦେଖାଇ ଲୁଟି ନେଇଥିଲେ ଅଢ଼େଇ ଲକ୍ଷ ଟଙ୍କା। କୋଇଡା ରେଙ୍ଗାଲବେଡାରେ ଦୁଇ ଗାଡିମାଲିକଙ୍କୁ ବନ୍ଧୁକ ଦେଖାଇ ଦୁଇଲକ୍ଷ ଲେଖାଏଁ, ମୋଟ ୪ ଲକ୍ଷ ଲୁଟିନେଇ ଚମ୍ପଟ ମାରିଥିଲେ। ସେମାନେ ପୁଲିସକୁ ଖାତିର ନକରି ବେଧଡକ ଲୁଟ୍ କରୁଥିଲେ। ଖଣି ଅଞ୍ଚଳରେ ଏମିତି ଗୋଟିଏ ପରେ ଗୋଟିଏ ଟ୍ରାନ୍ସପୋର୍ଟ ଅଫିସକୁ ଟାର୍ଗେଟ୍ କରୁଥିଲେ ଅପରାଧୀ। ବାରମ୍ବାର ଏଭଳି ଘଟଣାର ପୁନରାବୃତି ହେଉଥିବାରୁ ଭୟରେ ଥିଲେ ଉଭୟ ମାଲିକ ଓ କର୍ମଚାରୀ। ସେହିପରି ବାଙ୍କୋର ବରସୁଆଁ ଡକାୟତି ଏବଂ କୋଇଡାରେ ଦୁଇଟି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ କୁଖ୍ୟାତ ଚାଣ୍ଡେ (ଚନ୍ଦା ନାୟକ) ଗ୍ୟାଙ୍ଗ ଗିରଫ ହୋଇଛି। ଲହୁଣୀପଡ଼ା ଓ ଚାନ୍ଦିପୋଷ ପିଏସରେ ପୁଲିସ ସହ ଗୁଳିବିନିମୟ ପରେ ଗ୍ୟାଙ୍ଗର ୩ ସଦସ୍ୟ ଖସିଯିବା ସମୟରେ ଆହତ ହୋଇଛନ୍ତି। ଏହି ଗ୍ୟାଙ୍ଗ ବିରୋଧରେ ଓଡ଼ିଶା ଏବଂ ଝାଡଖଣ୍ଡ ଉଭୟରେ ବହୁ ମାମଲା ରହିଛି।

‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ବିତର୍କ ପ୍ରତିଯୋଗିତା

# ଯୁବବର୍ଗ ହିଁ ବାସ୍ତବତାକୁ ପରଖିବାର ସମୟ ଆସିଛି







**ଭବାନୀପାଟଣା, ୨୩।୧୧ (ସମିସ)**

ଯୁବାବସ୍ଥା ହିଁ ଦେଶ ଓ ସମାଜ ପାଇଁ ସମର୍ପିତ ହେବାର ପ୍ରକୃଷ୍ଟ ସମୟ। ଏହି ସମୟରେ ନୂଆ କିଛି କରିବାର ଉତ୍ସାହ ସହ ବ୍ୟକ୍ତି ଭିତରେ ଅନେକ ନେତୃତ୍ୱ ନେବାର ଦକ୍ଷତା ପ୍ରସ୍ଫୁଟିତ ହୋଇଥାଏ। ଅଭିନବ ଚିନ୍ତା, ପରିକଳ୍ପନା, ଶାରୀରିକ ସାମର୍ଥ୍ୟ, ବିକାଶମୁଖି ପରିଯୋଜନା କରିବାର କ୍ଷମତା ଯୁବାବସ୍ଥାରେ ଅଧିକ ପ୍ରଖର ହୋଇଥାଏ। ଜାତୀୟ ମହାଯଜ୍ଞରେ ଯୁବବର୍ଗର ଆହୁତି ସମୃଦ୍ଧ ପରମ୍ପରା, ମାନବିକତା ଓ ସହୃଦୟତାକୁ ବଳବତ୍ତର ରଖିପାରିବ। ଯୁବଶକ୍ତି ଦ୍ୱାରା ଅଭିନବତା ଓ ଉପଯୋଗୀତା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏକ ମାତ୍ର ଲକ୍ଷ୍ୟ ହେଉ। ଉତ୍ସାହ, ଶକ୍ତି, ଉଦ୍ଦାମତା ଓ ପ୍ରତିଭା ପ୍ରେରିତ ଯୁବବର୍ଗ ସର୍ଜନାତ୍ମକ ଦକ୍ଷତା ବଳରେ ଗୋଟିଏ ରାଷ୍ଟ୍ର ପାଇଁ ଆଶ୍ଚର୍ଯ୍ୟ ସାଧନ କରିପାରିବ। କୁହାଯାଏ ଯେ ଦେଶ ଓ ସମାଜ ପାଇଁ ଏବର ଛାତ୍ରଛାତ୍ରୀ ଅଧିକ ବାସ୍ତବତାକୁ ପରଖିବାର ସମୟ ଆସିଛି ବୋଲି ସକାଳ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପିଏମ୍ ଶ୍ରୀମୁନସିପାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ମୁଖ୍ୟବକ୍ତା ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ, ଉପ କୁଳସଚିବ ମେଜର ଡ.ଜୟଦେବ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପିଏମ୍ଶ୍ରୀ ମୁନ୍ସିପାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅମରେଶ ନେଗି ସ୍ୱାଗତ ଭାଷଣ ଦେଇଥିବାବେଳେ ସକାଳ ପ୍ରତିନିଧି ସ୍ୱାଧୀନ ପାତ୍ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଡିଲେଶ୍ୱର ରଣା। ପ୍ରାରମ୍ଭିକ ସଙ୍ଗୀତ ପରିପ୍ରେକ୍ଷୀରେ ଗୀତା ଆବୃତ୍ତି କରିଥିଲେ ଧରିତ୍ରୀ ସୌମ୍ୟାଦର୍ଶିନୀ, ଆୟୁଷି ସାହୁ, ରୁବି ସାହୁ ଏବଂ ସସ୍ମିତା ଶବର। ବିତର୍କ ପ୍ରତିଯୋଗୀତାରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅୟୋଜିତ ବିତର୍କ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନରେ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଆର୍ୟ୍ୟା

## ଜାତୀୟ ମହାଯଜ୍ଞର ପୁରୋଧା ଯୁବଶକ୍ତି

ନାୟକ, ଦ୍ୱିତୀୟ ସ୍ଥାନରେ ବିଇଡି କଲେଜ ସିଟିଇ, ଭବାନୀପାଟଣାର ଟୁନା କଣ୍ଡୋଗିରି ଏବଂ ତୃତୀୟ ସ୍ଥାନରେ ବିଇଡି କଲେଜର ତପନ କୁମାର ବେହେରା କୃତିତ୍ୱ ହାସଲ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରବିଣ ସାହିତ୍ୟିକ ସୁକାନ୍ତ ସାହୁ, ଶିକ୍ଷାବିତ୍ ବିଭୂତି ଭୂଷଣ ଠାକୁର ଏବଂ ଆଲେକ୍ସ ଫିଲିପ୍ସ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନରେ ବିମଲା କନଭେଣ୍ଟ ସ୍କୁଲ ଭବାନୀପାଟଣାର ଅନିନ୍ଦିତା ସାହୁ, ଦ୍ୱିତୀୟ ସ୍ଥାନରେ ବିମଲା କନଭେଣ୍ଟ ସ୍କୁଲ ଭବାନୀପାଟଣାର





ଐଶ୍ୱର୍ଯ୍ୟା ସିଂହ ଏବଂ ତୃତୀୟ ସ୍ଥାନରେ ସରସ୍ୱତୀ ବିଦ୍ୟା ମନ୍ଦିର, ବ୍ରଜ ବିହାର, ଭବାନୀପାଟଣାର ଅନନ୍ୟା ମିଶ୍ର କୃତିତ୍ୱ ହାସଲ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣାର ଓଡ଼ିଆ ବିଭାଗ ମୁଖ୍ୟ ସୁରେଶ୍ୱରୀ ବାଗ, ସାଂସ୍କୃତିକ ସଂଗଠକ ସଞ୍ଜୀବ କୁମାର ସିଂହ ଏବଂ ଅଧ୍ୟାପକ ତଥା ଡ୍ରିମ୍ସ କଲେଜ ମୁଖ୍ୟ ସିଦ୍ଧାନ୍ତ ନନ୍ଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଶୁତୋଷ ପୁରୋହିତ, ପ୍ରତାପ ପଣ୍ଡା ମୁଖ୍ୟ ଭୂମିକା ଗ୍ରହଣ କରିଥିବାବେଳେ ଭୃକୁଟୀ ଗଉଡ, ଦୁର୍ଯ୍ୟୋଧନ ମାଝୀ, ଜଗତରାମ ଶବର, ଅନିରୁଦ୍ଧ ତ୍ରିପାଠୀ, ଧନଞ୍ଜୟ ସାହୁ, ଧନଞ୍ଜୟ ପାଣିଗ୍ରାହୀ, ଯୁଧିଷ୍ଠିର ଶୁକ୍ଳା, ଲବ ଦୁର୍ଗା, ପାର୍ଥ ମହାନନ୍ଦ, ଜଗନ୍ନାଥ ତ୍ରିପାଠୀ ଏବଂ ପି ଏମ୍ ଶ୍ରୀ ବିଦ୍ୟାଳୟରେ ଏନ୍ସିସି ଅଫିସର ଅମରେଶ ନେଗୀ, ବିଜୟଲକ୍ଷ୍ମୀ ତ୍ରିପାଠୀ, ଅଭିଷେକ ଜେନା, ସଞ୍ଜୟ କୁମାର ମିଶ୍ର, ମନୋରଞ୍ଜନ ସାହୁ, ପ୍ରମୋଦ ସାହୁ ଭଗବାନ ବିଶୋଇଙ୍କ ପୂର୍ଣ୍ଣ ସହଯୋଗ ଦ୍ୱାରା କାର୍ଯ୍ୟକ୍ରମ ସଫଳ ହୋଇଥିଲା। ପରିଶେଷରେ ପିଏମ୍ଶ୍ରୀ ମୁନ୍ସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କ ଭିତରୁ ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରୁଛି ‘ସକାଳ’

**ନୂଆପଡ଼ା, ୨୩।୧୧(ସମିସ):** ବର୍ତ୍ତମାନର ଓଡ଼ିଶାରେ ‘ସକାଳ’ ଗଣ ମାଧ୍ୟମର ଯୁଗରେ ବିପ୍ଳବର ରାସ୍ତାରେ ଚାଲୁଛି। ଦେଶର ଭବିଷ୍ୟତ ନାଗରିକ ବିଦ୍ୟାଳୟ ଓ କଲେଜ

## କନିଷ୍ଠ ବର୍ଗରେ ଦୀପିକା ଓ ବରିଷ୍ଠରେ କିରଣ ପ୍ରଥମ

ଗୁଡିକରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ଭିତରୁ ଲୁକ୍କାୟିତ ପ୍ରତିଭାକୁ ଜାଗରଣ କରିବାକୁ ଉଦ୍ୟମ ଜାରି ରଖିଛି। ପ୍ରତିଭାକୁ ଅନ୍ୱେଷଣ କରୁଛି ବୋଲି ମତ ପ୍ରକାଶ ପାଇଛି। ‘ସକାଳ’ ତରଫରୁ ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲରେ ଆୟୋଜିତ ବିତର୍କ ପ୍ରତିଯୋଗିତା ଅବସରରେ ଉପରୋକ୍ତ ମତ ପ୍ରକାଶ ପାଇଛି। ରବିବାର ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନ୍ୟାସନାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼.ରେଶମ ଲାଲ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଚାରକଭାବେ କିଶୋର କୁମାର ପରିଡ଼ା, କିଶୋର କୁମାର ପ୍ରଧାନ, ଭବତୋଷ ଦାଶ, ଯୋଗେନ୍ଦ୍ର ବେହେରା, ବିଜୟ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶରତ



କୁମାର ପଣ୍ଡା, ଅମିଲାଲ ଶବର, ଜିତେନ୍ଦ୍ର କୁମାର ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବିଦ୍ୟାଳୟ ଓ କଲେଜ ଗୁଡିକରୁ ବହୁ ପ୍ରତିଭାବାନ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ଜ୍ଞାନ ଜ୍ୟୋତି ବିଦ୍ୟାଳୟର ଛାତ୍ରୀ ଦୀପିକା ପ୍ରିୟ ଦର୍ଶନୀ ବିଶି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ବର୍ଷା ପ୍ରିୟ ଦର୍ଶନୀ ଦ୍ୱିତୀୟ, ଜ୍ଞାନ ଜ୍ୟୋତି ବିଦ୍ୟାଳୟର ଦେବକୀ ଦୀପ ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ। ସେହିଭଳି ବରିଷ୍ଠ ବିଭାଗରେ ନ୍ୟାସନାଲ କଲେଜ ଛାତ୍ରୀ କିରଣ ସାହୁ ପ୍ରଥମ, ଜାନକୀ ଦଣ୍ଡସେନା ଦ୍ୱିତୀୟ ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ର ଜୟ ଚନ୍ଦ୍ର ରଣା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କିଶୋର କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଭାଗିରଥି ଭୋଇ ଧନ୍ୟବାଦଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୋମନା ସକାଳ ପ୍ରତିନିଧି ନନ୍ଦିଘୋଷ ଖମାରୀ, ନନ୍ଦିଘୋଷ ଟିଭି ଜିଲ୍ଲା ପ୍ରତିନିଧି ଆଦିତ୍ୟ ମହାଉତି, ଚନ୍ଦ୍ରଶେଖର ପଟେଲ, ଯାଜ୍ଞସେନୀ ମହାପାତ୍ର, କୈଳାଶ ଭୋଇ, ଧନୀରାମ ପଟେଲ, ପ୍ରତିଭା ହୋତା ପ୍ରମୁଖ ସହଯୋଗ କରିଥିଲେ।




# ଲଘୁଚାପ ବର୍ଷା ଆଶଙ୍କାରେ ଚାଷୀ ଛାନିଆ

**ଲାଞ୍ଜିଗଡ଼, ୨୩।୧୧(ସମିସ):** ଲାଞ୍ଜିଗଡ଼ ଅଞ୍ଚଳରେ ଚାଷ ଆରମ୍ଭରୁ ଭଲ ବର୍ଷା ହୋଇଥିବାରୁ ଚାଷୀମାନେ ଅମଳ ଭଲ ହେବ ବୋଲି ଆଶା ରଖିଥିଲେ ହେଲେ ଚାଷ କାର୍ଯ୍ୟ ମଝିରେ ବର୍ଷା ଉଭାନ ହୋଇଯିବାରୁ ଚାଷୀମାନେ ନିଜ ଫସଲ ବଞ୍ଚାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ଅମଳ କାମ ଜୋରସୋରରେ ଚାଲିଛି ଅଧିକାଂଶ ଚାଷୀ ନିଜ ଧାନ ଅମଳ କରିସାରିଛନ୍ତି। ଅମଳ ଧାନ ରଖିବା ପାଇଁ ସ୍ଥାନାଭାବ ଥିବାରୁ ଚାଷୀମାନେ ଖୋଲା ଆକାଶ ତଳେ ଏହାକୁ ପକାଇ ରଖିଛନ୍ତି। ତେବେ ଲଘୁଚାପ ବର୍ଷା ଆଶଙ୍କାରେ ଫସଲ ନଷ୍ଟ ହେବା ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନଙ୍କ କହିବା ଅନୁସାରେ, ଯଦି ଲଘୁଚାପ ବର୍ଷା ହୁଏ ଜମିରେ ରହିଥିବା ଓ ଅମଳ ହୋଇ ଖଳାରେ ପଡ଼ିଥିବା ଧାନ ଭିଜିଯାଇ ବ୍ୟାପକ କ୍ଷତି ହେବା ସହ ଧାନର ରଙ୍ଗ ବଦଳିବା ଆଶଙ୍କା ରହିଛି। ଏଭଳି ହେଲେ ଧାନର ଏଫ୍ଏକ୍ୟୁ ମାନ ନଷ୍ଟ ହେବ। ମଣ୍ଡିରେ ଧାନ କିଣାଯିବ ନାହିଁ। ଫଳରେ ଚାଷୀ କ୍ଷତି ସହିବା ନିଶ୍ଚିତ ତେଣୁ ସରକାର ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରି ମଣ୍ଡି ଖୋଲିବା ସହ ଟୋକନ ଜାରି କରି ଅମଳ ହୋଇଥିବା ଚାଷୀମାନଙ୍କ ଧାନ ଶୀଘ୍ର ଉଠାଇବାକୁ ଲାଞ୍ଜିଗଡ଼ ଚାଷୀମାନେ ଦାବି ଜଣାଇଛନ୍ତି।



ଜୟପାଟଣାରେ ଜିଏସ୍‌ଟି ଚଢ଼ଉ

# ୧ ଲକ୍ଷ ୪୪ ହଜାର ଜରିମାନା

**ଜୟପାଟଣା, ୨୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣାରେ ଥିବା ଶ୍ରଦ୍ଧା ଟ୍ରେଡ଼ରରେ ଜିଏସ୍‌ଟି ବିଭାଗର ଚଢ଼ଉ କରିଛି। ବାହାର ରାଜ୍ୟରୁ ବିନା ଜିଏସ୍‌ଟିରେ ଟିଏନ ୫୨ଏଲ୦୪୨୪ ନମ୍ବର ବିଶିଷ୍ଟ ଗୋଟିଏ ଟ୍ରକ ରେ ୧୦୬୦ପ୍ଲାଏଉଡ ଆଣି ଅନଲୋଡ଼ ହେଉଥିବା ବେଳେ ଜିଏସ୍‌ଟି ବିଭାଗ ଅଧିକାରୀମାନେ ଆସି କାଗଜପତ୍ର ଯାଞ୍ଚ କରିଥିଲେ। ଆବଶ୍ୟକ କାଗଜପତ୍ର ନଥିବା ଯୋଗୁଁ ୧ ଲକ୍ଷ ୪୪ ହଜାର ଟଙ୍କା ଫାଇନ ହୋଇଥିବା ଜଣାପଡ଼ିଛି। ତାମିଲନାଡୁରୁ ଏହି କାଠ ପଟା ଆସିଥିଲା। ଜୟପାଟଣା ଅଞ୍ଚଳରେ ଏଭଳି ବିନା ଜିଏସ୍‌ଟି ଓ ବିନା କାଗଜପତ୍ର ଥିବା କବାଟ, ଟାଇଲ, ସିମେଣ୍ଟ, ଲୁହା ଛଡ ଭଳି ଘର ତିଆରି ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପ୍ରାୟ ସାମଗ୍ରୀ ଚଢା ଦରରେ ବିକ୍ରି ହେଉଥିବା ବେଳେ ବିନା ବିଲ ଆଉ କାଗଜପତ୍ରରେ ବହୁ ସାମଗ୍ରୀ ମହଜୁଦ ରହିଥିବା ଅଭିଯୋଗ ହେଉଛି। କେଉଁ ଗ୍ରାହକଙ୍କୁ ମଧ୍ୟ ବିଲ ପ୍ରଦାନ କରାଯାଉ ନାହିଁ କେବଳ ସରକାରୀ କାର୍ଯ୍ୟରେ ବିଲ ଦେଉଛନ୍ତି ଦୋକାନୀ। ରେଟ୍ ଚାର୍ଟ ମଧ୍ୟ ରହୁନାହିଁ। ଯାହାଫଳରେ ଖାଉଟି ଶୋଷଣ ହେଉଛନ୍ତି। ଏ ଦିଗରେ କେବେ କାର୍ଯ୍ୟାନୁଷ୍ଠାନ ହେବ ସେ ଦିନକୁ ଅପେକ୍ଷା କରିଛନ୍ତି ସ୍ଥାନୀୟ ଜନସାଧାରଣ।

# ସିମେଣ୍ଟ ବୋଝେଇ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ

**କେସିଙ୍ଗା, ୨୩।୧୧(ସମିସ):** ରବିବାର ରାତି ୨ ରୁ ୩ ଟା ମଧ୍ୟରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ର ବଲାଙ୍ଗୀର ଛକ ଆଗରେ ଥିବା ଭାରତ ପେଟ୍ରୋଲିୟମ ପେଟ୍ରୋଲ ପମ୍ପ ନିକଟରେ ଏକ



ଭୟଙ୍କର ଦୁର୍ଘଟଣା ହେଇଛି। ସୂଚନା ଅନୁଯାୟୀ ରାତି ପ୍ରାୟ ୨ ଟା ବେଳେ ତେଲେଙ୍ଗାନା ରାଜ୍ୟ ନମ୍ବର ଥିବା ୧୬ ଚକିଆ ଟ୍ରକ୍ ସିମେଣ୍ଟ ବୋଝେଇ କରି ବଲାଙ୍ଗିର ଯାଉଥିବା ବେଳେ ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିବା ଏକ ଖାଲି ଟ୍ରକ୍କୁ ପ୍ରଥମେ ଧକ୍କା ଦେଇ ପାଖରେ ଥିବା ପମ୍ପ ଭିତରକୁ ପଶିଯାଇଥିଲା। କାହାର କିଛି ଜୀବନହାନି ଘଟିନଥିଲେ ମଧ୍ୟ ରାତି ସମୟ ହୋଇଥିବାରୁ ଅନେକ ଧନ ଜୀବନ ସୁରକ୍ଷିତ ରହିଲା ନ ହେଲେ ଅନେକ କ୍ଷୟ କ୍ଷତି ହୋଇଥାନ୍ତା। ପୁଲିସ କହିବା ଅନୁସାରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଭିତରେ ବାପା ଓ ତାର ପୁଅ ଦୁଇ ଜଣ ଥିଲେ ଗାଡ଼ି କିଏ ଚଳାଉଥିଲା ତଦନ୍ତ ଚାଲିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଗାଡ଼ି ଭିତରେ ଥିବା ପୁଅର ବୟସ ୧୫ କି ୧୬ ହେବ। ବାପ ପୁଅ ଦୁହେଁ ସୁରକ୍ଷିତ ଅଛନ୍ତି। ଦୁଇ ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ଫୁଟବଲ ମହାକୁମ୍ଭର ପଞ୍ଚମ ଦିନ

# ୧୨ ଦଳ ଖେଳିଲେ ୬ ମ୍ୟାଚ୍



**ନୂଆପଡ଼ା/ଖଡ଼ିଆଳ, ୨୩।୧୧ (ସମିସ)**

ନୂଆପଡ଼ା ଜିଲ୍ଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆରେ ଖଡିଆଳ କ୍ରିକେଟ ଏବଂ ସ୍ପୋର୍ଟ ଆସୋସିଏସନ ପକ୍ଷରୁ ଚାଲିଥିବା ଫୁଟବଲ ମହାକୁମ୍ଭ ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ପ୍ରଥମ ମ୍ୟାଚ ଖଡିଆଳ ବ୍ଲକ ସୁନାରି ଶିକୁଆଁ ଓ ସିନାପାଲି ବ୍ଲକ ଝାରବନ୍ଧ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ ଦଳ ୧/୦ରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ୍ ସିନାପାଲି ବ୍ଲକ ନିଲଜୀ ଓ ଖଡ଼ିଆଳ ବ୍ଲକ ଅରେଡ଼ା ମଧ୍ୟରେ ଖେଳ ହୋଇଥିଲା। ପେନାଲ୍ଟି ସୁଟରେ ନିଲଜି ୩/୨ରେ ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ୍ ଖଡ଼ିଆଳ ବ୍ଲକ ଖାସବାହାଲ ଓ ଖଡିଆଳ ବ୍ଲକ ବିରୀଘାଟ ମଧ୍ୟରେ ହୋଇଥିଲା। ଖସବାହାଲ ଦଳ୧/୦ରେ ବିଜୟ ଲାଭ କରିଥିଲା। ଚତୁର୍ଥ ମ୍ୟାଚ ଖଡ଼ିଆଳ ବ୍ଲକ ଭୁଲିଆ ସୀକୁଆଁ ଓ ବୋଡ଼େନ ଦଳ ମଧ୍ୟରେ ହୋଇଥିଲା। ବୋଡ଼େନ ଦଳ ପେନାଲ୍ଟି ସୁଟରେ ୨/୧ ରେ ବିଜୟ ଲାଭ କରିଥିଲା। ଅତିଥି ଭାବେ ଭୁଲିଆସିକୁଆ ସରପଞ୍ଚ ଲକ୍ଷ୍ମୀ ବାଗ, ଭୁଲିଆସିକୁଆ ପଞ୍ଚାୟତ ସମିତି ସଭ୍ୟ ଶିଶୁପାଳ ବାଗ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପଞ୍ଚମ ମ୍ୟାଚ୍ ଖଡ଼ିଆଳ ବ୍ଲକ ନେହେନା ଓ ସିନାପାଲି ବ୍ଲକ ଖରସେଲ ମଧ୍ୟରେ ହୋଇଥିଲା। ନେହେନା ୨/୦ରେ ବିଜୟ ଲାଭ କରିଥିଲା। ଅତିଥି ଭାବେ ନେହେନା ସରପଞ୍ଚ ଅଶୋକ ଦଣ୍ଡସେନା, ନେହେନା ସମିତି ସଭ୍ୟା ଲୀଳା ରାଉତରାୟ, ଖର୍ସେଲ ସମିତି ସଭ୍ୟା ନିରୁପମା ମଙ୍ଗରାଜ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଷଷ୍ଠ ମ୍ୟାଚ୍ ଖଡ଼ିଆଳ ବ୍ଲକ ଦାବିରୀ ଓ ଖଡ଼ିଆଳ ଖୁଦପେଜ ଦଳ ମଧ୍ୟରେ ହୋଇଥିଲା। ଅତିଥି ଭାବେ ଖୁଦପେଜ ସରପଞ୍ଚ ଯଶୋଦା ଶତପଥୀ, ଖୁଦପେଜ ସମିତି ସଭ୍ୟ ପଦ୍ମନ ମାଝୀ, ଦାବିରି ସରପଞ୍ଚ ପ୍ରତିନିଧି ଝାଗୁରାମ ମାଝୀ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପରିଚାଳକ ଭାବେ ସୁଭାଷ କୁଲୁ, ବଳରାମ ସରାଫ, ସୌରଭ ପଣ୍ଡା, ତାପସ ପତି, ଅମୂଲ୍ୟ ବାରିକ, ପୁରନ୍ଦର କରୁଆଁ, ଅନନ୍ତ ବେମାଲ, ବେଦାନ୍ତ ପ୍ରଧାନ କାର୍ଯ୍ୟ ସମ୍ପାଦନ କରିଥିଲେ। ଭାସ୍ୟକର ଭାବେ ପ୍ରକାଶ ପାତ୍ର, ଧଞ୍ଜୟ ମଲ୍ଲିକ, ଭୀମରାଜ ତାଣ୍ଡି, ଜଗଦୀଶ ନାଗ, ବିପିନ କୁମାର ବିଶି ଦାୟିତ୍ୱ ତୁଲାଉଛନ୍ତି। ଫୁଟବଲ ମହାକୁମ୍ଭ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଜିତେନ୍ଦ୍ର ନାଥ ପଟ୍ଟନାୟକ, ସନ୍ତୋଷ କୁମାର ପଟ୍ଟନାୟକ, ବିଶ୍ୱଜିତ ପାଢ଼ୀ, ଗୋବର୍ଦ୍ଧନ ସୁନା, ହିରାଧର ମେହେର, ରୁପେଶ ଛତ୍ରିଆ, ସାନ ଜଗତ, ବଡ ଜଗତ, ପୱନ ତ୍ରିବେଦି, ତନ୍ମୟ ବାଗ, ଟୁନା ଦୁର୍ଗା, ଦ୍ୱିତୀୟ ରଞ୍ଜନ ବାଗ, ବରୁଣ ସୁନା, ବିନୋଦ ଦୁରିଆ, ଯୋଗେନ୍ଦ୍ର ପାଣ୍ଡେ, ଦେବ ଠାକୁର, ଧରଣୀ ପଟେଲ, ସୁଭାଷ ବଘେଲ, ସଞ୍ଜୟ ପଣ୍ଡା, ନିଳାମ୍ବର ମେହେର, ଅଶୋକ ବାରିକ, ଅମିତାଭ ପଟେଲ, ଗୋବିନ୍ଦ ପଣ୍ଡା, ପ୍ରଶାନ୍ତ ବେହେରା ସମେତ ଖଡିଆଳ କ୍ରିକେଟ ଓ ସ୍ପୋର୍ଟସ ଆସୋସିଏସନ ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ କୋତମେର ଗ୍ରାମବାସୀ

# ଲୋକେ ପିଉଛନ୍ତି ଫ୍ଲୋରାଇଡ୍ ପାଣି

**ଧର୍ମଗଡ଼, ୨୩।୧୧(ସମିସ):** ଓଡ଼ିଶା ସରକାରଙ୍କ ‘ବସୁଧା’ ଓ ଜଳଜୀବନ ମିଶନରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଓଭରହେଡ଼ ଟ୍ୟାଙ୍କ ନିର୍ମାଣ କରି ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି



ଯୋଜନା ଟିପିଗୁଡା ପଞ୍ଚାୟତରେ ଫେଲ ମାରିଛି। ଗତ ୨୦୨୦ ମସିହାରେ ଟ୍ୟାଙ୍କ କାମ ଆରମ୍ଭ ହୋଇ ୨୦୨୪ରେ କାମ ଶେଷ ହୋଇଥିଲା। ଗାଁରେ ପାଇପ୍ ବିଛାଯାଇ ଘରକୁ ଘର ଟ୍ୟାପ୍ ମଧ୍ୟ ଲଗାଯାଇଛି। ହେଲେ ବିଶୁଦ୍ଧ ପାନୀୟ ଜଳ କେବେ ପାଇବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତରେ ଏହି ଯୋଜନା ବାସ୍ତବରେ ବିଫଳ ହୋଇଥିବା ଅଭିଯୋଗ ଉଠିଛି। ଗାଁ ରେ ୩ ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ସେମାନେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ଗାଁରେ ତିନୋଟି ନଳକୂପ ରହିଛି ସେଥିମଧ୍ୟରୁ ଗୋଟିଏ ଅଚଳ। ଦୁଇଟି ନଳକୂପରୁ ମିଳୁଥିବା ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରିବାକୁ ବାଧ ହେଉଛୁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଫ୍ଲୋରାଇଡ ଯୁକ୍ତ ପାଣି ପିଇବା ଯୋଗୁଁ ଗାଁର ୫ରୁ ଅଧିକ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମବାସୀ ପାନୀୟ ଜଳ ସମସ୍ୟା ପାଇଁ ସ୍ଥାନୀୟ ସରପଞ୍ଚ ଠୁ ଆରମ୍ଭ କରି ବିଡ଼ିଓ ଏବଂ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁନଥିବା ଗ୍ରାମବାସୀ କହିଛନ୍ତି। ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଟ୍ୟାଙ୍କ ନିର୍ମାଣ ହୋଇ ବର୍ଷେ ପୂରଣ ହୋଇଥିଲେ ମଧ୍ୟ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ମୌଳିକ ସୁବିଧା ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଫ୍ଲୋରାଇଡ ଯୁକ୍ତ ପାଣି ଯୋଗୁଁ ସ୍ୱାସ୍ଥ୍ୟ ସଙ୍କଟ ଦେଖା ଦେଉଥିବା ବେଳେ ସରକାର ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କେବେ ପୂରଣ କରିବେ ଦେଖିବାକୁ ବାକି ରହିଲା।

# ଲକ୍ଷ୍ମୀ ବିକାଶର ବାର୍ଷିକୋତ୍ସବ 'ହାର୍ଭେଷ୍ଟ'



**ଭବାନୀପାଟଣା, ୨୩।୧୧(ସମିସ):** ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ, ଭବାନୀପାଟଣା ର ବାର୍ଷିକ ଉତ୍ସବ 'ହାର୍ଭେଷ୍ଟ ୨୦୨୫'ପାଳିତ ହୋଇଯାଇଛି। ଉତ୍ସବରେ ସୁଧୀର ରଞ୍ଜନ ପଟ୍ଟଯୋଶୀ ବିଧାୟକ ଧର୍ମଗଡ଼ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ ଶୁଭ୍ରାଂଶୁ ଶେଖର ମିଶ୍ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କଳାହାଣ୍ଡି, ତନ୍ମୟ ଦରୁଆନ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି, ବିବେକାନନ୍ଦ ମହାନନ୍ଦ ଜିଲ୍ଲା ସଂସ୍କୃତି ଅଧିକାରୀ, ମୁକ୍ତି କୁମାର କୁଲୁ ଡେପୁଟି ସୁପରିଣ୍ଟେଡେଣ୍ଟ ଅଫ ପୁଲିସ, କଳାହାଣ୍ଡି, ଡି ନାଗେଶ୍ୱର ରାଓ ଚେୟାରମ୍ୟାନ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଓଡ଼ିଶା, ଜି ଭାସ୍କର ରାଓ ଚେୟାରମ୍ୟାନ କମ୍ ମେନେଜିଂ ଡାଇରେକ୍ଟର ବିଦ୍ୟା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ, ଡି ପ୍ରତାପ ପରିଚାଳନା ମଣ୍ଡଳୀ ସଦସ୍ୟ, ଡି ଶ୍ୟାମ ଏବଂ ଡି ରାମ କୁମାର ନିର୍ଦ୍ଦେଶକ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ, ଡି ବିଜୟା ଶିକ୍ଷା ପ୍ରଭାରୀ, ଡି ପଦ୍ମିନୀ ପରିଚାଳନା ମଣ୍ଡଳୀ ସଦସ୍ୟା, ପିତାମ୍ବର ଦାସ ଡିନ, ଏସଭି କ୍ରିଷ୍ଣା ଡିନ ଏବଂ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ସମସ୍ତ ଅଧକ୍ଷ ତଥା ପ୍ରଶାସନିକ ଅଧିକାରୀ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ ଉତ୍ସବରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଓ ନବରଙ୍ଗପୁର ଜିଲ୍ଲାର ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ସହ ଅନେକ ପ୍ରେସ ଓ ମିଡ଼ିଆର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷା ପ୍ରଭାରୀ ଡି ବିଜୟା ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷଗଣ ନିଜ ନିଜ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ।ଚେୟାରମ୍ୟାନ ଡି ନାଗେଶ୍ୱର ରାଓ ଏବଂ ନିର୍ଦ୍ଦେଶକ ଡି ଶ୍ୟାମ ବିକାଶ ଶିକ୍ଷାନୁଷ୍ଠାନ କଳାହାଣ୍ଡି ଜିଲ୍ଲାରେ କିପରି ଶିକ୍ଷାର ମୂଳଦୁଆ ପକାଇଥିଲା ଓ ଆଗାମୀ ଦିନରେ ତାର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବକ୍ତବ୍ୟରେ ବିକାଶ କିଭଳି ଭାବରେ କଳାହାଣ୍ଡିରେ ଶିକ୍ଷାର ପ୍ରସାର କରିଛି ତାହା ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ଡି ରାମ କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ। ଚଳିତ ବର୍ଷ ଥିମ୍ 'ରଙ୍ଗ ଦର୍ପଣ ବା କେଲୋଡୋସ୍କୋପି ଅଫ ଓଡ଼ିଶା' ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ପନ୍ଦର ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ■ ଲାଞ୍ଜିଗଡ଼ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ କାମ ବନ୍ଦ

# ଅସାମାଜିକଙ୍କ ଆଡାସ୍ଥଳ ପାଲଟିଛି

**ଲାଞ୍ଜିଗଡ଼, ୨୩।୧୧(ସମିସ)**



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତର ୧୯୫୭ରେ ଆରମ୍ଭ ହୋଇଥିବା ବେଳେ ନିଜସ୍ୱ ପଞ୍ଚାୟତ ଗୃହ ନଥିଲା।ଅସ୍ଥାୟୀ ଭାବେ ଏକ ଭଡାଘର ନେଇ ପଞ୍ଚାୟତ କାର୍ଯ୍ୟାଳୟ ଚାଲି ଆସୁଥିଲା।ଏନେଇ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ୬୮ ବର୍ଷ ପରେ ପଞ୍ଚାୟତର ନିଜସ୍ୱ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ଏକ ବର୍ଷ ହେଲା ବନ୍ଦ ପଡ଼ିଥିବା ଦେଖିବାକୁ ମିଳିଛି।ଯାହାଫଳରେ ଅଫିସ କାମ ସମେତ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସୂଚନା ଅନୁସାରେ ୧୯୫୭ ମସିହା ଜୁନ ୩୦ ତାରିଖରେ ଏହି ପଞ୍ଚାୟତ କାର୍ଯ୍ୟାଳୟକୁ ଲାଞ୍ଜିଗଡ଼ ବାସୀ ଲାଞ୍ଜିଗଡ଼ ସମବାୟ ସମିତିର ଏକ ଘର ଭଡାରେ ନେଇ ଅସ୍ଥାୟୀ ଭାବେ ପଞ୍ଚାୟତ କାର୍ଯ୍ୟ କରି ଆସୁଥିଲେ। ଏହି ୬୮ ବର୍ଷ ମଧ୍ୟରେ ୨୫ ଜଣ ସରପଞ୍ଚ ନିଜ ନିଜ କାର୍ଯ୍ୟ ତୁଲାଇ ସାରିଲେଣି।କିନ୍ତୁ ଲାଞ୍ଜିଗଡ଼ବାସୀ ସ୍ଥାୟୀ ଗୃହ ନିର୍ମାଣ ପାଇଁ ବାରମ୍ବାର ବ୍ଲକ ତଥା ଜିଲ୍ଲା ପ୍ରଶାସନ ସ୍ତରରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିଲା।ରାଜ୍ୟ ସରକାର ଜିଲ୍ଲାର ବିଭିନ୍ନ ସ୍ଥାନରେ ପଞ୍ଚାୟତ ଅଫିସ ପାଇଁ ନୂତନ କୋଠା ନିର୍ମାଣ କରୁଥିଲେ ମଧ୍ୟ ଲାଞ୍ଜିଗଡ଼ ପ୍ରତି ଅଣଦେଖା କରୁଛନ୍ତି ବୋଲି ଲୋକେ ନାପସନ୍ଦ କରିଥିଲେ।ନିଜସ୍ୱ କାର୍ଯ୍ୟାଳୟ ନଥିବା ଯୋଗୁଁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା।ଏଣୁ ରାଜାରାଜୁଡା ଅମଳରୁ ଭଙ୍ଗାଦଦରା ଭଡା ଘରେ ଚାଲିଥିବା ପଞ୍ଚାୟତ କାର୍ଯ୍ୟାଳୟରେ ରେକର୍ଡପତ୍ର ସୁରକ୍ଷିତ ନଥିବା ବେଳେ ଅତିଶୀଘ୍ର ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ।ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ୬୮ ବର୍ଷ ପରେ ୨୦୨୪ ମାର୍ଚ୍ଚ ୧୧ ତାରିଖରେ ନିଜସ୍ୱ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଲାଞ୍ଜିଗଡ଼ ସାପ୍ତାହିକ ହାଟ ପ୍ରାଙ୍ଗଣରେ ନୂତନ ଗୃହ ପାଇଁ ଭୂମି ପୂଜନ ହୋଇଥିଲା।ଏହାପରେ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।କିନ୍ତୁ ମନ୍ଥର ଗତିରେ କାମ ଚାଲିଥିବା ବେଳେ ନିମ୍ନମାନର ହେଉଥିବା ଲୋକେ ଅଭିଯୋଗ କରିଥିଲେ। ସୂଚନାଫଳକ ନଥିବା ଯୋଗୁଁ କେତେ ଅଟକଳ ମୂଲ୍ୟରେ ଗୃହ ନିର୍ମାଣ ହେଉଛି ଓ ଏହାର ସମୟସୀମା କେତେଦିନ ରହିଛି ବୋଲି ଲୋକେ ବାରମ୍ବାର ପଚାରିଥିଲେ ଉତ୍ତର ମିଳିନଥିଲା।ଏହା ବ୍ୟତିତ ତଦାରଖ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁଁ ଲାଞ୍ଜିଗଡ଼ବାସୀ ବ୍ଲକ ପ୍ରଶାସନ ନିକଟରେ କାମ ଭଲଭାବରେ ଓ ଶୀଘ୍ର କରିବା ପାଇଁ ଦାବି କରିଥିଲେ। କିନ୍ତୁ ଆରମ୍ଭ ହୋଇ ମାତ୍ର ୫/୬ମାସ କାମ ପରେ ଆଜିକୁ ୧ ବର୍ଷ ହେଲା ବନ୍ଦ ଗୃହ ନିର୍ମାଣ କାମ ପଡ଼ିଥିବା ଦେଖିବାକୁ ମିଳିଛି। ଯାହାଫଳରେ ନିର୍ମାଣଧିନ ଅଧପନ୍ତରିଆ କୋଠାରେ ଦିନ ରାତି ମଦୁଆ ଓ ଅସାମାଜିକ ଲୋକଙ୍କ ଆଡାସ୍ଥଳୀ ପାଲଟିଛି।ଅନ୍ୟପକ୍ଷରେ ନିଜସ୍ୱ ପଞ୍ଚାୟତ ଗୃହ ନଥିବା ଯୋଗୁଁ ପଞ୍ଚାୟତର ଉନ୍ନତି ମୂଳକ କାର୍ଯ୍ୟରେ ବାଧ ସୃଷ୍ଟି ହେଉଥିବା ବେଳେ ପଞ୍ଚାୟତ ଅଧୀନରେ ଥିବା ସାତଟି ଗ୍ରାମର ୬ ହଜାରରୁ ଉରାର ହିତାଧିକାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ଜଣେ ଲୋକଙ୍କୁ ଦେଖାରେଖା କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ବିଳମ୍ବ ଯୋଗୁଁ ଆମେ ପଞ୍ଚାୟତ ପକ୍ଷରୁ କାମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି।

# ଉଚ୍ଚ ବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତା



**ଗୋଲାମୁଣ୍ଡା, ୨୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଶକ୍ତି ସଂରକ୍ଷଣ ବାବଦରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜ୍ ପ୍ରତିଯୋଗିତାରେ ୨୨ଟି ଉଚ୍ଚ ବିଦ୍ୟାଳୟରୁ ମୋଟ ୧୯୦ ଜଣ ଛାତ୍ରଛାତ୍ରୀ ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ବେଳେ ୧୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସକାଳ ୧୧ ଘଣ୍ଟା ସମୟରେ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ ଘଣ୍ଟାରେ ଶେଷ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟରେ ଗୋଲାମୁଣ୍ଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶ୍ରବଣ ଅଗ୍ରୱାଲ, ଆୟସ ନାଏକ ଓ ପ୍ରତୀକ୍ଷା ପ୍ରଧାନ ଉତ୍ତୀର୍ଣ୍ଣ ହୋଇ ଆଦର୍ଶ ବିଦ୍ୟାଳୟର ଗୌରବ ଆଣି ଥିବାବେଳେ ଅନ୍ୟାନ୍ୟ ବିଦ୍ୟାଳୟରୁ ୧୭ ଜଣ ଛାତ୍ର, ଛାତ୍ରୀ ଟପ୍ ୨୦ ତାଲିକାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ୩ ଜଣ ଛାତ୍ର, ଛାତ୍ରୀ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ ପ୍ରକାଶ କରିଛନ୍ତି। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତୁନା ସିପକା ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ପରିଚାଳନା କରିବାରେ ସହଯୋଗ କରିଥିଲେ।

**କୋକସରା:** କୋକସରାବ୍ଲକ ସଦର ମହକୁମାସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟରେ ରବିବାର ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣ ବିଷୟବସ୍ତୁ ଉପରେ ଲିଖିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜବାହର ଉଚ୍ଚ ବିଦ୍ୟାଳୟ ତପସ୍ୱିନୀ ବଛା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଙ୍ଗୋମୁଣ୍ଡା, ଆଶୁତୋଷ ସିଙ୍ଗଲ ଓ ଖୁଣ୍ଟିଆ ସ୍କୁଲର ତୁଷାର ଗହିର ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।ତେବେ ୨୦ ଜଣ ପ୍ରତିଯୋଗୀ ବିଜେତା ହୋଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବା ନେଇ ସୂଚନା ରହିଛି।

# ତାଲୁକ ଆଇନ ସେବା ସମତି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**କୋକସରା, ୨୩।୧୧(ସମିସ):** କୋକସରା ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମତି ଡିଗ୍ରୀ ମହାବିଦ୍ୟାଳୟ ଠାରେ ରବିବାର ତାଲୁକ ଆଇନ ସେବା ସମତି ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି।ତାଲୁକ ଆଇନ ସେବା ସମିତିର ଅଧକ୍ଷା ଲିପ୍ସା ରାଉତଙ୍କ ଅଧକ୍ଷତାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସପ୍ତମରୁ ଦଶମ ଶ୍ରେଣୀର ଅଧ୍ୟାୟନରତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବାସମିତିର କର୍ମଚାରୀ ଦୀପକ ଟେଟେ, କେଶବ ଚନ୍ଦ୍ର ରାଉତ, ଅଭିଷେକ ଦାଶ, ହିମାଂଶୁ ଶେଖର ଭୋଇ, ପୁଷ୍ପାଞ୍ଜଳି ମୁଦୁଲି, ଶମ୍ଭୁଶ୍ୱର ନାଏକ, ବେଣୁଧର ନେଗୀ ସମେତ ଆଇନଜୀବୀ ମାନେ ଉପସ୍ଥିତ ଥିଲେ। କୋକସରା ଓ ଆମପାଣି ଥାନା ପୁଲିସ ସମେତ ପଞ୍ଚାୟତ ସମିତି ମହାବିଦ୍ୟାଳୟର କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

**ଧର୍ମଗଡ଼:** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ସ୍ଥାନୀୟ ଅଞ୍ଚଳର ସରକାରୀ ଏବଂ ବେସରକାରୀ ବିଦ୍ୟାଳୟର ୩୬ଜଣ ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଭାଗନେଇଥିବା ଶିଶୁମାନଙ୍କ ଦ୍ୱାରା ଅଙ୍କା ଯାଇଥିବା ଚିତ୍ରାଙ୍କନକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡିକୁ ପଠାଯିବ ଏବଂ ଜିଲ୍ଲାସ୍ତରୀୟ ମୂଲ୍ୟାଙ୍କନ ପରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୩୦ ତାରିଖ ଦିନ ପୁରସ୍କୃତ କରାଯିବା ନେଇ କୋର୍ଟ ପକ୍ଷରୁ ସୂଚନା ମିଳିଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, ସରକାରୀ ଓକିଲ ଧିରେନ୍ଦ୍ରନାଥ ପାତ୍ର, ବରିଷ୍ଠ ଓକିଲ ତଥା ସଦସ୍ୟା ତାଲୁକ ଆଇନ ସେବା ସମିତି ସଂଯୁକ୍ତା ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇ ଉକ୍ତ କାର୍ଯ୍ୟକୁ ସଞ୍ଚାଳିତ କରିଥିଲେ।



**ଥୁଆମୂଳରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେଏମ୍ଏଫ୍‌ସି ପରିସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ଦିବସ ପକ୍ଷ ପାଳନ ଅବସରରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଅନୁକୂଲ୍ୟରେ ରବିବାର ତାଲୁକ ଆଇନ ସେବା ସମିତି ଥୁଆମୂଳରାମପୁରର ତତ୍ତ୍ୱାବଧାନରେ ସ୍ଥାନୀୟ ଥୁଆମୂଳରାମପୁର କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ୍ ସେବା କମିଟିର ଅଧକ୍ଷ ଡ.ତାରିଣୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଥୁଆମୂଳରାମପୁର ବ୍ଲକ ଅଧିନସ୍ଥ ବିଭିନ୍ନ ସ୍କୁଲ ଯଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗୋପାଳପୁର, ଗ୍ରାମ ବିକାଶ ଶିକ୍ଷା ନିକେତନ କୁମୁଡାବାହାଲ, ବିଷମଗିରି ସେବାଶ୍ରମ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଥୁଆମୂଳରାମପୁର, ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକରୁ ୩୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ପିଲାମାନଙ୍କୁ ଦୁଇଟି ବର୍ଗରେ ବିଭାଜିତ କରାଯାଇ ଶିଶୁ ଅଧିକାର, ଶିଶୁ ନିର୍ଯାତନା, ସୋସିଆଲ ମିଡ଼ିଆର କୁପରିଣତି, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ଶିକ୍ଷା ଅଧିକାର, ବାଲ୍ୟ ବିବାହ ଆଦି ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଥୁଆମୂଳ ରାମପୁର କୋର୍ଟର ଆଇନଜୀବୀ ମନୋରଞ୍ଜନ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଥିଲେ।କାର୍ଯ୍ୟକମକୁ ସିଭିଲ କୋର୍ଟ, ଥୁଆମୂଳରାମପୁର ତାଲୁକ ଆଇନ ସେବା ସମିତିର ସଂଯୋଜକ ଜିମି ବେହେରା ତଥା ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ସୁଚାରୁ ରୂପେ ସମ୍ପାଦନା କରିଥିଲେ ଓ କାର୍ଯ୍ୟକ୍ରମ ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।ସମସ୍ତ ପ୍ରତିଯୋଗୀଙ୍କ ଚିତ୍ରାଙ୍କନ ଗୁଡିକ ଜିଲ୍ଲା ସ୍ତରରେ ଚୟନ ପାଇଁ କାଗଜ ଜିଲ୍ଲା ଆଇନ୍ ସେବା ସମିତିକୁ ପଠାଯାଇଛି।ସେଠାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଚୟନ କରାଯିବ ଯେଉଁ ପ୍ରତିଯୋଗୀ ମାନେ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବାର ସୁଯୋଗ ପାଇପାରିବେ।






# ବିମ୍ବୋଷ୍ଟୀ ଧଙ୍ଗଡ଼ାମାଝୀଙ୍କ ପରଲୋକ

**ଭବାନୀପାଟଣା, ୨୩।୧୧(ସମିସ):** ନର୍ଲା ବ୍ଲକ ବୁଢ଼ୀପଦର ଗ୍ରାମର ଧର୍ମପରାୟଣା ବିମ୍ବୋଷ୍ଟୀ ଧଙ୍ଗଡ଼ାମାଝୀଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା। ସଂସ୍କୃତିବିତ୍ ସ୍ୱର୍ଗତ ବେଣୁଧର ଧଙ୍ଗଡ଼ାମାଝୀଙ୍କ ଧର୍ମପତ୍ନୀ ବିମ୍ବୋଷ୍ଟୀ ଦେବୀ ଦେବଗିରି ମଠର ନବୀକରଣ କାର୍ଯ୍ୟର ପୁରୋଧା ଥିଲେ। ତାଙ୍କ ଦ୍ୱାରା ୯୦ ଦଶକରେ ଦେବଗିରି ମଠର ମାଟି ଗାଦି ଯାଗାରେ ସୁଦୃଶ୍ୟ ସିଂହାସନ ନିର୍ମିତ ହେବା ସହ ଅନ୍ୟାନ୍ୟ କାର୍ଯ୍ୟ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ଅଶୋକ ଓ ବଡ଼ ନାତି ସୁନୀଲ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବୋହୂ, ନାତୁଣୀ, ନାତିଙ୍କ ସମେତ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ।



## ଦୁର୍ଗମ ସୁନାବେଡ଼ାରେ ଆଦିବାସୀଙ୍କୁ ମିଳିବ ଚିକିତ୍ସା ସେବା

# ସଞ୍ଜିବନୀ କ୍ଲିନିକ୍ ଅନ୍ ହିଲ୍ସ ଉଦ୍‌ଘାଟିତ

**ନୂଆପଡ଼ା, ୨୩।୧୧(ସମିସ)**




ପିପୁଲ ଟୁ ପିପୁଲ୍ସ ହେଲ୍ଥ ଫାଉଣ୍ଡେସନ ଦ୍ୱାରା ଏସବିଆଇ ଫାଉଣ୍ଡେସନର କର୍ପୋରେଟ ସାମାଜିକ ସହାୟତାରେ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ ସୁନାବେଡ଼ା ଅଞ୍ଚଳର କୁତ୍ରାବେଡ଼ା ଗ୍ରାମରେ ଏସବିଆଇ ସଞ୍ଜିବନୀ କ୍ଲିନିକ ଅନ ହିଲସର ଉଦ୍‌ଘାଟନ ହୋଇଛି। ଏଣିକି ସୁନାବେଡା ଭଳି ଦୁର୍ଗମ ଅଞ୍ଚଳରେ ବନବାସୀ ଆଦିବାସୀଙ୍କୁ ଚିକିତ୍ସା ସେବା ସହରେ ଉପଲବ୍ଧ ହେବ। ଉଦ୍‌ଘାଟନ ସମାରୋହରେ ଏସବିଆଇ ଫାଉଣ୍ଡେସନର ସଭାପତି ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ସାହୁ କହିଥିଲେ ଯେ, ଏହି ପ୍ରୟାସ ଦ୍ୱାରା ଦୁର୍ଗମ ଏବଂ ଅପହଞ୍ଚ ଗ୍ରାମାଞ୍ଚଳରେ ନିୟମିତ ଡାକ୍ତରୀ ସେବା, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପାଥୋଲୋଜି ପରିକ୍ଷା ଯୋଗାଇ ଦିଆଯାଉଛି।ଏହା ବ୍ୟତୀତ ଲୋକମାନଙ୍କୁ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ନିବାରକ ସ୍ୱାସ୍ଥ୍ୟସେବା ବିଷୟରେ ଜନ ସଚେତନତା କରାଯାଉଅଛି।କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିବା ବେଳେ ଏହି ପ୍ରୟାସକୁ ସ୍ୱାଗତ କରି ଉପରୋକ୍ତ ସେବାଗୁଡିକର ସମ୍ପୂର୍ଣ୍ଣ ଲାଭନେବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ନିୟମିତ ସ୍ୱାସ୍ଥ୍ୟସେବା ଏବଂ ସଚେତନତା, ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ଲୋକମାନଙ୍କ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତ ଆଣିପାରିବ। ଉଦ୍‌ଘାଟନ ସମାରୋହ ରେ ଉପସ୍ଥିତ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ସତପଥୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ମୁଖ୍ୟ ପ୍ରକଳ୍ପ ପରିଚାଳକ ସତ୍ୟନାରାୟଣ ତ୍ରିପାଠୀ, ସିଆଳଟୀ ସରପଞ୍ଚ କାଳିଆ ପ୍ରଧାନ ପ୍ରମୁଖ ଦୁର୍ଗମ ଏବଂ ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ରେ ମୋବାଇଲ ମେଡିକାଲ ୟୁନିଟ୍‌ର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ସଚେତନ କଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଦ୍ୱାରିକାନାଥ ସତପଥୀ ମୋବାଇଲ ମେଡିକାଲ ୟୁନିଟର ଆବଶ୍ୟକତା ଏବଂ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସେବା ରେ ଦିଆଯାଉଥିବା ଗୁରୁତ୍ୱକୁ ସ୍ୱାଗତ କଲେ। ଅତିଥିମାନଙ୍କ ଦ୍ୱାରା ମୋବାଇଲ ମେଡିକାଲ ୟୁନିଟ୍‌କୁ ପତାକା ଦେଖାଇ ଉଦ୍‌ଘାଟିତ କରାଯାଇଥିଲା ଓ ଏତଦ ବ୍ୟତୀତ ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ମହିଳାଙ୍କୁ ସ୍ୱଚ୍ଛତା କିଟ୍ ବିତରଣ ଏବଂ ବିଶେଷ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସ୍ଥାପନା ଦିବସ

**କେସିଙ୍ଗା, ୨୩।୧୧(ସମିସ):** ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ କେସିଙ୍ଗା ବ୍ଲକର ସମସ୍ତ ଏନ୍‌ସିସି ୟୁନିଟ୍‌ମାନଙ୍କର ସମ୍ମିଳିତ ଉଦ୍ୟମକ୍ରମେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ କେସିଙ୍ଗା ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ରାଜେଶ କୁମାର ଅଗ୍ରୱାଲ ଯୋଗଦାନ କରି ଉପସ୍ଥିତ ଶିକ୍ଷାର୍ଥୀମାନଙ୍କୁ ନିସ୍ୱାର୍ଥପର ଓ ନିଷ୍ପାପର ଭାବରେ ଦେଶମାତୃକାର ସେବାରେ ନିଜକୁ ନିୟୋଜିତ କରିବାର ଦୃଢ ସଂକଳ୍ପ ନେଇ ଭାରତକୁ ଏକ ଭାରତ, ଶ୍ରେଷ୍ଠ ଭାରତ ରୂପେ ଗଢିବାରେ ସହାୟକ ହେବାକୁ ନିଜ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ।ଏନ୍‌ସିସି ପତାକା ଉତ୍ତୋଳନ ପରେ ପିଏମ୍‌ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗା, ପିଏମ୍‌ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ, ତୁଣ୍ଡଲା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମଶାଣିମୁଣ୍ଡାର ଜାତୀୟ ସମର ଶିକ୍ଷାର୍ଥୀମାନେ ପରେଡ୍ ଓ ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିଲେ।ଏନ୍‌ସିସିର ଏକତା ଓ ଅନୁଶାସନ ଆଦର୍ଶକୁ ଛାତ୍ରଛାତ୍ରୀଙ୍କ ପ୍ରଶଂସନୀୟ ଅବଦାନ ଓ ଅଭିପ୍ରେରଣା ନିମନ୍ତେ ଜେସିଓ ବଶିଷ୍ଠ ମାଝୀ, ପୂର୍ବତନ ଏଏନ୍‌ଓ ଦ୍ୱୟ ସମୀର କୁମାର ବେହେରା ଓ ଶରତ ଚନ୍ଦ୍ର ପୁରୋହିତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।କେସିଙ୍ଗା ବ୍ଲକର ଏନ୍‌ସିସି. ଅଫିସର ଯୁଗଳ ଛତ୍ରିଆ, ଗିରିଧାରୀ ଭୋଇ, ଅଂଶୁମାନ ସାହୁ, ବାବୁଲୀ ହେମ୍ବ୍ରମ, ଲୋକେଶ ମାଝୀ, ଲକ୍ଷ୍ମୀ ନାରାୟଣ ମାଝୀ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଦଳଗୁଡିକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ଓ ପୁରସ୍କାର ପ୍ରଦାନ ସମାରୋହକୁ ଜି.କ୍ରିଷ୍ଣା ରେଡ୍ଡୀ ସଞ୍ଚାଳନ କରିଥିଲେ।



## ନିଶା ନିବାରଣ ଆଇନ ଲାଗୁ ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ 'ମୋନା'ର ସତ୍ୟାଗ୍ରହ



ରାୟଗଡା,୨୩।୧୧(ସମିସ): ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଅବସରରେ ନିଶା ନିବାରଣ ଆଇନ ୧୯୫୬କୁ ରାଜ୍ୟରେ ଲାଗୁ କରିବା ଦାବିରେ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ରାୟଗଡା ଶାଖା ପକ୍ଷରୁ ଦିନିକିଆ ସତ୍ୟାଗ୍ରହ କରାଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ଶାନ୍ତିପୂର୍ଣ ଭାବେ ଧାରଣାରେ ବସିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ରାୟଗଡା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଠାକାର ଆଦିବାସୀମାନେ ବିଭିନ୍ନ ନିଶା ଦ୍ୱାରା କବଳିତ ହୋଇ ସାଂଘାତିକ ଭାବେ ପୀଡିତ ହୋଇ ପ୍ରଭାବିତ ହେଉଛନ୍ତି । ସାମ୍ପ୍ରତିକ ଅବସ୍ଥାରେ ସରକାର ନିଜେ ମଦ୍ୟ ଉତ୍ପାଦନ ଓ ବିକ୍ରୟକୁ ପ୍ରସାର କରିବା ହେତୁ ଜନସାଧାରଣ ମନରେ ମଦ୍ୟପାନ ପ୍ରତି ଆସକ୍ତି ବଢୁଛି। ତେଣୁ ସମ୍ବିଧାନର ୪୭ ଧାରାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଏବଂ ୧୯୫୬ ନିଶା ନିବାରଣ ଆଇନକୁ ରାଜ୍ୟରେ ଆବଶ୍ୟକୀୟ ସଂଶୋଧନ ସହ ତୁରନ୍ତ ଲାଗୁ କରିବା ପାଇଁ ମୋନାର ଜିଲ୍ଲା ସଭାପତି ସନ୍ତୋଷ କୁମାର ବିଡିକା ଦାବି କରିଛନ୍ତି। ଏହି ଅବସରରେ ରାଜେଶ ବିଡିକା, ମହେନ୍ଦ୍ର ବିଡିକା, ବୈକୁଣ୍ଠ ବିଡିକା, ସାଇକୁମାର ପାମୁଲା, ସୁରେନ୍ଦ୍ର ପାମୁଲା, ବିଶ୍ୱନାଥ ମାଣ୍ଡାଙ୍ଗି, ଅଶାନ୍ତୀ କାଡ୍ରାକା, ସୁନୀତା ହୁଇକା, କମଳା କୁଲେସିକା, ଅମ୍ବିକା ହିକାକ ପ୍ରମୁଖଙ୍କ ସହ ଅନ୍ୟମାନେ ସତ୍ୟାଗ୍ରହରେ ବସିଥିଲେ।

# ଦୁର୍ଘଟଣାରେ ଆହତ ହେଟାବାଘ ଜମିରୁ ଉଦ୍ଧାର



ମାଲକାନଗିରି,୨୩।୧୧(ସମିସ): ସଡ଼କ ଦୁର୍ଘଟଣାରେ ଆହତ ଏକ ହେଟା ବାଘକୁ ଏକ ଜମିରୁ ଉଦ୍ଧାର କରିଛନ୍ତି ବନ ବିଭାଗ। ଗୁରୁତର ଭାବେ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଚ୍ଚତର ଚିକିତ୍ସା ନିମନ୍ତେ ନବରଙ୍ଗପୁର ବନ୍ୟସଂରକ୍ଷଣ ଗୃହକୁ ପଠାଯାଇଛି। ଆଜି ଅପରାହ୍ନରେ ମାଲକାନଗିରି-ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ପାଣ୍ଡ୍ରିପାଣି ପଞ୍ଚାୟତସ୍ଥ ପୂଜାରୀମୁଣ୍ଡା ରାସ୍ତା କଡ଼ରେ ଥିବା ଚାଷ ଜମିରେ ଏକ ହେଟା ବାଘ ଆହତ ଅବସ୍ଥାରେ ପଡ଼ି ଛଟପଟ ହେଉଥିବାର କିଛିଗ୍ରାମବାସୀ ଦେଖି ବନ ବିଭାଗକୁ ଫୋନ କରିଥିଲେ। ଫୋନ ପାଇ ସଙ୍ଗେ ସଙ୍ଗେ ମାଲକାନଗିରି ବନ ବିଭାଗ ରେଞ୍ଜ ଅଫିସର ରମେଶ ଚନ୍ଦ୍ର ରାଉତ, ଫରେଷ୍ଟର ଶିବଜିତ ମଣ୍ଡଳ, ବନରକ୍ଷୀ ବଳଭଦ୍ର ସାହୁ, ପାଣ୍ଡ୍ରିପାଣି ବିଟର ବନକର୍ମଚାରୀ ଘଟଣା ସ୍ଥଳରେ ପହଁଚିଥିଲେ। ହେଟା ବାଘଟି ଆହତ ଘାଇଲା ହୋଇଥିବାରୁ ସମସ୍ତଙ୍କୁ କାମୁଡ଼ିବା ପାଇଁ ଗୋଡ଼ାଇଥିଲା। ଦୀର୍ଘ ଦୁଇଘଣ୍ଟା ପରିଶ୍ରମ ପରେ କୌଶଳ କ୍ରମେ ହେଟା ବାଘଟିକୁ ଜାଲ ପକାଇ ଉଦ୍ଧାର କରିବାରେ ସଫଳ ହୋଇଥିଲେ ବନ ବିଭାଗ। ହେଟା ବାଘଟିକୁ ଦେଖିବା ପାଇଁ ରାସ୍ତାରେ ଶତାଧିକ ଲୋକଙ୍କ ଭିଡ଼ ଲାଗିଥିଲା। ଉଦ୍ଧାର ହେଟା ବାଘଟିକୁ ସଙ୍ଗେସଙ୍ଗେ ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିଲେ। କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଅଣ୍ଟା ଉପରେ ମାଡ଼ ହୋଇ ଯାଇଥିବାରୁ ହେଟା ବାଘଟି ସିଧା ହୋଇ ଚାଲି ପାରୁନଥିବାରୁ ଆଜି ଅପରାହ୍ନରେ ତାକୁ ଉଚ୍ଚତର ଚିକିତ୍ସା ନିମନ୍ତେ ପଠାଯାଇଛି। ହେଟା ବାଘଟିର ବୟସ ପ୍ରାୟ ୧୨ ରୁ ୧୩ ବର୍ଷ ହେବ ଓ ଓଜନ ୫୨ କେଜି ଅଛି ବୋଲି ରେଞ୍ଜର ରମେଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

## ସତ୍ୟସାଈଙ୍କ ଜନ୍ମଦିବସ ପାଳିତ

କଲ୍ୟାଣସିଂହପୁର,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଥିବା ସତ୍ୟସାଇ ସେବା ସମିତି ଦ୍ୱାରା ସତ୍ୟସାଇ ମନ୍ଦିରରେ ବାବାଙ୍କ ୧୦୦ତମ ଜନ୍ମଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରାତଃରେ ସତ୍ୟସାଇ ସେବାସମିତି ଦ୍ୱାରା ନଗର ପରିକ୍ରମା କରାଯିବା ପରେ କନମିନାର ସାଙ୍ଗମ ନୀଳକଣ୍ଠଙ୍କ ଦ୍ୱାରା ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଛି। ଷୋଡ଼ଶ ଉପଚାର, ସତସଙ୍ଗ, ୧୦୦ଜଣ ଦୁଃଖିଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ସନ୍ଧ୍ୟାରେ ୧୦୦ ଦୀପ ଯଜ୍ଞ, ଭଜନ, ଝୁଲା ଉତ୍ସବ, ସତସଙ୍ଗ ସହିତ ସାଇଙ୍କ ମଙ୍ଗଳ ଆଳତି କରାଯାଇ ଉତ୍ସବ ସମାପନ କରାଯାଇଛି। ଯୁବକ ଆବାହକ ଶିଳା ନିରଞ୍ଜନଙ୍କ ନେତୃତ୍ୱରେ ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସତ୍ୟ ସାଇଙ୍କ ଜନ୍ମ ଉତ୍ସବ ଆଡମ୍ବରରେ ପାଳନ କରାଯାଇଛି। ଏ ଅବସରରେ ଆଜି ପ୍ରାୟ ଦୁଇ ହଜାର ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରିଥିଲେ। ଏହାକୁ ସାଇ ସଂଘର ଗୁଡୁଲ୍ଲା ପ୍ରଶାଦ ରାଓ, ମିତଲେସ, ବି କାଉସିକ, ଜନାର୍ଦ୍ଦନ ପଟ୍ଟନାୟକ, ନାଗେଶ୍ୱର ପଟ୍ଟନାୟକ, ସାଙ୍ଗମ ରୁଦ୍ରା, ପ୍ରଶାଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ନିମନ୍ତ୍ରଣ ଅତିଥି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଡ଼ିଶା ମାତୃଶକ୍ତି ପ୍ରଗତି ଫାଉଣ୍ଡେସନର ବାର୍ଷିକ ଉତ୍ସବ

ମାଲକାନଗିରି,୨୩।୧୧(ସମିସ): ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ସଂସ୍କୃତି ଭବନ ଠାରେ ଓଡିଶା ମାତୃଶକ୍ତି ପ୍ରଗତି ଫାଉଣ୍ଡେସନର ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ଆଜି ପାଳିତ ହୋଇଯାଇଛି। ଏହି ଉତ୍ସବରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ, ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର, ବରିଷ୍ଠ ସାମ୍ବାଦିକ ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ରତ୍ନାକର ଦାଶ ଓ ସଂସ୍ଥାର ନିର୍ଦ୍ଦେଶକ ତଥା ସଂସ୍ଥାପକ ବିଦ୍ୟାଧର ନାୟକ ଯୋଗଦେଇଥିଲେ। ଏଥିରେ ମାଲକାନଗିରି ଜିଲ୍ଲାର ସାତୋଟି ବ୍ଲକର ବ୍ଲକ୍ ଏରିଆ ମ୍ୟାନେଜର, ଫିଲ୍ଡ ଅଫିସର, ଏଜେଣ୍ଟ ଜିଲ୍ଲା ପରିଚାଳକ ଏହିଭଳି ମୋଟ ୭୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ନିର୍ଦ୍ଦେଶକ ତଥା ପରିଚାଳକ ସଂସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ସଂସ୍ଥା ଆଗାମୀ ଦିନରେ ନାରୀ ଶିକ୍ଷା, ସ୍ୱଚ୍ଛତା, ପରିବେଶ, ପର୍ଯ୍ୟାବରଣ, ସମାଜସେବା, ଦକ୍ଷତା ତାଲିମ, ଜୈବ ପ୍ରଣାଳୀରେ ଚାଷ, ସ୍ୱାସ୍ଥ୍ୟ ସେବା ଆଦି କାର୍ଯ୍ୟକୁ ପ୍ରାଧାନ୍ୟ ଦେବ ବୋଲି ସୂଚାଯାଇଥିଲା।

# ଅଗ୍ନିକାଣ୍ଡରେ ଜଳିଗଲା ୯ ବଖରା

## ସହାୟତାର ହାତ ବଢ଼ାଇଲେ ପୌର ଉପାଧ୍ୟକ୍ଷ





ଗୁଣୁପୁର,୨୩।୧୧(ସମିସ ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହର ଅନ୍ତର୍ଗତ ବେବର୍ତ୍ତା ଢ଼େପ ସାହିରେ ନିଆଁ ଲାଗି ତିନିଗୋଟି ଘରର ୯ ଗୋଟି ବଖରା ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି। ଯାହାଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଆଜି ସକାଳ ସମୟରେ ବେବର୍ତ୍ତା ଢ଼େପସାହିର ଲଳିତା ବାଉରୀଙ୍କ ଘରେ କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା। ଫଳରେ ଘର ଭିତରେ ଏବଂ ବାହାରେ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଦେଖୁଦେଖୁ ଘରକୁ ଲାଗି ରହିଥିବା ସନ୍ତୋଷୀ ବାଉରୀ ଓ ମାଙ୍ଗାମାଙ୍କ ଘରେ ବି ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାସ ହାଣ୍ଡି ବ୍ଲାଷ୍ଟ ହେବା ସମ୍ଭାବନା ଥିବାରୁ ନିଆଁକୁ ଆୟତ୍ତ କରିବାକୁ ସମୟ ଲାଗିଥିଲା। ଏହାରି ଭିତରେ ସମସ୍ତ ଆସବାବ ପତ୍ର, ବିରୁଆ, ଲୁଗାପଟ୍ଟା, କିଛି ଟଙ୍କା, ବର୍ଷକର ଖାଦ୍ୟ ସମଗ୍ରୀ ସମ୍ପୁର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ କାଉନସିଲର ପୂର୍ଣ୍ଣ ବାଉରୀ ଓ ମୁନାପାଣିଙ୍କ ସହଯୋଗରେ ଅଗ୍ନିଶମ ବିଭାଗ, ରାଜସ୍ୱ ବିଭାଗର ଆରଆଇ ଓ ପୌର ପରିଷଦର ସହକାରୀ ଯନ୍ତ୍ରୀ ଉପସ୍ଥିତ ରହି ନିଆଁକୁ ଆୟତ୍ତ କରିବା ସହ ଅଗ୍ନି ବିପନ୍ନ ପରିବାରଙ୍କୁ ରହିବା ସହ ଖାଦ୍ୟ ବ୍ୟବସ୍ଥା କରିଥିଲେ। ଖବର ପାଇ ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ତତ୍କାଳୀନ ଘଟଣା ସ୍ଥଳରେ ପହଞ୍ଚି ସର୍ବହରା ପରିବାରଙ୍କୁ ଲୁଗାପଟା, ଚାଉଳ ସହ ଆର୍ଥିକ ବ୍ୟାବସ୍ଥା କରି ସରକାରୀସ୍ତରରେ ଯାହା ହୋଇପାରିବ ସାହାଯ୍ୟ କରିବାକୁ ପରିବାରଙ୍କୁ ଶାନ୍ତ୍ୱନା ଦେଇଥିଲେ। ଏହି ଅଗ୍ନିକାଣ୍ଡରେ ଲଳିତା ବାଉରୀ, ସନ୍ତୋଷୀ ବାଉରୀ ଓ ମାଙ୍ଗାମାଙ୍କ ତିନି ପରିବାର ସର୍ବଶାନ୍ତ ହୋଇ ଯାଇଛନ୍ତି। ବିଭିନ୍ନ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତି ଅଗ୍ନବିପନ୍ନଙ୍କୁ ସାହାଯ୍ୟର ହାତ ବଢାଇବାକୁ ସାହିବାସିନ୍ଦାମାନେ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବର ଉଦ୍‌ଯାପିତ




ବିଷମ କଟକ,୨୩।୧୧(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାଲିଥିବା ଜିଲ୍ଲାସ୍ତରୀୟ ଯୁବରେଡ କ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି। ଏଥିରେ ମା' ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମାଶଙ୍କର ନିମାଲପୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବହୁ ଦୂରଦୂରାନ୍ତରୁ ଏକଶହରୁ ଉଦ୍ଧ୍ୱର୍ ସ୍ୱେଚ୍ଛାସେବୀଙ୍କ ସହ ସତର ଜଣ ଉପଦେଷ୍ଟା ଯୋଗଦାନ କରିଛନ୍ତି। ଆଜି ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକକା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ୱା.ଆର୍.ସି ର ଆଗାମୀ ଭବିଷ୍ୟତରେ କାର୍ଯ୍ୟଧାରା ସମ୍ବନ୍ଧରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ନରେଶ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ମିଶ୍ର ଓ ଟିକେଶ୍ୱର ମାଝୀ, ଯୁକ୍ତ ତିନି ଅଧକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ଯୋଗ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, କୁଇଜ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ରେଡକ୍ରସ୍ ଉପଦେଷ୍ଟା ଦୟାନିଧି ବାଙ୍ଗାରି ଓ ଜିଲ୍ଲା ରେଡ୍‌କ୍ରସ୍ ସଂଯୋଜକ ପ୍ରଶାନ୍ତ ପଣ୍ଡାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା। ଯୁକ୍ତ ତିନି ଯୁବ ରେଡକ୍ରସର ଉପଦେଷ୍ଟା ସଞ୍ଜୟ କୁମାର ତ୍ରିପାଠୀ ଉଦ୍‌ଯାପନୀ ସନ୍ଧ୍ୟର ମଞ୍ଚ ପରିଚାଳନା ଦାୟୀତ୍ୱ ତୁଲାଇଥିବା ବେଳେ ଅଧ୍ୟାପକ ଶ୍ରୀ କେଦାର ସାହୁକାର ଧନ୍ୟବାଦ ଅର୍ପଣ କରିଥିଲେ।

## ତହସିଲଦାରଙ୍କୁ ଅଭିଯୋଗ ପାଇଁ ନିର୍ଦ୍ଧାରିତ ସମୟସୀମାକୁ ନେଇ ଅସନ୍ତୋଷ

କଲ୍ୟାଣସିଂହପୁର,୨୩।୧୧(ସମିସ): ଲୋକଙ୍କ ସରକାର କହୁଥିବା ରାଜ୍ୟ ସରକାରଙ୍କ ଅଧୀନସ୍ତ ଅଧିକାରୀ କେବଳ ଦେଢ଼ ଘଣ୍ଟା ସମୟଦେବେ ବୋଲି ରୋକଠୋକ ଭାବେ ସୂଚନା ଲେଖିଦେଇଛନ୍ତି। ଗୋଟିଏ ପଟେ ଲୋକଙ୍କ ସରକାର ଲୋକଙ୍କ ନିକଟକୁ ଯାଇ ସମସ୍ୟା ଓ ଦୁଃଖ ବୁଝିବେ ବୋଲି ରାଜ୍ୟର ମୋହନ ସରକାର ଡିଣ୍ଡିମ ପିଟୁଥିବା ବେଳେ ତାଙ୍କ ଅଧୀନସ୍ତ ଅଧିକାରୀ ଏଭଳି ନିଜ କାର୍ଯ୍ୟାଳୟରେ ସୂଚନା ଲେଖିବା ଘଟଣାକୁ ନେଇ ଏବେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି ସୂଚନା ଫଳକ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁରର ତହସିଲଦାର କାର୍ଯ୍ୟାଳୟରେ। ଏହି କାର୍ଯ୍ୟାଳୟକୁ ଯିବାକୁ ହେଲେ ଦୁର ଦୁରାନ୍ତ ଲୋକ ଭୋର ପାଞ୍ଚଟାରେ ଉଠି ଶୀତ କାକରରେ ଯିବାକୁ ପଡିବ। କାରଣ ସକାଳ ସରକାରୀ ସମୟ ୧୦ଟା ଠାରୁ ସନ୍ଧ୍ୟା ୫ ଯାଏଁ ଥିବା ବେଳେ ତହସିଲଦାରଙ୍କୁ ଭେଟି ନିଜ ଦୁଃଖ ଓ ସମସ୍ୟା ଜଣାଇବା ସମୟ ସକାଳ ୧୦ଟା ଠାରୁ ୧୧ଟା.୩୦ ରହିଛି। ଉକ୍ତ ସମୟ ମଧ୍ୟରେ ଗୁହାରି କରିବାକୁ ପଡିବ, ଡେରି ହୋଇଗଲେ ପୁଣି ଆଗାମୀ ଦିନରେ ଦେଖା କରିବାକୁ ପଡିବ। ଏହି କାର୍ଯ୍ୟାଳୟରେ ଥିବା ସହାୟତା କେନ୍ଦ୍ରରେ ଆଗରେ ଥିବା ସୂଚନା ବୋର୍ଡରେ ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଦିନ ୧୧ଟା୩୦ ମିନିଟ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ଥିବା ଲେଖାଯାଇଛି। ଉକ୍ତ ସମୟ ପରେ କେହି ବି କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟରେ ଗଲେ ତାଙ୍କୁ ଫେରାଇ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ଯାତାୟାତରେ ଅସୁବିଧା ଯୋଗୁଁ ଠିକ ସମୟରେ ଅଧିକାରୀଙ୍କୁ ଭେଟିବାକୁ ଯାଇ ପାରୁନାହାଁନ୍ତି। ରାଜସ୍ୱ ବିଭାଗର ମନ୍ତ୍ରୀ ଲୋକଙ୍କ ବିଭିନ୍ନ କାର୍ଯ୍ୟ ସରକାରୀ ଅଧିକାରୀ ଓ କର୍ମଚାରୀ କରିବେ, ଲୋକଙ୍କୁ ସମୟ ଦେବେ, ସମସ୍ୟାର ସମାଧାନ କରିବେ ବୋଲି ରୋକଠୋକ ଜଣାଇଥିବା ବେଳେ ଏହି ତହସିଲ କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖାଦେଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏଣୁ ସରକାର ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଏହି ତହସିଲ ଅଧୀନସ୍ଥ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କୁ ପଚାରିବାରୁ ସରକାରଙ୍କ ସେଭଳି କୌଣସି ନିର୍ଦ୍ଦେଶ ନାହିଁ, ତାହାରି ଉପରେ ମୁଁ ତର୍ଜମା କରିବି ବୋଲି କହିଛନ୍ତି।

## କୋଟେଶ୍ୱର ରାଓଙ୍କ ପରଲୋକ

ଗୁଣୁପୁର, ୨୩।୧୧(ସମିସ): ସ୍ଥାନୀୟ ଗାୟତ୍ରୀ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରଶାସନିକ ଅଧିକାରୀ ଭି. କୋଟେଶ୍ୱର ରାଓଙ୍କ ଅକାଳ ବିୟୋଗ ଘଟିଛି। ସେ ଗାୟତ୍ରୀ ଶିକ୍ଷା ଅନୁଷ୍ଠାନ ସହ ଦୀର୍ଘ ୨୦ ବର୍ଷ ଧରି ଜଡିତ ହୋଇ ବିଭିନ୍ନ ସାମାଜିକ ଓ ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା। ଗତ କିଛି ଦିନ ପୂର୍ବେ ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଆନ୍ଧ୍ରପ୍ରଦେଶର ରାଗୁଲୁସ୍ଥିତ ଜେମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପ୍ରିନ୍ସପାଲ୍ ରହିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନ ରହିଛି। ତାଙ୍କ ମୃତ୍ୟୁ ଖବର ପାଇ ଗୁଣୁପୁର ଅଞ୍ଚଳବାସୀ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ଗାୟତ୍ରୀ ଅନୁଷ୍ଠାନର ଅଧକ୍ଷ ଅକ୍ଷୟ ଦାଶ, ଉପାଧକ୍ଷ ସଞ୍ଜୟ ସାହୁ, ପ୍ରିନ୍ସିପାଲ କାହ୍ନୁ ଚରଣ ପାଣିଗ୍ରାହୀ, ସମରଜିତ କର, ରାଜୀବ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବୁଦ୍ଧିଜିବୀମାନଙ୍କ ପକ୍ଷରୁ ତାଙ୍କ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।



## ଜୋର୍ ଧରିଲା କାଞ୍ଚନଭଟାକୁ ନୂତନ ପଞ୍ଚାୟତ ଗଠନ ଦାବି



ମୁନିଗୁଡା,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତର କାଞ୍ଚନଭଟାଠାରେ ନୂତନ ଗ୍ରାମ ପଞ୍ଚାୟତ ଗଠନ ଦାବି କରି ସମୂହ ୨୩ ଗ୍ରାମର ୫ ଟି ୱାର୍ଡବାସୀ ଗତ ଜୁନ ମାସ ୨୫ ତାରିଖ ଦିନ ମୁନିଗୁଡାଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଏକ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଜି ଅଞ୍ଚଳବାସୀ ଏକତ୍ର ହୋଇ ଏକ ଗ୍ରାମସଭାର ଆୟୋଜନ କରିଥିଲେ। ଏହି ସଭାରେ ନୂତନ ପଞ୍ଚାୟତ ଗଠନ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ୫ଟି ୱାର୍ଡରେ ସମୁଦାୟ ୪୦୦୦ ଜନସଂଖ୍ୟା ଥିବା ବେଳେ ପାଖାପାଖି ୩୦୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଭୋଟର ମଧ୍ୟ ଥିବା ଅଞ୍ଚଳବାସୀ ଦର୍ଶାଇଛନ୍ତି। ଏହି କାଞ୍ଚନଭଟା ଅଞ୍ଚଳ ମୁନିଗୁଡା ବ୍ଲକ ତଥା ଇଚ୍ଛାପୁର ପଞ୍ଚାୟତର ଶେଷ ଅଞ୍ଚଳ ହୋଇଥିବା ବେଳେ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସମୂହ ଅଞ୍ଚଳର ୫ ଟି ୱାର୍ଡବାସୀ ଇଚ୍ଛାପୁର ପଞ୍ଚାୟତରେ ଅଛନ୍ତି। ଇଚ୍ଛାପୁର ପଞ୍ଚାୟତର ସର୍ବମୋଟ ୧୩ ଟି ୱାର୍ଡରୁ ୪ ରୁ ୫ ଟି ୱାର୍ଡକୁ ନେଇ କାଞ୍ଚନଭଟାରେ ଏକ ନୂତନ ପଞ୍ଚାୟତ ଗଠନ କରିବାକୁ ଅଞ୍ଚଳବାସୀ ବୈଠକ କରି ନିଷ୍ପତି ଗ୍ରହଣ କରିଛନ୍ତି। ପ୍ରଶାସନ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭୌଗୋଳିକ ଅବସ୍ଥିତିକୁ ଅନୁଧ୍ୟାନ କରି କାଞ୍ଚନଭଟାରେ ନୂତନ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନଚେତ୍ ନୂତନ ପଞ୍ଚାୟତ ଗଠନ ପାଇଁ ଆଗାମୀ ଦିନରେ ଦାବି ଜୋରଦାର କରାଯିବ ବୋଲି ଅଞ୍ଚଳର ସରପଞ୍ଚ ନାରାଙ୍ଗା ମାଝୀ, ନାଏବ ସରପଞ୍ଚ ରାଙ୍ଗୁଲି କଟକିଆ, ୱାର୍ଡ ମେମ୍ବର ଦମନ୍ତି ବାଚା, ୱାର୍ଡ ମେମ୍ବର ସୁରେଶ କଟକିଆ, ଗଜେନ୍ଦ୍ର ଗୌଡ, ସାନୁର୍ଯ୍ୟ ବାଗ, ସୁରେନ୍ଦ୍ର ଗତି, ଜୟମଲ୍ଲ କରୁଆ, ଶ୍ରୀରାମ ବାଗ, ନୀଳକଣ୍ଠ ଗତି, ରାମ କୃଷ୍ଣ ଗୌଡ, ମଧୁସୂଦନ ନାୟକ, ପୂର୍ଣ୍ଣ ଗୌଡ, ଯୁଗେଶ୍ୱର ଗୌଡ, ନରସିଂହ ଗୌଡ, କୈବଲ୍ୟ ବାଗ, ନରତମ୍ ବାଗ, ନରେନ୍ଦ୍ର ଗୌଡ, କେଶବ ପ୍ରଧାନୀ, ସୁଜନଧର ସୂର୍ଯ୍ୟ ପ୍ରମୁଖଙ୍କ ସହ ଅଞ୍ଚଳବାସୀ କହିଛନ୍ତି। ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରର ନକଲ ମୁନିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଣୁପୁର ଉପଜିଲ୍ଲାପାଳ, ରାୟଗଡ଼ା ଜିଲ୍ଲା ପଞ୍ଚାୟତ ଅଧିକାରୀ, କୋରାପୁଟ ସାଂସଦ, ବିଷମ କଟକ ବିଧାୟକ ଓ ଓଡ଼ିଶା ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଗୋଚରାର୍ଥେ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏହାର ଏକାକିତା ନକଲ ପ୍ରେରଣ କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଏଆଇସିସିଟିୟୁର ବ୍ଲକ୍‌ସ୍ତରୀୟ ସମ୍ମିଳନୀ




ରାମନାଗୁଡ଼ା,୨୩।୧୧(ସମିସ): ଦକ୍ଷିଣ ଓଡିଶା ପାଚିକା ଓ ସହାୟକ ମହାସଂଘ (ଏଆଇସିସିଟିୟୁ ) ତରଫରୁ ରାୟଗଡ଼ା ଜିଲ୍ଲା ରାମନଗୁଡ଼ା ବ୍ଲକ ଅନ୍ତର୍ଗତ ଚାକୁଣ୍ଡା ହାଟପଦା ଠାରେ ବ୍ଲକ ସଭାପତି ଉର୍ମିଳା ଖଣ୍ଡଗିରିଙ୍କ ଉପସ୍ଥିତିରେ ବ୍ଲକ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଦେଷ୍ଟା ତ୍ରିପତି ଗମାଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିବା ସହ ସରକାର ଶ୍ରମିକମାନଙ୍କ ଅଧିକାର ନ ଦେଲେ ଆସନ୍ତା ଡିସେମ୍ବର ୩ରୁ ତିନି ଦିନ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଧାରଣା ଦେବାପାଇଁ ଚେତାବନୀ ଦେଇଛନ୍ତି। ଦଶ ଘଣ୍ଟା ଶ୍ରମ ଆଇନ ବାତିଲ କରି ଶ୍ରମିକମାନଙ୍କୁ ଆଠ ଘଣ୍ଟା ଆଇନ ଲାଗୁ କରିବା, ପାଚିକା ଓ ସହାୟିକାମାନଙ୍କୁ ମାସିକ ୨୬ ହଜାର ଟଙ୍କା ଓ ପାଚିକାମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଶ୍ରମିକ,କର୍ମଚାରୀ ବିରୋଧି ଶ୍ରମ କୋଡ଼ ବାତିଲ କରିବା, ନୂତନ ଶିକ୍ଷା ନୀତି ୨୦୨୦ ବାତିଲ କରିବା, ୨୦୦୯ ଡିସେମ୍ବରରୁ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକା ଓ ସହାୟିକାଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ମୃତକଙ୍କ ଉତ୍ତରାଧିକାରୀଙ୍କୁ ପାରିଶ୍ରମିକ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ ଓ ପାଚିକା ସହାୟିକା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟ୍‌ରେ ଆବଶ୍ୟକୀୟ ବ୍ୟୟ ବରାଦ କରିବା ସହ ଛାତ୍ରଛାତ୍ରୀଙ୍କ ମୁଣ୍ଡପିଛା ଖାଇବା ଖର୍ଚ୍ଚ ବୃଦ୍ଧି କରିବା ଭଳି ପ୍ରଭୃତି ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉର୍ମିଳା ଖଣ୍ଡଗିରି, ଅନିରୁଦ୍ଧ ନିଶିକା, କୁମାରୀ ଶବର, ପ୍ରଭାବତୀ ଖଣ୍ଡଗିରି, ଗିତାଞ୍ଜଳୀ ପଟ୍ଟନାୟକ, ସୂର୍ଯ୍ୟ ଶବର, ଅପସରା ଶବର, ଲଳିତା ମାଣ୍ଡାଙ୍ଗି, ସନ୍ତୋଷି ପଲାସା, ନଳିନୀ ପଣ୍ଡା, ସୁଜାତା ପଣ୍ଡା, ଲକ୍ଷ୍ମୀ ମଣ୍ଡାଙ୍ଗି ଉପସ୍ଥିତ ଥିଲେ। ବିଧାନସଭା ଘେରଉ ନିମନ୍ତେ ଉପଦେଷ୍ଟା ତ୍ରିପତି ଗମାଙ୍ଗ ପାଚିକାମାନଙ୍କୁ ନିବେଦନ କରିଥିଲେ।

# ଜିଲ୍ଲାସ୍ତରୀୟ 'ସର୍‌ଗିଫୁଲ' ଉଦ୍‌ଘାଟିତ




## ଭାଗନେଲେ ୧୫୦୮ ଛାତ୍ରଛାତ୍ରୀ

ଗୁଣପୁର,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ସରଗିଫୁଲ" ରବିବାର ଗୁଣପୁରର ବିକ୍ରମପୁର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୁଣପୁର ପୌର ପାରିଷଦର ଅଧକ୍ଷା ମମତା ଗୌଡ଼ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡ଼ ମଣ୍ଡଳ ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ ଓ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ଆମ୍ବୁଡ୍ସମେନ (ଲୋକପାଳ ) ଅକ୍ଷୟ କୁମାର ଦାଶ, ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଅଧକ୍ଷା ଝିଲ୍ଲୀ ଶବର, ଉପାଧକ୍ଷ ସୁଦର୍ଶନ ଶବର ମଞ୍ଚାସିନ ଥିଲେ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁରର ଅଧକ୍ଷ ଅନନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନି ଉତ୍ସବରେ ଆବାହକ ଜିଲ୍ଲା ମଙ୍ଗଳ ଅଧିକାରୀ ରାୟଗଡ଼ ଅଶୀମା ରାଓ ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ -୭, ଉଚ୍ଚ ବିଦ୍ୟାଳୟ-୪୪, ଆଶ୍ରମ ବିଦ୍ୟାଳୟ -୩୧, ସେବାଶ୍ରମ -୬୦, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ-୩, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ -୧ ଅନ୍ୱେଷା ହଷ୍ଟେଲ-୮ ଜଣଙ୍କୁ ମିଶାଇ ମୋଟ ୧୫୦୮ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଏହାକୁ ପରିଚାଳନା ପାଇଁ ୪୮୯ ଜଣ ଶିକ୍ଷକ ଓ ଅନ୍ୟ ସହଯୋଗୀ କର୍ମଚାରୀ ନିଯୁକ୍ତ ହୋଇଥିଲେ। ଶିଶୁ ଉତ୍ସବରେ ବାଦ୍ୟ ସଙ୍ଗୀତ, ଏକକ ଅଭିନୟ, ଏକକ ଗୀତ, ଏକକ ନୃତ୍ୟ, ସୃଜନଶୀଳ ଲିଖନ, ବକ୍ତୃତା, ତର୍କ, ଚିତ୍ରାଙ୍କନ, କୁଇଜ, ବିଜ୍ଞାନ ପ୍ରଦର୍ଶନୀ, ଭଲିବଲ ପ୍ରତିଯୋଗିତା କରାଯିବା ସହ 'ସରଗିଫୁଲ ୨୦୨୫'ର ମଣ୍ଡଳସ୍ତରୀୟ ପ୍ରତିଯୋଗିତା ଆସନ୍ତାକାଲି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହେବ।

# ଜିଲ୍ଲାସ୍ତରୀୟ ଅଭିଭାବକ ଓ ପୂର୍ବ ଛାତ୍ର ସମ୍ମିଳନୀ ପାଇଁ ପ୍ରସ୍ତୁତି



ରାୟଗଡ଼ା,୨୩।୧୧(ସମିସ): ଜିଲ୍ଲାସ୍ତରୀୟ ଅଭିଭାବକ ତଥା ପୂର୍ବ ଛାତ୍ର ସମ୍ମିଳନୀକୁ ସଫଳ କରିବା ଉଦ୍ଦେଶ୍ୟରେ ଆଜି କିସ୍ ସାଟେଲାଇଟ୍ କେନ୍ଦ୍ର, ରାୟଗଡ଼ାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ରୋନିତ ସବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଓ ସମାଜ ସହ ସଂଯୋଗ ବଢ଼ାଇବାରେ କିସ୍‌ର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କିସ୍ ଅଭିଭାବକ ସଂଘର ସଭାପତି ମାଝୀ ପିଡ଼ିକାକା, ପରାମର୍ଶଦାତା ଘସିରାମ ମାଝୀ, ପୂର୍ବ ଛାତ୍ର ସଂଘ ସଭାପତି ହର ପ୍ରସାଦ ହେପ୍ରୁକା, ରାୟଗଡ଼ା ବ୍ଲକ ଅଭିଭାବକ କମିଟିର ପ୍ରତିନିଧି ଟୁଟୁ ତାଡିଙ୍ଗି ଓ ଶ୍ରୀନିବାସ ତାଡିଙ୍ଗି ଏବଂ ସମସ୍ତ ବ୍ଲକର ଅଭିଭାବକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବ୍ଲକ୍‌ରୁ ଅଭିଭାବକ ଓ ପୂର୍ବ ଛାତ୍ରଙ୍କ ସମବେଶ, କାର୍ଯ୍ୟକ୍ରମର ଗଠନ, ସାଂସ୍କୃତିକ ଉପସ୍ଥାପନା, ଲଜିଷ୍ଟିକ୍ସ, ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ ସମସ୍ତ ସମ୍ପ୍ରଦାୟର ସମାନ ପ୍ରତିନିଧିତ୍ୱ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

# ଦୋକାନ ଭିତରକୁ ମାଡ଼ିଗଲା ଗୋରୁ ବୋଝେଇ ପିକ୍‌ଅପ୍; ମହିଳା ଆହତ



ବିଷମ କଟକ,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକସଦରଥାନରଖ୍ରୀଷ୍ଟୀୟନ୍‌ହସ୍‌ପିଟାଲ ଛକ ନିକଟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ରାସ୍ତାକଡର ଏକ ଦୋକାନ ମଧ୍ୟରେ ଧସେଇ ପସିଲା। ଏହି ଦୁର୍ଘଟଣାରେ ଦୋକାନରେ ବସିଥିବା ମହିଳା ଜଣକ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନଟିକୁ ବିଷମ କଟକ ପୋଲିସ୍ ଜବତ କରିବା ସହ ଗାଡି ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନ ୨ଟା ବେଳେ ୫ଟି ଗାଇକୁ ନେଇ ଏକ ପିକ୍‌ଅପ୍ ଭେନ୍ ମୁନିଗୁଡାରୁ ଆନ୍ଧ୍ର ଯାଉଥିବା ବେଳେ ଗାଡିଟି ଦ୍ରୁତଗତିରେ ଆସି ବିଷମ କଟକ ଖ୍ରୀଷ୍ଟୀୟାନ୍ ହସ୍‌ପିଟାଲ ଛକ ନିକଟରେ ଭାରସାମ୍ୟ ହରାଇ ଜିତୁ ନାଲାଙ୍କ ପାନ ଦୋକାନ ଭିତରକୁ ମାଡିଯାଇଥିଲା। ଦୁର୍ଘଟଣାରେ ଦୋକାନରେ ବସିଥିବା ଜିତୁଙ୍କ ସ୍ତ୍ରୀ ଭାରତୀ ନାଲା ଆହତ ହୋଇଥିବା ବେଳେ ତାଙ୍କର ଦୁଇଟି ସନ୍ତାନ ସୁରକ୍ଷିତ ରହିଛନ୍ତି। ଖବରପାଇ ବିଷମ କଟକ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଇ ବୋଝେଇ ପିକ୍‌ଅପ୍‌କୁ ଜବତ କରିବା ସହ ଗାଡି ଡ୍ରାଇଭରକୁ ଅଟକ ରଖିଛି। ଅନ୍ୟପଟେ ଏହି ଘଟଣାର ତଦନ୍ତ ଚାଲିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବିଷମ କଟକ ପୋଲିସ ନିଜ ଆଡୁ ଏକ ମାମଲା କରି ତଦନ୍ତ ଚଲାଇଥିବା ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ଛକ ଠାରେ ମଧ୍ୟ ଗତ କିଛି ଦିନ ତଳେ ଏକ ଗୋରୁ ବୋଝଇ ପିକଅପ ଭ୍ୟାନ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ତେନ୍ତୁଳିଖୁଣ୍ଟି,୨୩।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ହେମନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ସୁରେନ୍ଦ୍ର ନାଥ ରାଉତ, ସମ୍ପାଦକ ମନୋଜ ମହାପାତ୍ର ମଞ୍ଚାସିନ ଥିଲେ। ଗୁରୁଜୀ ଜିତେନ୍ଦ୍ରିୟ ମହନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। କ୍ରୀଡ଼ା ପ୍ରତିଭା ଅନ୍ୱେଷଣର ପ୍ରାରମ୍ଭିକ ଭିତ୍ତିଭୂମି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ଏହି ଖେଳ କୁଦ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଏବଂ ଗୁରୁମା ସହଯୋଗ କରିଛନ୍ତି।

# ସ୍ୱାମୀ ବିବେକାନନ୍ଦ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ମହୋତ୍ସବ



କୋରାପୁଟ,୨୩।୧୧(ସମିସ): ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଶରତ କୁମାର ଦଳେଇଙ୍କ ନେତୃତ୍ୱରେ ମା' ବାଟ ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଯାତ୍ରା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଦୁଃଶାସନ ସ୍ୱାଇଁ ଆନୁଷ୍ଠାନିକ ଭାବେ ମଶାଲ ପ୍ରଜ୍ୱଳନ କରିବା ପରେ ଅଧ୍ୟକ୍ଷା ଅତସୀ ସାହୁ ପିଲାମାନଙ୍କୁ କ୍ରୀଡା ଶପଥ ପାଠ କରାଇଥିଲେ। ଅନୁଷ୍ଠାନର ସମ୍ପାଦକ ରାମ ପ୍ରସାଦ ସରାଫ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଖେଳ ପ୍ରତିଯୋଗିତା ହୋଇଥିଲା। ସଭାପତି ଡ. ଅମୂଲ୍ୟ ମହାପାତ୍ର ପାଠ ପଢ଼ିବା ସହ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବିଦ୍ୟାଳୟର ସଭ୍ୟ ମୋହନ ସରାଫ ଏବଂ ବୃନ୍ଦାବନ ସାହୁ ଯୋଗ ଦେଇଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏହି ସମାରୋହରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଉର୍ମିଳା ପାଣିଗ୍ରାହୀ, ଚନ୍ଦ୍ର ଶେଖର ପଣ୍ଡା ଯୋଗଦେଇ ପରିଚାଳନା କରିଥିଲେ।

# ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ ତାଲିମ କାର୍ଯ୍ୟକ୍ରମ



କୋରାପୁଟ,୨୩।୧୧(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ-୨୦୦୫ ଉପରେ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ଡବ୍ଲୁଓ ଶ୍ରୀମତୀ ପାଢ଼ୀ ଡିଭି ବିଷୟରେ ସ୍ୱାଗତ ଭାଷଣ ସହିତ ଅଧିବେଶନର ଆରମ୍ଭ ହୋଇଥିଲା। ପୁଲିସ ଆଇଆଇସି ପୀଡିତା ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାରେ ଚ୍ୟାଲେଞ୍ଜ ବିଷୟରେ ବର୍ଣ୍ଣନା କରିଥିଲେ। ଓଏସସି କିଛି ମାମଲା ଏବଂ ମାମଲାର ଫଳାଫଳ ବିଷୟରେ ଅବଗତ କରିଥିଲେ। ଶକ୍ତି ସଦନର ଅଧ୍ୟକ୍ଷା ପୀଡିତା ମହିଳାଙ୍କୁ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ବିଷୟରେ ଅବଗତ କରିଥିଲେ।

# ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନଦଣ୍ଡ କାର୍ଯ୍ୟକ୍ରମ



ବୈପାରିଗୁଡ଼ା,୨୩।୧୧(ସମିସ): ବୈପାରିଗୁଡ଼ା ଅନ୍ତର୍ଗତ ମାଠପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜାତୀୟ ଗୁଣବତ୍ତା ଆଶ୍ୱାସନା ମାନଦଣ୍ଡର ଜାତୀୟ ମୂଲ୍ୟାଙ୍କନ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ମୂଲ୍ୟାଙ୍କନକୁ ଜାତୀୟ ବାହ୍ୟ ମୂଲ୍ୟାଙ୍କନକାରୀ ଡ. ଦିନେଶ କୁମାର ନାୟକ, ଡ. ଆଶିଷ କୁମାର ଘୋଷଙ୍କ ଦ୍ୱାରା ତଦାରଖ କରିଥିଲେ। ବ୍ଲକ୍ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଦଶମନ୍ତପୁରର ଡ. ଇପ୍ସିତ ରାଉତରାୟ, ବିପିଏମ୍ ହେମରାଜ ପାଣିଗ୍ରାହୀ, ବାମ୍ ପ୍ରମୋଦ ନାୟକ, ଭିବିଡିଟିଏସ୍ ବାଲାଜୀ ତ୍ରିପାଠୀ, ସିଏଚ୍ଓ ଫୁଲମତୀ ଘିଉରିଆ, ଏଏନ୍‌ଏମ୍ ଅନୁସିଆ ସାହୁ, ଜି. ସକୁନ୍ତଳା ପ୍ରମୁଖ ଯୋଗ ଦେଇଥିଲେ।

# ଲକ୍ଷ୍ମୀପତ ସିଂଘାଣିଆ ସ୍କୁଲର ବାର୍ଷିକ ଉତ୍ସବ

ଜେକେପୁର,୨୩।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଜେକେପୁର ସ୍ଥିତ ଲକ୍ଷ୍ମୀପତ ସିଂଘାଣିଆ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଗ୍ରହଣ କରିଥିବା ପୂର୍ବତନ ପ୍ରଧାନ ଶିକ୍ଷକ ରବିନ୍ଦ୍ରନାଥ ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବଦ୍ରୀନାଥ ମହାପାତ୍ର ଓ ଅରୁଣ କୁମାର କର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ନୂତନ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଜେତା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବିଦ୍ୟାଳୟରେ ଜିଲ୍ଲାର ଏକମାତ୍ର ଏହି ବିଦ୍ୟାଳୟରେ ଓଡ଼ିଆ ହିନ୍ଦୀ ତେଲୁଗୁ ବିଦ୍ୟା ପ୍ରଦାନ କରାଯାଇଥାଏ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ କାହ୍ନୁ ଚରଣ ସାହୁ, ଲୋକନାଥ ମହାନ୍ତି, ପ୍ରତାପ ଜେନା, ଜିଡିଆର୍ ପଟ୍ଟନାୟକ, ବିନିତା ସିହ୍ନା, ସ୍ୱପ୍ନାରାଣୀ ମହାପାତ୍ର, ସୁନିତା ଭୋଲ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



କାଶୀପୁର,୨୩।୧୧(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର କୋର୍ଟ ପରିସରରେ ତାଲୁକା ଆଇନ ସେବା କମିଟି ପକ୍ଷରୁ ଶିଶୁ ଦିବସ ପାଳନ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାଶୀପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ୍ ତଥା କାଶୀପୁର ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ନର୍ମଦା କରଙ୍କ ଅଧ୍ୟକ୍ଷତାରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କାଶୀପୁର ବାର୍ ଆସୋସିଏସନର ସଭାପତି କହ୍ନେଇ ଲାଲ ଜୈନ, କୋଷାଧ୍ୟକ୍ଷ ଭଗବାନ ପାତ୍ର, ସହକାରୀ ସରକାରୀ ଓକିଲ ପ୍ରମୋଦ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଶବର, ଡେପୁଟି ଆଡମିନିଷ୍ଟ୍ରେଟର ଅଶ୍ୱୀନ ପ୍ରଧାନ, ବେଞ୍ଚ କିରାଣି ଦିବ୍ୟରଞ୍ଜନ ପଣ୍ଡା, ତାଲୁକା ଆଇନ ସେବା କମିଟି କର୍ମଚାରୀ ମୁକେଶ କୁମାର ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଅନେକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାଶୀପୁର କୋର୍ଟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ

ଅମ୍ବାଦଳା,୨୩।୧୧(ସମିସ): ଅମ୍ବାଦଳା ସ୍ଥାନୀୟ ସତ୍ୟସାଇ ସେବା ସମିତି ପକ୍ଷରୁ ମହାଆଡମ୍ବରରେ ପାଳିତ ହୋଇଯାଇଛି ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଉତ୍ସବ। ଏହି ଅବସରରେ ୮ ଦିନ ବ୍ୟାପି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସକାଳୁ ଓମ୍ କାର ମନ୍ତ୍ର, ସୁପ୍ରଭାତମ ଉଚ୍ଚାରଣ, ଭଜନ ଅନୁଷ୍ଠିତ ହୋଇଥିଲା। ମେଗା ସ୍ୱାସ୍ଥ୍ୟ ଶିବିରରେ ବହୁ ଦୂର ଦୁରାନ୍ତରୁ ଆସିଥିବା ରୋଗୀମାନଙ୍କୁ ନିଶୁଳ୍କ ରୋଗୀ ଚିକିତ୍ସା ସହ ଔଷଧ ପ୍ରଦାନ କରାଯାଇଥିଲା। ସେହିପରି ପ୍ରେମ ବନ୍ଧନମ ଭଳି ଅନେକ କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିଥିବା ବେଳେ ରବିବାର ୨୩ ତାରିଖ ଦିନ ବାବାଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସତ୍ୟ ସାଇ ସେବା ସମିତି ପରିସରରୁ ଏକ ଶୋଭାଯାତ୍ରା ବାହାରି ଅମ୍ବାଦଳା ସହର ପରିକ୍ରମା କରିଥିଲା। ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ଆଧ୍ୟାତ୍ମିକ କାର୍ଯର୍‌ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ଜନ୍ମ ଦିନରେ ମନ୍ଦିର ପରିସରରେ ୫ ହଜାର ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ସାଇବର ସୁରକ୍ଷା ସଚେତନତା



ବୈପାରୀଗୁଡ଼ା,୨୩।୧୧(ସମିସ): ବୈପାରୀଗୁଡ଼ା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଫ୍ରେଣ୍ଡସ ୟୁନିଟ କ୍ଲବ୍ ପକ୍ଷରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧ୍ୟକ୍ଷ ଶଶୀ ଭୂଷଣ ମହାପାତ୍ର, ଜାତୀୟ ଯୁବ ପୁରସ୍କୃତ ପ୍ରାପ୍ତ ଯୁବ ସମାଜସେବୀ ଏମ୍ ତେଜେଶ୍ୱର ରାଓ, ଫ୍ରେଣ୍ଡସ ୟୁନିଟ କ୍ଲବ୍ ସମ୍ପାଦକ ଧନପତି ନାୟକ, ଏନ୍. ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସଚେତନତା କରି ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟମ ଶ୍ରେଣୀର ଆଦ୍ୟାଶା ଜେନା ପ୍ରଥମ, ଷଷ୍ଠ ଶ୍ରେଣୀର ସୁବିଦ୍ୱାନ ପରିଡା ଦ୍ୱିତୀୟ, ସପ୍ତମ ଶ୍ରେଣୀ ସୁପ୍ରଜ୍ଞାନ ପରିଡା ତୃତୀୟ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରେଶ୍ମାରାଣୀ ପଲାଇ ପରିଚାଳନା କରିଥିଲେ। ଶିକ୍ଷକ ଦେବ କତଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସାଂସଦ ପ୍ରତିନିଧିଙ୍କ ଭାଷଣକୁ ନେଇ ଚର୍ଚ୍ଚା

ପାପଡାହାଣ୍ଡି,୨୩।୧୧(ସମିସ): ନବରଙ୍ଗପୁର ଜିଲ୍ଲାସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ପାପଡାହାଣ୍ଡି ବ୍ଲକ୍ ସଦର ମହୁକୁମା ସ୍ଥିତ ଦଳେଇଗୁଡ଼ା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କିନ୍ତୁ ସାଂସଦ ପ୍ରତିନିଧି ଏହି ମଞ୍ଚକୁ ରାଜନୈତିକ ମଞ୍ଚ ଭଳି ଭାଷଣ ଦେଇଥିଲେ। ରାଜ୍ୟ ରାଜନୀତିରୁ ଆରମ୍ଭ କରି ଦେଶ ରାଜନୀତି କଥା କହିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ଅନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା

ରାୟଗଡା,୨୩।୧୧(ସମିସ):

ରବିବାର ଜିଲ୍ଲା ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ସ୍ଥାନୀୟ ଜିଲ୍ଲା ଅଦାଲତ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରାୟଗଡ଼ା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର ଅଦାଲତ ପରିସରରେ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଚିତ୍ରାଙ୍କନ ପ୍ରତିଯୋଗିତାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସ ଅଦାଲତର ବିଚାରପତି ଶ୍ୱେତା ମିଶ୍ର, ମହିଳା କୋଟର ବିଚାରପତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ରାଣା ଘୋଷ, ସବ୍ ଜଜ୍ ଆଶିସ୍ ପଟ୍ଟନାଏକ, ଉପଖଣ୍ଡୀୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତି ବର୍ଷା ଦାସ, ଗ୍ରାମ ନ୍ୟାୟାଧିକାରୀ ଏସ୍‌ଆର ତୋସାଲି ଏବଂ ରାୟଗଡ଼ା ବାର ଆସୋସିଏସନର ଆଇନଜୀବୀ ଦେବରାଜ ନାଏକ ଓ ଅନ୍ୟ ଆଇନଜୀବୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ (ସରକାରୀ ଓ ବେସରକାରୀ) ସ୍କୁଲର ଛାତ୍ରଛାତ୍ରୀ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।




## ଖାଉଟି ଆଇନର ଖୋଲା ଉଲଂଘନ ଅଭିଯୋଗ

# ଚଢ଼ା ଦରରେ ଚାଲିଛି ମଦ ବିକ୍ରି; ବିଭାଗ ନିରବଦ୍ରଷ୍ଟା

ଏମଭି ୭୯(ସମିସ),୨୩।୧୧:



ଦରଠାରୁ ଅଧିକ ଦରରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଖୋଲା ଖୋଲି ଖାଉଟି ଆଇନର ଉଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ଧାର୍ଯ୍ୟ ଦର ଠାରୁ ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ। ସରକାରଙ୍କ ପ୍ରଣୟନ ଖାଉଟି ଆଇନ ଅନୁଯାୟୀ କୌଣସି ସାମଗ୍ରୀ ସେଥିରେ ଲେଖାଥିବା ଦରଠାରୁ ଅଧିକ ଦରରେ ଦୋକାନୀ ବିକ୍ରି କରିପାରିବେ ନାହିଁ। ତେବେ ଏହି ନିୟମକୁ ଫୁ କରି ଉଡ଼ାଇ ଦେଉଛି ଏମଭି ୭୯ରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ। ଏହି ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଧାର୍ଯ୍ୟ ଦରଠାରୁ ୩୦ ରୁ ୫୦ ଟଙ୍କା ଅଧିକ ନିଆଯାଉଥିବାବେଳେ ଏହାକୁ ବିରୋଧ କରିଲେ ଦୋକାନୀମାନେ ଲୋକମାନଙ୍କୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଜଣେ ଗ୍ରାହକ ଅଭିଯୋଗ କରିଛନ୍ତି। ମଦ ଦୋକାନର ମାଲିକଙ୍କ ନିର୍ଦ୍ଦେଶକ୍ରମେ ଅଧିକ ଦର ନେଉଥିବା ଦୋକାନର କର୍ମଚାରୀମାନେ କହିଛନ୍ତି। ଏନେଇ କାଲିମେଳା ଅବକାରୀ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ବେପାରୁଆ ଢଙ୍ଗରେ ଜିଲ୍ଲାବ୍ୟାପୀ ଚଢାଦରରେ ମଦ ବିକ୍ରି ହେଉଛି ବୋଲି ସ୍ୱୀକାର କରିବା ସହ ଏଭଳି ବେଆଇନ କାର୍ଯ୍ୟକୁ ନିଜର ସମର୍ଥନ ଜଣାଇଛନ୍ତି। ଏଥିସହ ଅଧିକ ଚଢା ଦରରେ ବିକ୍ରି କରାଯିବ ବୋଲି ଚାଲେଞ୍ଜ୍ ଭରା ଗଳାରେ କହିଛନ୍ତି। ଅନ୍ୟପଟେ ଏ ବାବଦରେ ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟଙ୍କୁ ଯୋଗାଯୋଗ କରିବାରୁ ସେ ନିର୍ଦ୍ଧାରିତ ଧାର୍ଯ୍ୟଠାରୁ ଅଧିକ ଦର ନିଆଯିବା ଆଇନ ବିରୋଧୀ, ଏଣୁ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମଦ ଦୋକାନୀଙ୍କ ଏପରି ଆଇନ ଉଲଂଘନ କାର୍ଯ୍ୟ ତାଙ୍କ ପକେଟକୁ ଅଧିକ ଲାଭ ଅର୍ଥ ଯୋଗାଉଛି ବୋଲି କୁହାଯାଇଛି। ଅନ୍ୟପଟେ ବ୍ୟବସାୟୀଙ୍କ ଚଢ଼ାଦରରେ ମଦ ବିକ୍ରିକୁ ଜଣେ ଅବକାରୀ ଅଧିକାରୀଙ୍କ ଏଭଳି ସମର୍ଥନ ଭରା ମନ୍ତବ୍ୟ ଅବକାରୀ ବିଭାଗର ବ୍ୟବସାୟୀଙ୍କ ପ୍ରତି ରହିଥିବା ପ୍ରୀତିକୁ ଦର୍ଶାଉଛି। ତେବେ ଏମଭି ୭୯ରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନର ମାଲିକଙ୍କ ଅନୁମତି କ୍ରମେ ଏପରି ଅଧିକ ଦରରେ ମଦ ବିକ୍ରି ହେଉଥିବା ଉକ୍ତ ମଦ ଦୋକାନର ମ୍ୟାନେଜର ସ୍ୱୀକାର କରିଥିବା ବେଳେ ଏହାପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସେମିଳିଗୁଡା ମହାବିଦ୍ୟାଳୟରେ ମାନସିକ ସୁସ୍ଥତା ଆଲୋଚନାଚକ୍ର




ସେମିଳିଗୁଡ଼ା,୨୩।୧୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟରେ ମାନସିକ ସୁସ୍ଥତା ଉପରେ ଆଲୋଚନାଚକ୍ର ଏବଂ ସେମିଳିଗୁଡା ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ମାନସିକ ସୁସ୍ଥତା ଉପରେ ଏକ ଆଲୋଚନାଚକ୍ର କରାଯାଇଛି। ଏହି ସଭାକୁ +୩ ମନସ୍ତତ୍ତ୍ୱ ବିଭାଗର ଦ୍ୱିତୀୟ ବର୍ଷ ଏବଂ ତୃତୀୟ ବର୍ଷ ଛାତ୍ରଛାତ୍ରୀମାନେ ଆୟୋଜନ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନସୀ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡେମୋନ୍‌ଷ୍ଟ୍ରେଟର ସୁକାନ୍ତ ପ୍ରଧାନ, ଅଧ୍ୟାପିକା ପିଙ୍କି ଜୈନ, ଆରତୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟାପିକା ପୂର୍ଣ୍ଣିମା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁମିତ୍ରା ଗିରି, ବିଶାଳ ନାୟକ, ରୋହିଣୀ ସିରିକା, ବିଜୟଲକ୍ଷ୍ମୀ ଦଳେଇ, ଆଲୋକ ମହାନ୍ତି ଏବଂ ଅନ୍ୟାନ୍ୟ କର୍ମଚାରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଟ୍ରେନ୍ ପରିଚାଳକଙ୍କ ସୁରକ୍ଷା ସେମିନାର

ରାୟଗଡ଼ା,୨୩।୧୧(ସମିସ): ପୂର୍ବତଟ ରେଳବାଇ ଅଧୀନସ୍ଥ ରାୟଗଡ଼ାର ସମସ୍ତ ଟ୍ରେନ୍ ପରିଚାଳକଙ୍କ ପାଇଁ ଶନିବାର ରାୟଗଡ଼ା ଲବିରେ ଏକ ସୁରକ୍ଷା ସେମିନାର ଆୟୋଜନ କରାଯାଇଥିଲା। ରାୟଗଡ଼ାର ଟ୍ରେନ୍ ପରିଚାଳକ ରବିନ୍ଦ୍ର କୁମାରଙ୍କ ନେତୃତ୍ୱରେ ଏହି ସେମିନାର ପରିଚାଳନା ହୋଇଥିଲା। ଏଥିରେ ଅଖିଳ ଭାରତୀୟ ଗାର୍ଡ ପରିଷଦର କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ନିଶଙ୍କ ଏବଂ ଜୋନାଲ ସଭାପତି, ଜୋନାଲ ସଚିବ ଏବଂ ସମସ୍ତ ଶାଖା ଦଳ ଉପସ୍ଥିତ ଥିଲେ। ଏହି ସେମିନାରରେ ମୁଖ୍ୟଅତିଥି ଏକେ ପାଢି, ଡିଟିଆଇ/ ଆରଜିଡିଏ, ଏସଏମଆର/ ଆରଜିଡିଏ ଏବଂ ଏସଏମଆର/ ଏସପିଆରଡି ଯୋଗଦେଇଥିଲେ।

୨୩/୧୧/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୪୪,୨୮୦/- ସୁନା: ୦୧.୬୦୦ ଗ୍ରାମ୍ ରୁପା: ୯୧.୮୦୦ ଗ୍ରାମ୍



‘ସକାଳ’ ସ୍ୱନକ୍ଷତ୍ର ବିତର୍କ ପ୍ରତିଯୋଗିତା

# କନିଷ୍ଠରେ ଶୁଭାଙ୍ଗୀ, ବରିଷ୍ଠରେ ରୋଜାଲିନ୍ ପ୍ରଥମ





ପୁରୀ,୨୩।୧୧(ସମିସ): ଦୈନିକ ଖବରକାଗଜ ‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରବିବାର ପୁରୀ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡ଼ାବଜାର, ପୁରୀର ନବମ ଶ୍ରେଣୀ ଛାତ୍ରୀ ଶୁଭାଙ୍ଗୀ ସାହୁ ଏବଂ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ରୋଜାଲିନ ରାଉତ ଯଥାକ୍ରମେ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ରବିବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରରେ ଏହି ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ (ଅଷ୍ଟମ, ନବମ ଓ ଦଶମ) ନେଇ ପ୍ରଥମେ କନିଷ୍ଠ ବର୍ଗରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଭିନ୍ନ ସରକାରୀ ଏବଂ ଘରୋଇ ବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବକ୍ତୃତାର ବିଷୟ ‘ବହିପଢା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? ଓ କମୁଛି କି ବହି ପ୍ରତି ଆକର୍ଷଣ? ଉପରେ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ୪ ମିନିଟ୍ ସମୟ ଦିଆଯାଇଥିଲା। ପ୍ରତ୍ୟେକ ପ୍ରତିଯୋଗୀ ପୁସ୍ତକ ପଠନର ଜରୁରୀ ଆବଶ୍ୟକତା ରହିଛି। ଏହା ସେମାନଙ୍କ ପାଇଁ ବୋଝ ନୁହେଁ। ବହି ପ୍ରତି ଆକର୍ଷଣକୁ ନେଇ ମିଶ୍ରିତ ପ୍ରତିକ୍ରିୟା ରଖିଥିଲେ। ଯେଉଁମାନଙ୍କର ବହି ପ୍ରତି ଆକର୍ଷଣ କମୁଛି ସେମାନେ ଗୁଗୁଲ୍‌ରୁ ତାହା ପଢି ପାରୁଛନ୍ତି ବୋଲି ମତ ରଖିଥିଲେ।

ମୋଟାମୋଟି ବହି ପଢିବା ସେମାନଙ୍କ ଉଜ୍ଜଳ ଭବିଷ୍ୟତ ଗଢିବାରେ ସହାୟକ ହୋଇଥାଏ ବୋଲି ଅଧିକାଂଶ ଛାତ୍ରଛାତ୍ରୀ କହିଥିଲେ। ଏଥିରେ ଘୋଡାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନବମ ଶ୍ରେଣୀ ଛାତ୍ରୀ ଶୁଭାଙ୍ଗୀ ସାହୁ ପ୍ରଥମ, ଚନ୍ଦ୍ରଶେଖର ଏକାଡେମୀର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରାଚୀ ପ୍ରଧାନ ଦ୍ୱିତୀୟ ଏବଂ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ (ଉତ୍କଳ ବାଳାଶ୍ରମ ଅନ୍ତେବାସୀ) ରୂପାଲି ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ବରିଷ୍ଠ ବର୍ଗ ପ୍ରତିଯୋଗିତାର ବିଷୟ ‘ଜେନ୍ ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା’? ଉପରେ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ୪ ମିନିଟ୍ ସମୟ ଦିଆଯାଇଥିଲା। ଏଥିରେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ରୋଜାଲିନ ରାଉତ ପ୍ରଥମ, ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ର ଆର୍ଯ୍ୟମାନ କର ଦ୍ୱିତୀୟ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ଯୁକ୍ତ ତିନି ଚତୁର୍ଥ ବର୍ଷ ଛାତ୍ରୀ ଅର୍ପିତା ପଟ୍ଟନାୟକ ତୃତୀୟ ସ୍ଥାନ ହାସଲ କରି ଟ୍ରଫି ଓ ମାନପତ୍ର ପାଇଛନ୍ତି। ଏତଦ୍‌ବ୍ୟତୀତ ସବୁ ପ୍ରତିଯୋଗୀଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ବିଚାରକ ଭାବେ ଶ୍ରୀସଦାଶିବ ପରିସରର ପ୍ରଫେସର ବିଶ୍ୱରଞ୍ଜନ ପତି, ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରଦ୍ୟୁତି ଦାଶ, ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, ବିଶିଷ୍ଟ ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ ପିଲାଙ୍କ ବୁଦ୍ଧିମତାକୁ ପରଖି ମାର୍କ ଦେଇଥିଲେ। ଏଥିସହ ପ୍ରତିଯୋଗୀମାନଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ।

ଏହି ଅବସରରେ ଅତିଥି ଏବଂ ବିଚାରକମାନଙ୍କୁ ‘ସକାଳ’ ପରିବାର ପକ୍ଷରୁ ଜିଲ୍ଲା ପ୍ରତିନିଧି ହେମନ୍ତ କୁମାର ନାୟକ, ‘ନନ୍ଦିଘୋଷ’ ଟିଭିର ବ୍ୟୁରୋଚିଫ୍ ସୌମିତ୍ର ହରିଚନ୍ଦନ, ରିପୋର୍ଟର ଶିବ ପ୍ରସାଦ ଦାସ, ସାଗର ମଲ୍ଲିକ, ଅନୀଲ ସାହୁ, ବିକାଶ ମହାନ୍ତି, ଅଜିତ କିଶୋର ସାହୁ ଉତ୍ତରୀୟ ଏବଂ ମେମୋଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏସନ ପୁରୀ ଜିଲ୍ଲା ବୈଠକ

ପୁରୀ,୨୩।୧୧(ସମିସ): ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପୁରୀ ଜିଲ୍ଲା କମିଟିର କାର୍ଯ୍ୟକାରିଣୀ ବୈଠକ ରବିବାର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କମିଟିର ପ୍ରତିନିଧି ତଥା ରାଜ୍ୟ ସଙ୍ଗଠନର ଉପଦେଷ୍ଟା ନଟବର ଆଚାର୍ଯ୍ୟ ଉପସ୍ଥିତ ରହି ସଙ୍ଗଠନର ଉନ୍ନତି ଓ ସୁପରିଚାଳନା ନିମନ୍ତେ ଦିଗ୍‌ଦର୍ଶନ ଦେଇଥିଲେ। ଆସନ୍ତା ଡିସେମ୍ବର ୧୦ ତାରିଖରେ ସାରା ରାଜ୍ୟର ଇପିଏଫ୍ ପେନ୍‌ସନଭୋଗୀ ବରିଷ୍ଠ ନାଗରିକମାନେ ସର୍ବନିମ୍ନ ପେନ୍‌ସନ ୯୦୦୦ ଟଙ୍କା, ମହଙ୍ଗା ଭତ୍ତା, ଚିକିତ୍ସା ସୁବିଧା ଇତ୍ୟାଦି ଦାବି ହାସଲ ପାଇଁ ଦିଲ୍ଲୀ ଯିବା ଆହ୍ୱାନକୁ ସ୍ୱାଗତ କରାଯାଇଥିଲା। ଜଣେ ପୂର୍ବତନ କର୍ମକର୍ତ୍ତା ତାଙ୍କ ନିକଟରେ ଥିବା ନଗଦ ତହବିଲ ଓ ଦାୟୀତ୍ୱ କମିଟିକୁ ହସ୍ତାନ୍ତର ନ କରି ଅନ୍ୟ ଗୋଟିଏ ସଙ୍ଗଠନ



ପରିଚାଳନା କରୁଥିବାରୁ ତାଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପାଇଁ ସ୍ଥିର କରାଯାଇଥିଲା ।ଏହାକୁ କାର୍ଯ୍ୟକାରୀ କରିବା ଲାଗି ସଭାପତି ଶ୍ରୀ ସାହୁ ଓ ସମ୍ପାଦକ ସଂଜିତ କୁମାର ମହାନ୍ତିଙ୍କୁ ସଭା ତରଫରୁ କ୍ଷମତା ଦିଆଗଲା। ଶେଷରେ ରାଜ୍ୟ ସଭାର ଉପଦେଷ୍ଟାଙ୍କୁ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

ଆଇଏମ୍‌ଟି ଫାର୍ମାସୀ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

## ‘ରୋଗ ନିରୂପଣ କ୍ଷେତ୍ରରେ ଏଲ୍‌ଟିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’




ପୁରୀ,୨୩।୧୧(ସମିସ): ସ୍ଥାନୀୟ ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜର ଆଲାଏଡ୍ ସାଇନ୍ସ ବିଭାଗ ଦ୍ୱାରା ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରେକ୍ଷାଳୟରେ ଆୟୋଜିତ ସଭାରେ ସଭାପତିତ୍ୱ କରି କଲେଜର ପ୍ରଶାସନିକ ନିର୍ଦ୍ଦେଶକ ମନୋଜ କୁମାର ରଥ ମେଡିକାଲ ଲ୍ୟାବ୍ ଟେକ୍ନୋଲୋଜି, ଶିକ୍ଷା ଓ ଆଲୋଚନାଚକ୍ରର ସାର୍ଥକତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଶୈକ୍ଷିକ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଆଲୋଚ୍ୟ ଶୀର୍ଷକ “ରୋଗ ନିରୂପଣ କ୍ଷେତ୍ରରେ ଲ୍ୟାବ୍ ଟେକ୍ନିସିଆନ୍(ଏଲ୍‌ଟି)ଙ୍କ ଭୂମିକା’ ସମ୍ବନ୍ଧରେ କହିଥିଲେ। ଅନୁଷ୍ଠାନର ଆଲାଏଡ୍ ସାଇନ୍ସ ବିଭାଗ ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ଦାଶ ଓ ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା ତଥା ବିତ୍ତୀୟ ନିର୍ଦ୍ଦେଶିକା ଦେବସ୍ମିତା ରଥ ଉପସ୍ଥିତ ଥିଲେ। ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଭାଗ ମୁଖ୍ୟ କମଳାକାନ୍ତ ଆଚାର୍ଯ୍ୟ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡିଲେନା ନାୟକ ପରିଚଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଶକ୍ତି ଶେଖର ଜେନା।

ଏହି ଆଲୋଚନାଚକ୍ରରେ ବୈଷୟିକ ଉପସ୍ଥାପନା ଦେଇଥିଲେ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ଅଧ୍ୟପିକା ଡା. ସନ୍ଧ୍ୟାରାଣୀ ସାହୁ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଡା. ଦେବଜ୍ୟୋତି ସାହୁ, ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଡା. ପଲ୍ଲବୀ ବଳିଆରସିଂ ଓ ସଦ୍‌ଗୁରୁ ଆଲାଏଡ୍ କଲେଜର ଡା. ପ୍ରିତିମୟୀ ବେହେରା। କାର୍ଯ୍ୟକ୍ରମରେ ଓଡିଶାର ଅନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ଯଥା ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ, ସାଲେପୁର ଫାର୍ମାସୀ କଲେଜ, ସିପିଏସ୍ କଲେଜ ପୁରୀ ଇତ୍ୟାଦିର ଛାତ୍ରଛାତ୍ରୀମାନେ ମଧ୍ୟ ନିଜ କୃତି ପୋଷ୍ଟର ମାଧ୍ୟମରେ ଉପସ୍ଥାପନା କରିଥିଲେ। ରୋଗ ନିରୁପଣ କ୍ଷେତ୍ରରେ ଏଲ୍‌ଟିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ଅଧ୍ୟାପକ ଅଭିଷେକ ପ୍ରଧାନ ଓ ସହଯୋଗ କରିଥିଲେ ଭବାନୀ ପ୍ରସାଦ ସାମନ୍ତରାୟ, ନିହାରିକା ଜେନା, ନିରଞ୍ଜନ ନାୟକ, ଆଦିତ୍ୟ ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ପୁରୀ,୨୩।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ଆଦେଶ ଅନୁଯାୟୀ ରବିବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମେତ ତାଲୁକ ଆଇନ ସେବା କମିଟି ତଥା ପିପିଲି, ନିମାପଡା, କୋଣାର୍କ ଓ କଣାସ ଠାରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଏହାକୁ ପରିଚାଳନା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୩୮୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଶ୍ରୀମତୀ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ପରିବାର ବିଚାର ବିଭାଗୀୟ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ଶୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲ୍ଲା ଜଜ୍ ଚିନ୍ମୟୀ ଦେହୁରୀ, ପୋକ୍ସୋ ଜଜ୍ ହୃଷୀକେଶ ସାହୁ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସୋଭେନ କାନୁନ୍‌ଗୋଙ୍କ ଉପସ୍ଥିତରେ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## ‘ସତ୍ କର୍ମ ଓ ସତ୍ ଆଚରଣ ମୋକ୍ଷର ମାର୍ଗକୁ ବାଟ କଢ଼ାଏ’



ପୁରୀ,୨୩।୧୧(ସମିସ): ସତ୍ କର୍ମ, ସତ୍ ପଥ ଓ ସତ୍ ଆଚରଣ ମୋକ୍ଷର ମାର୍ଗକୁ ବାଟ କଢାଇ ନିଏ। ଏହି ମାର୍ଗକୁ ପାଇବା କଠିନ ନୁହେଁ। ନମ୍ରତା, କଠିନ ଅଧ୍ୟବସାୟ ମୋକ୍ଷର ମାର୍ଗ ପ୍ରାପ୍ତିକୁ ସହଜ କରିଦିଏ। ଭଗବତ୍ ଧର୍ମ ଧାରଣାରେ ରହି ମୋକ୍ଷ ପ୍ରାପ୍ତି ହୁଏ।

ତୃତୀୟ ନିର୍ବାଣ ମହୋତ୍ସବ

ସର୍ବୋପରି ଶ୍ରୀକ୍ଷେତ୍ରର ରେଣୁର ଦର୍ଶନଠାରୁ ଆରମ୍ଭ କରି ନୀଳଚକ୍ର, ଶ୍ରୀଜଗନ୍ନାଥ, ମହୋଦଧିର ଦର୍ଶନ ସହିତ ଏହି କ୍ଷେତ୍ରର ଜଳ, ସ୍ଥଳ ଓ ଆକାଶରେ ମଧ୍ୟ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଦ୍ୱାନ ଓ ସାଧୁସନ୍ଥମାନେ ମତ ବ୍ୟକ୍ତ କରିଛନ୍ତି।, ପୁରୀର ମିଶନ ଓଡ଼ିଶା ସହାୟତାରେ ରବିବାର ନୂଆଦିଲ୍ଲୀର ସର୍ବପୁରାତନ ଓଡ଼ିଆ ସଙ୍ଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଆୟୋଜିତ ହୋଇଥିଲା ତୃତୀୟ ନିର୍ବାଣ ମହୋତ୍ସବ। ଏଥିରେ ବକ୍ତା ଭାବେ ଶ୍ରୀମନ୍ଦିରର କୁଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ କଥାମୃତ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ବିଶିଷ୍ଟ ବୈଷ୍ଣବ ସନ୍ଥ ବାବାଜୀ, ମହିପ୍ରକାଶ ମଠ ମହନ୍ତ ବାବାଜୀ ଶୁଭାନନ୍ଦ ପୁରୀ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ତଥା ସାହିତ୍ୟକ କୃଷ୍ଣକେଶବ ଷଡ଼ଙ୍ଗୀ ଏବଂ ଶ୍ରୀସଦାଶିବ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୫ଜଣ ଜଗନ୍ନାଥ ଚେତନାର ପ୍ରଚାରକ ଡ. ରାମଚରଣ ଦାସ ମହାରାଜ, ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଶ୍ରୀକାନ୍ତ ପରିଜା ଓ ଶୁଭାନନ୍ଦ ପୁରୀ ମହାରାଜଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମିଶନ ଓଡ଼ିଶାର ଉପଦେଷ୍ଟା ବଦ୍ରି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇପ୍ସା ପ୍ରତିବିମ୍ବିତା ଷଡ଼ଙ୍ଗୀ ଏବଂ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଭାବେ ସବ୍ୟସାଚୀ ସେନାପତି, ଲିପ୍ସା ପ୍ରିୟଦର୍ଶିନୀ, ଶିବରାମ ପ୍ରଧାନ, ଚପଳା ବସ୍ତିଆ, ସୂର୍ଯ୍ୟ ସାହୁ, ନିରଞ୍ଜନ ମହାପାତ୍ର, କେଦାରନାଥ ମହାପାତ୍ର, ଜୟନ୍ତୀ ମହାପାତ୍ର, ଆଲୋକ ପାଢ଼ୀ, ବଳରାମ ରଣା, ଆଶୁତୋଷ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

## ୨ ବାଇକ୍ ଓ ୬ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ପୁରୀ,୨୩।୧୧(ସମିସ): ମହାପ୍ରଭୁଙ୍କ ଦର୍ଶନ ସାରି ବଡ଼ଦାଣ୍ଡରେ ଯାଉଥିବା ଜଣେ ଭକ୍ତଙ୍କ ମୋବାଇଲ ଫୋନ୍ ଲୁଟ୍ କରିବା ମହଙ୍ଗା ପଡିଛି। ସିଂହଦ୍ୱାର ଥାନା ପୁଲିସ ଖୋଳତାଡ଼ କରିବା ପରେ ଅଭିଯୁକ୍ତକୁ ଗିରଫ କରିବା ସହ ତା’ ନିକଟରୁ ୬ଟି ମୋବାଇଲ ଫୋନ ଏବଂ ଦୁଇଟି ବାଇକ୍ ଜବତ କରିଛି। ଅଭିଯୁକ୍ତ ହେଲେ ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ବଡ଼ ଭୋଇସାହିର ଛବି ଭୋଇ। ଗତ ଶୁକ୍ରବାର ରାତି ପ୍ରାୟ ୧୨ଟା ୫୦ରେ ଯାଜପୁର କୋରେଇର ଜିତେନ୍ଦ୍ର କୁମାର ମୁଦୁଲି ଓ ତାଙ୍କ ସାଙ୍ଗ ବାପୁଜୀ ସ୍ୱାଇଁ ଦର୍ଶନ ସାରି ବଡ଼ଦାଣ୍ଡରେ ଫେରୁଥିଲେ। ଅଭିଯୁକ୍ତ ବାଇକ୍‌ରେ ଆସି ପଛପଟୁ ଧକ୍କା ଦେଇ ଜିତେନ୍ଦ୍ରଙ୍କ ମୋବାଇଲ ଫୋନ ଛଡାଇ ନେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ଜିତେନ୍ଦ୍ର ସିଂହଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୨୧୯/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

## ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିଅନଶିପ୍ ଖେଳାଳି ଚୟନ



ପୁରୀ,୨୩।୧୧(ସମିସ): ପୁରୀ ଜିଲ୍ଲା ସଫ୍ଟବଲ ଆସୋସିଏଶନ ଆନୁକୂଲ୍ୟରେ ୨୪ ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ରବିବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବରେ ଖେଳୁଥିବା ୪୦ ଜଣ ପୁରୁଷ ଏବଂ ୩୨ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଚୟନକର୍ତ୍ତାଙ୍କ ଦ୍ୱାରା ୧୫ ଜଣ ପୁରୁଷ ଓ ୧୫ ଜଣ ମହିଳାଙ୍କୁ ଚୟନ କରାଯାଇଛି। ଏମାନେ ଆସନ୍ତା ୨୪ତମ ସିନିୟର ଷ୍ଟେଟ ସଫ୍ଟବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଜିଲ୍ଲା ସଫ୍ଟବଲ ସମ୍ପାଦକ ରଞ୍ଜନ କୁମାର ରଥ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମଣ ଆଚାରୀ, ଗୋପୀନାଥ ମହାସୁଆର, ଲକ୍ଷ୍ମୀପ୍ରିୟା ସେଠୀ, ପିପନ ମହାପାତ୍ର, ରାଜେନ୍ଦ୍ର ନାୟକ, ଅମୀୟ ନାୟକ, ନିରଞ୍ଜନ ମିଶ୍ର, ଲକ୍ଷ୍ମୀ ନାରାୟଣ ପୃଷ୍ଟି ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଜିଲ୍ଲା ସ୍କୁଲରେ କବାଡ଼ି ଲିଗ୍ ଉଦ୍‌ଘାଟିତ

ପୁରୀ,୨୩।୧୧(ସମିସ): ନୀତା ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କବାଡ଼ି ଲିଗ୍ ୨୦୨୫ ପୁରୀ ଜିଲ୍ଲା ସ୍କୁଲ ସ୍ପୋର୍ଟ୍ସ ଜୋନ ଓ ପୁରୀ ଜିଲ୍ଲା ଆଥେଲେଟିକ ଆସୋସିଏସନ ସହଭାଗିତାରେ ଜିଲ୍ଲା ସ୍କୁଲ ଖେଳ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ,



ସମ୍ମାନିତ ଅତିଥି ଭାବେ ସମାଜସେବୀ ରାଜକିଶୋର ପାତ୍ର, ଆଇନଜୀବୀ ରାମପ୍ରସାଦ ଦାସ, ଆମ୍ ରଞ୍ଜନ ମହାନ୍ତି, ଶରତ କୁମାର ରାୟଗୁରୁ, ଭଗବାନ ପଢ଼ିଆରୀ, ଦୀପକ କୁମାର ଦାସ, ଅମରେନ୍ଦ୍ର ପାଇକରାୟ, ପୂର୍ଣ୍ଣ ଚନ୍ଦ୍ର ଦାସ, ଇଂ. ସୁବ୍ରତ ଦାସ, ଅଭିଷେକ ପଣ୍ଡା, ସତ୍ୟବ୍ରତ ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ପୁରୀ ସହରରେ ପ୍ରଥମଥର ପାଇଁ ନିତା ଏକାଡେମୀର ଏଭଳି ପ୍ରୟାସକୁ ସମସ୍ତ ଅତିଥି ପ୍ରଶଂସା କରିଥିଲେ। ଏହାପରେ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୮ ଦିନ ଧରି ଜିଲ୍ଲା ସ୍କୁଲ ପଡିଆରେ ଖେଳାଯିବାକୁ ଥିବା କବାଡି ମ୍ୟାଚ୍‌ରେ ପୁରୀ ଜିଲ୍ଲାର ସମସ୍ତ ବ୍ଲକରୁ କ୍ରୀଡାବିତମାନଙ୍କୁ ଚୟନ କରି ୪ଟି ପୁରୁଷ ଓ ୪ଟି ମହିଳା ଦଳରେ ବିଭକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସଂଘ ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ଆଇନଜୀବୀ ସର୍ବାଣି ଦାସ ପରିଚାଳନା କରିଛନ୍ତି।

## ଘରକୁ ଫେରିଲେ ଶ୍ରୀକ୍ଷେତ୍ରରେ ହଜିଯାଇଥିବା କର୍ଣ୍ଣାଟକ ଶ୍ରଦ୍ଧାଳୁ

ପୁରୀ,୨୩।୧୧(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ହେଲେ ସହଯାତ୍ରୀଙ୍କଠାରୁ ସେ ଅଲଗା ହୋଇଯାଇଥିଲେ। ପୁରୀ ପୁଲିସର ଉଦ୍ୟମ ଯୋଗୁ ସେ ତାଙ୍କ ପରିବାରକୁ ଫେରିଯାଇଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି କର୍ଣ୍ଣାଟକର ୭୦ ବର୍ଷୀୟ ନାଡିକେରାୟା। ରବିବାର ତାଙ୍କ ପୁଅ ଆସି ବାପାଙ୍କୁ ସାଥୀରେ ନେଇ ଯାଇଛନ୍ତି।

ଘଟଣା ଥିଲା ଏମିତି। ଶନିବାର ସନ୍ଧ୍ୟା ସନ୍ଧ୍ୟା ସମୟରେ ରାମଚଣ୍ଡୀ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ସେହି ବ୍ୟକ୍ତି ଜଣଙ୍କ କନ୍ନଡ ଭାଷାରେ କଥା କହୁଥିବାରୁ ତାଙ୍କର ନିର୍ଦ୍ଦିଷ୍ଟ ପରିଚୟ ତତ୍‌କ୍ଷଣାତ ଜଣାପଡ଼ି ନ ଥିଲା। ଏ ନେଇ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡା ଏସ୍‌ପି ପ୍ରତୀକ୍ ସିଂଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ଏସ୍‌ପି ଶ୍ରୀ ସିଂ ଜଣେ ଟ୍ରାନ୍ସଲେଟରଙ୍କୁ ଯୋଗାଯୋଗ କରାଇ ସମସ୍ତ ତଥ୍ୟ ଜଣେଇବାକୁ ନିର୍ଦ୍ଦେଶ ଦେଇଥିଲେ। ରାମଚଣ୍ଡୀ ଥାନା ପୁଲିସ ସଠିକ ପରିଚୟ ଯାଞ୍ଚ ପାଇଁ ପଦକ୍ଷେପ ଗ୍ରହଣ କରିଥିଲା। ତାଙ୍କ ନାମ ଲେଡକେରିଆ, ପିତା: ଆପେଲ ଲେଡକେରିଆ, ଗ୍ରାମ: ଏମ୍‌ଜି. ରେଲୱେ କଲୋନୀ, ଥାନା: ମାଜେଷ୍ଟିକ, ଜିଲ୍ଲା ବାଙ୍ଗାଲୁର, କର୍ଣ୍ଣାଟକ ବୋଲି ଜଣାପଡ଼ିଲା। ରାତ୍ରିଯାପନର ବ୍ୟବସ୍ଥା କରି ତାଙ୍କୁ ସେଲ୍‌ଟରରେ ଛଡ଼ାଯାଇଥିଲା। ପରବର୍ତ୍ତୀ



ଯାଞ୍ଚରୁ ଜଣାପଡ଼ିଥିଲା ଯେ, ତାଙ୍କର ସଠିକ ନାମ ନାଡିକେରାୟା। ୭୦ ଜଣ ସହଯାତ୍ରୀଙ୍କ ସହ ସେ ୫ ଦିନ ପୂର୍ବେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ କରିସାରିବା ପରେ ସେ ତାଙ୍କ ସହଯାତ୍ରୀଙ୍କଠାରୁ ଅଲଗା ହୋଇ ରହିଯାଇଥିଲେ। ସହଯାତ୍ରୀ ଖୋଜାଖୋଜି କରି ନ ପାଇବା ପରେ ପୁରୀ ଛାଡିଥିଲେ, କିନ୍ତୁ କୌଣସି ଥାନାରେ ମିସିଂ ରିପୋର୍ଟ ଦାଖଲ ହୋଇ ନ ଥିଲା। ତେବେ ପରିଚୟ ଜଣାପଡିବା ପରେ ତାଙ୍କ ପରିବାରକୁ ଅବଗତ କରାଯାଇଥିଲା। ସୂଚନା ପାଇ ତାଙ୍କ ପୁଅ ବେଙ୍ଗାଲୁରରୁ ବିମାନ ଯୋଗେ ରବିବାର ଭୁବନେଶ୍ୱର ଆସି ପୁରୀରେ ପହଞ୍ଚିଥିଲେ। ଯାଞ୍ଚ ପରେ ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ ସଙ୍ଗେ ଛଡ଼ାଯାଇଛି। ଏଥିପାଇଁ ସେ ପୁରୀ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

## 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ବିତର୍କ

# ବରିଷ୍ଠରେ ସାଗର, କନିଷ୍ଠରେ ପ୍ରୀତିମୟୀ ପ୍ରଥମ





ନୟାଗଡ଼,୨୩।୧୧(ସମିସ)

ଦୈନିକ ଖବରକାଗଜ 'ସକାଳ' ୫ମ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇ ବିତର୍କରେ ଅଂଶ ଗ୍ରହଣ କରିଥିଲେ। ନୟାଗଡ଼ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ତତ୍ତ୍ୱିକ ଓ ମାର୍ମିକ ଆଲୋଚନା ରଖୁଥିବା ବେଳେ ବରିଷ୍ଠ ବର୍ଗରେ ସାଗର ବେହେରା ଓ କନିଷ୍ଠ ବର୍ଗରେ ପ୍ରୀତିମୟୀ ସାହୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ବରିଷ୍ଠ ବର୍ଗରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିବା ବେଳେ ରାଜସୁନାଖଳା ଡିଆଇଇଟି ଛାତ୍ର ସାଗର ବେହେରା ପ୍ରଥମ,





ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ଶୁଭାଶିଷ ଦାଶ ଦ୍ୱିତୀୟ, ୟୁନିଟେକ୍ ମହାବିଦ୍ୟାଳୟ ଛାତ୍ର ବିଶ୍ୱକଲ୍ୟାଣ ତ୍ରିପାଠୀ ତୃତୀୟ ସ୍ଥାନ ପାଇଛନ୍ତି। ସେହିଭଳି ଭାବେ କନିଷ୍ଠ ବର୍ଗରେ ଖଳିସାହି ଏସଏନଡି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରୀତିମୟୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପଲ୍ଲବୀ ପ୍ରିୟଦର୍ଶିନୀ ଦ୍ୱିତୀୟ ସ୍ଥାନ ଏବଂ ଉକ୍ତ ବିଦ୍ୟାଳୟ ଛାତ୍ର ଜ୍ଞାନରଞ୍ଜନ ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆୟୋଜିତ ବିତର୍କ ପ୍ରତିଯୋଗିତାରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଯୁବ ସାମ୍ବାଦିକ ଜଗନ୍ନାଥ ବେହେରା, ବୋଲଗଡ଼ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ତଥା କବି ଶୁଭ୍ରାଂଶୁ ବିଶ୍ୱାଳ, କବି ଗୋପୀନାଥ ସେଠୀ, କବି ତଥା ଶିକ୍ଷୟିତ୍ରୀ ଶ୍ରାବଣୀ ନାଥ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନନ୍ଦିଘୋଷ ଟିଭି ସାମ୍ବାଦିକ ଚିତ୍ତରଞ୍ଜନ ପାଣ୍ଡା, ସକାଳ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଜନ୍ମେଜୟ ଦଳେଇ, ସାମ୍ବାଦିକ ନିହାର ପଟ୍ଟନାୟକ, ବିଶ୍ୱଜିତ ନାୟକ, ବିଭୂତି ଭୂଷଣ ସ୍ୱାଇଁ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

## ମିଜୋରାମରେ ସଡ଼କ ଦୁର୍ଘଟଣା; ଯୁବକ ମୃତ

ଓଡ଼ଗାଁ,୨୩।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗାଁ ପାଇକରାୟ ସାହିର ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ସାନପୁଅ ଅବିନାଶ ତ୍ରିପାଠୀଙ୍କ ମିଜୋରାମରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ଜନ୍ମ ମାଟି କୁରାଳ ଗାଁରେ ଶୋକର ଛାୟା ଖେଳିଯାଇଛି। ଅବିନାଶ କୋଲକାତାରେ ଇଣ୍ଡିଗୋ ଏୟାର ଲାଇନସରେ କାମ କରୁଥିବା ବେଳେ ମିଜୋରାମ ବୁଲିବାକୁ ଯାଇଥିଲେ। ସେଠାରୁ ଏକ ବାଇକ୍ ଭଡ଼ାରେ ନେଇ ବୁଲାବୁଲି କରୁଥିବା ବେଳେ ଶନିବାର ରାତି ୯ଟା ବେଳେ ଦୁର୍ଘଟଣା ଘଟିଥିଲା। ସାଙ୍ଗରେ ଯାଇଥିବା ସହକର୍ମୀ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ସମୟରେ ଅବିନାଶଙ୍କ ବାପା ବିଷ୍ଣୁ ପ୍ରସାଦ ଓ ମା ଏବଂ ପରିବାର ଭାଙ୍ଗି ପଡିଥିବା ବେଳେ ଗ୍ରାମବାସୀ ଓ ବନ୍ଧୁ ବର୍ଗ ପାଖରେ ପହଞ୍ଚି ଧୈର୍ଯ୍ୟ ପ୍ରଦାନ କରୁଛନ୍ତି ସୂଚନା ଅନୁସାରେ ପୁରୀ ସ୍ୱର୍ଗ ଦ୍ୱାରରେ ଅବିନାଶଙ୍କ ଶବ ସତ୍କାର କରାଯିବ।

## ପୂର୍ବଶତ୍ରୁତାରୁ ଫୁଟିଲା ବୋମା; ପୁଲିସର ଛାନ୍‌ଭିନ୍

ଓଡ଼ଗାଁ,୨୩।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପାଣ୍ଡେରିପଡ଼ା ପଞ୍ଚାୟତ ମଦନପୁର ଗାଁମରେ ଶନିବାର ରାତିର ବୋମାମାଡ଼ ହୋଇଛି। ଏ ନେଇ ଓଡ଼ଗାଁ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅପରାଧୀକୁ ଧରିବା ପାଇଁ ସାଇଣ୍ଟିଫିକ୍ ଟିମର ସହାୟତାରେ ଏହାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଘଟଣାରେ ସମ୍ପୃକ୍ତ ପ୍ରକୃତ ଅଭିଯୁକ୍ତର ପରିଚୟ ମିଳିବାପରେ ତଦନୁଯାୟୀ ଓଡ଼ଗାଁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି। ଅଭିଯୋଗ ଅନୁସାରେ ଶନିବାର ରାତି ୯ ସମୟରେ ମଦନପୁର ଗାଁର ସୁଧାଂଶୁ ବେହେରା ତାଙ୍କ ପରିବାର ସହିତ ଏକାଠି ବସି ରାତି ଭୋଜନ କରୁଥିବା ସମୟରେ ଦାଣ୍ଡରେ ଏକ ବୋମା ଫୁଟିଥିଲା। ଶବ୍ଦଶୁଣି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ସୁଧାଂଶୁ ସତର୍କତାର ସହିତ ଯାଇ ଦେଖିଲା ବେଳକୁ ଝରକା କାଚ ଓ ଘରର କିଛି ଅଂଶ ଭାଙ୍ଗି ତଳେ ପଡ଼ିଥିଲା। ଦାଣ୍ଡକୁ ଆସି ଦେଖିଲା ବେଳକୁ ୩ ଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଘଟଣାସ୍ଥଳରୁ ଚାଲିଯାଉଥିଲେ। ଏନେଇ ପୂର୍ବ ଶତ୍ରୁତା ରଖୁଆସିଥିବା ସେହି ଗାଁର ୨ ଜଣଙ୍କ ନାମରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ୩୬୧/୨୫ ରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ରବି ରାତିରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଘଟଣାସ୍ଥଳରେ ଜଗି ରହିଥିଲେ। ରବିବାର ସାଇଣ୍ଟିଫିକ୍ ଦଳ ଆସି ସିସିଟିଭି ଫୁଟେଜ୍ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ ତଦନ୍ତ କରିଥିଲେ।

## ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର




ଓଡ଼ଗାଁ,୨୩।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ ୟୁନିଟ୍ ଦ୍ୱାରା ଆୟୋଜିତ ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟି ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ୨୦୨୫ ଶୁକ୍ରବାର ଉଦ୍‌ଘାଟନ ହୋଇଥିଲା। ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୁପେ ରମେଶ ଚନ୍ଦ୍ର ବେହେରା, ୟୋଥ୍ ରେଡକ୍ରସ ହାୟର ଏଜୁକେଶନ ଡେପୁଟି ସେକ୍ରେଟାରୀ, ସମ୍ମାନିତ ଅତିଥି ଗୋପାଳ ମିଶ୍ର, ୱାଇଆର୍‌ସି ଷ୍ଟେଟ କୋର୍ଡିନେଟର, ବିପିନ କୁମାର ପଟ୍ଟନାୟକ, ଓ୍ୱାଇଆରସି ଚେୟାରମ୍ୟାନ ନୟାଗଡ଼, ନୟାଗଡ଼ ଜିଲ୍ଲା କୋଡିନେଟର ନିରଜ ପ୍ରଧାନ, କନଭେନର ସେକ୍ରେଟାରୀ ନାରାୟଣ ହୋତା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ୨ୟ ଦିବସରେ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ରାଜ କିଶୋର ସାହୁଙ୍କ ସଭାପତିତ୍ୱରେ ପରିଚିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ରେଡକ୍ରସ ଉପସଭାପତି ପଦ୍ମଶ୍ରୀ ସାବରମତୀ ଯୋଗଦେଇ ନାରୀ ସଶକ୍ତୀକରଣ ସମ୍ପର୍କିତ ଆଲୋଚନା କରିଥିଲେ। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଦିଲ୍ଲୀପ କୁମାର ମିଶ୍ର ଯୋଗ ଦେଇ ଯୁବ ଶକ୍ତିର ପ୍ରଶଂସା କରିଥିଲେ। ତୃତୀୟ ଦିବସ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏକ ସଚେତନତା ରାଲି ଓଡ଼ଗାଁ ରଘୁନାଥଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିଥିଲା। ପଦଯାତ୍ରା ସମୟରେ ସଡ଼କ ସୁରକ୍ଷା, ନାରୀ ସଚେତନ, ରକ୍ତଦାନ ପରି ଅନେକ ସଚେତନତା ସ୍ଲୋଗାନ ଦିଆଯାଇଥିଲା। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଶିବିରାର୍ଥୀମାନଙ୍କ ଉପସ୍ଥିତିରେ ଧ୍ୱଜା ଅବତରଣ କରାଯାଇଥିଲା।

## ୭୮ ତମ ଏନ୍‌ସିସି ଦିବସ ପାଳିତ

ଓଡଗାଁ,୨୩।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ବିଦ୍ୟାପୀଠ ଠାରେ ରବିବାର ୭୮ ତମ ଏନସିସି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ ସକାଳେ ଏନସିସି ପତାକା ଉତ୍ତୋଳନ କରିବା ସହ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆଜିର ଜଟିଳ ସମୟରେ କ୍ୟାଡେଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚାଇଥିଲେ। ଶପଥ ପାଠପରେ ପୂର୍ବରୁ କ୍ୟାଡେଟଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜଳପାନ ବିରତି ପରେ ୫୦ ଜଣ କ୍ୟାଡେଟଙ୍କ ସହ ପଥ ପ୍ରଦର୍ଶକ ଏନସିସି ଅଧିକାରୀ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ସାଇକେଲରେ ୮ କିମି ଦୂର ଯାଇ କୁରାଳ ପଞ୍ଚୁ ତୁଳସୀ ସଂଗ୍ରହାଳୟ ବୁଲି ଦେଖିବା ସହିତ କୁରାଳ ସରକାରୀ ଡାକ୍ତରଖାନା ପରିସର ସଫେଇ କରିଥିଲେ। ଡାକ୍ତରଖାନାର କର୍ମଚାରୀ ଏବଂ ସଂଗ୍ରହାଳୟର ତତ୍ତ୍ୱବଧାରକ ଶିବ ପ୍ରସାଦ ଖଟେଇଙ୍କ ଆତିଥ୍ୟତା ଗ୍ରହଣ ପରେ ସମସ୍ତେ ପୁଣି ସାଇକେଲରେ ଫେରିଥିଲେ। ଏହା ଏକ ଆନନ୍ଦଦାୟକ ଅନୁଭୂତି ଥିଲା ବୋଲି କ୍ୟାଡେଟ ମାନେ ମତ ବ୍ୟକ୍ତ କରିଥିଲେ।


## ପାରିବାରିକ ବିବାଦ

# ଯୁବକଙ୍କୁ ପିଟିପିଟି ହତ୍ୟା; ୧ ଗିରଫ



ନୟାଗଡ଼,୨୩।୧୧(ସମିସ): ନୟାଗଡ଼ ଟାଉନଥାନ ଅନ୍ତର୍ଗତ ଘଡୁଆଳ ପଞ୍ଚାୟତ ବୃନ୍ଦାବନପୁର ଗାଁରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଛି। ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ମୃତକ ହେଲେ ପିଣ୍ଟୁ ମାଝୀ। ସୂଚନାନୁସାରେ, ଉକ୍ତ ଗ୍ରାମର ଯୁଗଳ ପରିଡ଼ା ଏବଂ କୈଳାଶ ମାଝୀଙ୍କ ପରିବାର ସମ୍ପର୍କୀୟ। ଯୁଗଳ ପରିଡ଼ା ସ୍ତ୍ରୀ ସଞ୍ଜୁ ପରିଡ଼ା କୈଳାଶଙ୍କ ଭଉଣୀ। ଯୁଗଳଙ୍କ ପରିବାର ଓ କୈଳାଶଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବାଦ ବିବାଦ ଓ ଗଣ୍ଡଗୋଳ ପରିସ୍ଥିତି ଲାଗି ରହିଥିଲା। ଏହା ପଛରେ ଅନେକ କାରଣ ରହିଥିବା ବେଳେ ମୁଖ୍ୟ କାରଣ ପିଣ୍ଟୁଙ୍କ ବିବାହ ରହିଥିଲା। କୈଳାଶଙ୍କ ଭଣଜା ତଥା ଯୁଗଳଙ୍କ ପୁଅ ଜାଗୁଲି ଯେଉଁ ଝିଅକୁ ଦ୍ୱିତୀୟ ବିବାହ କରିବା ପାଇଁ ପ୍ରସ୍ତାବ ପଡ଼ିଥିଲା, ସେହି ଝିଅକୁ ପିଣ୍ଟୁ ବିବାହ କରିଥିଲେ। ଜାଗୁଲି ପ୍ରଥମ ପତ୍ନୀ ପୋଡ଼ି ହୋଇ ମୃତ୍ୟୁ ବରଣ କରିଥିଲେ। ଯେଉଁ କାରଣରୁ ଝିଅ ଘର ପରିବାର ବିବାହ ପାଇଁ ରାଜି ନହୋଇ ପିଣ୍ଟୁଙ୍କ ସହ ବିବାହ କରିଥିଲେ। ଏହି ରାଗରେ ବାରମ୍ବାର ଦୁଇ ପରିବାର ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଯାହାକୁ ନେଇ ପିଣ୍ଟୁ ପ୍ରଥମେ ଜାଗୁଲିଙ୍କ ଘର ସାମ୍ନାରେ ପାଟିତୁଣ୍ଡ କରି ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଗତକାଲି ରାତିରେ ଜାଗୁଲି, ତାଙ୍କ ବାପା ଯୁଗଳ ଓ ମାଆ ସଞ୍ଜୁ କୈଳାସଙ୍କ ଘର ସାମ୍ନା ମାରଣାସ୍ତ୍ର ଧରି ଆସି ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବଚସା ଚାଲିଥିବା ବେଳେ ଜାଗୁଲି ପ୍ରଥମେ ଆକ୍ରମଣ କରିଥିଲେ। ଲୁହା ରଡ଼, ଠେଙ୍ଗା ସାହାର୍ଯ୍ୟରେ ହୋଇଥିବା ଆକ୍ରମଣରେ ପିଣ୍ଟୁଙ୍କ ମୃତ୍ୟୁ ଘଟିଛି। କୈଳାଶ ଏବଂ ତାଙ୍କ ପତ୍ନୀ ମାଳତୀ ମାଝୀ ଗୁରୁତର ଆହାତ ହୋଇଛନ୍ତି। ପିଣ୍ଟୁଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏହାକୁ ନେଇ ମାଳତୀ ନୟାଗଡ଼ ଟାଉନଥାନାରେ ଅଭିଯୋଗ କରିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ପିଣ୍ଟୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ହସ୍ତାନ୍ତର କରାଯାଇଛି। ହତ୍ୟାକାଣ୍ଡ ସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ନେଇ ନୟାଗଡ଼ ଟାଉନଥାନା ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନ ତଦନ୍ତ କରିଥିବା ସୂଚନା ମିଳିଛି। ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ସଞ୍ଜୁ ପରିଡ଼ାଙ୍କୁ ପୁଲିସ ଗିରଫ କରିଥିବା ବେଳେ ଯୁଗଳ ପରିଡ଼ା ଏବଂ ତାଙ୍କ ଜାଗୁଲି ନିଖୋଜ ଥିବା ଏସ୍ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

## ଜଙ୍ଗଲ ପାଲଟିଛି ଭରତସାନ୍ତରା ପୋଖରୀ



କଣ୍ଟିଲୋ,୨୩।୧୧(ସମିସ): କଣ୍ଟିଲୋ ଗ୍ରାମ ପଞ୍ଚାୟତ ସନ୍ନିକଟ ଭରତ ସାନ୍ତରା ପୋଖରୀ ପରିତ୍ୟକ୍ତ ପାଲଟିବା ସହିତ ଚତୁଃପାଶ୍ୱର୍ ହୁଡା ଏବେ ଜଙ୍ଗଲରେ ପରିଣତ ହୋଇଛି। ଏକ ସମୟରେ ଅତ୍ୟନ୍ତ ସ୍ୱଚ୍ଛ ପାଣି ସଂରକ୍ଷଣ ହୋଇ ରହୁଥିବା ଏହି ପୁରାତନ ପୁଷ୍କରିଣୀ ଦେବୋତ୍ତର ପରିଚାଳନାଧୀନ ଥିବାବେଳେ ବର୍ଷ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯାଇନାହିଁ। ଫଳରେ ଏହାର ଜଳ ପ୍ରଦୂଷିତ ହୋଇପଡିଛି। ଯେତେବେଳେ ମହାନଦୀ ରେ ବଢ଼ି ଆସିଥାଏ ଏବଂ ପାଣି ଗୋଳିଆ ଥାଏ ସେତେବେଳେ ଏହି ପୋଖରୀ ରେ କାଚ କେନ୍ଦୁ ଭଳି ସ୍ୱଚ୍ଛ ପାଣି ରହିଥାଏ ଓ ଜନସାଧାରଣ ବହୁଳ ବ୍ୟବହାର କରିଥାନ୍ତି। ଏତଦ ବ୍ୟତୀତ ପୋଖରୀ ସମ୍ମୁଖ ରେ ଏକ ପ୍ରାଥମିକ ସ୍କୁଲ ଥିବା ବେଳେ ସେଠାରେ ପ୍ରସ୍ତୁତ ହେଉଥିବା ମଧ୍ୟାହ୍ନ ଭୋଜନ ପାଇଁ ମଧ୍ୟ ଏହାର ଜଳକୁ ବ୍ୟବହାର କରାଯାଉଥିଲା, ଏହା ସହିତ ଜାତୀୟ ରାଜପଥ ର ପାଶ୍ୱର୍?ରେ ପୋଖରୀ ଟି ରହିଥିବାରୁ ଅନେକ ପଥିକ ମଧ୍ୟ ଏହାର ଜଳକୁ ବ୍ୟବହାର କରୁଥିଲେ ବର୍ତ୍ତମାନ ପୋଖରୀ ଚାରିପାଖ ହୁଡା ରାସ୍ତା ସମେତ ତୁଠ ରାସ୍ତାରେ ଅନାବନା ବୃକ୍ଷ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏପରିକି ପୋଖରୀ ମଧ୍ୟ କୁ ଯିବା କଷ୍ଟକର ହୋଇପଡିଛି। ଏଭଳି ଦୟନୀୟ, ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲେ ମଧ ଦେବୋତ୍ତର ବିଭାଗ କିମ୍ବା ବ୍ଲକ ପ୍ରଶାସନ ଉକ୍ତ ପୋଖରୀ ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

## ଖଣ୍ଡପଡ଼ା ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



ଖଣ୍ଡପଡ଼ା,୨୩।୧୧(ସମିସ): ଖଣ୍ଡପଡ଼ା ବ୍ଲକ୍ ମର୍ଦ୍ଦରାଜପୁର ଗ୍ରାମର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ବ୍ଲକ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସଭାପତି ସନାତନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଓଷ୍ଟା ନୟାଗଡ଼ ଜିଲ୍ଲାର ପ୍ରାକ୍ତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ଓଷ୍ଟାର ଜିଲ୍ଲା ସଭାପତି ଅଯୋଧ୍ୟା ନାଥ ନାୟକ, ଜିଲ୍ଲା ସମ୍ପାଦକ ମାନସ ସାହୁ, ଖଣ୍ଡପଡ଼ା ବ୍ଲକ୍ ଓଷ୍ଟାର ପ୍ରାକ୍ତନ ସଭାନେତ୍ରୀ ସୁପ୍ରଭା ଦେଇ, ଖଣ୍ଡପଡ଼ା ବ୍ଲକ୍ ଉପ ସଭାପତି ରଶ୍ମୀରଞ୍ଜନ ସେଠୀ, ଖଣ୍ଡପଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ନିକୁଞ୍ଜ ବିହାରୀ ରଥ, ସମାଜସେବୀ ବୈକୁଣ୍ଠନାଥ ଗୋଚ୍ଛି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍ ଓଷ୍ଟା ସମ୍ପାଦକ ପ୍ରଭାକର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଆସନ୍ତା ୩ ବର୍ଷ ପାଇଁ ଖଣ୍ଡପଡ଼ା ବ୍ଲକ୍ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ୍ ସଂଘର ନୂତନ ସଭାପତି ଭାବେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କର, ଉପ ସଭାପତି ଭାବେ ରଶ୍ମୀରଞ୍ଜନ ସେଠୀ, ଦୀପ୍ତି ସ୍ୱାଇଁ, ସମ୍ପାଦକ ଭାବେ ପ୍ରଭାକର ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସମୀର କୁମାର ଖୁଣ୍ଟିଆ, ନରେନ୍ଦ୍ର କୁମାର ରାଉତ, ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଭାବେ ଯୋଗୀନାଥ ମହାରଣା, କାର୍ତ୍ତିକ ଚନ୍ଦ୍ର ଦଳେଇ, ଶିବସୁନ୍ଦର ରାଉତ, ଅନ୍ତର୍ଯ୍ୟାମୀ ବେହେରା ଓ ରାଜ୍ୟ ପରିଷଦ ସଦସ୍ୟ ଭାବେ ବିଭୂତି ଭୂଷଣ ମହାପାତ୍ର, ଧନେଶ୍ୱର ବେହେରାଙ୍କୁ ଚୟନ କରାଯାଇଥିଲା।

## ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା



ଖଣ୍ଡପଡ଼ା,୨୩।୧୧ (ସମିସ): ଖଣ୍ଡପଡ଼ା ସହରସ୍ଥିତ ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରବିବାର ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଙ୍ଗସ୍ୱରୂପା ଚାଟାର୍ଜୀ ଓ ବରିଷ୍ଠ ସିଭିଲ ଜଜ ସିନିୟର ଡିଭିଜନ ରଶ୍ମୀରେଖା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଦାଲତ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ପରିଶେଷରେ ଖଣ୍ଡପଡ଼ା ଓକିଲ ସଂଘର ସମ୍ପାଦକ ବିକ୍ରମ କେଶରୀ ଦେଓଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା।

## ମିଜୋରାମରେ ଦୁର୍ଘଟଣା; ଓଡ଼ିଆ ଯୁବକ ମୃତ

ଓଡ଼ଗାଁ,୨୩।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗାଁ ପାଇକରାୟ ସାହିର ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ସାନପୁଅ ଅବିନାଶ ତ୍ରିପାଠୀଙ୍କ ମିଜୋରାମରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡ଼ିବା ପରେ ଜନ୍ମ ମାଟି କୁରାଳ ଗାଁରେ ଶୋକର ଛାୟା ଖେଳିଯାଇଛି। ଅବିନାଶ କୋଲକାତାରେ ଇଣ୍ଡିଗୋ ଏୟାର ଲାଇନ୍‌ସରେ କାମ କରୁଥିବା ବେଳେ ମିଜୋରାମ ବୁଲିବାକୁ ଯାଇଥିଲେ। ସେଠାରୁ ଏକ ବାଇକ୍ ଭଡ଼ାରେ ନେଇ ବୁଲାବୁଲି କରୁଥିବା ବେଳେ ଶନିବାର ରାତି ୯ଟା ବେଳେ ଦୁର୍ଘଟଣା ଘଟିଥିଲା। ସାଙ୍ଗରେ ଯାଇଥିବା ସହକର୍ମୀ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ଅବିନାଶଙ୍କ ଶବ ସତ୍କାର କରାଯିବ।

## ବିଭିନ୍ନ ବିଷୟକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା



ଓଡ଼ଗାଁ,୨୩।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ତାଲୁକ୍ ଲିଗାଲ ସର୍ଭିସ୍ କମିଟି ଓଡ଼ଗାଁ ଦ୍ୱାରା ଆୟୋଜିତ ୭ମ ଓ ୮ମ ଏବଂ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ଟି ବର୍ଗରେ ବିଭିନ୍ନ ବିଷୟକୁ ନେଇ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ୍ ଲିଗାଲ ସର୍ଭିସ୍ କମିଟି ଓଡ଼ଗାଁର ଅଧ୍ୟକ୍ଷ ସଂଘମିତ୍ରା ଶର୍ମା, ବରିଷ୍ଠ ଦେୱାନୀ ଜଜ୍ ଜନ୍ମେଜୟ ଦାସ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରେରଣାଶ୍ରୀ ଦେଓଙ୍କ ସହିତ ବାର ଆସୋସିଏସନର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁର ଅଧିକାର, ଶିଶୁ ଶିକ୍ଷା ଅଧିକାର, ଭିନ୍ନକ୍ଷମ ଶିଶୁଙ୍କ ସୁରକ୍ଷା, ଶିଶୁମାନଙ୍କ ଉପରେ ବୈଷୟିକ ଜ୍ଞାନର ପ୍ରଭାବ ବିଷୟକୁ ନେଇ ୭ମ ଓ ୮ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ବାଲ୍ୟ ଶିଶୁ ବିବାହ ପ୍ରଥାକୁ ବିରୋଧ, ଶିଶୁ ଶ୍ରମ ବିରୋଧୀ ସମାଜ, ସାମାଜିକ ଗଣମାଧ୍ୟମଗୁଡିକ ଦ୍ୱାରା ଶିଶୁ ମାନଙ୍କ ଉପରେ ପଡ଼ୁଥିବା ପ୍ରଭାବ, ଶିଶୁ ଚାଲାଣ ରୋକିବା ଏକ ଆହ୍ୱାନ ବିଷୟକୁ ନେଇ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସମସ୍ତ ଅଂଶଗ୍ରହଣ କାରୀ ଛାତ୍ର ଛାତ୍ରୀ ମାନଙ୍କୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ୍ ଲିଗାଲ ସର୍ଭିସ୍ କମିଟିର ଅଧ୍ୟକ୍ଷ ସଂଘମିତ୍ରା ଶର୍ମା, ଅନ୍ୟ ବିଚାରପତି ଏବଂ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ଉପସ୍ଥିତିରେ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏବଂ ପରେ ଚିତ୍ରାଙ୍କନ ପେପର ଗୁଡିକ ନୟାଗଡ଼ ଜିଲ୍ଲା ତାଲୁକ୍ ଲିଗାଲ ସର୍ଭିସ୍ କମିଟିକୁ ପଠାଇ ଦିଆଯାଇଥିଲା। ସେଠାରେ ଚିତ୍ରାଙ୍କନ ଗୁଡ଼ିକର ଜିଲ୍ଲା ସ୍ତରୀୟ ମୂଲ୍ୟାଙ୍କନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବଛାଯାଇ ପ୍ରଥମ ୩ ହଜାର ଟଙ୍କା, ଦ୍ୱିତୀୟ ୨ ହଜାର ୨ଶହ ୫୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧ ହଜାର ୫ ଶହ ଟଙ୍କା ଲେଖାଏଁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ସଂଯୋଜକ ଶ୍ରଦ୍ଧାଞ୍ଜଳୀ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କୋର୍ଟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ସ୍ୱର୍ଗତ ରୁଦ୍ରମାଧବ ରାୟଙ୍କ ୮୮ ତମ ଜୟନ୍ତୀ

ନୟାଗଡ଼,୨୩।୧୧(ସମିସ): ପୂର୍ବତନ ସାଂସଦ ସ୍ୱର୍ଗତ ରୁଦ୍ରମାଧବ ରାୟଙ୍କ ୮୮ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଗଣିଆ ବଜାରରେ ରୁଦ୍ରମାଧବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ପୂର୍ବତନ ସରପଞ୍ଚ ବ୍ରଜମୋହନ ମିଶ୍ର, ଅଜୟ କୁମାର ଲେଙ୍କା, ଦଣ୍ଡଧର ଦାସ, ଲକ୍ଷ୍ମୀକାନ୍ତ ସାହୁ, ପ୍ରକାଶ କୁମାର ସାହୁ, ପ୍ରମୋଦ କୁମାର ପୃଷ୍ଟି, ସୁଧାଂଶୁ ଗଣ୍ଡିଆଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ। ଶିକ୍ଷକତା ଜୀବନରୁ ଆରମ୍ଭ କରି ସମାଜ ସେବାପାଇଁ ରାଜନୀତିରେ ପାଦ ଦେଇଥିଲେ ରାୟ ବାବୁ। ପଞ୍ଚାୟତରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ସଂଘର୍ଷମୟ ଜୀବନ ଅତିବାହିତ କରି ସଫଳତାର ଶୀର୍ଷରେ ପହଞ୍ଚି ଥିଲେ ସେ। ନିଷ୍କପଟ ଜୀବନ ଶୈଳୀ ଓ ଭାଇଚାରର ପରିଚୟ ଦେଇ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଜଣେ ସଫଳ ରାଜନେତା ଭାବେ ସେ ନିଜକୁ ପ୍ରତିପାଦିତ କରି ପାରିଥିଲେ।

# ଦଶପଲ୍ଲାରେ ସିରିଜ୍ ଦୁର୍ଘଟଣା; ଜଣେ ମୃତ, ୩ ଗୁରୁତର

ଦଶପଲ୍ଲା,୨୩।୧୧(ସମିସ)

ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା କୁଆଁରିଆ ଛକ ନିକଟରେ ଆଜି ସିରିଜ ଦୁର୍ଘଟଣା ଘଟିଛି। ଫଳରେ ଘଟଣା ସ୍ଥଳରେ ଜଣକ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ନ ୩ ଘଟିକା ସମୟେ ବୌଦ୍ଧ ରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ଓଡି ୧୫ ୟୁ ୯୭୩୭ ନମ୍ବର ନାମକ ଏକ ଆଇଚର କୁଆଁରିଆ ଛକ ନିକଟରେ ଭାରସାମ୍ୟ ହରାଇ ପ୍ରଥମେ ଗୋଟିଏ ପିକପ ଭ୍ୟାନ ଓ ପରେ ଗୋଟେ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଅର୍ଥାତ ଆଇଚର ଗାଡ଼ିର ଡ୍ରାଇଭର, ହେଲ୍ପର ସମେତ ପିକପ ଭ୍ୟାନର ଡ୍ରାଇଭର ଗୁରୁତର ହୋଇ ପଡ଼ିଥିଲେ। ସଙ୍ଗେସଙ୍ଗେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ପହଂଚିବା ସହିତ ଦଶପଲ୍ଲା ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିଛି ସମୟ ମଧ୍ୟ ଗାଡ଼ି ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ଘଟଣା ସ୍ଥଳରେ ଦଶପଲ୍ଲା ପୋଲିସ ପହଂଚି ଗୁରୁତରଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଗୁଡ଼ିକୁ ରାସ୍ତା କ?କୁ ସାଇଡ କରି ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲେ। ଅନ୍ୟାପକ୍ଷେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବାଇକ ଚାଳକ ହେଲେ ବୌଦ୍ଧ ଜିଲ୍ଲା ପୁରୁଣାକଟକର ଅମିତ ବାଘ ବୋଲି ଜଣାପଡିଛି।

### ଅନିଶ୍ଚିତତା ମଧ୍ୟରେ ରାଇରଙ୍ଗପୁର ମଡେଲ ବସ୍ ଟର୍ମିନାଲ

# ରାସ୍ତାକଡ଼ରେ ପାର୍କିଂ ହେଉଛି ସରକାରୀ ବସ୍

ରାଇରଙ୍ଗପୁର, ୨୩।୧୧ (ସମିସ)



ରାଇରଙ୍ଗପୁର ଏକ ପୁରାତନ ସହର ହୋଇଥିବାବେଳେ ଏବେ ବିକାଶମୁଖୀ ରହିଛି । ଯାହାକୁ ନେଇ ରାଇରଙ୍ଗପୁର ଦିନକୁ ଦିନ ବିସ୍ତାର ହେବାରେ ଲାଗିଛି । ଅନେକ ପ୍ରକଳ୍ପ ନିମନ୍ତେ ଘୋଷଣା ହେଉଥିବାବେଳେ ରାଇରଙ୍ଗପୁରରେ ଆନ୍ତଃରାଜ୍ୟ ମଡେଲ ବସ୍ ଟର୍ମିନାଲ ଅନିଶ୍ଚିତତା ଘେରରେ ରହିଛି । ଫଳରେ କୋଟି କୋଟି ଟଙ୍କା ମୂଲ୍ୟର ସରକାରୀ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଭୋଲ୍ଭ ବସ୍ ସ୍ଥାନ ନ ପାଇ ରାସ୍ତା କଡ଼ରେ ପାର୍କିଂ ହେଉଛି । ବସ୍ ଟର୍ମିନାଲ ଯୋଜନା ଥିବାବେଳେ ଜମି ଚିହ୍ନଟ ପ୍ରକ୍ରିୟା ଏଥିରେ ବାଧକ ହେଉଥିବା ଅଭିଯୋଗ ହେଉଛି ।

ରାଇରଙ୍ଗପୁର ପୌରପାଳିକା ବସ୍‌ଷ୍ଟାଣ୍ଡରୁ ପ୍ରତିଦିନ ୨୦୦ରୁ ଊର୍ଦ୍ଧ୍ୱ ବସ୍ ଚଳାଚଳ କରୁଥିବାବେଳେ ଉକ୍ତ ବସ୍‌ଷ୍ଟାଣ୍ଡରେ ଦିନକୁ ଦିନ ସ୍ଥାନ ଛୋଟ ହେବାରେ ଲାଗିଛି । ଜିଲ୍ଲାର ବିଭିନ୍ନ ପ୍ରାନ୍ତ ସମେତ ଭୁବନେଶ୍ୱର, କୋଲକାତା, ରାଉରକେଲା, ସମ୍ବଲପୁର, ସୁନ୍ଦରଗଡ଼, ବାଲେଶ୍ୱର, ଟାଟା ଆଦି ସ୍ଥାନକୁ ନିୟମିତ ବସ୍ ଚଳାଚଳ କରୁଛି । ଛୋଟ ବସ୍‌ଷ୍ଟାଣ୍ଡରେ ଅଧିକ ଗାଡ଼ିକୁ ନେଇ ଟ୍ରାଫିକ ସମସ୍ୟା ସହ ଯାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାର ସମାଧାନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ମଡେଲ ବସ ଟର୍ମିନାଲ ପାଇଁ ଅନୁମୋଦନ କରିଥିଲେ । କିନ୍ତୁ ତାହାର ଆଜି ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ହୋଇପାରିଲାନାହିଁ । ଜମି ଚିହ୍ନଟ ପ୍ରକ୍ରିୟା ବିଳମ୍ବ ପାଇଁ ରାଇରଙ୍ଗପୁର ବାସିନ୍ଦା ମଡେଲ ବସ ଟର୍ମିନାଲରୁ ବଞ୍ଚିତ ହୋଇ ରହିଛନ୍ତି । କୌଣସି କାର୍ଯ୍ୟ ନିମନ୍ତେ ବାରିପଦା କିମ୍ବା ଭୁବନେଶ୍ୱର ଯିବାକୁ ହେଲେ ଅଧିକାଂଶ ଲୋକ ବସ୍ ସେବା ଉପରେ ନିର୍ଭରଶୀଳ ଅଟନ୍ତି । କିନ୍ତୁ ବସ୍ ଟର୍ମିନାଲ ନ ଥିବାରୁ ଦୂରଦୁରନ୍ତରୁ ଆସୁଥିବା ଲୋକ ଅସୁବିଧା ଭୋଗୁଛନ୍ତି । ରାସ୍ତା କଡ଼ ଅଘୋଷିତ ବସ୍‌ଷ୍ଟାଣ୍ଡ ସାଜିଥିବାବେଳେ ରାସ୍ତା କଡ଼ରେ ବେଆଇନ ଭାବେ ବସ୍ ପାର୍କିଂ ହେଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ରାଇରଙ୍ଗପୁରରୁ ପୁରୀକୁ ଚଳାଚଳ କରୁଥିବା ଭୋଲ୍ଭ ବସ୍ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରାସ୍ତା କଡ଼ରେ ପାର୍କିଂ ହେଉଛି ।

**ଜମି ଚିହ୍ନଟ ପ୍ରକ୍ରିୟା ସାଜିଛି ବାଧକ**

ଏଥିସହିତ ରାତି ହେଲେ ବିଜୁ ପଟ୍ଟନାୟକ ଛକ ଭୋଲଭ ବସ୍ ପାଇଁ ବସଷ୍ଟାଣ୍ଡ ସାଜିଥାଏ । ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ଦିଗରେ ଆଦୌ କୌଣସି ସୁବିଧା ମଧ୍ୟ ନାହିଁ । ସେଠାରୁ ହିଁ ଯାତ୍ରୀଙ୍କୁ ନେଇ ଗନ୍ତବ୍ୟ ସ୍ଥଳକୁ ବସ୍ ଯାତ୍ରା କରିଥାଏ । ରାଇରଙ୍ଗପୁରରେ ମଡେଲ ବସ ଟର୍ମିନାଲ ନିର୍ମାଣ ନେଇ ଓଏସଆରଟିସି ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୂର୍ବରୁ ୨/୩ଟି ସ୍ଥାନ ପରିଦର୍ଶନ କରାଯାଇଥିବା ନେଇ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଚିନ୍ମୟୀ ମହାନ୍ତ କହିଛନ୍ତି । ସହର ବାହାରକୁ ଫାଙ୍କା ସ୍ଥାନରେ ନିର୍ମାଣ ନିମନ୍ତେ ପ୍ରାୟ ୨ ଏକରରୁ ଅଧିକ ଜମି ଚୟନ ହେବାକୁ ସ୍ଥିର ହୋଇଛି । ପ୍ରତିନିଧି ଦଳ ଇଚିଣ୍ଡା ଆଦି ସ୍ଥାନରେ ଜମି ଚିହ୍ନଟ କରିଥିଲେ । କିନ୍ତୁ ଉକ୍ତ ଜମି ଜଙ୍ଗଲ କିସମ ହୋଇଥିବାରୁ ସମସ୍ୟା ଦେଖା ଦେଇଥିଲା । ଯାହାକୁ ନେଇ ସ୍ଥାନ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ଏହାପରେ ଆଉ ଜମି ଚିହ୍ନଟ ପ୍ରକ୍ରିୟା ହୋଇପାରିନାହିଁ । ଏ-ଟାଇପ ମଡେଲ ବସ୍ ଟର୍ମିନାଲ ନିର୍ମାଣ ହେବ । ଯେଉଁଠାରେ ବସ୍‌ଗୁଡିକ ବେ-ଜରିଆରେ ପାର୍କିଂ ବ୍ୟବସ୍ଥା, ଶୌଚାଳୟ, ଫୁଡ଼ କୋର୍ଟ, ସୂଚନା କେନ୍ଦ୍ର ଆଦି ଅନେକ ବ୍ୟବସ୍ଥା କରାଯାଇଥିଲା । ତେବେ ନୂତନ ରାଜ୍ୟ ସରକାର ହେବାପରେ ସେଥିରେ ମନୋନିବେଶ ନ କରିବାରୁ ଇଟା ଖଣ୍ଡେ ବି ପଡ଼ିପାରିନାହିଁ । ଫଳରେ ରାଇରଙ୍ଗପୁର ସହରବାସୀଙ୍କୁ ମଡେଲ ବସ୍ ଟର୍ମିନାଲ ମିଳିପାରିଲାନାହିଁ । ଆଜି ବି ରାସ୍ତା କଡରେ ବସ୍ ପାର୍କିଂ ହେଉଛି । ଏଥିସହିତ ବିଭିନ୍ନ ସ୍ଥାନ ଅଘୋଷିତ ବସ୍‌ଷ୍ଟାଣ୍ଡ ସାଜିଛି । ପୁରୁଣା ବସ୍‌ଷ୍ଟାଣ୍ଡରେ ସ୍ଥାନ ଅଭାବ ପାଇଁ ବ୍‌ଗୁଡ଼ିକ ପ୍ରବେଶ ଓ ପ୍ରସ୍ଥାନ ସମୟରେ ଅସୁବିଧା ହୋଇ ଟ୍ରାଫିକ ସମସ୍ୟା ଉପୁଜୁଛି । ସମସ୍ୟାର ସମାଧାନ ପାଇଁ ତୁରନ୍ତ ମଡେଲ ବସ୍ ଟର୍ମିନାଲ ପାଇଁ ଜମି ଚିହ୍ନଟ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହୋଇଛି ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ଶୁକ୍ଳି, ୨୩।୧୧(ସମିସ):** ଶୁକ୍ଳି ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମେଳାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ଶୁକ୍ଳି ବ୍ଲକ ଅଧ୍ୟକ୍ଷା କବିତା ମଞ୍ଜରୀ ନାୟକ, ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିଆ, ଶୁକ୍ଳି ବ୍ଲକ ଉପାଧ୍ୟକ୍ଷ ସୀତାରାମ ଚାତାର, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ବ୍ରଜବନ୍ଧୁ ବେହେରା, ଶୁକ୍ଳି ବ୍ଲକ ପ୍ରାଣୀ ଚିକିତ୍ସକ ଗାୟତ୍ରୀ ସାହୁ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରିଣୀ କ୍ଷୀରୋଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉପଖଣ୍ଡ ପ୍ରାଣୀ ଚିକିତ୍ସକ ସଭାରେ ସଭାପତିତ୍ୱ କରିଥିଲେ । ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରିଥିଲେ । ପଶୁ ପାଳନ, ମତ୍ସ୍ୟ ଚାଷ, କୁକୁଡ଼ା, ବତକ ପାଳନ କଲେ ସରକାରଙ୍କ ପକ୍ଷରୁ କେଉଁ ଚାଷରେ କି ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି, ସେ ବିଷୟରେ ଚାଷୀଙ୍କୁ ଅବଗତ କରାଇଛନ୍ତି ।

ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ, ଏବେ ସରକାର ଅନେକ କିଛି ଯୋଜନା କରୁଛନ୍ତି । ଲୋକ କିଭଳି ସ୍ୱାବଲମ୍ବୀ ହେବେ ଓ ଆଗକୁ ବଢ଼ିବେ, ସେ ନେଇ ସରକାର ଅନେକ ଯୋଜନା କରିଛନ୍ତି । ଆପଣମାନେ ଏହାର ଲାଭ ନିଅନ୍ତୁ ବୋଲି ପରାମର୍ଶ ଦେଇଛନ୍ତି । ବିଭିନ୍ନ କ୍ଷେତ୍ରରେ ଅଗ୍ରସର ହୋଇଥିବା ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଶୁକ୍ଳିରେ ଉତ୍ତମ କାର୍ଯ୍ୟ ସମ୍ପାଦନ ପାଇଁ ଶୈଳେଶ ଚନ୍ଦ୍ର ଗିରିଙ୍କ ସମେତ ଅନ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଚାଷୀଙ୍କ ଅବଗତି ନିମନ୍ତେ ବିଭିନ୍ନ ପ୍ରକାର ଷ୍ଟ ଖୋଲାଯାଇଥିଲା । ଚାଷୀ ଉକ୍ତ ଷ୍ଟଲ ମାଧ୍ୟମରେ ବିଭିନ୍ନ ପ୍ରକାର ଚାଷ ସମ୍ବନ୍ଧରେ ଜାଣିବାକୁ ପାଇଥିଲେ । ଶୁକ୍ଳି ପ୍ରାଣୀ ଚିକିତ୍ସା କେନ୍ଦ୍ରର କର୍ମଚାରୀ ଓ ରରୁଆଁ ପ୍ରାଣୀ ଚିକିତ୍ସା କେନ୍ଦ୍ର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ସାର୍ନା ଧର୍ମ ଏକତା ସମ୍ମିଳନୀ



**ବାରିପଦା, ୨୩।୧୧(ସମିସ):** ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାରିପଦାଠାରେ ସମାଜ ସୁଧାର ସହିତ ସାର୍ନା ଧର୍ମ ଏକତା ପାଇଁ ସେଙ୍ଗେଲ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେଙ୍ଗେଲ ଦିଶୋମ ପାର୍ଗାନା ସୁନାରାମ ସୋରେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ବୁଦାନ ମାର୍ଣ୍ଡି, ସେଙ୍ଗେଲ ରାଜ୍ୟ ସଭାପତି ନରେନ୍ଦ୍ର ହେମ୍ବ୍ରମ, ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ମାଲହ ମାର୍ଣ୍ଡି ପ୍ରମୁଖ ନେତା ନେତ୍ରୀ ଉପସ୍ଥିତ ଥିଲେ । ଉକ୍ତ ସମ୍ମିଳନୀରେ ଆଦିବାସୀଙ୍କ ଏକତା ଓ ଆଦିବାସୀ ସମାଜକୁ ବଞ୍ଚାଇବାକୁ ହେଲେ ସମାଜର ପରମ୍ପରା ନାମରେ ପରିଚିତ ହାଣ୍ଡିଆ, ମଦ ଭଳି ନିଶାଦ୍ରବ୍ୟକୁ ବହିଷ୍କାର କରିବା, ଅନ୍ଧବିଶ୍ୱାସକୁ ଦୂର କରିବା, ଡାହାଣୀ ପ୍ରଥା, ଗୁଣିଗାରେଡିକୁ ହଟାଇବା, ସାମାଜିକ ବାସନ୍ଦ ଓ ମନଇଚ୍ଛା ଜରିମାନା ଆଦାୟ ବନ୍ଦ କରିବା, ଭୋଟ କ୍ରୟବିକ୍ରୟ ରୋକିବା, ମହିଳା ସଶକ୍ତିକରଣ ଆଣିବା ସହିତ ମାଝୀ-ପାର୍ଗାନା ସ୍ୱଶାସନ ବ୍ୟବସ୍ଥାକୁ ସାମ୍ବିଧାନିକ ଓ ଜନତାନ୍ତ୍ରିକ ସୁଧାର କରିବା ପାଇଁ ନିତାନ୍ତ ଆବଶ୍ୟକ ବୋଲି କୁହାଯାଇଛି ।

ଏଥିସହିତ ପ୍ରକୃତି ପୂଜକ ଆଦିବାସୀଙ୍କ ସାର୍ନା ଧର୍ମ କୋଡ଼ ମାନ୍ୟତା, ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷା, ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ମାନ୍ୟତା, ଜାତି ଓ ଆରକ୍ଷଣକୁ ସୁରକ୍ଷା କରିବା, ସିଏନଟି/ଏସପିଟି କାନୁନକୁ ଦୃଢ଼ ଭାଷକ୍ତ ଲାଗୁ କରାଇବାକୁ ପଡ଼ିବ ଓ ଇଷ୍ଟ ଦେବତା ମାରାଂବୁରୁକୁ ଜୈନମାନଙ୍କ କବଳରୁ ମୁକୁଳାଇବାକୁ ପଡ଼ିବ ବୋଲି ବକ୍ତାମାନେ ସ୍ପଷ୍ଟ କରିଛନ୍ତି । ନଚେତ୍ ଆଦିବାସୀ ସମାଜ ବିଲୁପ୍ତ ହେବାରୁ କେହି ବି ଅଟକାଇ ପାରିବେନି ବୋଲି କୁହାଯାଇଛି । ଉକ୍ତ ସମ୍ମିଳନୀରେ ସମସ୍ତ ସେଙ୍ଗେଲ କାର୍ଯ୍ୟକର୍ତ୍ତା ଓ ନେତାମାନେ ବର୍ତ୍ତମାନ ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ଯାଇ ସମାଜ ସୁଧାର ଓ ସମାଜରେ ଏକଜୁଟ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଛନ୍ତି । ଉକ୍ତ ସମ୍ମିଳନୀରେ ସେଙ୍ଗେଲ ମାଝୀ-ପାର୍ଗାନା ମାଡୱାର ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ଜିଲ୍ଲା ଯୁବା ସଭାପତି ଉଦୟନାଥ ହେମ୍ବ୍ରମ, ଜୋନାଲ ସାର୍ନା ଧରମ ସଭାପତି ଚୈତନ୍ୟ ହେମ୍ବ୍ରମ, ମହିଳା ମୋର୍ଚ୍ଚା ବାରିପଦା ଜୋନାଲ ସଭାପତି ପାନମଣି ହେମ୍ବ୍ରମ, ଝାଡ଼ଖଣ୍ଡ ରାଜ୍ୟର ଚୁଡ଼ାମଣି ସୋରେନ ସହ ଶତାଧିକ ନେତା ଉପସ୍ଥିତ ଥିଲେ ।

### ଅନୁସୂଚିତ ଜାତି ଓ ଜନଜାତି ଛାତ୍ର ବୃତ୍ତି ବୃଦ୍ଧି

## ଅର୍ଜୁନ ମୁର୍ମୁଙ୍କୁ କଲେଜ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା

**ବାରିପଦା, ୨୩।୧୧(ସମିସ):** ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଆନ୍ଦୋଳନ ସଫଳ ହୋଇଥିବାରୁ ରବିବାର କୁଳିଅଣା ନିକଟସ୍ଥ କୁଚେଇଠାରେ ବିଭିନ୍ନ କଲେଜର ଛାତ୍ର ପ୍ରତିନିଧି ପୁଷ୍ପଗୁଚ୍ଛ ଦେଇ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି ।



ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରବୃତ୍ତି ବୃଦ୍ଧି ଦାବିରେ ବହୁଥର ଆନ୍ଦୋଳନ କରାଯାଇଥିଲା । ସମସ୍ତ ମହାବିଦ୍ୟାଳୟରେ ନାମଲେଖା ଫି, ରି-ଆଡ଼ମିଶନ ଫି ସହିତ ସମସ୍ତ ଫି' ଦିନକୁ ଦିନ ବୃଦ୍ଧି ହେଉଥିବାବେଳେ ଛାତ୍ରବୃତ୍ତି ରାଶି ପୂର୍ବରୁ ଯେତିକି ଥିଲା, ଏଯାବତ୍ ସେତିକି ହିଁ ରହିଛି । ଏହା ଆଦିବାସୀ ଛାତ୍ରଛାତ୍ରୀଙ୍କ ଫି ଦାଖଲ ସମୟରେ ସମସ୍ୟା ସୃଷ୍ଟି କରୁଛି । କାରଣ ଅନେକ ଆଦିବାସୀ ଛାତ୍ରଛାତ୍ରୀ ଏହି ଷ୍ଟାଇପେଣ୍ଡ ଉପରେ ନିର୍ଭର କରୁଥିବାବେଳେ ପାଠପଢ଼ା ସମୟରେ ଏହି ସମସ୍ୟା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମାନସିକ ସ୍ଥିତି ଦୋହଲାଇ ଦେଉଛି । ଏଣୁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅବିଳମ୍ବେ ଏଥିପ୍ରତି ଦୃଷ୍ଟି ଦେଇ ଛାତ୍ରବୃତ୍ତି ରାଶି ବୃଦ୍ଧି କରିବାକୁ ମାରିସା ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଥିଲା । ଏ ଦାବିକୁ ନେଇ କ୍ୟାବିନେଟ୍ ନିଷ୍ପତ୍ତି ହୋଇଥିବାରୁ ଅର୍ଜୁନ୍ ମୁର୍ମୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ବାର୍ଷିକ ଛାତ୍ରଙ୍କ ପାଇଁ ୧୬, ୦୦୦ ଓ ଛାତ୍ରୀଙ୍କ ପାଇଁ ୧୭, ୦୦୦ ଟଙ୍କା ବୃଦ୍ଧି କରିବା ସମ୍ପର୍କିତ ପ୍ରସ୍ତାବକୁ ୨୧ ତାରିଖ ଓଡ଼ିଶା କ୍ୟାବିନେଟରେ ଅନୁମୋଦନ କରାଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଦୀର୍ଘଦିନର ଦାବି ପୂରଣ ହୋଇଥିବା କହିଛନ୍ତି ଶ୍ରୀ ମୁର୍ମୁ । ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଅନ୍ତେବାସୀଙ୍କ ଛାତ୍ରବୃତ୍ତି ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବାବେଳେ ଡେ-ସ୍କାଲର ଛାତ୍ରଛାତ୍ରୀଙ୍କୁ ଏଥିରୁ ବଞ୍ଚିତ କରାଯାଉଛି । ଏଣୁ ରାଜ୍ୟ ସରକାର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅବିଳମ୍ବେ ଏଥିପ୍ରତି ଧ୍ୟାନ ଦେଇ ଡେ-ସ୍କୋଲର ଛାତ୍ରଛାତ୍ରୀଙ୍କ ଛାତ୍ରବୃତ୍ତି ବୃଦ୍ଧି କରିବା ସହ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନରତ ଅନ୍ତେବାସୀ ଓ ଡେ-ସ୍କାଲର ଛାତ୍ରଛାତ୍ରୀଙ୍କ ଛାତ୍ରବୃତ୍ତି ବୃଦ୍ଧି କରିବା ପାଇଁ ମାରିସା ପକ୍ଷରୁ ଦୃଢ଼ ଦାବି କରାଯାଇଛି ।

## ଇଗ୍ନୋ ଅଭିମୁଖୀକରଣ କାର୍ଯ୍ୟକ୍ରମ

**ବାରିପଦା, ୨୩।୧୧(ସମିସ):** ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ବର୍ଷ ଜୁଲାଇ ମାସରେ ନୂଆ କରି ନାମ ଲେଖାଇଥିବା ଇଗ୍ନୋର ଶିକ୍ଷାର୍ଥୀଙ୍କୁ ନେଇ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଇଗ୍ନୋ କାର୍ଯ୍ୟକ୍ରମର ସଂଯୋଜକ ତଥା ଶିକ୍ଷା ବିଭାଗ ବିଭାଗୀୟ ମୁଖ୍ୟ ଜ୍ଞାନେନ୍ଦ୍ର କୁମାର ନାଏକ ଏହି ସଭାରେ ସଭାପତିତ୍ୱ କରିବା ସହିତ ଇଗ୍ନୋରେ ବିଭିନ୍ନ ପାଠ୍ୟକ୍ରମରେ ନୂଆ କରି ନାମ ଲେଖାଇଥିବା ଶିକ୍ଷାର୍ଥୀଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶ୍ରୀ ନାଏକ ଇଗ୍ନୋରେ ପାଠପଢ଼ି କିଭଳି ଜଣେ ଅତି କମ୍ ଖର୍ଚ୍ଚରେ ଉଚ୍ଚ ଯୋଗ୍ୟତା ହାସଲ କରିପାରିବ, ସେ ବିଷୟରେ ଶିକ୍ଷାର୍ଥୀଙ୍କୁ ସଚେତନ କରିବା ସହ ବିଭିନ୍ନ ନିୟମ ବିଷୟରେ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡଃ ଦୀପକ ବେହେରା,




ସମ୍ମାନିତ ଅତିଥି ଭାବେ ଦୁର୍ଗାଚରଣ ମାଝୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରେମରଞ୍ଜନ ପ୍ରସାଦ, ଆଶିଷ ମଣ୍ଡଳ, ସୁଗୁକ୍ରିଷ୍ଟା ରେ‡ୀ ଓ ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରଙ୍ଗାଡିହା ଫୁଟ୍‌ବଲ: ୟଙ୍ଗ୍ ବ୍ରଦର ଚାମ୍ପିଅନ୍

**ବଡ଼ସାହି, ୨୩।୧୧(ସମିସ):** ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ରଙ୍ଗାଡିହା ଗ୍ରାମରେ ଧରମ ଦାଳେ ଜୁଆନ ଜୁମିତ କ୍ଲବ୍ ଆନୁକୂଲ୍ୟରେ ୨୨ତମ ଏକଦିବସୀୟ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ନାମୀଦାମୀ ଟିମ ଅଂଶଗ୍ରହଣ କରିଥିଲେ । ଏଥିରୁ ୟଙ୍ଗ ବ୍ରଦର ଓ ଏସଏସଏମ ରୟାଲ ଟିମ୍ ଫାଇନାଲକୁ ଉନ୍ନୀତ ହୋଇଥିଲେ । ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ୟଙ୍ଗ ବ୍ରଦର ୫-୪ ଗୋଲରେ ଏସଏସଏମ ରୟାଲ ଦଳକୁ ହରାଇ ଚାମ୍ପିଅନ ହୋଇଛି ।



ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସିଂ, ଶିକ୍ଷକ ରାମହରି ହାଁସଦା ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଦଳକୁ ୩୦ ହଜାର ଓ ରନର୍ସଅପ ଦଳକୁ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ । ଖେଳକୁ ସୁକାନ୍ତ ସିଂ, ସୁମନ୍ତ ସିଂ, ରାମ ସିଂ ଓ ସୋମନାଥ ହେମ୍ବ୍ରମ ପରିଚାଳନା କରିଥିଲେ । କ୍ଲବ୍ ପକ୍ଷରୁ ସଭାପତି ଅନୀଲ ସୋରେନ, ସମ୍ପାଦକ ସିପୁନ ସୋରେନଙ୍କ ନେତୃତ୍ୱରେ ସିଦ୍ଧେଶ୍ୱର ସରେନ, ମୁଷୁ ହାଁସଦା, ଟୁନା ସରେନ, ଆନନ୍ଦ ଟୁଡୁ, ବୀରଭଦ୍ର ସରେନ ଓ କୁଆଁର ସରେନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ; ଡ୍ରାଇଭର ଗିରଫ

**ମୋରଡ଼ା/ଶୁଳିଆପଦା, ୨୩।୧୧(ସମିସ):** ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ବାଘଡା ଛକ ନିକଟରେ ରବିବାର ସକାଳ ୫ଟା ସମୟରେ ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ ଏକ ଗୋରୁ ବୋଝେଇ ପିକ୍‌ଅପକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ଡ୍ରାଇଭର ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ଡୁକୁରା ଗ୍ରାମର ରାମଚନ୍ଦ୍ର ବେହେରା । ସୂଚନା ମୁତାବକ, ଟାଟା ପିକଅପରେ ୮ଟି ଗୋରୁ ମୟୂରଭଞ୍ଜ ଜିଲ୍ଲାରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା । ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ବାଘଡା ଛକରେ ଗାଡ଼ି ଜବତ କରିଥିବିବାବେଳେ ଡ୍ରାଇଭରକୁ ଗିରଫ କରିଥିଲା । ପୁଲିସ ଏ ନେଇ ୧୮୨/୨୫ରେ ମାମଲା ରୁଜୁ କରି ଡ୍ରାଇଭରକୁ କୋର୍ଟ ଚାଲାଣ କରିଛି ।

## ଏନ୍‌ସିସି ଦିବସ ପାଳିତ

**କରଞ୍ଜିଆ, ୨୩।୧୧(ସମିସ):** କରଞ୍ଜିଆ ଉଚ୍ଚବିଦ୍ୟାଳୟରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ, କରଞ୍ଜିଆ ଉଚ୍ଚବିଦ୍ୟାଳୟ ଓ ବିବେକାନନ୍ଦ ପବ୍ଲିକ ସ୍କୁଲ ମିଳିତ ଉଦ୍ୟମରେ ୭୭ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଦିବସ ପାଳନ କରାଯାଇଛି । ମୁଖ୍ୟଅତିଥି ଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ମନୋଜ ସାହୁ ଯୋଗଦେଇ ଏନସିସି ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ । ସମ୍ମାନିତ ଅତିଥି ଭାବେ ପିଏମଶ୍ରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଚତୁର୍ଭୁଜ ବାରିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ପ୍ରେସ୍ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ଯୋଗଦେଇ ସମର ଶିକ୍ଷାର୍ଥୀ ବାହିନୀ ଦିବସ ସମ୍ପର୍କରେ କହିବା ସହିତ ଦେଶ ସେବକ ହେବାକୁ ପରାମର୍ଶ ଦେଇଥିଲେ । ପରେ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା କ୍ୟାଡେଟଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ଏନସିସି ଅଫିସର ପୂର୍ଣ୍ଣଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ବିବେକାନନ୍ଦ ପବ୍ଲିକ ସ୍କୁଲର ଥାର୍ଡ ଅଫିସର ଛୋଟରାୟ ହେମ୍ବ୍ରମ ଧନ୍ୟବାଦ ପ୍ରଦାନ କରିଥିଲେ । ଏ ଅବସରରେ କେଡେଟଙ୍କ ପକ୍ଷରୁ ସମରଭ୍ୟାସ ପ୍ରଦର୍ଶିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୁରୁଣା ଏନସିସି ଛାତ୍ର ରୁପେଶ ସରାଫ, ଶୁଭମ୍ ରାମ, ପ୍ରଭାତୀ ପାତ୍ର, ଅଭିଷେକ ଜେନା, ସାଗର ପାଳିଆ, ରମେଶ ବେହେରା ଓ ଦିଲୁ ବେହେରା ସହଯୋଗ କରିଥିଲେ ।



### ହୋ ସମାଜର ନବବର୍ଷ ଜମ ଶୁଇମ୍ ପାଳିତ

# 'ମାଗେ ପରବ ହେଉଛି ହୋ ସମାଜ ସୃଷ୍ଟିର ପର୍ବ'

ବିଶୋଇ, ୨୩।୧୧(ସମିସ)

ଅତ୍ ଗୁରୁ କୋଲ୍ ଲାକୋ ବଦ୍ରା ହୋ ହୁଦା ଆକାଳା ବାତୁଣିଆ ପକ୍ଷରୁ ବିଶୋଇସ୍ଥ ବଡ଼ ବାଲିଚୁଆ ଗ୍ରାମ ହୋ ସମାଜ ପଡ଼ିଆରେ ବିଶୋଇ ବ୍ଲକସ୍ତରୀୟ କହ୍ଲାନ ନବବର୍ଷ ଜମ ଶୁଇମ୍ (ମାର୍ଗଶିର ମାସ କୃଷ୍ଣପକ୍ଷ ପ୍ରତିପଦ)ରେ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ସେଲାୟ ପୂର୍ତ୍ତି ଯୋଗଦେଇ ହୋ ସମାଜର ମଗେ ପରବ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମାଗେ ପରବ ହୋ ସମାଜରେ ୮ ଦିନ ଧରି ପାଳନ କରାଯାଏ । ମାଗେ ପରବ ହୋ ସମାଜର ବଡ଼ ପର୍ବ ଓ ଏହା ହେଉଛି ସୃଷ୍ଟିର ପରବ । ମାଗେ ପରବ ପାଳନ ପୂର୍ବରୁ ଶିମ୍ବ, ଶିଉଳି ଫଳ, ବଟାଯାଇଥିବା ବିରି, ଚାଉଳ ଚୁନା ଖାଇବା ମନା ବୋଲି କହିଥିଲେ । ମାଗେ ପରବ ପୂର୍ବରୁ ବିବାହ ସମ୍ପୂର୍ଣ୍ଣ ନିଷେଧ ବୋଲି କହିଥିଲେ । ନିଜର ପରମ୍ପରା କିପରି ବଜାୟ ରଖିବା ଓ ନିଜ ପରମ୍ପରା ବିନା ହୋ ସମାଜର ଉନ୍ନତି ଅସମ୍ଭବ ବୋଲି ଶ୍ରୀ ପୂର୍ତ୍ତି ଆଲୋକପାତ କରିଥିଲେ ।

ସମ୍ମାନିତ ଅତିଥି ଭାବେ ୱାରାଙ୍ଗିତି ଶିକ୍ଷକ ଲାଦୁରାମ ବଦ୍ରା ୱାରାଙ୍ଗିତି ଲିପି ବିଷୟରେ ଓ ସଂସ୍କୃତି ସହିତ ହୋ ସମାଜର ଲିପିକୁ ପଢ଼ିବା ମଧ୍ୟ ନିହାତି ଜରୁରୀ ବୋଲି କହିଥିଲେ । ସମାଜସେବୀ ମାଧବ ଚନ୍ଦ୍ର ଚାତାର ଓ ପୂର୍ବତନ ସରପଞ୍ଚ ଶ୍ୟାମ ଚରଣ ସାମାଡ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହୋ ସମାଜର ଏକତାକୁ କିପରି ଆହୁରି ସୁଦୃଢ଼ କରାଯିବ, ସେ ବିଷୟରେ କହିଥିଲେ । ଏ ଅବସରରେ ଆଦିବାସୀ ନବବର୍ଷ ବହୁ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥିଲା । ୱାରାଙ୍ଗିତି ଶିକ୍ଷୟିତ୍ରୀ ହିର୍ଲା କାଇରି ସାମାଡ, ହିର୍ଲା ବିର୍ଷିଂ ସାମାଡ, ହିର୍ଲା ରାଗା ସାମାଡ ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ । ୱାରାଙ୍ଗିତି ଶିକ୍ଷକ କର୍ମାଧର ଜାମୁଦା ସୋଭା ପରିଚାଳନା କରିଥିଲେ । ବଡ଼ବାଲିଚୁଆ ଗ୍ରାମ ହୋ ସମାଜ କମିଟି ସମ୍ପାଦକ ରାଗା ସାମାଡ, ସଭାପତି ସୁଗୁନା ପାଳେୟା, କୋଷାଧ୍ୟକ୍ଷ ଲଦର ଜଙ୍ଗ, ବିଶୋଇ ବ୍ଲକ ହୋ ସମାଜ ସମ୍ପାଦକ ତଥା ସମାଜସେବୀ ବିଜୟ ପୂର୍ତ୍ତି ଉପସ୍ଥିତ ଥିଲେ । କ୍ଲବ୍ ସଦସ୍ୟ ସଦାଶିବ ପୂର୍ତ୍ତି, ଟୁଣି ହାଁସଦା ପିଙ୍ଗୁଆ, ଗଣେଶ ପୀଙ୍ଗୁଆ, ଜେମାମଣି ସଏ, ସୋମନାଥ ବାରଦା, ଧନେଶ୍ୱର କଳାଃ, ଟିକୁଲୁ ସଏ, ଦିଲ୍ଲୀପ ସାମାଡ, ଦଖିନ ପୂର୍ତ୍ତି, ଚୈତନ ସାମାଡଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ନାଗାରାର ତାଳେ ତାଳେ ଆଦିବାସୀ ମାଗେ ପରବ ନୃତ୍ୟ ଗୀତ ସହିତ ହୋ ସମାଜର ଅଧିବାସୀ ଝୁମିଥିଲେ । ୱାରାଙ୍ଗିତି ଶିକ୍ଷକ ହୀର୍ଲା ଗାନ୍ଧି ସାଓଁୟା ଧନ୍ୟବାଦ ଦେଇଥିଲେ ।





## 'ସକାଳ'ର ବାର୍ଷିକ ବିତର୍କ ପ୍ରତିଯୋଗିତା

# ବାଜି ମାରିନେଲେ ଝିଅ






**କେନ୍ଦୁଝର, ୨୩।୧୧ (ସମିସ):** କେନ୍ଦୁଝରଠାରେ ରବିବାର 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବାର୍ଷିକ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସିନିଅର୍ ବର୍ଗର ପ୍ରତିଯୋଗିତାରେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ଆୟୁଷା ପଟନାଏକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଜୁନିଅର୍ ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡର ଅନନ୍ୟା ଲେଙ୍କା ପ୍ରଥମ ସ୍ଥାନ ଅଧିକାର କରି 'ସକାଳ' ପକ୍ଷରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିତାର ଏଥରର ଭିନ୍ନତା ରହିଥିଲା। ପୁଅମାନଙ୍କ ଅପେକ୍ଷା ଝିଅମାନେ ଅଧିକ ସଂଖ୍ୟାରେ ଭାଗ ନେଇଥିଲେ। ସଫଳ ପ୍ରତିଯୋଗୀଙ୍କ ମଧ୍ୟରୁ ୫ ଜଣ ଝିଅ ଶୀର୍ଷରେ ରହିଛନ୍ତି। ଏହାକୁ ଜୁରୀ ଏବଂ ଉପସ୍ଥିତ ଅତିଥିମାନେ ପ୍ରଶଂସା ମଧ୍ୟ କରିଥିଲେ।

ରବିବାର ସହରର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାର୍ଷିକ ବିତର୍କ ପ୍ରତିଯୋଗିତାର ସିନିଅର ବର୍ଗର ବିତର୍କ ବିଷୟବସ୍ତୁ 'ଜେନ୍-ଜେଡ୍' ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଧାମତା'? ଏବଂ ଜୁନିଅର୍ ବର୍ଗପାଇଁ 'ବହିପଢ଼ା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆଗ୍ରହ'! ବିତର୍କ ରଖାଯାଇଥିଲା। 'ସକାଳ'ର କେନ୍ଦୁଝର ଜିଲ୍ଲା ପ୍ରତିନିଧି ଶରତଚନ୍ଦ୍ର ଦାସ ସମସ୍ତ ଅତିଥି, ଜୁରୀ ମେମ୍ବର, ପ୍ରତିଯୋଗୀ ଏବଂ କାର୍ଯ୍ୟକ୍ରମର ସହଯୋଗୀ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବା ସହ ବିତର୍କର ବିଷୟବସ୍ତୁ କାର୍ଯ୍ୟକ୍ରମର ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବନ୍ଦେମାତରମ୍ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷର ବିତର୍କରେ ଆଞ୍ଚଳିକ ମହାବିଦ୍ୟାଳୟ ପଦ୍ମପୁରର ବୋଟାନି ବିଭାଗ ଅଧାପକ ସନତ କୁମାର ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଫେସର ଯୋଗେଶ୍ୱର ପତି, ଶିକ୍ଷକ ସିଦ୍ଧାର୍ଥ ଦାସ, ଗୁରୁଜୀ ବିଦ୍ୟାଧର ମହାନ୍ତ, ଅମୀର ଦେହୁରୀ ପ୍ରମୁଖ ଜୁରୀ ମେମ୍ବର ରହିଥିଲେ। ସିନିଅର ବର୍ଗରେ ଧରଣୀଧର ବିଶ୍ୱବିଦ୍ୟାଳୟର ଆୟୁଷା ପଟନାଏକ ପ୍ରଥମ, ଧରଣୀଧର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଶତାବ୍ଦୀ ମହାନ୍ତି ଦ୍ୱିତୀୟ, ଡି ଡି ବିଶ୍ୱବିଦ୍ୟାଳୟର ରଶ୍ମିତା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିଅର ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦୀର କେନ୍ଦୁଝରଗଡ଼ର ଅନନ୍ୟା ଲେଙ୍କା ପ୍ରଥମ, ସେହି ବିଦ୍ୟାଳୟର ତନୁଶ୍ରୀ ପଣ୍ଡା ଦ୍ୱିତୀୟ ଏବଂ ଡିଏନ ହାଇସ୍କୁଲର ବିଶ୍ୱଜିତ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୋଟାରିଆନ୍ ତଥା ସିଟିଜିର ପ୍ରତିଷ୍ଠାତା ଅଧକ୍ଷ ଡ ରାଜେନ୍ଦ୍ର ପଲେଇ(ଛୋଟୁ ବାବୁ) ଯୋଗ ଦେଇଥିଲେ। ବିତର୍କ ପ୍ରତିଯୋଗିତା ଓ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ରଖାଯାଇଥିବା ବିଷୟବସ୍ତୁକୁ ସେ ପ୍ରଶଂସା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରେସ କ୍ଲବର ସଭାପତି ଯୟକୃଷ୍ଣ ପଣ୍ଡା ଅନ୍ୟତମ ଅତିଥିଭାବେ ସକାଳ ଏବଂ ନନ୍ଦିଘୋଷ ଟିଭିର ଦେଶର ଭବିଷ୍ୟତ ଓ ଯୁବ ବର୍ଗ ପାଇଁ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସହାୟତା କରିଥିବା ବଣିଆପାଟ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ଦୀନବନ୍ଧୁ ମହାକୁଡ଼ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ମେଧା ବୃଦ୍ଧିକରେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା ପ୍ରତିନିଧି ଶରତଚନ୍ଦ୍ର ଦାସ ସଂଯୋଜନା କରିଥିଲେ। ତେଲକୋଇ ସକାଳ ପ୍ରତିନିଧି ଅନୁକୂଳ ବିଶ୍ୱାଳ, କ୍ୟାମେରାମ୍ୟାନ ସୁଦର୍ଶନ ସ୍ୱାଇଁ, ସରସ୍ୱତୀ ବିଦ୍ୟା ମନ୍ଦୀରର ଗୁରୁଜୀ ରାଜୀବ ଲୋଚନ ମିଶ୍ର, ଦେବାଶିଷ ସେଠୀ, ଗୁରୁମା ସଂଯୁକ୍ତା ପ୍ରଧାନ, ସେବକ ବସନ୍ତ କୁମାର ମହାନ୍ତ, ସେବିକା ମନି ନାଏକ, ଲକ୍ଷ୍ମୀ ନାଏକ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ସମ୍ବିତ ବିଶ୍ୱାଳ, ଆଲେଶା ସାହୁ, ଦୀପ୍ତିମୟୀ ନାୟକ, ସୌମ୍ୟରଞ୍ଜନ ପଲେଇ, ମାନସ ଦେହୁରୀ, ଅନୁସୟା ପଣ୍ଡା ଶତାବ୍ଦୀ ମହାନ୍ତି, ଦୀନେଶ କୁମାର ସାହୁ, ନମ୍ରତା ବେହେରା, ନିରୁପମା ବାରିକ, ଓମକାର ସାହୁ, ତପସ୍ୱିନୀ ପ୍ରଧାନ, ଭାଗ୍ୟଶ୍ରୀ ବେହେରା, ଗାୟତ୍ରୀ ସାହୁ, ବର୍ଷା ସାହୁ, ଶର୍ମିଷ୍ଠା ସାହୁ, ରାଣୀ ମହାକୁଡ଼, ଆୟେଷା ପହି, ରଶ୍ମିତା ଶତପଥୀ, ସୋନାଲି ସାହୁ, ଆର୍ୟ୍ୟାନ ପ୍ରଧାନ, ଅରିଜିତ ସାହୁ, ଆୟୁଷ ପଟ୍ଟନାଏକ, ଅନୁରାଗ ଦାସ, ହେମଲତା ପାତ୍ର, ଅଂଶୁମାନ ଦାସ, ଅନନ୍ୟା ଲେଙ୍କା, ନିଶିଗନ୍ଧା ମହାପାତ୍ର, ସିମରନ ପଣ୍ଡା, ସାଇଶଙ୍କର ଶତପଥୀ, ତୃପ୍ତିମୟୀ ମହାନ୍ତ, ହରିପ୍ରିୟା ଦାସ, ତନୁଶ୍ରୀ ପଣ୍ଡା, ତନ୍ମୟ ମହାନ୍ତ, ଅଭିନବ ଖୁଣ୍ଟିଆ, ଶର୍ମିଷ୍ଠା ସୋରେନ, ସୋନାଲି ନାୟକ, ପୁଷ୍ପାଞ୍ଜଳି ମହାରଣା, ଚଞ୍ଚଳା ସାହୁ, ରୀତିଶା ରୀତିଶ୍ରୀ ବିଶ୍ୱାଳ, ବିଶ୍ୱଜିତ ଦାସ, ଅଙ୍କିତ ଦାସ, ଆର୍ୟ୍ୟନ ଅଭିନନ୍ଦନ, ଅଭିଷେକ ବିଶ୍ୱାଳ ସମେତ ଅନ୍ୟ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। 'ସକାଳ' ପକ୍ଷରୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି, ପ୍ରତିଯୋଗୀତାର ଜୁରୀ ମେମ୍ବରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେଲକୋଇ ସକାଳ ପ୍ରତିନିଧି ବିତର୍କ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ, ସସସ୍ତ ପ୍ରତିଯୋଗୀ, କାର୍ଯ୍ୟକ୍ରମର ଅତିଥି, ବିତର୍କ ପ୍ରତିଯୋଗୀତାର ଜୁରୀ ମେମ୍ବର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟି, ଗୁରୁଜୀ ଗୁରୁମା, ସେବକ ସେବିକା, ଆୟୋଜକ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

- **ସିନିଅର୍ ବର୍ଗରେ ଧରଣୀଧର ବିଶ୍ୱବିଦ୍ୟାଳୟର ଆୟୁଷା ପଟନାଏକ**
- **ଜୁନିଅର ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅନନ୍ୟା ଲେଙ୍କା**
- **'ସକାଳ'ର ପ୍ରୟାସକୁ ପ୍ରଶଂସାକଲେ ଅତିଥି ଏବଂ କୃତୀ ପ୍ରତିଯୋଗୀ**

### ମତାମତ..

ସକାଳ ଏବଂ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ। ଯୁବପିଢିଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଫଳରେ ଛାତ୍ରଛାତ୍ରୀ ଅଧିକ ସଚେତନ ହେବା ସହ ସମାଜକୁ ଭଲ ବାର୍ତ୍ତା ମିଳିବ। ଯୁବ ପ୍ରତିଭାମାନେ ଏଭଳି କାର୍ଯ୍ୟକ୍ରମରେ ଭାଗନେଲେ ନିଜର ପ୍ରତିଭାର ବିକାଶ କରିବାରେ ସହାୟକ ହେବ।

- ଆୟୁଷା ପଟନାଏକ

ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ବିତର୍କ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ମୋତେ ବହୁତ ଭଲ ଲାଗିଲା। କାର୍ଯ୍ୟକ୍ରମରେ ଭାଗନେଇ ଆମେ ଅନ୍ୟ ପ୍ରତିଯୋଗୀଙ୍କଠାରୁ ଅନେକ କିଛି ଶିଖିବାକୁ ପାଇଲୁ। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଯୁବପିଢିକୁ ଉସାôହିତ କରିଥିବାରୁ ସକାଳ ଏବଂ ନନ୍ଦିଘୋଷ ଟିଭିକୁ ଅନେକ ଧନ୍ୟବାଦ।

- ଅନନ୍ୟା ଲେଙ୍କା







## ମହିଳାଙ୍କ ପରଲୋକ



**ଆନନ୍ଦପୁର, ୨୩।୧୧ (ସମିସ):** ପଞ୍ଚୁଗୋଛିଆ ପଞ୍ଚାୟତ ଆଡହୁରିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଇନ୍ଦ୍ରମଣି ସାହୁଙ୍କ ପତ୍ନୀ ଇନ୍ଦିରା ସାହୁ(୮୩)ଙ୍କ ପରଲୋକ ହୋଇଯାଇଛି। କିଛି ଦିନ ହେଲା ଅସୁସ୍ଥ ଥିବାବେଳେ ରବିବାର ଅପରାହ୍ନରେ ବାସଭବନରେ ଦେହାନ୍ତ ହୋଇଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର କାମୁକା ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଶୋକ ଖେଳିଯାଇଛି।

## ବୈତରଣୀ ନଦୀ ସୁରକ୍ଷା ପାଇଁ ବିଧାୟକ ଅଣ୍ଟା ଭିଡ଼ିଲେ




**ଆନନ୍ଦପୁର, ୨୩।୧୧ (ସମିସ):** ବୈତରଣୀ ଏକ ପ୍ରବାହ। କେନ୍ଦୁଝର ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ପରିଚୟ ହେଉଛି ଏହି ନଦୀ। ତେବେ ବୈତରଣୀ ଆଜି ବିଭିନ୍ନ ସ୍ଥାନରେ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହାର ହତ୍ୟା ପାଇଁ ଷଡ଼ଯନ୍ତ୍ର ହୋଇଥିବା ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କ୍ଷୋଭ ପ୍ରକାଶ କରିଛନ୍ତି। ରବିବାର ବୈତରଣୀ ନଦୀର ସୁରକ୍ଷା ତଥା ବାଲି ଲୁଟ୍ ବିରୋଧରେ କରଗୋଳାଠାରେ ଏକ ବୈଠକ ଆୟୋଜିତ ହୋଇଥିଲା। ବିଶିଷ୍ଟ କୃଷକ ନେତା ଗୋପାଳ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈତରଣୀ ଆମ ମା, ତାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବିଜେପି ଯୁବନେତା ଯଜ୍ଞପ୍ରସାଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦୁଝର ଜିଲ୍ଲାରେ ଆରମ୍ଭ ହୋଇଥିବା ବାଲି ସତ୍ୟାଗ୍ରହ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ଏହି ସତ୍ୟାଗ୍ରହ ଆଜି ସାରା ଓଡ଼ିଶାରେ ଆନ୍ଦୋଳନର ଏକ ନୂଆ ପରିଭାଷା ସୃଷ୍ଟି କରିଛି। ହାଟଡିହି ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସାମାଜିକ କର୍ମୀ ସତ୍ୟବ୍ରତ ଜେନା, ଯୁବନେତା ଶଶିଭୂଷଣ ରାଉତ, ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ଧଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### କେବେ ହେବ ଖଣି ଅଞ୍ଚଳବାସୀଙ୍କ ଭାଗ୍ୟୋଦୟ | ପ୍ରାଚୁର୍ଯ୍ୟ ମଧ୍ୟରେ ସମସ୍ୟା, ଯନ୍ତ୍ରଣା ଓ ଦୁର୍ଦ୍ଦଶା

# ଚମ୍ପୁଆ ନିର୍ବାଚନମଣ୍ଡଳୀରେ ଅବହେଳିତ ଯୋଡ଼ା, ବଡ଼ବିଲ

**ଯୋଡ଼ା, ୨୩।୧୧(ସମିସ)**


କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ତଥା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ଯୋଡ଼ା-ବଡ଼ବିଲ ବିସ୍ତୃତ ପ୍ରାଚୁର୍ଯ୍ୟଭରା ଶିଳ୍ପାଞ୍ଚଳରେ ମୂଳ ଅଧିବାସୀମାନେ ଆଜି ଯାଏ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହିଛନ୍ତି। ଏ ଅଞ୍ଚଳରୁ ଯେତିକି ରାଜସ୍ୱ ଅଭିବୃଦ୍ଧି ଘଟୁଛି, ସେହି ତୁଳନାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିକାଶ ହୋଇପାରି ନାହିଁ। ସ୍ଥାନୀୟ ଲୋକଙ୍କ ପାଇଁ ଏହା 'ଦୂର ପାହାଡ଼' ସଦୃଶ। ଦୈନିକ କୋଟି କୋଟି ଅର୍ଥ ରାଜ୍ୟ ତଥା ଦେଶର ରାଜକୋଷକୁ ସୁଦୃଢ କରୁଥିବା ବେଳେ ଯୋଡ଼ା-ବଡ଼ବିଲର ବିକାଶ ଆକାଶ କଇଁଆ ଚିଲିକା ମାଛ ପରି। ମାଳ ମାଳ ଖଣି, ହାତଗଣତି ଶିଳ୍ପ, କୃଷି ପାଇଁ ଉର୍ବର ଫସଲ, ଜଳସେଚନ ପାଇଁ ନଦୀବନ୍ଧ ଥିଲେ ସୁଦ୍ଧା ରାଜନୈତିକ ଉଦାସୀନତା, ସରକାରୀ ବାବୁଙ୍କ ଖାମଖିଆଲି ମନୋଭାବ ପାଇଁ ସ୍ଥାନୀୟ ଅଧିବାସୀଙ୍କ ବିକାଶ ହୋଇପାରୁନାହିଁ। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମାଳ ମାଳ ଅଭିଯୋଗ ଆସୁଥିବା ଦେଖିବାକୁ ମିଳୁଛି।

ଯୋଡ଼ା ବଡ଼ବିଲ ଅଞ୍ଚଳରେ ଖଣି ଅଛି ହେଲେ ନିଯୁକ୍ତି ନାହିଁ, ମାତ୍ରାଧିକ ମେସିନ ପ୍ରଚଳନ ଦ୍ୱାରା ସ୍ଥାନୀୟ ଯୁବକ ଯୁବତୀ ଚାକିରିରୁ ବଞ୍ଚିତ ରହୁଥିବା ଅଭିଯୋଗ ରହିଛି। ମାତ୍ରାଧିକ ଖଣି ଖନନ ଦ୍ୱାରା ଜଙ୍ଗଲ ନଷ୍ଟ ହୋଇ ପରିବେଶ ଅସନ୍ତୁଳିତ ହୋଇପଡ଼ିଛି। ଧୂଳିଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ବିଭାଗୀୟ ଅଧିକାରୀ କିଛି ଜାଣି ନ ଜାଣିଲା ପରି ବସି ରହିଛନ୍ତି। କାମ ଧନ୍ଦା ଅଭାବରୁ ବେରୋଜଗାରୀ ଦେଖା ଦେବା ସହ ଚୋରି ରାହାଜାନୀ ବଢୁଛି। ବେରୋଜଗାରୀ ପାଇଁ ଯୁବପିଢ଼ି ନିଶାସକ୍ତ ହୋଇ କୁପଥରେ ଯାଉଛନ୍ତି। ଖଣି ଖନନ ଦ୍ୱାରା ଜଙ୍ଗଲର ମୂଲ୍ୟବାନ ଔଷଧୀୟ ବୃକ୍ଷ ନଷ୍ଟ ହୋଇ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଥିବା ଅଧିବାସୀ ହାତ ବାନ୍ଧି ବସିଛନ୍ତି। ଅଞ୍ଚଳରେ ଖଣି ଅଛି ହେଲେ ଶିଳ୍ପ ନାହିଁ। କଞ୍ଚାମାଲ ଅନ୍ୟ ରାଜ୍ୟକୁ ଯାଉଛି। ଶିଳ୍ପ ପ୍ରତିଷ୍ଠା ଦିଗରେ ସରକାର ଦୃଷ୍ଟି ଦେଲେ ଅଞ୍ଚଳରେ ରୋଜଗାରର ମାଧ୍ୟମ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ ମତ ବ୍ୟକ୍ତ କରିଛନ୍ତି। ବଡ଼ବିଲଠାରେ ବନ୍ଦ ପଡ଼ିଥିବା ଲୌହ କାରଖାନା ଯାହା ଦିନେ ଓଡିଶାର ପରିଚୟ ଥିଲା ତାହା ପୁନଃକାର୍ଯ୍ୟକ୍ଷମ କଲେ କିଛି ମାତ୍ରାରେ ବେରୋଜଗାରୀ ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ବରିଷ୍ଠ ସାମ୍ବାଦିକ ଶିରୀଶଚନ୍ଦ୍ର ମହାନ୍ତି କହିଛନ୍ତି।

ଏପଟେ ଚମ୍ପୁଆ ନିର୍ବାଚନମଣ୍ଡଳୀର କୃଷି ଓ କୃଷକଙ୍କୁ ସ୍ୱାବଲମ୍ବୀ ଓ ସୁଦୃଢ କରିବା ପାଇଁ ଯୋଡ଼ା ବ୍ଲକ କଣ୍ଡରାଠାରେ ବୃହତ କାନପୁର ନଦୀବନ୍ଧ ନିର୍ମାଣ ଅତି ମନ୍ଥର ଗତିରେ ଚାଲିଛି। ଗାଁ ବସିବା ଆଗରୁ ଚୋର ଆବିର୍ଭାବ ପରି କମ୍ପାନୀଗୁଡିକ ନଦୀବନ୍ଧ ଭିତରେ ପାଇପ ବସାଇ ପାଣି ନେବାକୁ ଯୋଜନା ଆରମ୍ଭ କଲେଣି। ଏପଟେ ଖଣି ଅଞ୍ଚଳରେ ସଡକ ଦ୍ୱାରା ପରିବହନ ବନ୍ଦ ହୋଇ ସ୍ଲରୀ ପାଇପ ଯୋଗେ ଖଣିଜ ପରିବହନ ହେବାକୁ ବସିଥିବା ବେଳେ କର୍ମହରା ହେବା ଭୟରେ ଗାଡ଼ି ମାଲିକ ମୁଣ୍ଡରେ ହାତ ଦେଇ ବସିଛନ୍ତି। ୨୦୧୯ରେ ଖଣିଗୁଡିକ ନିଲାମ ହେବା ଦ୍ୱାରା ଖଣି ମାଲିକମାନେ ଅତି ଉଚ୍ଚ ଦରରେ ଖଣିଗୁଡିକ ହାତେଇବା ଦ୍ୱାରା ନିଜର କ୍ଷତିକୁ ଭରଣା କରିବାକୁ ଯାଇ ନିରୀହ ଗାଡ଼ି ମାଲିକଙ୍କ ଉପରେ ଦାଉ ସାଧି ସ୍ଲରୀ ପାଇପ ଯୋଗେ ଖଣିଜ ପରିବହନ ଉପରେ ଗୁରୁତ୍ୱ ଦେଉଛନ୍ତି। ଯା ଛଡ଼ା, ଖଣି ମାଲିକମାନେ ଖଣିଗୁଡିକରେ ଠିକା ଶ୍ରମିକ ଓ ଠିକା କର୍ମଚାରୀ ରଖି ଶ୍ରମ ଆଇନକୁ ହାତବାରିସୀ କରି ଅଳ୍ପ ଦରମାରେ କର୍ମଚାରୀ ନିୟୋଜିତ କରୁଛନ୍ତି। କୃଷି ପାଇଁ ଚମ୍ପୁଆ ନିର୍ବାଚନମଣ୍ଡଳୀ ଯୋଡ଼ା ବ୍ଲକରେ ଉର୍ବର ଜମି ଅଛି ହେଲେ ସରକାରୀ ପ୍ରସ୍ୱାହନ ଅଭାବରୁ ଓ ଜଳସେଚନ ପଦ୍ଧତି ଅଭାବରୁ ଦ୍ୱିଫସଲ ହୋଇପାରୁନାହିଁ।

ଚମ୍ପୁଆ ବିଧାୟକ ଓ ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ହୋଇଥିବା ମୋହନ ମାଝିଙ୍କ ମଧ୍ୟରେ ଉଚିତ ସାମଞ୍ଜସ୍ୟ ଅଭାବ, ଚିନ୍ତା ଓ ଦୂରଦୃଷ୍ଟିର ତାରତମ୍ୟ ରହୁ ନ ଥିବାରୁ ଚମ୍ପୁଆବାସୀଙ୍କ ଉନ୍ନତିରେ ବାଧାପ୍ରାପ୍ତ ହେଉଥିବା କିଛି ବ୍ୟକ୍ତିବିଶେଷଙ୍କ ସୂତ୍ରରୁ ଆଲୋଚନା ବେଳେ ଜଣାପଡ଼ିଛି। ଯାହାଦ୍ୱାରା ଚମ୍ପୁଆ, ଯୋଡ଼ା ବଡ଼ବିଲରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଆଲୋକ, ଗମନାଗମନର ଉନ୍ନତି ହୋଇ ନ ପାରି ଖଣି ଅଞ୍ଚଳର ଭାଗ୍ୟୋଦୟରେ ବାଧକ ସାଜିଛି।

### କଳାର ପୂଜାରୀ ଦେବେନ୍ଦ୍ର

# ସ୍ୱପ୍ନ ସାକାର ପାଇଁ ଅର୍ଥ ସାଜିଛି ପ୍ରତିବନ୍ଧକ



ବନ୍ତ/ଆଗରପଡ଼ା,୨୩।୧୧ (ସମିସ): ଆଗରପଡ଼ା ନିକଟବର୍ତ୍ତୀ ରାଜନଗର ମଙ୍ଗଳପୁର ଗ୍ରାମର ଗୋଟିଏ ଗରିବ ପରିବାରରେ ଦେବେନ୍ଦ୍ର ଜେନାଙ୍କ ଜନ୍ମ। ପିଲାଟି ଦିନରୁ ସଂଗୀତ ପ୍ରତି ଆଗ୍ରହ ପ୍ରକାଶ କରି କଳା ଜଗତରେ ସଂଗୀତଗୁରୁ ପ୍ରହ୍ଲାଦ ପାଣିଗ୍ରାହୀଙ୍କ ପ୍ରେରଣା, ବାପା ଅନାମ ଜେନା, ମାତା ରଙ୍ଗଲତା ଜେନା ଓ ଅଧ୍ୟାପକ ଗୋବିନ୍ଦ ସାହୁଙ୍କ ପ୍ରଚେଷ୍ଟାରୁ ମାତ୍ର ବାରବର୍ଷ ବୟସରୁ କଳା ଓ କବିତା ଆସରରୁ ସଂଗୀତ କ୍ଷେତ୍ରରେ ନିଜକୁ ହଜାଇ ଦେବା ଓ ଓଡ଼ିଶାରେ ଏକ ସୁସ୍ଥ ସଂଗୀତ ପରିବେଶ ସୃଷ୍ଟି କରିବାର ସ୍ୱପ୍ନ ନେଇ ଆଗେଇଥିଲେ ଦେବେନ୍ଦ୍ର। ତାଙ୍କ ସ୍ୱପ୍ନର ପ୍ରଥମ ସୋପାନରେ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କଣ୍ଠଦାନ କରି ପୁରସ୍କୃତ ହୋଇଥିଲେ। ପ୍ରଥମେ ଡକ୍ଟର ହରେକୃଷ୍ଣ ମହତାବ ଯୁବ ସାଂସ୍କୃତିକ ଅନୁଷ୍ଠାନ (ଚାରିଗାଁ, ଭଦ୍ରକ ଭଜନ ସମାରୋହ), ୧୯୯୩ରେ ଆଗରପଡ଼ା ମହାବିଦ୍ୟାଳୟ ଆଗରପଡ଼ା ନାଟ୍ୟ ସଂପାଦକ ରୂପେ ନିର୍ବାଚିତ ହୋଇଥିଲେ। ରାଉରକେଲା ବିର୍ସାମୁଣ୍ଡା କଳା ନିକେତନର ସଂଗୀତ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ, ଭୁବନେଶ୍ୱରସ୍ଥ ସିଆରପି ଛକ ବିଜୁ ପଟ୍ଟନାୟକ ସ୍ମୃତି ସଂସଦ, କୁପାରୀର ଡ. ହରେକୃଷ୍ଣ ମହତାବ କଲେଜରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଂଗୀତ ପ୍ରତିଯୋଗିତାରେ ପ୍ରଥମ, ଡ.ହରେକୃଷ୍ଣ ମହତାବ ଜୟନ୍ତୀ ଉତ୍ସବ ସଂଗୀତ ପ୍ରତିଯୋଗିତାରେ ୨ୟ ସ୍ଥାନ, ରାଜ୍ୟସ୍ତରୀୟ ଲଘୁକଣ୍ଠ ପ୍ରତିଯୋଗିତାରେ ୩ୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ହେଲ୍‌ଥ ଇଣ୍ଡିଆ ଲାବ ଓପନ ୟୁନିଭରସିଟି, ମାଡ୍ରାସରେ ଅନୁଷ୍ଠିତ ସଂଗୀତ ପ୍ରତିଯୋଗିତାରେ ୩ୟ ସ୍ଥାନ ପାଇ ଡ. କାଲମ ପି.ଆଇ. ପିଟରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବରପତ୍ର ସାହାଯ୍ୟରେ ବିଭିନ୍ନ ଗୀତକୁ ନିଜ ପାଟିରେ ବିଭିନ୍ନ ସ୍ୱର କରି ବଜାଇପାରନ୍ତି ଦେବେନ୍ଦ୍ର। ବିଭିନ୍ନ ପଶୁପକ୍ଷୀ ଶୁଆଶାରୀ, କୁକୁର, ମାଙ୍କଡ଼, ହାତୀ ଇତ୍ୟାଦିଙ୍କ ଅବିକଳ ନକଲ କରିବାରେ ଦେବେନ୍ଦ୍ର ସିଦ୍ଧହସ୍ତ। ଯାତ୍ରା ଅନୁଷ୍ଠାନ ମହାବୀର ଗଣନାଟ୍ୟ, ବାସନ୍ତୀ ଗଣନାଟ୍ୟ, ନନ୍ଦିକା ଗଣନାଟ୍ୟ ଦ୍ୱାରା ପରିବେଷିତ ନାଟକ ଭଡ଼ାସ୍ୱାମୀ, ଶେଷ ସମ୍ପର୍କ, ମିଛ ଭାରିଜା, କିଏ ଭାଙ୍ଗିଦେଲା ବାଇଆ ବସା, କାଗଜ ଡଙ୍ଗା ଆଦି ନାଟକରେ କଣ୍ଠଦାନ କରି ଯାତ୍ରା ନିର୍ଦ୍ଦେଶକ ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। କଣ୍ଠଶିଳ୍ପୀ ସୁରେଶ ପରିଡ଼ାଙ୍କୁ ଅଧିକ ପସନ୍ଦ କରନ୍ତି ବୋଲି ଦେବେନ୍ଦ୍ର କୁହନ୍ତି। ମାତ୍ର ତାଙ୍କ କଳାର ସମ୍ପୂର୍ଣ୍ଣ ପରିସ୍ଫୁଟନ ପାଇଁ ସୁଯୋଗ ମିଳୁଥିଲେ ସୁଦ୍ଧା ନିଜର ଆର୍ଥିକ ଦୁରବସ୍ଥା ଯୋଗୁଁ ଏହା ସମ୍ଭବପର ହୋଇପାରୁ ନାହିଁ। ତେଣୁ ତାଙ୍କ ସ୍ୱପ୍ନର ପାହାଚରେ ଅର୍ଥ ପ୍ରତିବନ୍ଧକ ସାଜିଥିବା ଜଣାପଡ଼ିଛି। ତଥାପି ସେ ତାଙ୍କ ବିକଶିତ କଳାକୁ ନେଇ ସୁଯୋଗକୁ ଚାହିଁ ବସିଥିବା ପ୍ରକାଶ କରିଛନ୍ତି।

### ବାତ୍ୟା ଭୟ

# ଦରପାଚିଲା ଧାନକୁ ବୋହି ନେଲେ ଚାଷୀ

ବାରିକପୁର,୨୩।୧୧(ସମିସ):



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ବାତ୍ୟା ଓ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ଖରିଫ୍ ଧାନ ଚାଷ କରିଥିବା ଚାଷୀ ଏବେ ଘୋର ଚିନ୍ତାରେ ପଡ଼ିଯାଇଛନ୍ତି। ଏ ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୨୩ ପଞ୍ଚାୟତ ଅଞ୍ଚଳରେ ଚାଷ ହୋଇଥିବା ଖରିଫ୍ ଧାନ ଚାଷକୁ ନେଇ ବିଭିନ୍ନ ଆଶଙ୍କା ଦେଖାଦେଇଛି। ବ୍ଲକ୍‌ର ବୈତରଣୀ କୂଳରେ ଅବସ୍ଥିତ ଷୋଳମପୁର, ବନ୍ଦାଳ ମଡିଆଳୀ ଓ ଝୁଟଣା ପଞ୍ଚାୟତର ଦୋରସା ମାଟିରେ ଚାଷ ହୋଇଥିବା ଧାନ ପ୍ରାୟତଃ ଅମଳ ପାଇଁ ଏବେ ଉପଯୋଗୀ ହୋଇଛି। କେତେକ ଚାଷଜମିରେ ଧାନକଟା ହୋଇଥିବାବେଳେ ଅନ୍ୟ କେତେକ କ୍ଷେତରେ ଧାନ ସମ୍ପୂର୍ଣ୍ଣ ପାଚିଯାଇଛି। ଏହାଛଡା ଅନ୍ୟାନ୍ୟ ୨୦ଟି ପଞ୍ଚାୟତ ଅଞ୍ଚଳରେ ସହଳ କିସମ ସ୍ୱର୍ଣ୍ଣ ଧାନ ସଂପ୍ରତି ମଳ ଉପଯୋଗୀ ହୋଇଥିବାବେଳେ ଅନ୍ୟ ଧାନ ମଧ୍ୟ ଅଧାରୁ ଅଧିକ ପାଚି ଗଲାଣି। ଏପରି ସ୍ଥଳେ ବାତ୍ୟା ଆଶଙ୍କା ଯୋଗୁଁ ହଜାର ହଜାର ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। କିଛି ଚାଷୀ ମଧ୍ୟ ଧାନ କାଟି ସଙ୍ଗେ ସଙ୍ଗେ ଖଳା ବାଡିକୁ ବୋହି ଆଣୁଛନ୍ତି। ଯେଉଁ କ୍ଷେତ କଟା ହେବା ପରେ ଚାଷ ଜମିରେ ଆଠ ଦଶ ଦିନ ରହି ଶୁଖିବା କଥା ସେଗୁଡିକୁ ବାଧ ହୋଇ ଲୋକେ ଘରକୁ ଆଣୁଛନ୍ତି। ଏପରିକି ୬୦/ ୭୦ ଭାଗ ପାଚିଥିବା ଧାନକୁ କିଛି ଚାଷୀ ବିଲରୁ ଆଣୁଥିବା ଦେଖାଯାଇଛି। ଏଭଳି ଚିତ୍ର କେତେକ ସ୍ଥାନରେ ଦେଖିବାକୁ ମିଳିଥିବାବେଳେ ବ୍ଲକ ଅଞ୍ଚଳରେ ପାଖାପାଖି ୧୬ ହଜାର ହେକ୍ଟର ଚାଷଜମିରେ ସମ୍ପୂର୍ଣ୍ଣ ଭାବେ ପାଚିଲା ଧାନ ଠିଆ ହୋଇଛି। ଯଦି ଲଘୁଚାପଜନିତ ବର୍ଷା ଓ ପବନ ହୁଏ, ତାହେଲେ ଖରିଫ୍ ଧାନ ଚାଷକୁ ଘୋର କ୍ଷତି ପହଞ୍ଚାଇବ ବୋଲି ବିଭିନ୍ନ ଅଞ୍ଚଳର କୃଷକ ସୂଚନା ଦେଇଛନ୍ତି।

### ■ ୫ ମାସ ହେଲା ଅକ୍ଷମ ରବୀନ୍ଦ୍ର

# ପ୍ରଶାସନିକ ସହାୟତାକୁ ଅପେକ୍ଷା



ଅସୁରାଳି,୨୩।୧୧(ସମିସ): ଗୋବିନ୍ଦପୁର ଗ୍ରାମର ଅଧିବାସୀ ରବୀନ୍ଦ୍ର ଲୋଚନ ପରିଡା (୫୫) ସାଧାରଣ ରୋଜଗାରିଆ ଲୋକ। ଖଟିଲେ ଘରେ ଚୁଲି ଜଳେ। ଏଭଳି ପରିଶ୍ରମରେ ସେ ନିଜ ପରିବାରକୁ ଚଳାଇଥା'ନ୍ତି। କିନ୍ତୁ ୫ ମାସ ପୂର୍ବରୁ ଘଟିଥିବା ଗାଡ଼ି ଦୁର୍ଘଟଣାରେ ତାଙ୍କର ଗୋଟିଏ ପାଦ ସମ୍ପୂର୍ଣ୍ଣ ଭାବେ ଅକ୍ଷମ ହୋଇଯାଇଛି। ସେ କାମକୁ ଯାଇପାରୁନାହାନ୍ତି। ଘରେ ପଡିଥିବାରୁ ପରିବାର ଚଳାଇବାରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ହେଲେ ମଧ୍ୟ ଆର୍ôଥକ ସମସ୍ୟାରୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ପରିବାରର ଦୈନିକ ଜୀବନ ଅସୁବିଧାରେ ପଡିଥିବାରୁ ଅଞ୍ଚଳବାସୀ ପ୍ରଶାସନକୁ ତାଙ୍କ ପାଇଁ ତତ୍କାଳ ସହାୟତା ଦେବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ରବୀନ୍ଦ୍ରଙ୍କ ପରିବାର ଏବେ ଦୁର୍ଦ୍ଦଶାରେ ଅଛି। ପ୍ରଶାସନିକ ସହାୟତା ମିଳିଲେ ସେମାନେ ଉପକୃତ ହେବେ।

# ପ୍ରଦୂଷଣ କରୁଛି ବେଆଇନ ମାଟି ଇଟାଭାଟି

ଦୋଳସାହି,୨୩।୧୧(ସମିସ): ତିହିଡ଼ି ତହସିଲ ଅଧିନ ସମସ୍ତ ରାଜସ୍ୱ ସର୍କଲ ଅଞ୍ଚଳରେ ବେଆଇନ ମାଟି ଇଟାଭାଟି ଗଢି ଉଠିଥିବା ବେଳେ ପରିବେଷ ପ୍ରଦୂଷଣ ସମସ୍ୟା ବୃଦ୍ଧି ପାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋଳସାହି ଆରଆଇ ସର୍କଲରେ ବିଭିନ୍ନ ଗ୍ରାମରେ ବେଆଇନ ଭାବେ ମାଟି ଇଟାଭାଟି ଗଢି ଉଠିଥିଲା ବେଳେ ଏହି ବେଆଇନ ମାଟି ଇଟାଭାଟି ମାଲିକମାନେ କିଛି ସରକାରୀ କର୍ମଚାରୀଙ୍କୁ ହାତଗୁଂଜା ଦେଇ ଲକ୍ଷ ଲକ୍ଷ ଇଟା ପ୍ରସ୍ତୁତ କରି ବେପାର କରୁଛନ୍ତି। ମାତ୍ର ୨୦ରୁ ୫୦ହଜାର ଇଟାର ରାଜସ୍ୱ ସରକାରଙ୍କ ତହବିଲକୁ ଆସୁଥିବା ସାଧାରଣରେ ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଇଟାଭାଟି ଧୂଆଁ ବାୟୁ ପ୍ରଦୂଷଣ ସମସ୍ୟା ବୃଦ୍ଧି ପାଉଥିବା ସହ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ୪ କୋଟି ଟଙ୍କା ରାସ୍ତାର ଅବସ୍ଥା ଶୋଚନୀୟ



ଅସୁରାଳି,୨୨।୧୧(ସମିସ): ଧାମନଗର ବ୍ଲକ୍ ଝାଟିଆସାହିଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ୭.୩୫ କି.ମି. ରାସ୍ତା, ଯାହାକୁ ୪ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା, ଆଜି ବିପଦସଂକୁଳ ଅବସ୍ଥାରେ ପରିଣତ ହୋଇଛି। ଦୁଇ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା କାର୍ଯ୍ୟର ଶେଷ ଅବଧି ଅକ୍ଟୋବର ୨୦୨୭ ହେଲେ ମଧ୍ୟ, ଏପର୍ଯ୍ୟନ୍ତ ରାସ୍ତାର ଗୁଣାତ୍ମକ ଅବସ୍ଥା ନିରାଶାଜନକ। ବର୍ଷା ପଡ଼ିଲେ ପିଚୁ ଉଠି ବାଲି ଗୋଡ଼ି ଦେଖାଯାଉଛି। ବହୁ ସ୍ଥାନରେ ଖାଲ-ଢିପରେ ରାସ୍ତା ପରିପୂର୍ଣ୍ଣ। ମଙ୍ଗଳପୁରରେ ରେବ ନଦୀ ପୋଲର ଦୁଇ ପାର୍ଶ୍ୱରେ ୨ ଫୁଟ୍ ପର୍ଯ୍ୟନ୍ତ ରାସ୍ତା ଦବିଗଲାଣି। କୋରୁଆ କେନାଲ ସହିତ ଅନେକ ସ୍ଥାନରେ ରାସ୍ତା ଦବିଥିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟସାଧ୍ୟ। ପ୍ରତିଦିନ ଛୋଟ-ବଡ଼ ଦୁର୍ଘଟଣା ଘଟୁଥିବାରୁ ଲୋକମାନେ ଭୟଭୀତ। ଅନୁକମ୍ପା ମହିଳା ସଂଗଠନର ସମ୍ପାଦିକା ଅଞ୍ଜନା ମହାକୁଡ, ଉପସଭାପତି ବିମଳା ନାଥ, ସହ ସମ୍ପାଦିକା ସସ୍ମିତା ଦାସ ଦାବିକରିଛନ୍ତି ଯେ ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବିଭାଗୀୟ ଉପଖଣ୍ଡ ଅଧିକାରୀ ରଞ୍ଜନ ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ବୈଠକ

### ● ଜାନୁଆରୀ ୨୦ରେ ୬ଷ୍ଠ ବାର୍ଷିକ ସ୍ୱନକ୍ଷତ୍ର

ଭଦ୍ରକ,୨୩।୧୧(ସମିସ): ଜିଲ୍ଲାର ବରିଷ୍ଠ ମାନଙ୍କୁ ଏକାଠି କରି ସେମାନଙ୍କ ମୁହଁରେ ହସ ଫୁଟେଇବା ପାଇଁ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ତାର ପ୍ରୟାସ ଆଜକୁ ୫ବର୍ଷ ଧରି କାର୍ଯ୍ୟକ୍ରମ ମାନ ୨୭ଟି ଆଞ୍ଚଳିକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନେଇ ବର୍ଷର ନିୟମିତ ବ୍ୟବଧାନରେ ପାଳନ କରିଆସୁଛି। ଏହିକ୍ରମରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ତାର ୬ଷ୍ଠ ବାର୍ଷିକ ସ୍ୱନକ୍ଷତ୍ର ଦିବସ ଆସନ୍ତା ଜାନୁୟାରୀ ମାସ ୨୦ ତାରିଖ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଜିଲ୍ଲା ମହାସଂଘ ଅନୁବନ୍ଧିତ ୨୭ଟି ସଂଘର ମିଳିତ ଆନୁକୂଲ୍ୟରେ ପାଳନ କରିବାପାଇଁ ଆଜି ଭଦ୍ରକ ଜାନୁଗଞ୍ଜସ୍ଥ ଦିବ୍ୟମ ସଭାଗୃହରେ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାଶଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ, ସହସମ୍ପାଦକ ବିଭୂତି ଭୂଷଣ ସେନାପତି ଓ ଜିଲ୍ଲାର ବରିଷ୍ଠ ନାଗରିକ ସଂଘ ରାଣୀତାଲ, ତିହିଡି, ଅର୍ଣ୍ଣପାଳ, ରାନ୍ଦିଆ, ପୁରୁଣା ବଜାର, ଚରମ୍ପା, ଭଦ୍ରକ, ସାହାଡ଼ା ସାବରଙ୍ଗ, ବେତାଳିଗାଁ, ଘଣ୍ଟେଶ୍ୱର, ବାରିକପୁରର ସଭାପତି, ସମ୍ପାଦକଙ୍କ ମତାମତକୁ ସମ୍ମାନ ଜଣାଇ ଉକ୍ତ ସମାବେଶକୁ ସରସ ସୁନ୍ଦର କରି ଜିଲ୍ଲାର ସବୁ ବର୍ଗର ବରିଷ୍ଠ ନାଗରିକଙ୍କ ମନରେ ଏକ ନିଆରା ଅନୁଭୂତି ବାଣ୍ଟିଥିଲେ। ମହାସଂଘର ବାର୍ଷିକ ପତ୍ରିକା "ବରିଷ୍ଠ'କୁ ଉଚ୍ଚମାନର କରିବାକୁ ସବୁପ୍ରକାର ସହଯୋଗ କରିବାପାଇଁ ମହାସଂଘର ଉପଦେଷ୍ଟା ଇନ୍ଦ୍ରମଣି ପଣ୍ଡା, ଶଶିକାନ୍ତ ପାଢ଼ୀ, ମନୀନ୍ଦ୍ର କୁମାର ମହାନ୍ତି, ପର୍ଶୁରାମ ଦ୍ୱିବେଦୀ, ଡାକ୍ତର ଦୁର୍ଯ୍ୟୋଧନ ଦାସ, ଗୋଲକ ବିହାରୀ ସାହୁ, ଇଂ ମଧୁସୂଦନ ସାହୁ, ଇଂ ମହେଶ ପ୍ରସାଦ ଦାସ, ଇଂ ଅଖିଳ ପାଢ଼ୀ,ଶାନ୍ତନୁ କୁମାର ରାଉତ, କାର୍ଯ୍ୟକାରିଣୀ ସଦସ୍ୟ ସୁଧାକର ରାଉତ, ରାମଚନ୍ଦ୍ର କର, ରଘୁନାଥ ସାହୁ, ସଂଗୀତା ଦେ, ଶାନ୍ତିଲତା ବାରିକ, ହରେକୃଷ୍ଣ ମହାକୁଡ଼, ବିଚିତ୍ରାନନ୍ଦ ମହାନ୍ତି, ତ୍ରୈଲୋଚନ ବେଉରିଆ, ପ୍ରଶାନ୍ତ ଦେ, ଗିରୀଶଚନ୍ଦ୍ର ପାତ୍ର, ଦିଲ୍ଲୀପ ନାୟକ ପ୍ରତିଶ୍ରୁତି ଦେଲେ,ମହାସଂଘ ର କୋଷାଧ୍ୟକ୍ଷ ବିଜୟ କୁମାର ସେନାପତିଙ୍କୁ ଅର୍ଥ ସମ୍ବନ୍ଧୀୟ ସହଯୋଗ ପାଇଁ ଦିବାକର ବାରିକ, ରାଧାରାଣୀ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ବାଦଲ ମହାପାତ୍ର ନିରଞ୍ଜନ ସାହୁ ଦାୟିତ୍ୱ ଦିଆଯାଇଛି। ରାଷ୍ଟ୍ରାୟତ୍ତ କମ୍ପାନୀ ମହାନଦୀ କୋଲ ଫିଲଡ ସିଏସଆର ଫଣ୍ଡରେ ଚାରିଘରିଆ ବାଗୁରାଇଠାରେ ନିର୍ମାଣ ହେବାକୁ ଥିବା ସିନିଅର ସିଟିଜେନ ମଲିଟି ହବ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ତହସିଲଦାର ପତ୍ର ଦ୍ୱାରା ୫ ଡେସିମିଲ ଜମି ଦେଇଛନ୍ତି, କିନ୍ତୁ ଆଇନ ମୁତାବକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଟ୍ରେସମ୍ୟାପ ସହ ଅମିନଙ୍କ ଜରିଆରେ ଜାଗା ଚିହ୍ନଟ କରିବାର ବିଳମ୍ବର କାରଣ କଣ ବୋଲି ବରିଷ୍ଠଙ୍କ ମଧ୍ୟରେ ଆଜିର ବୈଠକରେ ସରଗରମ ଆଲୋଚନା କରାଯାଇଥିଲା। ଏ ବାବଦରେ ମହାସଂଘର ସଭାପତି, ସମ୍ପାଦକ, କାର୍ଯ୍ୟକାରୀ ସଭାପତି ଓ ଉପଦେଷ୍ଟା ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଖୁବଶୀଘ୍ର ଏଦିଗରେ ଜିଲ୍ଲାପାଳ, ତହସିଲଦାରଙ୍କୁ ବିଧିବଦ୍ଧ ଭାବେ ଡ଼ି. ଏସ ଏସ ଓ ଙ୍କ ନାମେ ରେକର୍ଡ ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେବାପାଇଁ ଅନୁରୋଧ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# ନୃସିଂହ ନାରାୟଣ ମଠ ଉପରେ କେବେ ପଡ଼ିବ ସରକାରଙ୍କ ଦୃଷ୍ଟି



ଅସୁରାଳି,୨୩।୧୧(ସମିସ): ଫତେପୁର ପଞ୍ଚାୟତ ଫତେପୁର ଗାଁର ନୃସିଂହ ନାରାୟଣ ମଠ ଓ ୨୫୦ ବର୍ଷର ପୁରୁଣା ମଠ ଓ ଗ୍ରାମବାସୀଙ୍କ ମୁଖ ନିଃସୃତ ବାକ୍ୟ ଅନୁଯାୟୀ ସ୍ୱର୍ଗତ ଶ୍ରୀରାମ ଦାସ ପ୍ରଥମେ ୩୦୦ ବର୍ଷ ପୂର୍ବେ ବଣ ଭିତରେ ଚାଳିଆରେ ନୃସିଂହ ନାରାୟଣଙ୍କ ମୂର୍ତ୍ତି ରଖି ପୂଜା କରୁଥିଲେ। ଶ୍ରୀ ରାମ ବାବାଙ୍କ ପରେ ଶ୍ରୀରାମପୁର ବାସିନ୍ଦା ସ୍ୱର୍ଗତ ଚରଣ ଦାସ ମଠର ମହନ୍ତ ହୋଇଥିଲେ। ସେତେବେଳେ ଗ୍ରାମବାସୀ ଠାକୁରଙ୍କ ପୂଜା କରିବା ସହ ରାମ ବାବାଙ୍କ ବାର୍ଷିକୀ ଆଡମ୍ବର ସହିତ ପାଳନ କରୁଥିଲେ। ପରେ ସ୍ୱର୍ଗତ ଚରଣ ଦାସଙ୍କ ପରଲୋକ ପରେ ଏକ ବ୍ରାହ୍ମଣ ଆଣି ପ୍ରଭୁଙ୍କ ପୂଜା କରୁଥିଲେ। ପରେ ସ୍ୱର୍ଗତ ଦୁର୍ଗାମାଧବ ଦାସ ମହନ୍ତ ସାଜିଥିଲେ ଓ ସେ ଅନ୍ୟୁନ ୫୦ ବର୍ଷ ମଠର ଦାୟିତ୍ୱ ଗ୍ରହଣ କରିଥିଲେ। ପରେ କମଳୀନୀ ଦେବୀ ଏହି ଭାର ଗ୍ରହଣ କରିଥିଲେ। ଏବେ ଗ୍ରାମବାସୀ ଏକ ପୂଜକ ତଥା ଅକ୍ଷୟ କୁମାର ଦାସଙ୍କୁ ଆଣି ମାସିକ ବେତନ ଦେଇ ପୂଜାର୍ଚ୍ଚନା ଚାଲିଛି। ଏବେ ଉକ୍ତ ମଠରେ ୪ଟି ଉତ୍ସବ ତଥା ନୃସିଂହ ନାରାୟଣଙ୍କ ଜନ୍ମଦିନ କାର୍ତ୍ତିକ ପୂର୍ଣ୍ଣିମା, ଶ୍ରୀ ରାମଦାସଙ୍କ ଶ୍ରାଦ୍ଧବାର୍ଷିକୀ, ଶ୍ରୀ ଦୁର୍ଗାମାଧବଙ୍କ ବାର୍ଷିକୀ ଧୁମଧାମରେ ପାଳନ କରାଯାଉଛି। ସଭାପତି ପୁରସ୍ତମ ସ୍ୱାଇଁ, ସମ୍ପାଦକ ବଟକୃଷ୍ଣ ରାଉତ, ସଦସ୍ୟ ତଥା ଭାସ୍କର ବସନ୍ତିଆ କହିଛନ୍ତି, ପ୍ରାଶାସନିକ ଅନୁଦାନ ମିଳିଲେ ଉକ୍ତ ମଠର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ।

### ମାର୍ଗଶୀରରେ ବି ପରିବା ଦର ଆକାଶ ଛୁଆଁ

# ପାଳଙ୍ଗ ୧୬୦କୁ କୋଶଳା ୮୦

ବନ୍ତ/ଆଗରପଡ଼ା,୨୧।୧୧(ସମିସ):



କାର୍ତ୍ତିକ ମାସ ସରିଲା, ଏବେ ମାର୍ଗଶୀର ମାସ। କିନ୍ତୁ ପରିବା ଦର କମିବାର ନା ଧରୁନି। ବଢ଼ିଚାଲିଛି ପରିବା ଦର। କାର୍ତ୍ତିକ ମାସରେ ପରିବା ଦର ଉପର ମୁହାଁ ହୋଇଥିବାବେଳେ ମାର୍ଗଶୀରରେ ପନିପରିବା ଅଛୁଆଁ ହୋଇଯାଇଥିବା ଭଳି ଲାଗୁଛି। ବର୍ତ୍ତମାନ ପାଳଙ୍ଗ କିଲୋ ପ୍ରତି ୧୬୦ ଟଙ୍କାରେ ବିକ୍ରି ହେଉଥିବାବେଳେ କୋଶଳା ୮୦ ଓ କଳମ ୫୦ ଟଙ୍କାରେ ପହଞ୍ଚିଲାଣି। ଆଗରୁ ଏହାର ଦରରେ ଆହୁରି ବୃଦ୍ଧି ହେବା ସୂଚନା ମିଳୁଛି। ଯେଉଁ ପରିବା ଧରିଲେ କିଲୋ ପିଛା ଦାମ ୬୦ରୁ ୭୦ ଟଙ୍କା ଉପରେ। କିଛି ୮୦ ତ ଆଉ କିଛି ୧୦୦ ଛୁଇଁଲାଣି।

ଆଗରପଡ଼ା ଓ ବନ୍ତର ବିଭିନ୍ନ ହାଟରେ ଭଲ ବିଲାତି (ଟମାଟୋ) କିଲୋ ୬୦ ଟଙ୍କା ଥିବାବେଳେ ବାଇଗଣ କିଲୋ ୮୦ ଟଙ୍କାରେ ବିକ୍ରି ହେଉଛି। କଞ୍ଚାଲଙ୍କା, ପୋଟଳ, ଜହ୍ନି, କଲରା, ବିନ୍ସ, ଝୁଡୁଙ୍ଗ, କ୍ୟାପସିକମ୍, ଖମ୍ବଆଳୁ ଦର କହିଲେ ନସରେ। ହାଟକୁ ୫୦୦ ଟଙ୍କା ନେଇ ଗଲେ ବ୍ୟାଗ୍ ପୁରୁନି। କେତେକଙ୍କ ଘରେ ପନିପରିବା ଶୂନ୍ୟ ହୋଇଗଲାଣି। ଖାଉଟି ଖାଇବ କ'ଣ ବୋଲି ଚିନ୍ତିତ ହୋଇପଡ଼ିଛନ୍ତି। ବ୍ଲକ୍‌ରେ ଥିବା ୧୮ ହଜାର ୮ ଶହ ୬୫ ହେକ୍ଟର ଚାଷଜମିରେ ଧାନଚାଷ କରାଯାଉଥିବାବେଳେ ବିଭିନ୍ନ ପଞ୍ଚାୟତରେ ଏକ ହଜାରରୁ ଊର୍ଦ୍ଧ୍ୱ ଜମିରେ ଡାଲି ଜାତୀୟ ଫସଲ ସହ ପନିପରିବା ଚାଷ କରାଯାଉଛି। ଛୟାଳସିଂହ, କାଦବରାଙ୍ଗ, ଓଡଙ୍ଗ, ଅଣିଜୋ, ଗୋପିନାଥପୁର, ବଡ଼ମଇଁଷଗୋଠ, ବଡ଼ବଛିକୟାଁ, ରାମପୁର ଓ ନିଲୋକ ସହ ଅନ୍ୟ ପଞ୍ଚାୟତରେ ଧାନଚାଷ ପରେ ରବିଋତୁରେ ଡାଲି ଜାତୀୟ ଶଷ୍ୟ ସହ ଭେଣ୍ଡି, କଲରା, ବିଲାତି, ବାଇଗଣ, ଜହ୍ନି, କାକୁଡ଼ି, ଲଙ୍କା, ମକା, କଖାରୁ ଚାଷ କରାଯାଏ। ଏସବୁ ପଞ୍ଚାୟତରେ ଚାଷୀ ଦୀର୍ଘବର୍ଷ ଧରି ଏହାକୁ ନିଜର ଜୀବିକା ଭାବେ ଗ୍ରହଣ କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଉକ୍ତ ଅଞ୍ଚଳକୁ ସବୁଜ ପନିପରିବା ଯୋଗାଇଥା'ନ୍ତି। ତେବେ ଉକ୍ତ ଅଞ୍ଚଳରେ ପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ଉଭୟ ଚାଷୀ ଓ ଖାଉଟି କ୍ଷତିରେ ପଡୁଥିବା ଜଣାପଡ଼ିଛି। ପରିବା ଉତ୍ପାଦନ ସମୟରେ ଦର କମିଯାଉଥିବାରୁ ଚାଷୀ କ୍ଷତିରେ ପଡୁଛନ୍ତି। ଅନ୍ୟ ଦିନରେ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ପରିବା ଦର ଆକାଶଛୁଆଁ ହେବାରୁ ଖାଉଟି ଚିନ୍ତାରେ ପଡୁଛନ୍ତି। ତେଣୁ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲେ ପରିବା ଉତ୍ପାଦନ ସମୟରେ ତାହାକୁ ସଂରକ୍ଷଣ କରାଯାଇ ଅନ୍ୟ ଦିନରେ ଚାହିଦା ମେଣ୍ଟାଇ ହୁଅନ୍ତା ବୋଲି ଚର୍ଚ୍ଚା ହେଉଛି।

**୬୦ ତଳକୁ ନାହିଁ ପରିବା ଦର**

### ସେମାନେ ଯାହା କହନ୍ତି...



ପନିପରିବା ଦର ନିୟନ୍ତ୍ରଣ କରିବା ପାଇଁ ସେମିତି କୌଣସି ଯୋଜନା ନାହିଁ। ଚଳିତ ମାସରେ ପାଳଙ୍ଗ ଶାଗର ଚାହିଦା ବୃଦ୍ଧି ପାଇଥାଏ। ତେଣୁ ଚାହିଦାକୁ ଦେଖି ଚାଷୀ ଏହାକୁ ବହୁଳ ମାତ୍ରାରେ ଚାଷ କରିଥା'ନ୍ତି। ତେଣୁ ତା'ର ମୂଲ୍ୟ ବୃଦ୍ଧି ପାଇବା ସ୍ୱାଭାବିକ। ପାଳଙ୍ଗ ସହିତ ଗେଣ୍ଡୁ ଫୁଲର ଦର ମଧ୍ୟ ବୃଦ୍ଧି ପାଇଥାଏ। ଅପରପକ୍ଷରେ ଚାଷଜମିକୁ ଘରଡ଼ିହରେ ପରିବର୍ତ୍ତନ କରାଯାଉଥିବାରୁ ଚାଷଜମି କମିବାରେ ଲାଗିଛି। ଫଳରେ ପନିପରିବା ଦରରେ ପରିବର୍ତ୍ତନ ଆସୁଛି।

**ପାୟଲ ଚୌଧୁରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ବନ୍ତ**



ବ୍ଲକ୍ କିମ୍ବା ପଞ୍ଚାୟତ ସ୍ତରରେ କୌଣସି ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଚାଷ କରୁଥିବା ପନିପରିବା ସଂଗୃହୀତ କରି ରଖିପାରୁନାହିଁ। ତେଣୁ ଉତ୍ପାଦନ ସମୟରେ ବହୁ କମ୍ ଦରରେ ବେପାରୀଙ୍କୁ ବିକ୍ରି କରିବାକୁ ବାଧ ହେଉଛି। ସରକାରଙ୍କ ପକ୍ଷରୁ ପନିପରିବା ଚାଷରେ ବ୍ୟବହୃତ ସାର କିମ୍ବା କିଟନାଶକ ଯଦି ମାଗଣାରେ ଯୋଗାଇ ଦିଆଯାଇପାରନ୍ତା କିମ୍ବା ରିହାତିର ବ୍ୟବସ୍ଥା କରାଯାଇପାରନ୍ତା, ତେବେ ଚାଷୀ ଉପକୃତ ହୋଇପାରନ୍ତେ ଓ ପନିପରିବା ଦରରେ କିଛି ପରିବର୍ତ୍ତନ ହୋଇପାରନ୍ତା।

**ମନୋଜ ବେହେରା, ସଫଳ ଚାଷୀ, ଆଗରପଡ଼ା**



ପରିବା ଦରର ବର୍ଦ୍ଧିତ ମୂଲ୍ୟ ମଧ୍ୟବିତ୍ତ ପରିବାରକୁ ବହୁ କଷ୍ଟ ଦେଉଛି। ରୋଜଗାର ତୁଳନାରେ ଖର୍ଚ୍ଚର ମାତ୍ରା ବଢ଼ିବାରେ ଲାଗିଥିବାରୁ ପରିବାର ପ୍ରତିପୋଷଣରେ ବହୁ କଷ୍ଟ ଅନୁଭବ ହେଉଛି। ସରକାର ଏହାକୁ ଗମ୍ଭୀରତାର ସହ ବିଚାରକୁ ନେଇ ବ୍ଲକ୍ କିମ୍ବା ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାର ସ୍ଥାପନ ଯୋଜନା କରିବା ଆବଶ୍ୟକ।

**ସତ୍ୟବ୍ରତ ନାୟକ, ଖାଉଟି, ଆଗରପଡ଼ା**

# ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ



ବନ୍ତ/ଆଗରପଡ଼ା,୨୩।୧୧(ସମିସ): ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ପଳଶା ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଉତ୍ସବ ଧୂମଧାମରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଓଁ କାରମ, ସୁପ୍ରଭାତମ, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା, ରଥ ଶୋଭାଯାତ୍ରା, ନାରାୟଣ ସେବା, ପୂଜ୍ୟ ପୂଜା, ଭଜନ ସହିତ ବାଲ୍ ବିକାଶ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛୟାଳସିଂହ, ସେଣ୍ଡତିରା, ଗଣିଜାଙ୍ଗ, ନିଲୋକ ସମେତ ହଜାର ହଜାର ସଂଖ୍ୟାରେ ସାଇଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସମସ୍ତ ସାଇ ଭକ୍ତ ସହଯୋଗ କରିଥିଲେ। ଶେଷରେ ବାବାଙ୍କ ଜନ୍ମ ଦିନରେ ୧୦୦ ସମୂହ ଦୀପଦାନ ସହିତ କେକ୍ କଟାଯାଇ ପାଳନ କରାଯାଇଥିଲା।

ସେହିପରି ରାମକୃଷ୍ଣପୁର ଭଜନ ମଣ୍ଡଳୀ ପକ୍ଷରୁ ୧୦୦ତମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଜନ ମଣ୍ଡଳୀର ମହେନ୍ଦ୍ର ସାହୁ, ଉଦୟ ବେଜ, ପଦ୍ମନାଭ ବିନ୍ଧାଣି, ଅନିରୁଦ୍ଧ ବିନ୍ଧାଣି, ଶତ୍ରୁଘନ ଖିଲାର, ସୁରନ୍ଦ୍ର ମଳିକ, ସୁରେଶ ମହାନ୍ତିଙ୍କ ସମେତ ସାଇ ଭଜନ ମଣ୍ଡଳୀ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ସଭା ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଓଁ କାରମ, ସୁପ୍ରଭାତମ, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା, ରଥ ଶୋଭାଯାତ୍ରା, ନାରାୟଣ ସେବା, ପୂଜ୍ୟପୂଜା, ଭଜନ ସହିତ ବାଲ୍ ବିକାଶ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ଅନୁଷ୍ଠିତ ହୋଇଥିଲା। ରାମପୁର, ରାମକୃଷ୍ଣପୁର ପଞ୍ଚାୟତର ହଜାର ହଜାର ସତ୍ୟସାଇ ବାବାଙ୍କ ଭକ୍ତ ଯୋଗଦେଇଥିଲେ।

# ‘ସକାଳ’ ଓ ‘ନନ୍ଦିଘୋଷ’ ପକ୍ଷରୁ ବିତର୍କ ପ୍ରତିଯୋଗିତା

## କନିଷ୍ଠରେ ସ୍ୱସ୍ତିକା, ବରିଷ୍ଠରେ କେଶରୀ ପ୍ରଥମ











ଯାଜପୁର, ୨୩।୧୧(ସମିସ)

ଦୈନିକ ‘ସକାଳ’ ଓ ‘ନନ୍ଦିଘୋଷ’ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବିତର୍କ ପ୍ରତିଯୋଗିତାରେ ଜିଲ୍ଲାର କୋଣ ଅନୁକୋଣରୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଜୁନିୟର ବିଭାଗରେ ‘ବହିପଢ଼ା:ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି ବି ବହି ପ୍ରତି ଆକର୍ଷଣ?’ ବିଷୟରେ ବିତର୍କ ହୋଇଥିବା ବେଳେ ସିନିୟର ବିଭାଗରେ ‘ଜେନ-ଜି:ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଧାମତା?’ ଉପରେ ବିତର୍କ କରାଯାଇଥିଲା। ଜୁନିୟର ବର୍ଗରେ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସୁନ୍ଦର ମତାମତ ଦେଇଥିଲେ। ଆଧୁନିକ ସମାଜରେ ବହିର ପ୍ରାସଙ୍ଗିକତା ରହିଛି ରହିବ। ବହି ହିଁ ଜ୍ଞାନର ଭଣ୍ଡାର, ଯେତେ ଇଣ୍ଟରନେଟ, ସ୍ମାର୍ଟଫୋନ, ଏଆଇ ଆସିଲେ ମଧ୍ୟ ବହିର ସ୍ଥାନ କେହି ଗ୍ରହଣ କରିପାରିବେ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ବହି କେବେ ବି ବୋଝ ହୋଇ ନ ପାରେ ବରଂ ବହିକୁ ନିଜ ବନ୍ଧୁ ବୋଲି ଭାବିବା ଆବଶ୍ୟକ ବୋଲି ଛାତ୍ରଛାତ୍ରୀ ନିଜର ମତ ଦେଇଥିଲେ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ପ୍ରତିଯୋଗିତାର ପ୍ରତ୍ୟେକ ପ୍ରତିଯୋଗୀଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ପଡ଼ିଥିଲା। ପ୍ରତ୍ୟେକ ନିଜ ନିଜର ଶାଣିତ ମତ ଉପସ୍ଥାପନ କରିଥିଲେ। ଜେନ ଜି ବା ଯୁବ ବର୍ଗଙ୍କୁ ନେଇ କେତେ କ’ଣ ଉଦାହରଣ ଦେଇଥିଲେ ପ୍ରତିଯୋଗୀ। ସ୍ଥାନୀୟ ଅଞ୍ଚଳର ଯୁବକ ହୁଅନ୍ତୁ ବା ବାଲାଂଦେଶର ଯୁବକମାନଙ୍କ ଶକ୍ତିକୁ ନେଇ ହୋଇଥିଲା ଜୋରଦାର ହଙ୍ଗାମା।

କଡ଼ା ପ୍ରତିଯୋଗିତା ମଧ୍ୟରେ ଫଳାଫଳ ଘୋଷଣା କରାଯାଇଥିଲା। ଜୁନିଅର (କନିଷ୍ଠ) ବିଭାଗରେ ଦାନଗଦୀ ବ୍ଲକର ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ୱସ୍ତିକା ରାଉତ ପ୍ରଥମ, ଯାଜପୁର ଉପେନ୍ଦ୍ର କୁମାର ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା ଦ୍ୱିତୀୟ, ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ପ୍ରଜ୍ଞାପାରମିତା କୁଣ୍ଡୁ ତୃତୀୟ ସ୍ଥାନ ହାସଲ କରିଥିଲେ। ସିନିୟର (ବରିଷ୍ଠ) ବିଭାଗରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ର କେଶରୀ ପ୍ରସାଦ ମହାନ୍ତି ପ୍ରଥମ, ପାଣିକୋଇଲି ମା’ ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସାଇ ଶଙ୍କର ବାରିକ ଦ୍ୱିତୀୟ ଏବଂ ମାନସ ରଞ୍ଜନ ସେନାପତି ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ଅବସରରେ ସକାଳର ଜିଲ୍ଲା ପ୍ରତିନିଧି ସନ୍ଦୀପ୍ତ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ଏବଂ ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ଭାବେ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ବିଷ୍ଣୁ ଚରଣ ଲେଙ୍କା, ଆଶୁତୋଷ ବଳ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ମାୟାଧର ବେହେରା ଏବଂ ଅନିତା ପାଣିଗ୍ରାହୀ ପ୍ରମୁଖ ପ୍ରତିଯୋଗୀତା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ‘ସକାଳ’ର ଯାଜପୁର ଟାଉନ ପ୍ରତିନିଧି ପ୍ରଭାତ ତ୍ରିପାଠୀ, ବ୍ୟାସନଗର ପ୍ରତିନିଧି ଯଜ୍ଞଦତ୍ତ ତ୍ରିପାଠୀ, କବାଟବନ୍ଧ ପ୍ରତିନିଧି ବସନ୍ତ କୁମାର ମଲ୍ଲିକ, ନନ୍ଦୀଘୋଷ ଟିଭିର ଭିଡିଓ ଜର୍ଣ୍ଣାଲିଷ୍ଟ ସୌମ୍ୟରଞ୍ଜନ ଦାସ, ସାମ୍ବାଦିକ ହିମାଂଶୁ ଶେଖର ପାଢ଼ି ପ୍ରମୁଖ ବିତର୍କ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆପେକ୍ସ ଇଂରାଜୀ ମିଡିୟମ ସ୍କୁଲର ତୃତୀୟ ଶ୍ରେଣୀର ଛାତ୍ରୀ ସମ୍ପ୍ରୀତି ପ୍ରିୟଦର୍ଶିନୀ ରାୟ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।

### ଗାଇଡ୍ସ ଛାତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ରଙ୍ଗୋଲି



କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ବାଳିକା ବିଦ୍ୟାଳୟର ଗାଇଡ୍‌ମାନେ ଏକ ସୁନ୍ଦର ରଙ୍ଗୋଲି ଅଙ୍କନ କରିଥିଲେ। ଯେଉଁଥିରେ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଲୋଗୋ ସହିତ ବକ୍ତୃତା ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ରଙ୍ଗୋଲି ଅଙ୍କନରେ ତୃପ୍ତିପ୍ରଜ୍ଞା ବେହେରା, ଲକ୍ଷ୍ମୀପ୍ରିୟା ଗାହଣ, ପୂର୍ଣ୍ଣ୍ୟତୋୟା ଦାସ, ସୌମ୍ୟ ଶୁଭଲକ୍ଷ୍ମୀ ବେହେରା, ଶୁଭଶ୍ରୀ ସାହୁ, ମନିଶା ସାହୁ, କୃତିପ୍ରଭା କର, ମିଧାତ୍ ଫାତେମା, ଦିଲକସ୍ ଆଫ୍ରିନ୍, ଜୟଶ୍ରୀ ସାହୁ, ତପସ୍ୱିନୀ ବେହେରା, ପିୟଙ୍କା ବେହେରା, ଲିପସା ପ୍ରିୟଦର୍ଶିନୀ ବେହେରା ଏବଂ ସୋଫିଆ ଫିର୍ଦୋଷ ଖାନମ ସାମିଲ ହୋଇଥିଲେ। ଏହି ସୁନ୍ଦର ରଙ୍ଗୋଲି ଦେଖି ଅତିଥି, ବିଚାରକ ଏବଂ ଅଭିଭାବକ ମାନେ ବିଶେଷ ପ୍ରଶଂସା କରିଥିଲେ। ଏଥିପାଇଁ ସକାଳ ପକ୍ଷରୁ ସମସ୍ତ ଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



## ଗାଁ ରାସ୍ତାରେ ଯାତାୟାତରେ ଅସୁବିଧା

**ଯାଜପୁର, ୨୩।୧୧(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଉପର ବରୁଆଁ ଗ୍ରାମ ମଧ୍ୟ ଦେଇ ଯାଇଥିବା ଗ୍ରାମ୍ୟ ସଡ଼କଟିର ପ୍ରବେଶ ପଥ ଠାରେ ଖାଲଖମା ସୃଷ୍ଟି ହୋଇ ଡିମା ପଥର ସବୁ ବାହାରି ଯାତାୟାତରେ ଘୋର ଅସୁବିଧା ହେଉଛି। ଫଳରେ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ, ଛକରେ ବ୍ୟବସାୟ କରୁଥିବା ଦୋକାନୀ ଏବଂ ପଥଚାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଦୀର୍ଘ ବର୍ଷ ହେବ ବିଭାଗ ଦ୍ୱାରା ମରାମତି କରାଯାଉ ନାହିଁ। ଗ୍ରାମ ମଧ୍ୟରେ ରାସ୍ତା କଡ ସରକାରୀ ଜାଗାକୁ କିଛି ବ୍ୟକ୍ତି ନିଜ ଅକ୍ତିଆରକୁ ନେଇ ସ୍ଥାୟୀ ପକ୍କା ଘର ନିର୍ମାଣ ଓ ଦୋକାନ ଘର ଆଦି କରି ସାରିଲେଣି ବର୍ତ୍ତମାନ ଦେଖିବାକୁ ଗଲେ ଗ୍ରାମ ସଡ଼କଟି ସଂକୀର୍ଣ୍ଣ ହୋଇଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଏହି ରାସ୍ତା ଦେଇ ଦୈନନ୍ଦିନ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଏବଂ ଜିଲା ସରକାରୀ ଆଇଟିଆଇ, ଆଦର୍ଶ ବିଦ୍ୟାଳୟ ଓ କଲେଜ ଆଦିକୁ ପିଲାମାନେ ଯା’ଆସ କରିଥାଆନ୍ତି। ଏଣୁ ଏହି ବ୍ୟସ୍ତ ବହୁଳ ରାସ୍ତାଟିକୁ ଖାଲଖମା ଥିବା ସ୍ଥାନରେ ମରାମତି ଓ ରାସ୍ତାରୁ ଅବରୋଧକାରିଙ୍କୁ ହଟାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## କାଏମା ପଞ୍ଚାୟତ କାର୍ଯ୍ୟାଳୟରେ ଆଧାର ସେବା ପ୍ରଦାନ

**ଧର୍ମଶାଳା, ୨୩।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଯାଜପୁର ଡାକ ବିଭାଗ ପକ୍ଷରୁ ଆଧାର ସେବା କାର୍ଯ୍ୟ ପ୍ରଦାନ କରାଯାଇଛି। ଯାଜପୁର ଡାକ ବିଭାଗ ଅଧିକ୍ଷକ ଶୁଭ୍ରକାସ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବିଭାଗର ଅପରେଟର୍ ସୌମ୍ୟରଞ୍ଜନ ପଣ୍ଡା ଆଧାର ସେବା କାର୍ଯ୍ୟ ତୁଲାଇ ଥିଲେ। ଏହି ଅଞ୍ଚଳରେ ଅନେକ ଆଧାର କେନ୍ଦ୍ର ମାନେ ସାଧାରଣ ଲୋକ ମାନଙ୍କ ଠାରୁ ଆଧାର ସଂଶୋଧନ କିମ୍ବା ନବୀକରଣ କରିବା ଆଳରେ ଲୋକ ମାନଙ୍କ ଠାରୁ ମନ ମୁତାବକ ଟଙ୍କା ନେଉଥିବା ବେଳେ ଡାକ ବିଭାଗ ପକ୍ଷରୁ ୫ବର୍ଷରୁ ୧୮ ବର୍ଷ କମ ବର୍ଷ ପିଲା ମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ତତ୍ ସହିତ ଅନ୍ୟ ମାନଙ୍କ ଠାରୁ ନିର୍ଦ୍ଧାରିତ ୭୫ଟଙ୍କା ଏବଂ ୧୨୦ ଟଙ୍କା ନେଉଥିବା ବେଳେ ଏହାର ଏକ ରସିଦ ଗ୍ରାହକ ମାନଙ୍କୁ ଦେଉଥିଲେ। ଯାହା ଫଳରେ ୬୦ରୁ ଊର୍ଦ୍ଧ୍ୱ ଲୋକେ ଆସି ଅପେକ୍ଷା କରି ଆଧାର ସେବା କାର୍ଯ୍ୟ ରେ ସାମିଲ ହୋଇଥିଲେ। ଆହୁରି ଦୁଇ ଦିନ ଧରି ଏହି କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। କାଏମା ପୋଷ୍ଟ ମାଷ୍ଟର ଧନେଶ୍?ର ମହାନ୍ତି ସହଯୋଗ କରିଥିଲେ।

## ଚକାଆଖି ସ୍ପୋର୍ଟିଂ କ୍ଲବ୍‌ର ପ୍ରସ୍ତୁତି ବୈଠକ



**କବାଟବନ୍ଧ, ୨୩।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ସାହାଣୀଡ଼ିହ ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁରର ଚକାଆଖି ସ୍ପୋର୍ଟିଂ କ୍ଲବ୍ ଆଣ୍ଡ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ୨୯ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚକାଆଖି କ୍ଲବ ଗ୍ରାଉଣ୍ଡରେ ସରୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜାନୁଆରୀ ମାସରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ସ୍ଥିର କରାଯାଇଥିଲା। ରାଜ୍ୟସ୍ତରୀୟ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ରାଜ୍ୟ ବାହାରୁ ଆସୁଥିବା ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ଦର୍ଶକଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ କ୍ଲବ୍‌ର ସଭାପତି ଅର୍ଜୁନ କରଣ, ସମ୍ପାଦକ ମକରନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ଭୋଳାନାଥ ସାହୁ, ଶ୍ରୀଧର ପ୍ରଧାନ, ବଲ୍ଲଭ କରଣ, ସୁବାସ ସ୍ୱାଇଁ, କୁଶ ରାଉତ, ବଳରାମ ସ୍ୱାଇଁ, ଅନିରୁଦ୍ଧ ପାତ୍ର, ଆଲୋକ ଜେନା, ସୁଶାନ୍ତ କରଣଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବରୁଆଁ-ବରୀ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା

# ଜଣେ ମୃତ; ପ୍ରତିବାଦରେ ରାସ୍ତାରୋକ

ଯାଜପୁର, ୨୩।୧୧(ସମିସ)

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ -ବରୀ ରାସ୍ତାର କୁଜାଲା ନିକଟସ୍ଥ ଧୋବାଗଳୀ ଛକ ନିକଟରେ ଏକ ଦୁର୍ଘଟଣାକୁ କେନ୍ଦ୍ର କରି ଲଙ୍କାକାଣ୍ଡ ଘଟିଥିଲା। ଆଜି ସକାଳୁ ବରୀରୁ କଟକ ଅଭିମୁଖେ ଯାଉଥିବା ହରଗୌରୀ ନାମକ ବସ୍ ଆଗକୁ ହଠାତ୍ ଏକ ବାଇକ୍ ଚାଲିଆସିଥିଲା। ବାଇକ୍ ଚାଳକକୁ ରକ୍ଷା କରିବାକୁ ଯାଇ ବସ୍ ଚାଳକ ରାସ୍ତାର ବାମ ପଟକୁ କାଟିବା ସମୟରେ ପ୍ରାତଃଭ୍ରମଣ କରି ଆସୁଥିବା ୪ ଜଣ ଯୁବକଙ୍କୁ ଧକ୍କା ଦେଇଥିଲା। ଏଥିରେ ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ମଧ୍ୟରୁ ରବୀନ୍ଦ୍ର ଜେନାଙ୍କ ପୁଅ ଅଭୟ ଜେନା (୨୦)ଙ୍କ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ



ଯୁବକ ବସନ୍ତ ଜେନାଙ୍କ ପୁଅ କିଶୋର (୧୫) ଓ ବିପିନ ଜେନାଙ୍କ ପୁଅ ମନମୋହନ (୧୮) ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ବୀରକିଶୋର ଜେନାଙ୍କ ପୁଅ ରାକେଶ (୧୮) ମଧ୍ୟ ଯାଜପୁରରେ ଚିକିତ୍ସାଧୀନ ଅଛନ୍ତି।

ଏ ନେଇ ଦୁର୍ଘଟଣା ସ୍ଥଳରେ ଉତ୍ତେଜନା ଦେଖାଯିବା ସହ ରାସ୍ତାରୋକ କରାଯାଇଥିଲା। ଖବର ପାଇ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାରେ ବିଫଳ ହୋଇଥିଲେ। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତିନି ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରକାଶ ଦାସ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ। ପରବର୍ତ୍ତୀ ସମୟରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ଟାଉନ ଥାନା ଅଧିକାରୀ ବାମଦେବ ନନ୍ଦ, ଯାଜପୁର ଅତିରିକ୍ତ ତହସିଲଦାର ଜି ହରେକୃଷ୍ଣ ପହଞ୍ଚି ଲୋକଙ୍କୁ ବୁଝାବୁଝି କରିଥିଲେ। ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ, ବିଜେପି ନେତା ସଂଗ୍ରାମ ପାତ୍ର ପହଞ୍ଚି ଆନ୍ଦୋଳନରୁ ଓହରିଯିବାକୁ ପରାମର୍ଶ ଦେଇଥିଲେ। ଦିନ ୧୨ଟାରେ ରାସ୍ତାରୋକ ହଟିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସକାଳ
THE SAKALA



www.sakalaepaper.com

## 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିତର୍କ ପ୍ରତିଯୋଗିତା

# କନ୍ଧମାଳ ଜିଲ୍ଲା | ବରିଷ୍ଠରେ ସ୍ୱାଗତିକା ଓ କନିଷ୍ଠରେ ସାଇଶୁଭମ୍ ପ୍ରଥମ













**ଫୁଲବାଣୀ,୨୩।୧୧(ସମିସ):** ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ଖବରକାଗଜ ଦୈନିକ "ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଫୁଲବାଣୀ ଡିଆଇପିଆର୍‌ଓ କନଫରେନ୍ସ ହଲରେ ଏକ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଜିଲ୍ଲା ପ୍ରତିନିଧି ସଞ୍ଜୟ ପାତ୍ର ଓ ଫିରିଙ୍ଗିଆ ବ୍ଲକ୍ ପ୍ରତିନିଧି ଉତ୍ତମ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କନିଷ୍ଠ ବର୍ଗରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ରହିଥିବା ବେଳେ ବରିଷ୍ଠ ବର୍ଗରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ରହିଥିଲେ। ପ୍ରତିଯୋଗିତାରେ ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା? କୁ ନେଇ ପ୍ରତିଯୋଗୀମାନେ ନିଜନିଜର ବିତର୍କ ଉପସ୍ଥାପନ କରିଥିଲେ। ସେହିପରି କନିଷ୍ଠ ବର୍ଗ ନିମନ୍ତେ ବହିପଢ଼ା: ଜରୁରୀ ଆବଶ୍ୟକତା ? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ ଏହି ବିଷୟରେ କନିଷ୍ଠ ବର୍ଗର ପ୍ରତିଯୋଗୀ ନିଜର ବିତର୍କ ଉପସ୍ଥାପନ କରିଥିଲେ। ବରିଷ୍ଠ ବର୍ଗରେ ସରକାରୀ ମହାବିଦ୍ୟାଳୟର ସ୍ୱାଗତିକା ତ୍ରିପାଠୀ ପ୍ରଥମ, ଶ୍ରଦ୍ଧାଞ୍ଜଳି ସାହୁ ଦ୍ୱିତୀୟ ହୋଇଥିବାବେଳେ ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ରସନୀ ମହାନନ୍ଦ ତୃତୀୟ ହୋଇଥିଲେ।

ସେହିପରି କନିଷ୍ଠ ବର୍ଗରେ ପବ୍ଲିକ ସ୍କୁଲର ସାଇ ଶୁଭମ ମହାନ୍ତି ପ୍ରଥମ, ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶୁଭମ ଡାକୁଆ ଦ୍ୱିତୀୟ ଓ ଶୁଭଶ୍ରୀ ସାହୁ ତୃତୀୟ ହୋଇଥିଲେ। ଏଥିରେ ବିଚାରକ ଭାବେ ବରିଷ୍ଠ ସାମ୍ବାଦିକ ବ୍ରଜ ବିହାରୀ ନନ୍ଦ, ଅବସରପ୍ରାପ୍ତ ଅଧ୍ୟାପକ ପୁର୍ଣ୍ଣେନ୍ଦୁ ତ୍ରିପାଠୀ ଓ ବରିଷ୍ଠ ସାମ୍ବାଦିକ ସୁନିଲ ବିଶ୍ୱାଳ ଯୋଗ ଦେଇଥିଲେ। ସକାଳ ଓ ନନ୍ଦିଘୋଷ ଟିଭିର ଏହି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା।



## ଗଜପତି ଜିଲ୍ଲା | ବରିଷ୍ଠରେ ମହାଲକ୍ଷ୍ମୀ ଏବଂ କନିଷ୍ଠରେ ସ୍ନୋଇଜଶିକା ପ୍ରଥମ

# 'ବିତର୍କ ବିଷୟବସ୍ତୁ ଛାତ୍ରଛାତ୍ରୀଙ୍କ ଚିନ୍ତାଧାରାକୁ ବିକଶିତ କରିବ'









**ପାରଳାଖେମୁଣ୍ଡି,୨୩।୧୧(ସମିସ):** ଦୈନିକ "ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଗଜପତି ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ପ୍ରଥମ ବର୍ଷ ଛାତ୍ରୀ ମହାଲକ୍ଷ୍ମୀ ମହାପାତ୍ର ଏବଂ କନିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିୟନ ପବ୍ଲିକ ସ୍କୁଲର ସ୍ନୋଇଜଶିକା ଦାଶ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସ୍ଥାନୀୟ ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ "ନନ୍ଦିଘୋଷ' ଟିଭିର ଜିଲ୍ଲା ପ୍ରତିନିଧି ସରୋଜ ବୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ତଥା କଲେଜ ସ୍ତରରର ୪୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଭୟ ବିଭାଗ ବିତର୍କରେ ବିଚାରକ ଭାବେ ଭାଗବତ ପାଢୀ, ମନୋଜ କୁମାର ପଟ୍ଟନାୟକ, ମନୋଜ କୁମାର ପଣ୍ଡା ଓ ଶୁଭ୍ରା ପଟ୍ଟନାୟକ ଯୋଗଦେଇଥିଲେ। ବରିଷ୍ଠ ବିଭାଗର ପ୍ରତିଯୋଗିମାନଙ୍କ ଲାଗି 'ଜେନ୍-ଜେଡ୍, ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?' ଏବଂ କନିଷ୍ଠ ବିଭାଗ ଲାଗି 'ବହିପଢ଼ା : ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ' ବିଷୟବସ୍ତୁ ରହିଥିଲା।



ପ୍ରତିଯୋଗିତା ପରେ ବିଚାରକଙ୍କ ଦ୍ୱାରା ଫଳ ପ୍ରକାଶିତ କରାଯାଇଥିଲା। ବରିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ପ୍ରଥମ ବର୍ଷ ଛାତ୍ରୀ ମହାଲକ୍ଷ୍ମୀ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ସେଞ୍ଚୁରିୟନ ପବ୍ଲିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରୀ ସୁଲଗ୍ନା ପଟ୍ଟନାୟକ ଦ୍ୱିତୀୟ ଏବଂ ଗୁମ୍ମାବ୍ଲକ ଅନ୍ତର୍ଗତ ପଦ୍ମପୁର ସ୍ଥିତ ବିନୋଦିନି ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ର ନିଉଟନ୍ ଶବର ତୃତୀୟ ସ୍ଥାନ ହାସଲ କରିଥିଲେ।

ସେହିପରି କନିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସେଞ୍ଚୁରିୟନ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ସ୍ନୋଇଜଶିକା ଦାଶ ପ୍ରଥମ, ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଜିତ ପାଣିଗ୍ରାହୀ ଦ୍ୱିତୀୟ ଏବଂ ସାଇଶ୍ରୀ ପଣ୍ଡିତ ତୃତୀୟ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ପ୍ରମୋଦଚନ୍ଦ୍ର ପାଢୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ.ରବି କୁମାର, ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇ ଶୁଭାରମ୍ଭ କରି ସକାଳ ଖବର କାଗଜ ଏବଂ ନନ୍ଦିଘୋଷ ଟିଭିର ଖବର ପରିବେଷଣ ଆରମ୍ଭ ଠାରୁ ଏପରି ବିତର୍କ କାର୍ଯ୍ୟକ୍ରମ ରାଜ୍ୟ ବ୍ୟାପୀ କରିବା ପ୍ରଶଂସନୀୟ ବୋଲି କହିଥିଲେ। ଏହି ବିତର୍କ ପ୍ରତିଯୋଗିତାର ବିଷୟ ସମାଜ ପାଇଁ ଏକ ବିଶେଷ ବାର୍ତ୍ତା ବହନ କରୁଛି ବୋଲି କହିଥିଲେ। ସେହିପରି ପ୍ରତିଯୋଗିତାର ବିଚାରକମାନେ ମଧ୍ୟ ନିଜ ନିଜର ବକ୍ତବ୍ୟ ରଖି କହିଥିଲେ। ସକାଳ ଦୈନିକ ଖବରକାଗଜ ଓ ନନ୍ଦିଘୋଷ ଟିଭିର ଏପରି ପ୍ରୟାସ ଛାତ୍ରଛାତ୍ରୀ ତଥା ଯୁବପୀଢିଙ୍କୁ ଉତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ। ଏପରି ବିତର୍କ ବିଷୟବସ୍ତୁ ଛାତ୍ରଛାତ୍ରୀଙ୍କ ଚିନ୍ତାଧାରାକୁ ବିକଶିତ କରିବା ଲାଗି ସହାୟକ ହୋଇଥାଏ ବୋଲି କହିଥିଲେ। ଶେଷରେ ମୁଖ୍ୟଅତିଥି ଓ ଅତିଥିମାନେ କୃତି ଛାତ୍ରଛାତ୍ରୀ ଓ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରତିନିଧି ରଶ୍ମିରଞ୍ଜନ ମିଶ୍ର, ଗୋଷାଣି ବ୍ଲକ ପ୍ରତିନିଧି ନରସିଂହ ପ୍ରସାଦ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଶିକ୍ଷାବିତ ବିଚିତ୍ରାନନ୍ଦ ବେବର୍ତ୍ତା ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକ ପ୍ରତିନିଧ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନନ୍ଦିଘୋଷ ଟିଭିର ଜିଲ୍ଲା ପ୍ରତିନିଧି ଶ୍ରୀ ବୀର ଧନ୍ୟବାଦ ଅର୍ପଣ କରିଥିଲେ।







‘ସକାଳ’ର ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା

# ‘ଯୌବନକୁ ଦଳଇ କିଏ, ଏସନ ଶକ୍ତି ନାହିଁ’













**ରୋଧେ ଯେ ପଥ, ଧରେ ଯେ ଟାଣି, ନିର୍ବିକାରେ ଯାଅରେ ହାଣି । କହ ନିର୍ଭୀକ, ଯାତ୍ରୀ ମୁଁ ଯାଏ, ସତ୍ୟର ଗୀତ ଗାଇ, ଯୌବନକୁ ଦଳଇ କିଏ, ଏସନ ଶକ୍ତି ନାହିଁ । ପ୍ରଗତିବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଅନନ୍ତ ପଟ୍ଟନାୟକଙ୍କ ଏହି ବାଣୀ ଜେନ୍-ଜେଡ୍ ଯୁଗରେ ବାସ୍ତବତାର ରୂପ ନେଉଛି । ବିଦ୍ରୋହରେ ଯୁବପିଢ଼ିଙ୍କୁ ଦଳିବାର ଶକ୍ତି କାହାର ନାହିଁ ବୋଲି ‘ସକାଳ’ର ଗଞ୍ଜାମ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀମାନେ ମତପୋଷଣ କରିଛନ୍ତି ।**

- ପରିବର୍ତ୍ତନଶୀଳ ବିଶ୍ୱରେ ସବୁ ବିଦ୍ରୋହ ଯୌବନର ନୁହେଁ
- ପୁସ୍ତକ ମଣିଷକୁ ଆଗକୁ ବଢାଏ, ଟ୍ରଫି ନୁହେଁ; ବହି ପୁରସ୍କାର ଦିଅନ୍ତୁ
- ବରିଷ୍ଠରେ ଅମ୍ବିକା, କନିଷ୍ଠରେ ଅବିନାଶ ପ୍ରଥମ

ବ୍ରହ୍ମପୁର,୨୩।୧୧(ସମିସ): ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ଖବରକାଗଜ ଦୈନିକ “ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଗଞ୍ଜାମ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ବ୍ରହ୍ମପୁର ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଡ଼ ପ୍ରଭାତୀ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିଲେ । ଦୁଇଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବର୍ଗରେ “ଜେନ-ଜେଡ୍ ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା? ଓ କନିଷ୍ଠ ବର୍ଗରେ ବହିପଢ଼ା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ’ ପ୍ରସଙ୍ଗରେ ବିତର୍କ ପ୍ରତିଯୋଗିତା ହୋଇଥିଲା । ଏ ଅବସରରେ ବରିଷ୍ଠ ବିଭାଗରେ ବିଚାରକ ଭାବେ ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳର ଅଧ୍ୟକ୍ଷ ଡ଼ ହୃଷିକେଶ ପଣ୍ଡା, ଶ୍ରୀ ଭରତପତି ମହାବିଦ୍ୟାଳୟ ସାମନ୍ତିଆପଲ୍ଲୀର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ ଅଶୋକ କୁମାର ପଣ୍ଡା, ଚିକିଟୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ ସଞ୍ଜୟ କୁମାର ପଣ୍ଡା ଯୋଗ ଦେଇଥିଲେ । ସେହିଭଳି କନିଷ୍ଠ ବିଭାଗରେ ବରିଷ୍ଠ ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି, ଅଧ୍ୟାପକ ତଥା ସାହିତ୍ୟିକ ଡ଼ ବିଶ୍ୱନାଥ ପାଣିଗ୍ରାହୀ, ସରକାରୀ ଉଚ୍ଚ ବିଦ୍ୟାଳୟ ତଲାସିଙ୍ଗିର ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ମହାରଣା ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ମନର ଚିନ୍ତାଧାରା ଓ ବାର୍ତ୍ତା ସମାଜରେ ପହଞ୍ଚିବା ଦରକାର । ଏହା କେବଳ ଏଭଳି ବିତର୍କ ଦ୍ୱାରା ହିଁ ସମ୍ଭବ । ପୂର୍ବରୁ ସ୍କୁଲ କଲେଜରେ ବହିଗୁଡ଼ିକ ପୁରସ୍କାର ଭାବେ ପ୍ରଦାନ କରାଯାଉଥିଲା । ଫଳରେ ପିଲାମାନେ ଏଗୁଡ଼ିକ ପଢ଼ିବା ସହ ପାଠ ପ୍ରତି ବେଶ ଆକର୍ଷିତ ହେଉଥିଲେ । ମୋବାଇଲ ଆସିବା ପରେ ବହିପଢ଼ା କମିଛି । ଟ୍ରଫି ବଦଳରେ ବହିକୁ ପୁରସ୍କାର ଭାବେ ବାଛନ୍ତୁ ବୋଲି କହିବା ସହ ବିଦ୍ରୋହ କେବେ ବି ଦୁର୍ଗମ ଆଡ଼କୁ ଯାଇନି । ବିକାଶଶୀଳ ରାଷ୍ଟ୍ରକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ବିଦ୍ରୋହ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଆୟୋଜିତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଅମ୍ବିକା ପ୍ରସାଦ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଭିଷେକ ସାମନ୍ତରାୟ ଦ୍ୱିତୀୟ ଓ ଦି ୟୁରୋ ସ୍କୁଲ ଛତ୍ରପୁରର ଛାତ୍ରୀ ବସୁନ୍ଧରା ପାଣିଗ୍ରାହୀ ତୃତୀୟ ସ୍ଥାନ ହାସଲ କରିଥିଲେ । ସେହିଭଳି କନିଷ୍ଠ ବିଭାଗରେ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ କୋର୍ଟପେଟାର ଛାତ୍ର ବି ଅବିନାଶ ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲର ଛାତ୍ର ଆଶୁତୋଷ ସାହୁ ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗଜପତି ନଗରର ଛାତ୍ରୀ ମହିକା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

‘ସକାଳ’ର ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ । କନିଷ୍ଠ ଓ ବରିଷ୍ଠ ବର୍ଗରେ ଏମାନେ ନିଜର ପରକାଷ୍ଠା ପ୍ରତିପାଦନ କରିଥିଲେ । ତେବେ ବିତର୍କରେ ଉଭୟ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାକୁ ଉତ୍ତିର୍ଣ୍ଣ ହୋଇଛନ୍ତି । କାର୍ଯ୍ୟକ୍ରମକୁ “ସକାଳ’ର ଗଞ୍ଜାମ ଜିଲ୍ଲା ପ୍ରତିନିଧି କ୍ଷୀରସିନ୍ଧୁ ମହାନ୍ତି ସଂଚାଳନ କରିଥିବା ବେଳେ “ନନ୍ଦିଘୋଷ ଟିଭିର ବ୍ୟୁରୋ ମୁଖ୍ୟ ଦେବହରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ବ୍ରହ୍ମପୁର,୨୩।୧୧(ସମିସ): ରାଜ୍ୟ ଆଇନ ସେବା ପ୍ରାଧିକରଣ ତଥା ତାଲୁକ ଆଇନ ସେବା କମିଟି ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୋଟ ୧୧୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୋର୍ଟର ୮ଟି ପ୍ରକୋଷ୍ଠରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ କକ୍ଷରେ ଭିନ୍ନଭିନ୍ନ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତା ପରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପାରାଲିଗାଲ ସ୍ୱେଚ୍ଛାସେବୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ବହୁ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ଦାବି

**୧୫ଦିନରେ ଦାବି ପୂରଣ ନହେଲେ ଧାରଣା ଚେତାବନୀ**

ବ୍ରହ୍ମପୁର,୨୩।୧୧(ସମିସ): ବ୍ରହ୍ମପୁର ମହାନଗର ନିଗମରେ ବସବାସ କରୁଥିବା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ୮ମାସ ଧରି ମାସିକ ଭତ୍ତା ପ୍ରଦାନ କରାଯାଇ ନଥିବାରୁ ସେମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ୮୦ବର୍ଷରୁ ଊର୍ଦ୍ଧ୍ୱର୍ ବରିଷ୍ଠ ନାଗରିକଙ୍କ ଭତ୍ତା ଅର୍ଥକୁ ଗତ ଜାନୁୟାରୀରୁ ୧୫୦୦ଟଙ୍କାରୁ ୩୫ଶହ ଟଙ୍କାକୁ ବୃଦ୍ଧି କରାଯାଇଛି । କିନ୍ତୁ ଘୋଷଣାର ଦୀର୍ଘ ୧୦ମାସ ପରେ ମଧ୍ୟ ବର୍ଦ୍ଧିତ ଭତ୍ତା ଅର୍ଥ ସେମାନଙ୍କୁ ପ୍ରଦାନ କରାଯାଇ ନାହିଁ ବୋଲି ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଆସନ୍ତା ୧୫ଦିନ ମଧ୍ୟରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ମାସିକ ଭତ୍ତା ପ୍ରଦାନ କରାନଗଲେ ସେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ବାଧ୍ୟ ହେବେ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି । ଯାହାକୁ ନେଇ ଶ୍ରୀ ପଟ୍ଟନାୟକ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ନିକଟରେ ଦାବି କରିଛନ୍ତି ।

## ମହିଳା ଆଇନଜୀବୀଙ୍କ ପରଲୋକ



ବ୍ରହ୍ମପୁର,୨୩।୧୧(ସମିସ): ଗଞ୍ଜାମ ଓକିଲ ସଂଘର ସଦସ୍ୟା ତଥା ଏପିପି ଜଗନ୍ନାଥ ମିଶ୍ରଙ୍କ ପତ୍ନୀ, ଚାଞ୍ଚଡ଼ା ପଡ଼ିଆସାହି ସ୍ଥିତ ବିଶ୍ୱନାଥନଗର ନିବାସୀ ରଶ୍ମିତା ଦାଶଙ୍କ ୪୨ବର୍ଷରେ ଅକାଳ ବିୟୋଗ ଘଟିଛି । ଅସୁସ୍ଥତା କାରଣରୁ ତାଙ୍କୁ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ କର୍କଟ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା । ହଠାତ ଆଜି ତାଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ଅଞ୍ଚଳରେ ଓ ଆଇନଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି । ଶେଷଦର୍ଶନ ଲାଗି ବହୁ ଆଇନଜୀବୀଙ୍କ ସମେତ ବ୍ୟକ୍ତିବିଶେଷ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## ମାରପିଟ୍ ମାମଲାରେ ୩ କୋର୍ଟ ଚାଲାଣ

ବ୍ରହ୍ମପୁର,୨୩।୧୧(ସମିସ): ଗୋପାଳପୁର ଥାନା ତୁରା ଓ ପଥରା ଗ୍ରାମରେ ଗୁରୁବାର ରାତିରେ ୨ଦଳିତ ସାହି ମଧ୍ୟରେ ମାରପିଟ ମାମଲାରେ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ପଥରା ଦଳିତ ସାହିର ସଞ୍ଜୟ ଦାସ, ବିଭୁତି ଦାସ, ସିଲୁ ଦାସ ବୋଲି ପୁଲିସ କହିଛି । ସୂଚନାପ୍ରକାରେ ଗୁରୁବାର ସନ୍ଧ୍ୟାରେ ତୁରା ଦଳିତ ସାହିର ରାହୁଲ ଦାସ, ହାଡୁ ଦାସ, ସାବିତ୍ରୀ ଦାସ, ନୟନୀ ଦାସ,ମଧୁସୂଦନ ଦାସ, ବାପୁନି ଦାସ ମିଶି ମୂଳ କାମରୁ ତୁରା ଗ୍ରାମକୁ ଆସୁଥିବା ସମୟରେ ପଞ୍ଚାୟତ ଅଫିସ ନିକଟରେ ପଥରା ଦଳିତ ସାହିର ବିଭୂତି ଦାସ, ସଞ୍ଜୟ ଦାସ, ସିଲୁ ଦାସ, ପ୍ରଶାନ୍ତ ଦାସ, ସୁମନ ଦାସ, ପପୁ ଦାସ, ପବିତ୍ର ଦାସ, ଚନ୍ଦନ ଦାସ, ବନ୍ଦନ ଦାସ, ନେସା ଦାସ, ଡେଞ୍ଚର ଦାସ ଓ ସନ୍ତୋଷ ଦାସ ଗାଳିଗୁଲଜ ସହ ଇଟା, ପଥର, ଠେଙ୍ଗାରେ ଆକ୍ରମଣ କରିଥିଲେ । ଏନେଇ ତୁରା ଦଳିତ ସାହିର ପ୍ରମିଳା ଦାସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ସିଟି ହାଇସ୍କୁଲରେ ଏନ୍‌ସିସି ପ୍ରତିଷ୍ଠା ଦିବସ



ବ୍ରହ୍ମପୁର, ୨୩।୧୧ (ସମିସ): ସ୍ଥାନୀୟ ସିଟି ହାଇସ୍କୁଲରେ ଏନସିସି ଆର୍ମି ୱିଙ୍ଗ ଓ ଏୟାର ୱିଙ୍ଗ ପକ୍ଷରୁ ୭୮ତମ ଏନସିସି ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଏନସିସି ଅଧିକାରୀ ଅଶୋକ କୁମାର ପଟ୍ଟନାୟକ ଓ କେୟାର ଟେକର୍ ଏନ୍. ନାଗେଶ୍ୱରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳକୃଷ୍ଣ ମିଶ୍ର ଅତିଥି ଭାବେ ଯୋଗଦେଇ ଏନସିସିର ମୂଳ ଲକ୍ଷ୍ୟ ଏକତା ଓ ଶୃଙ୍ଖଳା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରାଧାନାଥ ପାଢ଼ୀ ଓ ଭାସ୍କର ପାତ୍ର ଉପସ୍ଥିତ ରହି ଗୌରବମୟ ଇତିହା ସମ୍ପର୍କରେ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଏନ୍‌ସିସି ପ୍ରତିଷ୍ଠା ଦିବସ




ବ୍ରହ୍ମପୁର, ୨୩।୧୧ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୭୮ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି) ର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । କ୍ୟାପଟେନ ଡ. ଯତୀନ ବିଷୋୟୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ କର୍ଣ୍ଣେଲ ସମୀର କୁମାର କର ଯୋଗଦେଇ ସମର ଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଓ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଯୋଗଦେଇ ଥିଲେ । ଏ ଅବସରରେ ଦିଲ୍ଲୀରେ ସର୍ବ ଭାରତୀୟ ସ୍ଥଳ ସୈନିକ କ୍ୟାମ୍ପରେ ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମର ଶିକ୍ଷାର୍ଥୀ ଆୟୁଷ୍ମାନ ସ୍ୱାଇଁ, ବିନାୟକ ସାବତ, ଦେବୀଶ୍ରିତା ପ୍ରିୟଦର୍ଶିନୀ, ରିତୁ କୁମାରୀ ଦଳାଇ, ମାମାଲି ସେଠୀ, ଶୁଭମ ଦାଶ ଓ ଦେବକୀ ବେହେରା ପ୍ରମୁଖ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟ ପାଇଁ ସୁନାମ ଆଣିଥିବାରୁ କାର୍ଯ୍ୟକ୍ରମରେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯାଇଥିଲା । ଏନସିସି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ, ସୁବେଦାର ବିସନ ସିଂ ଗୁରୁମ, ନାଏବ ସୁବେଦାର ହୀରା ବାହାଦୁର ଗୁରୁମ, ନାଏବ ସୁବେଦାର ସୁଖଜିନ୍ଦର ସିଂ ଓ ହାବିଲଦାର ଜଗଦୀଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଡକାୟତି ଯୋଜନା ପଣ୍ଡ; ୪ ଗିରଫ



**ନେମାଳ,୨୩।୧୧(ସମିସ):** ନେମାଳ ଥାନା ପୁଲିସ ଡକାୟତି ଉଦ୍ୟମ କରିବାକୁ ପ୍ରସ୍ତୁତ ହେଉଥିବା ଏକ ୪ଜଣିଆ ଦଳକୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। କୁଦାନଗରି ଥାନା ସୟଦ ସକିଲ ଅହମଦ, ନିଶ୍ଚିନ୍ତକୋଇଲି ଥାନା ଅଣସରପୁର ଅଞ୍ଚଳର ଏସ କେ ମଞ୍ଜୁର, ଟାଙ୍ଗୀ ଥାନାର ସୌମ୍ୟ ରଞ୍ଜନ ମଲିକ, କୁଦାନଗରି ଥାନା ତେଣ୍ଡାକୁଡା ଅଞ୍ଚଳର ଏମ୍‌ଡି ୱାସୀମକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ପୁଲିସ ଗିରଫ କରିଛି। ନଇଗୁଁଆ ସାଇ ମନ୍ଦିର ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରୁ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ବୁଲେଟ, ଗୋଟିଏ ବନ୍ଧୁକ, ଦୁଇଟି ଅଫୁଟା ଗୁଳି ୩ଟି ମୋବାଇଲ, ଭୁଜାଲି ସହିତ ବହୁ ମାରଣାସ୍ତ୍ର ଜବତ କରାଯାଇଛି। ଆଜି ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ବହୁ ଅପରାଧିକ ମାମଲା ଥିବା ପୁଲିସ ପ୍ରକାଶ କରିଛି।

# ପାଗଳ ମାଙ୍କଡ଼କୁ କାବୁ କଲା ବନବିଭାଗ



**ନିଆଳି,୨୩।୧୧(ସମିସ):** ନିଆଳି ବ୍ଲକ ଅନ୍ତର୍ଗତ ଷଡାଂଶ ପଞ୍ଚାୟତ ସରାକୋର ଗ୍ରାମରେ ଗତ ୫ ଦିନ ହେଲା ଏକ ପାଗଳା ମାଙ୍କଡ ଆତଙ୍କ ସୃଷ୍ଟି କରିଥିବା ବେଳେ ରବିବାର ସକାଳୁ ଉକ୍ତ ପାଗଳା ମାଙ୍କଡକୁ ବନବିଭାଗ ଟ୍ରାଙ୍କୁଲାଇଜର କରି କାବୁ କରିଥିବା ଜଣାଯାଇଛି। ଗତ ୫ ଦିନ ହେଲା ଏକ ମାଙ୍କଡା ପାଗଳା ହୋଇ ଗାଁର ବିଭିନ୍ନ ବ୍ୟକ୍ତିଙ୍କୁ କାମୁଡି ଆହତ କରିଥିଲା। ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି କାମୁଡାରେ ଆହତ ହୋଇ ଚିକିତ୍ସିତ ହେଉଥିଲେ। ଏହି ପାଗଳା ମାଙ୍କଡ ଯୋଗୁଁ ଗାଁରେ ଏକ ପ୍ରକାର ଆତଙ୍କ ଖେଳି ଯାଇଥିବା ବେଳେ ଲୋକେ ତାଟି କବାଟ ପକାଇ ଦେଇଥିଲେ। ଏମିତିକି ଯିଏ ଘରୁ ବାହାରୁ ଥିଲା ହାତରେ ଠେଙ୍ଗା ଧରି ବାହାରୁଥିଲା। ଏ ନେଇ ବନବିଭାଗକୁ ଖବର ଦିଆଯିବା ପରେ ବନବିଭାଗ କର୍ମଚାରୀମାନେ ଶନିବାର ଦିନ ଆସି ମାଙ୍କଡର ଗତିବିଧିକୁ ଲକ୍ଷ୍ୟ ରଖିଥିଲେ। ପରେ ରବିବାର ସକାଳୁ କର୍ମଚାରୀମାନେ ପହଞ୍ଚି ଟ୍ରାଙ୍କୁଲାଇଜର ସାହାଯ୍ୟରେ ପାଗଳ ମାଙ୍କଡକୁ କାବୁ କରି ନେଇଯାଇଥିଲେ।

# ଅଚିହ୍ନା କାର୍‌କୁ ଜଗି ରହିଛି ପୁଲିସ

**ଭଦ୍ରେଶ୍ୱର,୨୩।୧୧(ସମିସ):** ଦିନକୁ ଦିନ ସମଗ୍ର ମାହାଙ୍ଗା ବ୍ଲକ ଅଞ୍ଚଳରେ ଅପରାଧ ଚରମସୀମାରେ ପହଞ୍ଚିଛି। ଯାହାକି ପୁଲିସ ପ୍ରଶାସନ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ପାଲଟିଛି। ମାହାଙ୍ଗା ଅଞ୍ଚଳ



ଚୋରା ମାଦକ ଦ୍ରବ୍ୟର ଅଭୟାରଣ୍ୟରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଗତ ଦୁଇ ଦିନ ହେଲା ମାହାଙ୍ଗା ବ୍ଲକ କୁଣ୍ଡି ଅଞ୍ଚଳରେ ପରିତ୍ୟକ୍ତ ଓ ସନ୍ଦେହଜନକ ଅବସ୍ଥାରେ ଏକ କାର ପଡି ରହିଥିବା ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏହି କାର କ'ଣ ପାଇଁ ପଡି ରହିଛି ଓ କିଏ ଏଠାରେ କାରକୁ ଛାଡି ଯାଇଛନ୍ତି ତାହା ନେଇ ସାଧାରଣରେ ନା ନା କଥା ଶୁଣିବାକୁ ମିଳୁଛି। ଖବର ପାଇ ମାହାଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଜଗି ରହିଛନ୍ତି। ତେବେ ମାହାଙ୍ଗା ଅଞ୍ଚଳରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଉଥିବା କାରଣରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି।

# ରୋଗୀ ଆଟେଣ୍ଡାଣ୍ଟଙ୍କୁ ପୁଲିସର ଦୁର୍ବ୍ୟବହାର

**ନିଶ୍ଚିନ୍ତକୋଇଲି,୨୩।୧୧(ସମିସ)**

■ ଠେଲାପେଲା ନେଇ ଥାନାରେ ଅଭିଯୋଗ

■ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀ ଓ ଏସ୍‌ପିଙ୍କ ଦ୍ୱାରସ୍ଥ

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗତ ୧୯ ତାରିଖ ବୁଧବାର ବିଳମ୍ବିତ ରାତ୍ରିରେ ଜଣେ ରୋଗୀଙ୍କ ଆତ୍ମୀୟଙ୍କୁ ପୁଲିସର ଠେଲାପେଲା ଓ ଦୁର୍ବ୍ୟବହାର ଘଟଣାକୁ ନେଇ ସାଲେପୁର ଉପଖଣ୍ଡ ଥାନାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ପୁଲିସ ବିରୋଧରେ ହୋଇଥିବା ଅଭିଯୋଗର ଉପଯୁକ୍ତ ତଦନ୍ତ ହେବାକୁ ସନ୍ଦେହ ପ୍ରକାଶ କରି ଅଭିଯୋଗକାରୀ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଏବଂ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଅବଗତ କରାଇଥିବା ଜଣାଯାଇଛି। ବୁଧବାର ରାତିରେ ଭଦ୍ରେଶ୍ୱର ଥାନା ଅଧୀନ ଓସ୍ତପୁର ଗ୍ରାମର ସମାଜସେବୀ ସୁକୁମାର ସାହୁ ଜଣେ ରୋଗୀଙ୍କୁ ସହଯୋଗ କରିବା ପାଇଁ ଆସିଥିବା ବେଳେ ନିଶ୍ଚିନ୍ତକୋଇଲି ଥାନା ଏଏସଆଇ ଉଦୟ କୁମାର ଦାସ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଧମକ ଦେଇ ତଣ୍ଟିଆମାରି ଟଣାଭିଡା କରି ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଛାଡି ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ପୁଲିସର ଏଭଳି ଦବଙ୍ଗଗିରି ଘଟଣା ଘଟାଉଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ କେତେକ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ସିସିଟିଭି କ୍ୟାମେରାରେ ମଧ୍ୟ ଏହି ଘଟଣା କଏଦ୍ ହୋଇଛି।



ପୁଲିସ ନିଶାସକ୍ତ ଅବସ୍ଥାରେ ଥାଇ ଏଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି; ଯାହାଦ୍ୱାରା ତାଙ୍କର ମାନ ସମ୍ମାନ ହାନି ହୋଇଥିବା ସେ ପ୍ରକାଶ କରିଛନ୍ତି। ଘଟଣାରୁ ଜଣାଯାଏ, ଉମର ଗ୍ରାମର ବିଶ୍ୱଜିତ୍ ମହାପାତ୍ରଙ୍କ ପିତା ଦ୍ୱିଜବର ମହାପାତ୍ରଙ୍କ ଦେହ ଅସୁସ୍ଥ ହେବାରୁ ସେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କୁ ସହଯୋଗ କରିବା ପାଇଁ ବିଶ୍ୱଜିତ୍ ଓସ୍ତପୁର ଗ୍ରାମର ତାଙ୍କର ଜଣେ ସଂପର୍କୀୟ ସମାଜସେବୀ ସୁକୁମାର ସାହୁଙ୍କୁ ଫୋନ୍ କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡକାଇଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲ ପଠାଇଥିଲେ। ହେଲେ ରୋଗୀଙ୍କ ସହଯୋଗୀମାନେ ତାଙ୍କୁ କଟକ ନ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଡାକ୍ତରଙ୍କୁ ବାଧ କରିଥିଲେ। ଡାକ୍ତର ଯେତେ ସେମାନଙ୍କୁ ବୁଝାଇଥିଲେ ମଧ୍ୟ ସେ କିଛି ନ ଶୁଣି ପାଟିତୁଣ୍ଡ କରିବାରୁ ଡାକ୍ତରଙ୍କ ପକ୍ଷରୁ ପୁଲିସକୁ ଖବର ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ହୋମ୍‌ଗାର୍ଡ ଏବଂ ଏଏସ୍‌ଆଇ ଉଦୟ କୁମାର ଦାସ ଆସି ପହଞ୍ଚିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଆସିଥିଲେ ମଧ୍ୟ ସେଠାରେ ଥିବା ରୋଗୀଙ୍କ ସହଯୋଗୀ ସୁକୁମାର ସାହୁଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଧମକ ଦେଇ ତଣ୍ଟିଆମାରି ଟଣାଭିଡା କରି ପଦାରେ ଛାଡିଦେଇଥିଲେ।

ପୁଲିସର ଏଭଳି ଅମାନବୀୟ ଘଟଣାକୁ ନେଇ ଶ୍ରୀ ସାହୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପରେ ଏ ସଂକ୍ରାନ୍ତରେ ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ହେବାର ଚାରି ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଯେହେତୁ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ସିସିଟିଭି ଲଗାଯାଇଛି ତାହାର ଫୁଟେଜ୍, ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଏବଂ ଏହି ଘଟଣା ଘଟିବା ସମୟରେ ଯେଉଁ ଲୋକମାନେ ସେଠାରେ ଥିଲେ ସେମାନଙ୍କର ବୟାନକୁ ନେଇ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଯିଏ ଦୋଷୀ ତାକୁ ଦଣ୍ଡ ବିଧାନ ପାଇଁ ସେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଛନ୍ତି ଏହାର ତଦନ୍ତ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିସିଟିଭି ଫୁଟେଜ୍ ମାଗିଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ଟାଙ୍ଗୀ ବିଜେଡିର ସାଂଗଠନିକ ବୈଠକ



**ଟାଙ୍ଗୀ,୨୩।୧୧(ସମିସ):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଟାଙ୍ଗୀ-ସାଲେପୁର ବିଜୁ ଜନତା ଦଳ ନିଜର ପ୍ରସ୍ତୁତି ଆରମ୍ଭ କରିଛି। ଏହି ଉପଲକ୍ଷେ ଏକ ସାଙ୍ଗଠନିକ ବୈଠକ ଟାଙ୍ଗୀ ଚୌଦ୍ୱାର ବ୍ଲକ ବିଶ୍ୱନାହାକାଣୀସ୍ଥିତ ପ୍ରମୋଦ ଉଦ୍ୟାନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର କୁମାର ଜେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସାଙ୍ଗଠନିକ ଏକତା ବୃଦ୍ଧି ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ପ୍ରାକ୍ତନ ସରପଞ୍ଚ ତଥା ବିଜେଡି ସଂଗଠକ ସୁବୋଧ ସାମଲ, ପ୍ରାକ୍ତନ ସମିତିସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଂଗଠକ ମାନସ ସ୍ୱାଇଁ, ପରମଜିତ ମହାନ୍ତି, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ମହେଶ୍ୱର ମହାନ୍ତ, ଦିପ୍ତିମୟୀ ବେହେରା, ଭରତ ବେହେରା, ରଶ୍ମି ରଞ୍ଜନ ରାଉତ, ତାପସ ସାହୁ, ସମିତିସଭ୍ୟ ଭକ୍ତବତ୍ସଳ ସାହୁ, ନିଧିରାମ ଦାସ, ଜିତେନ୍ଦ୍ର ବଦ୍ରା ଓ ଅଜିତ ନାୟକ ପ୍ରମୁଖ ସାଧାରଣ ଜନତାଙ୍କ ବର୍ତ୍ତମାନର ସମସ୍ୟା ଉପରେ ଆଲୋକପାତ କରିଥିଲେ। ବୈଠକରେ ସାଲେପୁର ନିର୍ବାଚନ ମଣ୍ଡଳୀ ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୧୩ଟି ପଞ୍ଚାୟତର ପ୍ରାୟ ୫ଶହ କର୍ମୀ ଅଂଶଗ୍ରହଣ କରିଥିଲେ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ



**ବଡ଼ମ୍ବା,୨୩।୧୧(ସମିସ):** ବଡ଼ମ୍ବା ବ୍ଲକରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ବିଡିଓ ଚିତ୍ତରଞ୍ଜନ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବଡମ୍ବା ହାଟସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରୁ ବଡମ୍ବା ରାଜବାଟୀ, ବଡଦାଣ୍ଡ ସାହି ପଦଯାତ୍ରା କରିଥିଲେ। ବଡମ୍ବା ଟେନିସ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିନୟକୃଷ୍ଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

■ ସାଇବର ଠକେଇ

# ଯୁବକଙ୍କୁ ଗିରଫ କଲା କଲିକତା ପୁଲିସ

**ଭଦ୍ରେଶ୍ୱର,୨୩।୧୧(ସମିସ):** ମାହାଙ୍ଗା ଥାନା କୁସୁପୁର ଗ୍ରାମରୁ ଆଜି କଲିକତା ପୁଲିସ ଜଣେ ସାଇବର ଠକକୁ ଗିରଫ କରିଥିବାର ଜଣାଯାଇଛି। ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ପଶ୍ଚିମବଙ୍ଗର ଜଣେ ପ୍ରତିପ୍ରତିଶାଳୀ ବ୍ୟକ୍ତିଙ୍କଠାରୁ ପ୍ରାୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସାଇବର ଅପରାଧୀ ଗ୍ୟାଙ୍ଗ ଲୁଟି ନେଇଥିଲେ। ଏ ସମ୍ପର୍କରେ କଲିକତା ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ରବିବାର କଲିକତା ପୁଲିସ ମାହାଙ୍ଗା ଥାନା ପୁଲିସ ସହାୟତାରେ କୁସୁପୁର ଗ୍ରାମ ଉପରେ ଚଢଉ କରି ପରମାନନ୍ଦ ସାହୁଙ୍କ ପୁତ୍ର ହେମନ୍ତ କୁମାର ସାହୁ(୪୯)ଙ୍କୁ ଉଠାଇ ନେଇଛି। ହେମନ୍ତଙ୍କ ଆକାଉଣ୍ଟକୁ ୩୦ଲକ୍ଷ ଟଙ୍କା ଆସିଥିବା ସାଇବର ଥାନା ପୁଲିସ ଜାଣିବାକୁ ପାଇଛି। ଗତକାଲିଠାରୁ ପଶ୍ଚିମବଙ୍ଗ ପୁଲିସ ମାହାଙ୍ଗାରେ ପହଞ୍ଚି ପୁଲିସ ସହାୟତାରେ ହେମନ୍ତକୁ ଗିରଫ କରି ପଚରାଉଚରା ଜାରି ରଖିଥିଲା। ହେମନ୍ତକୁ ମାହାଙ୍ଗା ଜେଏମଏଫସି ଅଦାଲତରେ ହାଜର କରାଯାଇଛି। ପଶ୍ଚିମବଙ୍ଗ ସାଇବର ପୁଲିସ ରିମାଣ୍ଡରେ ନେଇଥିବା ଜଣାଯାଇଛି।

# ମଦ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ନିଆଳି,୨୩।୧୧(ସମିସ):** ମିଳିତ ଓଡ଼ିଶା ନିଶା ନିବାରଣ (ମୋନା) ପକ୍ଷରୁ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ମହାନ୍ ଜନନେତା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟରେ ମଦ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିଆଳି ଥାନାରେ ପ୍ରଦାନ କରାଯାଇଛି। ନିଆଳି ଥାନା ସମ୍ମୁଖ ରାସ୍ତା ପାଶ୍ୱର୍ରେ ଅନୁଷ୍ଠିତ ଉତ୍ସବରେ ମନାର କେନ୍ଦ୍ରୀୟ ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ କାର୍ତ୍ତିକଚନ୍ଦ୍ର ଷଡଙ୍ଗୀ ଯୋଗଦେଇଥିଲେ। ପରେ ସମାଜସେବୀ ବଟକୃଷ୍ଣ ସ୍ୱାଇଁ, ଆଇନଜୀବୀ ସେକ୍ ଅବ୍‌ଦୁଲ୍ ବାରି, ସାମ୍ବାଦିକ ଅକ୍ଷୟ ସେନାପତି, ରଶ୍ମିରଞ୍ଜନ ମଲ୍ଲିକ, ଡ. କେଦାରନାଥ ସାହୁ, ଶରତ ନାୟକ, ରାକେଶ ସାହୁ, ପୂର୍ଣ୍ଣାନନ୍ଦ ପାତ୍ର ପ୍ରମୁଖ ନିଆଳି ଥାନାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ଆଇ ପ୍ରଶାନ୍ତ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

**ଭଦ୍ରେଶ୍ୱର,୨୩।୧୧(ସମିସ):** ମାହାଙ୍ଗା ଥାନା ପୁଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଗୋବରୀ ନଦୀର ରାହାଣିଆ ସାମଲସାହି ନିକଟରେ ଜଣେ ବ୍ୟକ୍ତିଙ୍କ ଗଳିତ ଶବ ଭାସୁଥିଲା। ଘଟଣାସ୍ଥଳରେ ଶହ ଶହ ଲୋକଙ୍କ ଭିଡ ଜମିଥିଲା। ଖବର ପାଇ ମାହାଙ୍ଗା ଥାନା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ପ୍ରାୟ ଦେଢ଼ ମାସ ତଳେ ଜଳେଶ୍ୱରପୁର ପଞ୍ଚାୟତ ଗଙ୍ଗପୁରା ଗ୍ରାମର ଶଙ୍କର୍ଷଣ ଦାସ (୭୦) ଗୋବରି ନଦୀକୁ ଶୌଚ ହେବା ନିମନ୍ତେ ଯାଇ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ତାଙ୍କ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ କୌଣସି ପତ୍ତା ପାଇ ନ ଥିଲେ। ଖବର ପାଇ କୁଆଁପାଳ ଅଗ୍ନିଶମ ବାହିନୀର କର୍ମଚାରୀ ଓଡ୍ରାଫ ଟିମ ସହ ନଦୀରେ ତନ୍ନତନ୍ନ କରି ଖୋଜିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଆଜି ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ବୃଦ୍ଧ ଜଣକ ପିନ୍ଧିଥିବା ଗଞ୍ଜିରୁ ଏହା ଶଙ୍କର୍ଷଣଙ୍କ ଶବ ବୋଲି କହୁଥିଲା ବେଳେ ବାସ୍ତବରେ ଏହା ଶଙ୍କର୍ଷଣଙ୍କ ଶବ ନା ଅନ୍ୟ କାହାର ତାହା ନେଇ ଲୋକେ ସନ୍ଦେହ ଘେରରେ ରହିଛନ୍ତି। ଅପରପକ୍ଷରେ ନିଖୋଜର ୪୯ ଦିନ ପରେ ଗଳିତ ଶବ କିପରି ଭାବେ ମିଳିଲା ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

# ଶ୍ରୀ ସତ୍ୟସାଇଙ୍କ ୧୦୦ତମ ଜନ୍ମୋତ୍ସବ

**ଚୌଦ୍ୱାର,୨୩।୧୧(ସମିସ):** ଚୌଦ୍ୱାର ଥର୍ମାଲ ରୋଡସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ମନ୍ଦିରରରେ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ରବିବାର ପ୍ରାତ ସମୟରୁ ନଗର ସଂକୀର୍ତ୍ତନ କରାଯାଇ ପ୍ରାଶନ୍ତି ଧ୍ୱଜା ଉତ୍ତୋଳନ କରାଯାଇ ଷୋଡଶ ଉପଚାର ପୂଜା, ବୃଦ୍ଧାଶ୍ରମ ଓ ମେଡିକାଲ ସେବା, ନଗର ପରିକ୍ରମା, ଭଜନ, ସ୍ୱାଗତ ଭାଷଣ, ପୁଜ୍ୟପୂଜା ସତ୍‌ସଂଗ, ମଙ୍ଗଳ ଅଳତୀ କରି ଦରିଦ୍ର ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପ୍ରଶାନ୍ତି ଧ୍ୱଜା ଅବତରଣ ପରେ ସମୁହ ଦୀପଦାନ, ବେଦପାଠ, ଭଜନକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ବାଲବିକାଶର ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଚୌଦ୍ୱାର ସାଇ ସମିତିର ଆବାହକ ରଞ୍ଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ବିଧାୟକ ସୌଭିକ ବିଶ୍ୱାଳ, ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ଖବରଦାତା ନବୀନ ରାଓଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବି, ସାଇ ଭକ୍ତ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଚୌଦ୍ୱାର ସାଇ ସମିତର ସମସ୍ତ ସଦସ୍ୟା, ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୪ନଂ ୱାର୍ଡରେ ସ୍ୱେରେଜ୍ ପ୍ରକଳ୍ପର ଶୁଭାରମ୍ଭ



**ଫୁଲନଖରା,୨୩।୧୧(ସମିସ):** ବିଏମ୍‌ସି ୪ନଂ ୱାର୍ଡ ଅନ୍ତର୍ଗତ ପାହାଳଠାରେ ୪୯.୯୯ କୋଟି ଟଙ୍କା ଅର୍ଥ ବରାଦରେ ସ୍ୱେରେଜ୍ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରକଳ୍ପର କାର୍ଯ୍ୟ ଦୀର୍ଘବର୍ଷ ଧରି ଟେଣ୍ଡର ହେବା ସହ ଆର୍ଥିକ ବର୍ଷ ୨୦୨୪-୨୫ରେ ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ମାତ୍ର ଉପଯୁକ୍ତ ଭାବରେ ସର୍ଭେ କାର୍ଯ୍ୟ ଓ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିମନ୍ତେ ସ୍ଥାନ ନିରୂପଣ ହୋଇ ପାରି ନ ଥିବାରୁ ତାହା ଆର୍ଥିକ ବର୍ଷ ୨୦୨୫-୨୬ରେ ସମାପ୍ତ ହେବ ବୋଲି ୱାଟ୍‌କୋର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ୪ନଂ ୱାର୍ଡର ପ୍ରାୟ ୧୦ଟି ଗ୍ରାମର ପ୍ରାୟ ୭୮ କିଲୋମିଟର ସ୍ୱେରେଜ୍ ପ୍ରକଳ୍ପ ହେବାକୁ ଥିବା ବେଳେ ୫୫ କିଲୋମିଟର ସରକାରଙ୍କ ଅନୁମୋଦନ ପ୍ରାପ୍ତ ହୋଇଛି। ସେଥିମଧ୍ୟରୁ ପ୍ରାରମ୍ଭିକସ୍ତରରେ ମାତ୍ର ୧୪ କିଲୋମିଟର ସ୍ୱେରେଜ୍ ପ୍ରକଳ୍ପ ନିମନ୍ତେ ୪୯.୯୯କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ୱାଟ୍‌କୋର ଆସିଷ୍ଟାଣ୍ଟ ମ୍ୟାନେଜର ବିରଜା ମାଝୀ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ଗୃହର ବ୍ୟବହୃତ ଜଳକୁ ଦୈନିକ ୪୦ଲକ୍ଷ ଲିଟର ପାଣିକୁ ଶୋଧନ ନିମନ୍ତେ ଗୋହଳ ଠାରେ ଏକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି ମଧ୍ୟ ଶ୍ରୀ ମାଝି ପ୍ରକାଶ କରିଥିଲେ। ୪ନଂ ୱାର୍ଡ କର୍ପୋରେଟର ସୁକୁମାର ସାହୁ, ଯୁବନେତା ଅକ୍ଷୟ ଲେଙ୍କା, ପାହାଳ ବଜାର କମିଟିର ସଭାପତି ପଦ୍ମନାଭ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ନଳିନୀ ସ୍ୱାଇଁ, ଜଗନ୍ନାଥ ବେହେରା, ସନାତନ ବେହେରା, ପ୍ରଫୁଲ୍ଲ ସାହୁ, ଗୋଲଖ ସାହୁ ଓ ନୀଳକଣ୍ଠ ଷଡଙ୍ଗୀ ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିବା ସହ ଦୀର୍ଘ ବର୍ଷର ସମସ୍ୟା ଦୂର ହେଉଥିବାରୁ ସ୍ଥାନୀୟ କର୍ପୋରେଟର ଓ ବିଧାୟକ ଶ୍ରୀ ରାଉତଙ୍କୁ କୃତଜ୍ଞତା ଜଣାଇଥିଲେ।

# କଟ୍‌ନୀ ଛଟ୍‌ନୀ ବିରୋଧରେ ଚାଷୀ ଏକଜୁଟ

**ଫୁଲନଖରା,୨୩।୧୧(ସମିସ)**

ଚାଷୀଙ୍କ ସମସ୍ୟାକୁ ଉପସ୍ଥାପନ ପାଇଁ କମିଟି ଗଠନ



ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ୍‌ର ୮ଟି ପଞ୍ଚାୟତର ଚାଷୀମାନେ ସରକାରଙ୍କର କଟନୀ ଛଟନୀ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ବ୍ରାହ୍ମଣଝରିଲୋସ୍ଥିତ ନରନାରାୟଣ ମନ୍ଦିର ପରିସରରେ ବିଚିତ୍ରାନନ୍ଦ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଏକତ୍ରିତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଗତବର୍ଷ ସରକାର ଧାନ କିଣାରେ କଟ୍‌ନୀଛଟନୀ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ଚାଷୀଙ୍କ ପ୍ରାୟ ୪କେଜିରୁ ୫ କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟନୀ କରାଯାଇଥିଲା। ଚଳିତବର୍ଷ ଏଭଳି ଧାନ କଟ୍‌ନୀ ଛଟନୀ କରାଗଲେ ସରକାରଙ୍କ ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରାଯିବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ସରକାରଙ୍କ ନିୟମାନୁଯାୟୀ ମିଲର ଧାନ ବିନା କଟ୍‌ନୀ ଛଟ୍‌ନୀରେ ଧାନ କ୍ରୟ କରୁ, ଲୋଡିଂ ଟଙ୍କା ସରକାର ବହନ କରୁଥିଲେ ମଧ୍ୟ ଚାଷୀଙ୍କଠାରୁ ଲୋଡିଂ ଟଙ୍କା ଆଦାୟ କରା ନ ଯାଉ ଏବଂ ଅମଳ ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ଅଖା ଯୋଗାଇ ଦିଆଯାଉ ବୋଲି ଦାବି ହୋଇଛି। ଏତଦ୍ ବ୍ୟତୀତ ଚାଷୀଙ୍କ ସମସ୍ୟା ସଂପର୍କରେ ସମବାୟ ସମିତି ସହିତ ଆଲୋଚନା ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏହି କମିଟି ଆଗାମୀ ଦିନରେ ମିଲର ଓ ସମବାୟ ସମିତିର ସଭାପତିଙ୍କ ସହ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହିତ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ନବନିର୍ମାଣ କୃଷକ ସଂଗଠନର ସହ ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ବିନାୟକ ବେହେରା, ଅଜୟ ସାମନ୍ତରାୟ, କେଦାରନାଥ ଜେନା, କୈଳାସ ବେହେରା, ବସନ୍ତ ବେହେରା, ଅରୁଣ ମହାନ୍ତି, ବୈଦ୍ୟନାଥ ତରାଇ, ପ୍ରବୋଧ ମହାପାତ୍ର, ମନୋଜ ଜେନା, ଦିଲ୍ଲିପ ସାମନ୍ତରାୟ, ବ୍ରଜେନ୍ଦ୍ର ପ୍ରଧାନ, ଗଣେଶ ସାହୁ, ସଦାନନ୍ଦ ଓଝା ଓ ପଦ୍ମନାଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମହାଲକ୍ଷ୍ମୀ ମହୋତ୍ସବ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ



**ବଡମ୍ବା,୨୩।୧୧(ସମିସ):** ବଡମ୍ବା ଥାନା ଅଧୀନ ରତାପାଟ କଲ୍ୟାଣୀ ମଣ୍ଡପରେ ଆଞ୍ଚଳିକ ନବମ ବାର୍ଷିକ ମା' ମହାଲକ୍ଷ୍ମୀ ମହୋତ୍ସବର ଅନ୍ତିମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଲକ୍ଷ୍ମୀ ମହୋତ୍ସବ ପୂଜା କମିଟିର ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ପୌରୋହିତ୍ୟରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କ ନେତୃତ୍ୱ ନେଇଥିଲେ। ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ବଡମ୍ବା ତହସିଲଦାର ପ୍ରମୋଦ ବାସ୍କେ, ରତାପାଟ ସରପଞ୍ଚ ମାଗିରାମ ବେହେରା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବରାଳ, ମାଳତୀ ସରପଞ୍ଚ ରତ୍ନାକର ବେହେରା, ବିଦ୍ୟୁତ ବିଭାଗ ଅଧିକାରୀ ବିଶ୍ୱଜିତ ଦେହୁରୀ, ମହୋତ୍ସବ କମିଟିର ସଂପାଦକ ବାମନ ଚରଣ ପଲେଇ, ଥାନା ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଞ୍ଚଳିକ ପୂଜା ମହୋତ୍ସବ ଆସନ୍ତା ମାସ ୪ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଗ୍ରାମର ସାହିଗୁଡିକ ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯିବ। ପ୍ରଶାସନ ତରଫରୁ ବ୍ୟାପକ ପୁଲିସର ବ୍ୟବସ୍ଥା ସହିତ ଦମକଳ ବାହିନୀର ସଜାଗ, ପାନୀୟ ଜଳର ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗର ବ୍ୟବସ୍ଥା, ବିଦ୍ୟୁତର ବ୍ୟବସ୍ଥା ଓ ଜରୁରୀକାଳୀନ ସେବା ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏହି ମହୋତ୍ସବକୁ ସଂଯୋଜନା କରିଥିଲେ କଳିଙ୍ଗ କେଶରୀ ପ୍ରଧାନ, ସହଯୋଗ କରିଥିଲେ ଅଶୋକ ପ୍ରଧାନ, ସୋମନାଥ ଖୁଣ୍ଟିଆ, ଦୁଃଶାସନ ପଲେଇ, ପ୍ରସନ୍ନ ପ୍ରଧାନ ସହଯୋଗ କରିଥିବା ବେଳେ ଅଶୋକ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସକାଳ' ଓ 'ନନ୍ଦିଘୋଷ ଟିଭି'ପକ୍ଷରୁ ବିତର୍କ ପ୍ରତିଯୋଗିତା






**ବାଲେଶ୍ୱର,୨୩।୧୧(ସମିସ)**

ବୈଦିକ ଯୁଗରେ ବେଦ ଓ ଉପନିଷଦ ଆଦିକୁ ସ୍ମରଣ କରି ଶିକ୍ଷାପ୍ରାପ୍ତି କରିବା ବିଦ୍ୟାର୍ଥୀଙ୍କ ପାଇଁ ଏକମାତ୍ର ମାଧ୍ୟମ ଥିଲା। ପରେ ତାଳପତ୍ର ପୋଥି ଶିକ୍ଷାର ମାଧ୍ୟମ ପାଲଟିଥିଲା। ଗୁରୁ ଶିଷ୍ୟ ପରମ୍ପରା ମଧ୍ୟରେ ତାଳପତ୍ର ପୋଥି ଶିକ୍ଷାଦାନର ମାଧ୍ୟମ ହେଲା। ଯେଉଁଥି ପାଇଁ ଆଜିବି ତାଳପତ୍ର ପୋଥିକୁ ଆମ ସଂସ୍କୃତିରେ ପୂଜା କରାଯାଉଛି। କାଳକ୍ରମେ ଶିକ୍ଷା କ୍ଷେତ୍ରରେ ପୁସ୍ତକର ଆବଶ୍ୟକତା ବଢ଼ିଲା। ଓଡ଼ିଆ ଭାଷା ସାହିତ୍ୟକୁ ପରିପୃଷ୍ଟ କରିବା ପାଇଁ ବ୍ୟାସକବି ଫକୀରମୋହନ ନିଜସ୍ୱ ଉଦ୍ୟମରେ ଓଡ଼ିଆ ଛାପାଖାନା ପ୍ରତିଷ୍ଠା କରି ଓଡ଼ିଆ ଜାତିକୁ ନବଦିଗନ୍ତ ପ୍ରଦାନ କରି ଉଦାହରଣ ସୃଷ୍ଟି କରିଥିଲେ। ବହି ମଣିଷ ପାଇଁ ଅମୂଲ୍ୟ ସମ୍ପଦ ପାଲଟିଯାଇଥିବା ବେଳେ ଆଜିର ଡିଜିଟାଲ ବହିପଢ଼ା ଏକ ଆଲୋଚ୍ୟ ବିଷୟବସ୍ତୁ ପାଲଟି ସାରିଛି।

'ସକାଳ'ର ୫ମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ବହିପଢ଼ା ଜରୁରୀ କି ନୁହଁ; ଆଧୁନିକ ପାଠ୍ୟକ୍ରମର ଚାପରେ ବହିପଢ଼ା ଆକର୍ଷଣ ହରାଇ ସ୍ମାର୍ଟ ଓ ଡିଜିଟାଲ ମାଧ୍ୟମକୁ ବିଦ୍ୟାର୍ଥୀ ଆପଣାଇବା କେତେଟା ଶ୍ରେୟସ୍କର ସେନେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ବାଲେଶ୍ୱରସ୍ଥିତ ସକାଳ ଓ ନନ୍ଦିଘୋଷ ଟିଭିର ଉତ୍ତର ଓଡ଼ିଶା ସଂସ୍କରଣ କାର୍ଯ୍ୟାଳୟରେ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନିଷ୍ଠ ବିଭାଗର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା 'ବହିପଢ଼ା; ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ? ଏହା ଛାତ୍ରଛାତ୍ରୀଙ୍କ ଉପରେ ବୋଝ ହେଉଛି କି?' ଉପରେ ନିଜର ମତ ରଖିଥିଲେ। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଓ ସାହିତ୍ୟିକ କୁମାର ଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ ଯେ, ଏବେ ବିଦ୍ୟା ମଧ୍ୟରେ କିଛି ଅବିଦ୍ୟା ପ୍ରବେଶ କରିସାରିଛି। ପିଲାମାନେ ସ୍ଥିର ମନରେ ଚିନ୍ତା କରିପାରିଲେ ବିଦ୍ୟାର ମୂଲ୍ୟବୋଧ ହୃଦୟଙ୍ଗମ କରିପାରିବେ। ଏହାଛଡ଼ା ବହି ପଢ଼ିବାର ମାନସିକତାକୁ ହଜେଇ ଦେଲେ ସବୁ କିଛି ନଷ୍ଟ ହୋଇଯିବ। ଏଣୁ ସମସ୍ତେ ପ୍ରତ୍ୟେକ ଦିନ କିଛି ସମୟ ମୋବାଇଲ ଠାରୁ ଦୂରରେ ରହି ବହି ପଢ଼ିବାର ଅଭ୍ୟାସ କରିବାର ଆବଶ୍ୟକତା ରହିଛି।

ଅନ୍ୟତମ ବିଚାରକ ତଥା ଗାଳ୍ପିକ ଅଞ୍ଜନ କୁମାର ଚାନ୍ଦ କହିଛନ୍ତି, ଖୁବ ଅଳ୍ପ ଦିନ ମଧ୍ୟରେ ବାଲେଶ୍ୱର ମାଟିରେ ନିଜକୁ ପ୍ରତିଷ୍ଠିତ କରିପାରିଛି 'ସକାଳ' ଖବରକାଗଜ। 'ସକାଳ' ଏବେ ପାଠକ ଓ ଲେଖକଙ୍କ ପାଇଁ ଆକର୍ଷଣୀୟ ହୋଇପାରିଛି। ଆଜିର ବିଷୟବସ୍ତୁ ଉପରେ କହିବାକୁ ଯାଇ ସେ ଆହୁରି ମଧ କହିଥିଲେ, ଲକ୍ଷ୍ମୀ ପୁରାଣ ଚଟି ବହି ମଧ୍ୟରେ ଅନେକ ଜ୍ଞାନ ଆହରଣ କରିବାର ଶକ୍ତି ରହିଛି। ଯାହାକୁ ପଢ଼ିବା ଦ୍ୱାରା ମନରେ ଶାନ୍ତି ଭାବନା ଆସିବା ସହ ବହିର ମୂଲ୍ୟବୋଧ କଣ ତାହା ସ୍ପଷ୍ଟ ଭାବେ ଜାଣିହେବ। ଏଣୁ ବହି ସହିତ ଅନ୍ତରଙ୍ଗ ହେବାକୁ ହେଲେ ଏକ ନିବୃତ କୋଠରୀର ଆବଶ୍ୟକତା ରହିଛି ଯାହା ହେଉଛି ପଢ଼ାଘର'।

**'ପୁସ୍ତକ ପଢ଼ିବାର ମାନସିକତାକୁ ହଜେଇ ଦେଲେ ସବୁ କିଛି ନଷ୍ଟ ହୋଇଯିବ'**

ଅନ୍ୟତମ ଅତିଥି ଭାବେ ନିଆରା ବଂଶୀ ବାଦକ ନରସିଂହ ନାୟକ ଯୋଗଦେଇ ନାକରେ ବଂଶୀ ବଜାଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ 'ରମେଶ ଗୁପ୍ତା ଫାଉଣ୍ଡେସନ'ର ଅଧ୍ୟକ୍ଷ ରମେଶ କୁମାର ଗୁପ୍ତା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଯେ କୌଣସି ବିଭାଗର ଶିକ୍ଷାକ୍ଷେତ୍ରରେ ଗଭୀର ଅଧ୍ୟୟନ ପାଇଁ ପୁସ୍ତକ ପଠନ ଜରୁରୀ ବୋଲି ପରାମର୍ଶ ଦେଇଥିଲେ।

ଏହି କନିଷ୍ଠ ବିଭାଗ ବିତର୍କ ପ୍ରତିଯୋଗିତାରେ ବାଲେଶ୍ୱର ଟାଉନ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଧାର୍ମିକା ତୁଳସୀ ରଣା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ଶ୍ରେଣୀର ଛାତ୍ରୀ ପିଆଲି ପଢ଼ିଆରି ଦ୍ୱିତୀୟ ଏବଂ ମଡର୍ଣ୍ଣ ପବ୍ଲିକ ସ୍କୁଲର ନବମ ଶ୍ରେଣୀର ଛାତ୍ର ଅନ୍ଦିତ କୁମାର ଦାସ ଅଧିକାରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ଅପରାହ୍ନରେ ବରିଷ୍ଠ ବର୍ଗର ବିତର୍କ ପ୍ରତିଯୋଗିତାରେ ଜେନ-ଜେଡ: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା? ଶୀର୍ଷକରେ ଛାତ୍ରଛାତ୍ରୀମାନେ ନିଜର ମତ ରଖିଥିଲେ। ଏଥିରେ ବିଚାରକ ଭାବେ କବି ଶ୍ରୀଦେବ, ସାହିତ୍ୟିକ ଡ. କୁମାର ଗୋପାଳ, ଶିକ୍ଷାବିତ୍ ତଥା 'ଅଗ୍ନିଡେଣା' ବିଜ୍ଞାନ ପତ୍ରିକାର ସଂପାଦକ ଡ. ପଙ୍କଜ କୁମାର ଜେନା ପ୍ରମୁଖ କହିଛନ୍ତି, ସମସ୍ତଙ୍କ ଭିତରେ ବହି ପଢ଼ିବାର ଅଭ୍ୟାସ ରହିବା ଦରକାର। ବହି ନାହିଁତ କିଛି ନାହିଁ। ନିଜର ଚିନ୍ତା ଓ ଚେତନା ଠିକ ରଖି ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ଆହୁରି ମଧ କହିଥିଲେ ଆଗରୁ ବାପା ମା ପିଲାମାନଙ୍କର ଯେତିକ ଯତ୍ନ ନେଉଥିଲେ ଏବେ କିନ୍ତୁ ସେମାନେ ନିଜ ପିଲାମାନଙ୍କର ଅଧିକ ଯତ୍ନ ନେଉଛନ୍ତି। ହେଲେ ସେତେବେଳର ପିଲାମାନେ ନିଜ ବାପାମାଙ୍କୁ ପଚାରୁଥିଲେ ହେଲେ ଏବଂ ୭୦ରୁ ୮୦ପ୍ରତିଶତ ବାପାମା ବୃଦ୍ଧାଶ୍ରମରେ ରହୁଛନ୍ତି। ଯାହାର ପ୍ରତିଫଳନ ହେଉଛି ପିଲାମାନଙ୍କ ମଧ୍ୟରେ ଧୈର୍ଯ୍ୟଶକ୍ତିର ଅଭାବ। ଏଣୁ ନିଜେ ନିଜ କ୍ଷେତ୍ରରେ ଧୈର୍ଯ୍ୟକୁ କିପରି ଭାବେ ବୃଦ୍ଧି କରିପାରିବେ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିବା ବିତର୍କ ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଉପାସନା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଟେମ୍ପଲସିଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଆଣ୍ଡ ଇଞ୍ଜିନିୟରିଂ କଲେଜର ଛାତ୍ର ଚନ୍ଦ୍ରାୟ ହେମ୍ବ୍ରମ ଦ୍ୱିତୀୟ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଦୀପସା ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ 'ସକାଳ'ଓ 'ନନ୍ଦିଘୋଷ ଟିଭି' ପରିବାରର ଧୃତିସୁନ୍ଦର ପଣ୍ଡା, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ସୁବ୍ରତ କୁମାର ଦାସ, ରବିଚନ୍ଦ୍ର ବେହେରା, ଭବାନୀ ଶଙ୍କର ବେହେରା, ରମେଶ ଚନ୍ଦ୍ର ଦାସ, କଳିଙ୍ଗ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।





## ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲେଶ୍ୱର,୨୩।୧୧(ସମିସ):** ସ୍ଥାନୀୟ ସାଇନୃତ୍ୟ ସଂଗୀତ ମହାବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ଗାନ୍ଧୀସ୍ମୃତି ଭବନରେ ପାଳିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ପରିଷଦ ଉପସଭାପତି ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ବିଷ୍ଣୁଚରଣ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଅଧ୍ୟକ୍ଷ ଅଞ୍ଜନ କୁମାର ଖଟୁଆ ଅନୁଷ୍ଠାନର ଉତ୍ତରୋତର ଉନ୍ନତି କାମନା କରିଥିଲେ। ସାଂସ୍କୃତିକ ସଂପାଦକ ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଅଧ୍ୟକ୍ଷ ବସନ୍ତ କୁମାର ଦାସ, ଉପସଭାପତି ହରି ମୋହନ ମଲ୍ଲିକ, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଗୁରୁ ଦିଲୀପ କୁମାର ମହାପାତ୍ରଙ୍କୁ ପ୍ରତିଭା ସମ୍ମାନ ଦିଆଯାଇଥିଲା। ଆରାଧ୍ୟା ବେହେରାଙ୍କୁ କୋଇଲିମଣି ଦେବୀ ସ୍ମୃତି ପୁରସ୍କାର, ଏକାମ୍ର ରଞ୍ଜନ ଖିଲାରଙ୍କୁ ଅଚ୍ୟୁତାନନ୍ଦ ଦାସ ସ୍ମୃତି ସମ୍ମାନ, ଏସ୍‌ଜେ ଦିବାଂଶୀ ପାଣିଗ୍ରାହୀଙ୍କୁ ଯତୀନ୍ଦ୍ର ନାଥ ପଟ୍ଟନାୟକ ସ୍ମୃତି ସମ୍ମାନ, ରାଜଲକ୍ଷ୍ମୀ ମହାଲିକଙ୍କୁ ଧିରେନ୍ଦ୍ର ନାରାୟଣ ଦାସ ସ୍ମୃତି ସମ୍ମାନ, ଦିବ୍ୟଜ୍ୟୋତି ସାହୁଙ୍କୁ ସତ୍ୟସାଧନ ଦାସ ପଟ୍ଟନାୟକ ସ୍ମୃତି ସମ୍ମାନ, ଜନ୍ମଜୟ ତାଲଦିଙ୍କୁ ଅରୁଣ ଦେ ସ୍ମୃତି ସମ୍ମାନ, ପ୍ରିୟାଂଶୁ ସାହୁଙ୍କୁ ହାରାଧନ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ଗୌରବ କୁମାର ସାହୁଙ୍କୁ ଶ୍ରୀମା ଅରବିନ୍ଦ ସ୍ମୃତି ସମ୍ମାନ, ସ୍ମୃତିସ୍ୱରୂପା ମିଶ୍ରଙ୍କୁ ସୁବଳଚନ୍ଦ୍ର ରଣା ସ୍ମୃତି ସମ୍ମାନ ଓ ଶ୍ୱେତାଲିଲା ଶୁଭଦର୍ଶନୀଙ୍କୁ ଭାଗବତ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥି ସହିତ କର୍ମଚାରୀ ଅନ୍ୟୁତାନନ୍ଦ ଗୋଛାୟତ ଓ ପୁରୁଷୋତ୍ତମ ବେହେରାଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ସତ୍ୟରଂଜନ ମହାନ୍ତି, ମନୋରଂଜନ ମହାନ୍ତି, ମାଳା ଦେ, ଅଜିତାନନ୍ଦ ଦେବ ଗୋସ୍ୱାମୀ, ସତ୍ୟନାରାୟଣ ହରିଦାସ, ସୁନୀତା ଶତପଥୀ ଓ ଉପାଧ୍ୟକ୍ଷ ବଂଶୀଧର ରଣା ସହଯୋଗ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ, ତବଲା, ଗୀଟାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ସଂପାଦକ ସ୍ୱର୍ଗତ ଧିରେନ୍ଦ୍ର ନାରାୟଣ ଦାସଙ୍କୁ ବାର୍ଷିକ ଉତ୍ସବ ମଞ୍ଚ ସମର୍ପିତ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାରମ୍ଭରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ




**ବାଲିଆପାଳ,୨୩।୧୧(ସମିସ):** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ମୋନା ପକ୍ଷରୁ ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ଅଫିସ୍ ସଭାଗୃହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୧୨୫ ତମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋନାର ରାଜ୍ୟ ସଂଯୋଜକା ତପସ୍ୱୀନି କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବାଲିକୁଟି ସରପଞ୍ଚ ଯଶୋଦାମଣି ଧଳ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ମିଳିତ ଓଡ଼ିଶା ନିଶା ନିବାରଣର ଜିଲ୍ଲା ସମ୍ପାଦକ ପିତାମ୍ବର ଭୂୟାଁ, ସଭାନେତ୍ରୀ ବ୍ରିଜେଶ୍ୱରୀ ପାଲ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରୁ ନିଶାମୁକ୍ତ କରିବା ପାଇଁ ପ୍ରତ୍ୟେକ ପରିବାରରୁ ସ୍ୱର ଉଠାଇବା ଏବଂ ଚୋରାମଦକୁ ବିରୋଧ କରିବା, ନିଜ ପରିବାରକୁ ନିଶା ମୁକ୍ତ କରିବା, ରାଜସ୍ୱ ନାଁରେ ସରକାର ମଦକୁ ପ୍ରୋତ୍ସାହନ ଯୋଗାଇବା ପରି ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ସରକାର ମଦମୁକ୍ତ ଓଡ଼ିଶା ଗଠନ ଦିଗରେ ନିଶାର ମୂଳଉତ୍ପାଟନ କରି ଖଣିଜ ପଦାର୍ଥ ଉପରେ ଅଧିକ ରୋୟାଲଟି ଲଗାଇ ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଟିପିଏନଓଡିଏଲ୍ ମିଜାଇଲ ସିଟି ୱାର୍ଲଡ ହାଫ୍ ମାରାଥନ୍

## ୨୦୦୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ




**ବାଲେଶ୍ୱର,୨୩।୧୧(ସମିସ):** ବାଲେଶ୍ୱର ମାରାଥନ ଆସୋସିଏସନ୍ ପକ୍ଷରୁ ପ୍ରଥମ ଟିପିଏନ୍‌ଓଡିଏଲ୍ ମିଜାଇଲ ସିଟି ୱର୍ଲଡ ହାଫ ମାରାଥନ-୨୦୨୫ ସହରରେ ଆୟୋଜିତ ହୋଇଯାଇଛି। ଏଥିରେ ସାରା ଦେଶରୁ ପାଖାପାଖି ୨୦୦୦ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗ ନେଇଥିଲେ ଯଥା - ୨୧କି. ମି., ୧୦କି. ମି., ୫କି. ମି., ୩କି. ମି.। ଆଜିର ଏହି ମାରାଥନର ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ତଥା ଭାରତର ସୁନାମଧନ୍ୟା ଧାବିକା ଦ୍ୟୁତିଚାନ୍ଦ ଯୋଗ ଦେଇଥିଲେ। ସବୁଠାରୁ ଉତ୍ସାହିତପ୍ରଦ ଥିଲା ଜଣେ ପ୍ରତିଯୋଗୀ କଲିକତାରୁ ଯୋଗ ଦେଇଥିଲେ। ଯାହାଙ୍କର ଗୋଟିଏ ଗୋଡ଼ ନାହିଁ ଆଶା ବାଡ଼ିରେ ସେ ୧୦ କି. ମି.ଦୌଡ଼ରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସଞ୍ଜୟ ଗୁପ୍ତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ସମ୍ପାଦକ ଡମ୍ବରୁଧର ଚଣ୍ଡ, ଆଲୋକ କୁମାର ସାହୁ, ବିଟରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ଏବଂ ସଂଘର ୪୦ ଜଣ ସଦସ୍ୟ ସଦସ୍ୟା ସୂଚାରୁରୂପେ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗୀ ଆୟୋଜକମାଙ୍କ ଏଭଳି ଆୟୋଜନରେ ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ବାହାରୁ ଆସିଥିବା ପ୍ରତିଯୋଗୀମାନେ କହୁଥିଲେ ଯେ ସେମାନେ ଭାରତ ସାରା ମାରାଥନ ରେ ଭାଗ ନିଅନ୍ତି କିନ୍ତୁ ଏଠି ଯେଉଁଭଳି ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହୋଇଥିଲା କୌଣସି ଦିଗରୁ ଏହା ପ୍ରଥମ ଥର ଆୟୋଜନ ହୋଇଥିଲା ବୋଲି ଲାଗୁନଥିଲା। ସମସ୍ତ ପ୍ରତିଯୋଗୀ ଆୟୋଜକ ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଅଧିକ ପ୍ରତିଯୋଗୀ ଆସିବେ ବୋଲି ସମସ୍ତେ ଆଶାବ୍ୟକ୍ତ କରିଥିଲେ।

## ସୋର ମେଡିକାଲର ମୁଖ୍ୟ କିରାଣିଙ୍କ ପରଲୋକ

**ସୋର,୨୩।୧୧(ସମିସ):** ସୋର ଡାକ୍ତରଖାନାରେ କାର୍ଯ୍ୟରତ ମୁଖ୍ୟ କିରାଣିଙ୍କ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଗୀତାଞ୍ଜଳି ପଣ୍ଡା(୪୮) ପୂର୍ବରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକରୁଥିବା ବେଳେ ଗତ ଏକ ବର୍ଷ ତଳେ ସୋର ଡାକ୍ତରଖାନାରେ ମୁଖ୍ୟ କିରାଣିଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ। ତେବେ ଗତ ୬ ମାସ ଧରି ସେ ପିତ୍ତକୋଷ କ୍ୟାନ୍ସରରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଡାକ୍ତଙ୍କ ପରାମର୍ଶରେ ସେ ଘରେ ଥିବାବେଳେ ଆଜି ଅପରାହ୍ଣରେ ହଠାତ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋରପୁଲିସ ମେଡିକାଲରେ ପହଞ୍ଚି ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ମେଡିକାଲ ଅଧିକ୍ଷକ ଡ଼. କାଶୀନାଥ ପଣ୍ଡାଙ୍କ ସମେତ ସମସ୍ତ କାର୍ଯ୍ୟରତ ଡାକ୍ତର, କର୍ମଚାରୀ ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## କବିତା ପୁସ୍ତକ 'କବିତା ନିର୍ଝର' ଲୋକାର୍ପିତ



**ସୋର,୨୩।୧୧(ସମିସ):** ଲେଖକର ଭାବ ସହିତ ପାଠକର ଆବେଗ ସମ୍ମିଶ୍ରିତ ହେଲେ କବିତା ସଫଳତା ଲାଭ ପୂର୍ବକ କାଳଜୟୀ ହୁଏ। କବିତା ବୁଝିପାରେ ଦୁଃଖର ରଙ୍ଗ, ବେଦନାର ଗନ୍ଧ, କବିତା ବି ବୁଝିପାରେ ଆନନ୍ଦରଉତ୍ସ ବୋଲି ସୋର ସଂସ୍କୃତି ଭବନଠାରେ କବି ରବୀନ୍ଦ୍ର କୁମାର ଦାସଙ୍କ ପ୍ରଥମ କବିତା ପୁସ୍ତକ "କବିତା ନିର୍ଝର' ଲୋକାର୍ପଣ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଗାଁ ମଜଲିସ୍ ସାହିତ୍ୟ ସଂସଦର ସଭାପତି ଡ. ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଲୋକର୍ପଣ ଉତ୍ସବକୁ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଉଦ୍‌ଘାଟନ କରି କହିଲେ ଯେ କବିଟିଏ ଚାହେଁ କାବ୍ୟମୟ ହୋଇଯାଉ କବିତା, ସମସ୍ତେ କବିତାର ଶବ୍ଦରେ କଥା ହୁଅନ୍ତୁ, ସମଗ୍ର ଦୁନିଆ ଲାଗୁ କବି କବି। ମୁଖ୍ୟଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ ଲେଖକର ଭାବ ସହିତ ପାଠକର ଆବେଗ ମିଶିଗଲେ କବିତା ସଫଳତାଲାଭ କରେ। କବିତାର ଦୁର୍ବୋଧତା ଓ ପାଠକର ଗ୍ରହଣୀୟତା ସଂପର୍କରେ ବିସ୍ତୃତ ଆଲୋଚନା କରି ମୁଖ୍ୟବକ୍ତା ଭାବେ କବି କିଶୋର ପାଣିଗ୍ରାହୀ କହିଲେ ଯେ ଉଚ୍ଚାଙ୍ଗ କବିତାର ସ୍ୱାଦ ଗ୍ରହଣ ପାଇଁ ପାଠକ ପ୍ରସ୍ତୁତି ନେବା ଆବଶ୍ୟକ। ସମୀକ୍ଷକ ଭାବେ ଡ. ରବୀନ୍ଦ୍ର ବିହାରୀ ପୁସ୍ତକର ସନ୍ନିବେଶିତ କବିତାଗୁଡ଼ିକର ଶୈଳୀ, ବିଷୟ ଚର୍ଯ୍ୟା ପାରମ୍ପାରିକ ହୋଇଥିଲେ ସୁଦ୍ଧା ନୂତନତ୍ୱର ବର୍ତ୍ତା ପ୍ରଦାନ କରେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଦାମୋଦର ଦାଶ ମହାପାତ୍ର ଏବଂ ଦେବେନ୍ଦ୍ର ପ୍ରଧାନ କବିଙ୍କ ଉନ୍ମୋଚିତ ପୁସ୍ତକର କବିତା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଡ. ବେହେରା କବି ଶ୍ରୀ ଦାସଙ୍କ ଉତ୍ତରୋତ୍ତର କମନା କରିଥିଲେ। ଉଦ୍ଧବ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚେମେଇ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଦ୍ୱୀତିୟ ଅଧିବେଶନ କବିତାପାଠୋତ୍ସବରେ ବିଜୟକୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଂଯୋଜନା କରିଥିଲେ ସସ୍ମିତା ରାଉତ ଓ ଡ.ରଶ୍ମିରାଣୀ ଦାସ। କବି ନବକିଶୋର ଦାସ, ସୁରେନ୍ଦ୍ରନାଥ ବାରିକ, ଭରତ ଚନ୍ଦ୍ର ଦାଶ, ଶାନ୍ତିଲତା ସେଠୀ, ଚେମେଇ ଦାସ, ମୁରଲୀଧର ପାଢ଼ୀ, ଲମ୍ବୋଦର ମିଶ୍ର, ଚକ୍ରଧର ପାଢ଼ୀ, ନିତ୍ୟାନନ୍ଦ ପାଣିଗ୍ରାହୀ, ଅଭୟ ପତ୍ରୀ, ପ୍ରତିଭା ମଞ୍ଜରୀ ଜେନା, ମହେଶ୍ୱର ପଣ୍ଡା, ପ୍ରଦୀପ ମହାନ୍ତି, ଭାଗ୍ୟଶ୍ରୀ ଦେ, ମହେନ୍ଦ୍ର ସାହୁ, ସଂଧ୍ୟାରାଣୀ ଦାସ, ଜ୍ୟୋତିରଞ୍ଜନ ଜେନା, ରାମଚନ୍ଦ୍ର ପୃଷ୍ଟି, କୃଷ୍ଣା ପ୍ରଧାନ, ବ୍ରଜକିଶୋର ପାଲ, ଅଚ୍ୟୁତ୍ ପଣ୍ଡା, ଉଦ୍ଧବଚରଣ ବିଶ୍ୱାଳ ଓ ଦାଶରଥି ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ଦେହୁର୍ଦ୍ଦା ବିଜେଡିର ସାଂଗଠନିକ ବୈଠକ

# ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଆହ୍ୱାନ

ଭୋଗରାଇ,୨୩।୧୧(ସମିସ)

ଭୋଗରାଇ ବ୍ଲକ୍ ଦେହୁର୍ଦ୍ଦା ପଞ୍ଚାୟତର ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଏହିକି ଯେ ଆଜି ତାଳସରୀ ଠାରେ ବିଜୁ ଜନତା ଦଳର ଦେହୁର୍ଦ୍ଦା ପଞ୍ଚାୟତର ସଭାପତି ମାନସ ଗାଙ୍ଗୁଲିଙ୍କ ଆହ୍ୱାନରେ ଦେହୁର୍ଦ୍ଦା ପଞ୍ଚାୟତର ୧୭ ଟି ୱାର୍ଡର ପାଖାପାଖି ୫ ଶହରୁ ଉର୍ଦ୍ଧ୍ୱ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ।



ଏଥିରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ସମିତି ସଭ୍ୟ ସନ୍ଧ୍ୟା ରାଣୀ ଜେନା, ଅବିଭକ୍ତ ଦେହୁର୍ଦ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀପତି ସେଠୀ ଯୋଗଦେଇ ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରିବା ସହିତ ଲୋକମାନଙ୍କ ସୁଖ ଦୁଃଖରେ ସାହାଯ୍ୟ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ପଞ୍ଚାୟତର କେମିତି ବିଜେଡି ବାଜିମାତ୍ କରିବ ତାହା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏଥିରେ ପଞ୍ଚାୟତର ନାଏବ ସରପଞ୍ଚ ରାଜେନ୍ଦ୍ର ନାୟକ ୱାର୍ଡ ସଭ୍ୟ ରାଜେନ୍ଦ୍ର କର, ଶିବଶଙ୍କର ଜେନା, ଦିଲୀପ ଗିର, ଆଶିଷ ଦାସ, ଶିବଶଙ୍କର ଜେନା, ଧରିତ୍ରୀ ପାତ୍ର, ସୁମତି ସାହୁ, ଅନିମାରାଣୀ ଦାସ ମାଳତୀ ସୋରେନ, ସୁବଳ ଜେନା, ଦିଲୀପ ଦେ, ରମେଶ ମଣ୍ଡଳ, ଉମେଶ ମଣ୍ଡଳ, କିଶରୀ ଗିରି, ରାମକୃଷ୍ଣ ଜେନା, ଭଜହରି ଦାସ, ବେନୁ ଚରଣ ସାହୁ, ଭାସ୍କର ନାଥ, ତପନ ଆଚାର୍ଯ୍ୟ, ସୁକାନ୍ତ ଦାସ, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ଉନ୍ନତମାନର ଡାଇଗୋନିଷ୍ଟିକ୍ ସେଣ୍ଟର୍ ଓ ଲାଇଫ୍‌ଲାଇନ୍ ଉଦ୍‌ଘାଟିତ



ଜଳେଶ୍ୱର,୨୩।୧୧(ସମିସ): ଉତ୍ତର ବାଲେଶ୍ୱର ଅଞ୍ଚଳର ରୋଗୀମାନଙ୍କୁ ଅତ୍ୟାଧୁନିକ ସେବା ଲାଗି ଏଣିକି ବାଲେଶ୍ୱର କିମ୍ବା ଖଡ଼ଗପୁର ଯିବାକୁ ପଡ଼ିବ ନାହିଁ। ୨୭ ପ୍ରକାର ଅଲଟ୍ରାସାଉଣ୍ଡ ସେବା ଓ ଇକୋ ସେବା ଯୋଗାଇବା ସହିତ ମାସରେ ଗୋଟିଏ ଦିନ ମାତୃତ୍ୱ ସୁରକ୍ଷା ଲାଗି ମାଗଣାରେ ଚିକିତ୍ସା ଯୋଗାଇ ଦେବା ଲକ୍ଷ୍ୟରେ ଜିକେ ଭଟ୍ଟର ହସ୍‌ପିଟାଲ ସନ୍ନକଟ ଲାଇଫଲାଇନ୍ ଡାଇଗୋନିଷ୍ଟକ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ କାର୍ଯ୍ୟନିର୍ବାହୀ କୌଶିକ ଚାନ୍ଦ ଆଦର୍ଶ ସେବା ପ୍ରଦାନ ଓ ରୋଗ ନିରୁପଣ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ରବିବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିମାସ ୯ ତାରିଖରେ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଜନା ଚାନ୍ଦ, ଇଂ କାର୍ତ୍ତିକଚନ୍ଦ୍ର ଚନ୍ଦ, ପୌରପାଳ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ମଧୁସୂଦନ ସେନାପତି, ବିଜେପି ନେତା ଫାଲଗୁନୀ ପାଣିଗ୍ରାହୀ, ସମୀର ପାତ୍ର ପ୍ରମୁଖ ଯୋଗଦେଇ ଡାଇଗୋନିଷ୍ଟିକ୍ ସେଣ୍ଟର ଦ୍ୱାରା ଜଳେଶ୍ୱରବାସୀ ହାତ ପାହାନ୍ତାରେ ଉନ୍ନତମାନର ରୋଗ ନିରୂପଣ ସେବା ପାଇ ପାରିବେ ବୋଲି କହିଥିଲେ। ଏହି ଉଦ୍‌ଘାଟନ ଉତ୍ସବକୁ ରାଜ କିଶୋର ଜେନା ପରିଚାଳନା କରିଥିବାବେଳେ, ସମସ୍ତ କର୍ମଚାରୀଙ୍କ ସମେତ ବହୁ ଅତିଥି ଉପସ୍ଥିତ ଥିଲେ।

## ସଜଫୁଲ ପକ୍ଷରୁ 'ଅସରନ୍ତି ଜହ୍ନ ରାତି' ଉନ୍ମୋଚିତ



କାଳିପଦା,୨୩।୧୧(ସମିସ): ବାଲିଆପାଳର ରମ୍ୟ ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟ ହାଟ ପକ୍ଷରୁ ଟେଷ୍ଟ ଅଫ ଓଡ଼ିଶା ହୋଟେଲ ସମ୍ମିଳନୀ କକ୍ଷରେ କବି ବିଜୟ କୁମାର ପାତ୍ରଙ୍କ କବିତା ପୁସ୍ତକ "ଅସରନ୍ତି ଜହ୍ନରାତିଟ ଉନ୍ମୋଚିତ ହୋଇଯାଇଛି। କବି ଶ୍ରୀହରି ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଡିଆଇ ସୁବାସ ଚନ୍ଦ୍ର ଚୌଧୁରୀ, ସାମ୍ବାଦିକ ଅଜୟ କୁମାର ସାହୁ, ଦିଲ୍ଲୀପ କୁମାର ଦାସ, ସନ୍ୟାସୀ ବେହେରା, ମନ୍ମଥ କୁମାର ମଣ୍ଡଳ, ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ନଳିନୀ କାନ୍ତ ପାଢ଼ୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, କବୟିତ୍ରୀ କବିତା ଗିରି, ରବୀନ୍ଦ୍ର କୁମାର ଦତ୍ତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବିଜୟ କୁମାର ପାତ୍ର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ।

## ସତ୍ୟସାଇ ବାବାଙ୍କ ଶତାବ୍ଦୀ ସମାରୋହ



ଜଳେଶ୍ୱର,୨୩।୧୧(ସମିସ): ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ମହୋତ୍ସବ ବଡ଼ବଜାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟାରେ ସହର ମଧ୍ୟରେ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ପ୍ରଶାନ୍ତି ପତାକା ଉତ୍ତୋଳନ, ଷୋଡ଼ଶ ଉପଚାର, ଜଳେଶ୍ୱର ଜି. କେ ଭଟ୍ଟର ହସ୍ପିଟାଲ ଏବଂ ଉପ କାରାଗାରରେ ଫଳବଣ୍ଟନ, ସେବାଗ୍ରାମରେ ସେବାକାର୍ଯ୍ୟ, ରକ୍ତଦାନ ଶିବିର ୬୨ ୟୁନିଟ ରକ୍ତ ସଂଗ୍ରହ, ଆଧ୍ୟାତ୍ମିକ ସତସଙ୍ଗ, ବାଳବିକାଶ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ୧୦୦ ଟି ଭଜନ, ସଂଧାରେ ୧୦୦ଟି ଦୀପ ପ୍ରଜ୍ୱଳନ, ଜନ୍ମଦିନ କେକ୍ ଅର୍ପଣ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସୂଚନାଯୋଗ୍ୟ ସାଇ ଜିଲ୍ଲା ବାଲେଶ୍ୱର-୨ର ସେବା କମିଟି ପକ୍ଷରୁ ଶ୍ରୀସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ ଉପଲକ୍ଷେ ଦୀର୍ଘ ୧୦୦ ଦିନ ଧରି ବିଭିନ୍ନ ଗ୍ରାମରେ ପଶୁ ଚିକିତ୍ସା ଶିବିର , ସେବଗ୍ରାମ ସୁରୁଳା ଠାରେ ଚକ୍ଷୁ ଚିକିତ୍ସା ଶିବିର, ନଶିମପୁର ଠାରେ ଗାଈଗୋରୁ ସେବା ଶିବିର, ଉପ କାରାଗାରରେ ରକ୍ଷା ବନ୍ଧନ ଓ ଫଳ ବଣ୍ଟନ, ବିଭିନ୍ନ ସ୍କୁଲ, କଲେଜ, ସେବାଶ୍ରମ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପରିସରରେରେ ୧୦୦୦ରୁ ଉର୍ଦ୍ଧ୍ୱ ପ୍ରେମତରୁ (ବୃକ୍ଷ ) ରୋପଣ, ବିଭିନ୍ନ ସେବାଗ୍ରାମରେ ଗର୍ଭବତୀ ମହିଳା ଓ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ୧୦୦ରୁ ଉର୍ଦ୍ଧ୍ୱ ସାଇ ପ୍ରୋଟିନ ବିତରଣ, ବାଳବିକାଶ ଛାତ୍ରଛାତ୍ରୀଙ୍କ ଗୃହରେ ଆରାଧନା ମହୋତ୍ସବ ଓ ସାଇ ଆଶ୍ରିତଙ୍କ ଗୃହରେ ମହିଳା ଭଜନ, ସ୍ୱଚ୍ଛତାରୁ ଦିବ୍ୟତା କାର୍ଯ୍ୟକ୍ରମରେ ବିଭିନ୍ନ ଦେବାଳୟ, ପୂଜାମଣ୍ଡପ, ହସ୍ପିଟାଲ ପରିସରକୁ ପରିଷ୍କାର କରାଯାଇଥିଲା। ସମିତି ପକ୍ଷରୁ ଭିନ୍ନକ୍ଷମ ମହିଳା ଓ ପୁରୁଷଙ୍କୁ ଅମୃତକଳସ (ମାସକର ଖାଦ୍ୟପଦାର୍ଥ) ବିଶ୍ୱ ନାରାୟଣ ମହିଳାଙ୍କୁ ଜୋତା ଛତା, ସାଲ, କମ୍ବଳ ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ସମିତି ପକ୍ଷରୁ ପ୍ରତ୍ୟେକ ମାସର ୧୯ ତାରିଖରେ ବିଶ୍ୱ ମହିଳା ଦିବସ ପାଳନ, ପ୍ରତ୍ୟେକ ଦିନ ନଗର ସଂକୀର୍ତ୍ତନ, ଜଳେଶ୍ୱର ସମିତି ଅଧୀନରେ ଥିବା ନହଞ୍ଜରା ଭଜନ ମଣ୍ଡଳୀରେ ୧୦୦ ଜଣଙ୍କ ଗୃହରେ ପାରିବାରିକ ଭଜନ ଓ ଅଖଣ୍ଡ ଜ୍ୟୋତି ଯାତ୍ରା ସୁଚାରୁ ରୂପେ ପାଳନ, କାନପୁର ଭଜନ ମଣ୍ଡଳୀ ଓ କମର୍ଦ୍ଦା ଭଜନ ମଣ୍ଡଳୀରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ହୋଇଥିବା ସମ୍ପର୍କରେ ସମିତି ଆବାହକ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ବିୟୋଗ

କମର୍ଦ୍ଦା,୨୩।୧୧(ସମିସ): ଭୋଗରାଇ ବ୍ଲକ୍ ନୟାପାଲି ଗ୍ରାମର ଅବସରପ୍ରାପ୍ତ କୃଷିବିଭାଗ ଅଧିକାରୀ ଖଗେଶ୍ୱର ପାତ୍ରଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ଶ୍ରୀ ପାତ୍ର ବାର୍ଦ୍ଧକ୍ୟଜନୀତ ରୋଗରେ ପୀଡ଼ିତ ହୋଇ ନିଜ ବାସଭବନ ବାଇଗଣବାଡ଼ିଆରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପ୍ରାଣ , ନିଷ୍କପଟ , ଦୟାଳୁ , ପରୋପକାରୀ ଏବଂ ସମାଜସେବୀ ଭାବରେ ପରିଚିତ ଥିବା ସହିତ ଚାକିରି ଜୀବନରେ ଜଣେ ସଚ୍ଚୋଟ ଓ କର୍ତ୍ତବ୍ୟପରାୟଣ କର୍ମଚାରୀ ଥିଲେ। ଶ୍ରୀପାତ୍ରଙ୍କ ବିୟୋଗରେ ନୟାପାଲି ଏବଂ ବାଇଗଣବାଡ଼ିଆ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ହେବା ଖବର ଶୁଣି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି , ଉପାଧ୍ୟକ୍ଷା ମିନାରାଣୀ ସାସମଲ , ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଖରିଦପିପଳ ଗ୍ରାମପଞ୍ଚାୟତ ସରପଞ୍ଚ ମଞ୍ଜୁରାଣୀ ବେହେରା, ସମିତି ସଦସ୍ୟା ବିନତୀ ସାହୁ, ବାଇଗଣବାଡ଼ିଆ ଗ୍ରାମପଞ୍ଚାୟତର ସରପଞ୍ଚ ବିଷ୍ଣୁପଦ ପାତ୍ର , ସଦସ୍ୟା ବାସନ୍ତି ମାଝୀ , ନୟାପାଲି ଗ୍ରାମ ସଭାପତି ତରୁଣକାନ୍ତି ପାତ୍ର, ରୋଟାରିଆନ ଡ. ଶିବନାରାୟଣ ପାତ୍ର, ଉତ୍ତର ଭୋଗରାଇ କଳାକାର ସଂଘର ସଭାପତି ଶିବଶଙ୍କର ସେଠୀ , ସମାଜସେବୀ ଗିରିଶଚନ୍ଦ୍ର ପାତ୍ର, ହରିଶ୍ଚନ୍ଦ୍ର ଦାସ , ସୂର୍ଯ୍ୟକାନ୍ତ ଜେନା, ଜୟନ୍ତ କୁମାର ଦେ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ରାଧାରାଣୀ , ପୁତ୍ରବଧୂ ଚିନୁ ଝିଅ ଇଲା, ମିଲି, ଜ୍ୱାଇଁ ଜୟନ୍ତ, ଅମୀୟ, ପୁତୁରା ଓ ନାତି ନାତୁଣୀ ଉପସ୍ଥିତ ଥିଲେ।



## ରାଧାମାଧବ ଜୀଉ ସେବା ସଂଗଠନ ପକ୍ଷରୁ ଗୋ-ଚିକିତ୍ସା ଶିବିର



କାଳିପଦା,୨୩।୧୧(ସମିସ): ବାଲିଆପାଳ ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତ ଜାହାଜି ପଡିଆରେ ବିଲ କୁମ୍ଭାରୀ ରାଧା ମାଧବ ଜୀଉ ଗୋ ସେବା ସଂଗଠନ ପକ୍ଷରୁ ରବିବାର ଗୋ ପୂଜନ ଓ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ନବୀନ କୁମାର ଦେଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଶୁସମ୍ପଦ ବିଭାଗ ଉପନିର୍ଦ୍ଦେଶକ ଡ. ଅଜୟ କୁମାର ବେହେରା, ଡ. ଗୌତମ ସୂତାର, ଘଣ୍ଟୁଆ ଏଲଆଇ ସୁଶାନ୍ତ କୁମାର ଗିରି, ତାପୁଣ୍ଡିଆ ଏଲଆଇ ଅଜିତ କୁମାର ଦାସ, ଅଜୟ କୁମାର ଗିରି, ଜୟସେନ ପୋଢ଼, ମୈତ୍ରୀ ଅନନ୍ତ କୁମାର ବେହେରା, ମଧୁପୁରାର ଜୀବନ କୃଷ୍ଣ ଦେ ପ୍ରମୁଖ ଗାଈ ଗୋରୁଙ୍କ ଚିକିତ୍ସା, ରୋଗ ଚିହ୍ନଟ, ଔଷଧ ବଣ୍ଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବ ରେ ଶିକ୍ଷାବିତ ନାରାୟଣ ପ୍ରସାଦ ସାହୁ, ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ସନ୍ୟାସୀ ବେହେରା, ଅଧ୍ୟାପକ ଶ୍ରବଣ କୁମାର ନାଥ, ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗୋ ପୂଜନର ପରମ୍ପରା ଓ ମହତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରହ୍ଲାଦ ଚରଣ ଜେନା, ଦୁଲି ମାରାଣ୍ଡି, ଶିବ କଲ୍ୟାଣ ଦେ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଚନ୍ଦ୍ରଶେଖର ଆଜାଦକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ଏଥିରେ ସାମ୍ବାଦିକ ଗୋପ ନାରାୟଣ ଜେନା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଗୋ ସେବକ ଅରୁଣ କୁମାର ଦେ, ଜୟ ନାରାୟଣ ଜେନା, ସ୍ୱାଗତ ସାହୁ, ସୁବାସ ଜେନା, ବସନ୍ତ ଦେ, ସୁଜିତ ଗିରି, ଅଜୟ ଦେ, ମାନସ କୁମାର ଦାସ, ସୁବ୍ରତ ଜେନା, ଦିବ୍ୟେନ୍ଦୁ ଦେ, ଶୁଭଶ୍ରୀ ଜେନା ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦିକା ମଞ୍ଜୁଲତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ● ବରହମ୍ପୁରରେ ଥାନା ଅଞ୍ଚଳରେ ସିରିଜ ଚୋରି

## ଲୁଟିନେଲେ ୪ ଲକ୍ଷ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା

ନୀଳଗିରି,୨୩।୧୧(ସମିସ): ବରହମପୁର ମହୋତ୍ସବ ବୁଲିବାକୁ ଯାଇଥିବା ସମୟରେ ତାଲା ଭାଙ୍ଗି ତିନି ଘରୁ ସିରିଜ୍ ଚୋରି। ଲୁଟିନେଲେ ୪ ଲକ୍ଷ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା। ବରହମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଶନିବାର ରାତିରେ ବରହମପୁର ମହୋତ୍ସବ ଚାଲିଥିବା ବେଳା ଏହାର ସୁଯୋଗ ନେଇ ପୁନାସିଆ ଗ୍ରାମର ଅକ୍ଷୟ ମହାପାତ୍ରଙ୍କ ଘରୁ ଚୋରି ହୋଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ବରହମପୁରର ଶଙ୍କର୍ଷଣ ପଶାଙ୍କ ଘରୁ ଗତ ରାତ୍ରିରେ ଚୋରି ପାଇଁ ଉଦ୍ୟାମ କରୁଥିଲା ବେଳେ ସଫଳ ହୋଇପାରି ନଥିଲେ। ବର୍ତ୍ତମାନ ବରହମପୁର ମହୋତ୍ସବ ଚାଲୁଥିବା ବେଳେ ଗତ ରାତିରେ ମହୋତ୍ସବ ଦେଖିବାକୁ ଏହି ତିନି ପରିବାର ଲୋକ ସମ୍ପର୍କୀୟଙ୍କ ସହିତ ଘରେ ଚାବି ଦେଇ ମହୋତ୍ସବ ଦେଖିବାକୁ ଯାଇଥିଲେ। ମହୋତ୍ସବରୁ ଘରକୁ ଫେରିଆସିବା ବେଳକୁ ଅକ୍ଷୟ ମହାପାତ୍ର ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ ଏବଂ ଘରେ ପଶି ଗଡରେଜ୍ ରେ ଥିବା ମୋଟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା ଦୁର୍ବୃତ୍ତ ଚୋରି କରିଥିବା ଅନୁମାନ କରାଯାଇଛି। ବରହମପୁର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ବରହମପୁର ଥାନାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆଇ.ଆଇ.ସି ପ୍ରେମଦା ନାୟକ ସୂଚନା ଦେଇଛନ୍ତି।

### ■ ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ ଘଟଣା

## ବାଡ଼ିର ମାଲିକାଣୀ କୋର୍ଟ ଚାଲାଣ

ନୀଳଗିରି,୨୩।୧୧(ସମିସ): ନୀଳଗିରି ସହର ୫ନଂ ୱାର୍ଡ ଅଧୀନ ସାନଅତା ଅଞ୍ଚଳର ପୁରୁଷୋତ୍ତମ ଦାସଙ୍କ ପୁଅ ତାପସ ଦାସ(୩୪) ଫୁଲ ତୋଳିବାକୁ ଯାଇ ଗତ ଶୁକ୍ରବାର ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିବା ଘଟଣାରେ ବାଡ଼ିର ମାଲିକାଣିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ପୂର୍ବରୁ ବାଡ଼ିର ମାଲିକାଣି ଫୁଲଚୋରି ରୋକିବାକୁ ନେଇ ଫୁଲଗଛ ଚାରି ପାଖେ ବିଦ୍ୟୁତ୍ ତାର ସଂଯୋଗ କରିଥିବାରୁ ଏଭଳି ଅଘଟଣ ଘଟିଥିବାର ମୃତକଙ୍କ ମା' ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ନୀଳଗିରି ଥାନା ପକ୍ଷରୁ ତଦନ୍ତ କରୁଥିବାବେଳେ ପ୍ରଥମେ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶନିବାର ଏହି ଘଟଣାରେ ନୀଳଗିରି ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲେ ଏହା ଅପମୃତ୍ୟୁ ନୁହେଁ, ଏହା ଘର ମାଲିକାଣିଙ୍କ ନିଜର ଅବହେଳା ପାଇଁ ଏଭଳି ଏକ ଦୁର୍ଘଟଣା ଘଟିଛି। ଏନେଇ ରବିବାର ନୀଳଗିରି ପୁଲିସ ବାଡ଼ିର ମାଲିକାଣିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ନୀଳଗିରି ଏନ୍‌ଏସି ୫ନଂ ୱାର୍ଡ ଅଧୀନ ତାପସ ଦାସ(୩୪) ପ୍ରତିଦିନ ସକାଳେ ବିଭିନ୍ନ ସ୍ଥାନରୁ ଫୁଲ ତୋଳି ନିକଟସ୍ଥ ମନ୍ଦିରରେ ଦେଉଥିଲେ। ସକାଳ ପ୍ରାୟ ୬ ଟା ସମୟରେ ସେ ଫୁଲ ତୋଳିବାକୁ ଯାଇ ଗାଁରେ ଥିବା ଦିଲୀପ ରାଉତଙ୍କ ବାଡ଼ିରେ କିଛି ଗେଣ୍ଡୁ ଫୁଲ ତୋଳୁଥିବା ସମୟରେ ବିଦ୍ୟୁତ ଆଘାତ ପାଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମାତ୍ର ଫୁଲ ଗଛ ଚାରି ପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣିପାରି ନ ଥିଲେ। ସ୍ଥାନୀୟ ଲୋକମାନେ ମୃତଦେହ ପଡ଼ିଥିବା ତାପସ ଙ୍କ ପରିବାରକୁ ଅବଗତ କରିଥିଲେ। ଯୁବକଙ୍କ ମୁହଁରୁ ଗୋଡ଼ ପର୍ଯ୍ୟନ୍ତ ବିଦ୍ୟୁତ ତାର ଲାଗି ପୋଡ଼ିଯାଇଥିବା ଦେଖାଯାଇଥିଲା।

## ଶିକ୍ଷାବିତଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

କାଳିପଦା,୨୩।୧୧(ସମିସ): ବାଲିଆପାଳ ବ୍ଲକସ୍ଥିତ ସୁରଡିହା ଗ୍ରାମର ଆଦର୍ଶ ଶିକ୍ଷକ ସୃଷ୍ଟିଧର ହାଜିରାଙ୍କର ଏକାଦଶାହ କ୍ରିୟା ଉପଲକ୍ଷେ ବରିଷ୍ଠ ନାଗରିକ ପରିଷଦଙ୍କ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଯାଇଛି। ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ରାଜ, ବଙ୍କିମ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଧୀରେନ୍ଦ୍ର ନାଥ ହାଜିରା ପ୍ରାକ ସୂଚନା ଭାଷଣ ଦେଇଥିଲେ। ପରିଷଦର ଅନ୍ୟ ସଦସ୍ୟ ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ଦେ, ଡ.କୁଞ୍ଜକାନ୍ତ ପାତ୍ର, ସନ୍ନ୍ୟାସୀ ବେହେରା, ବିଜୟ କୁମାର ପାତ୍ର, ଗୁଣାକର ପାଳ, ବେଣୁଧର ମଣ୍ଡଳ, ରାଜକୃଷ୍ଣ ପାତ୍ର, ସୁଧାଂଶୁ କୁମାର ପାଞ୍ଜା ପ୍ରମୁଖ ଯୋଗ ଦେଇ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ତାଙ୍କର ବଡ଼ ଝିଅ ସୌଦାମିନୀ ପରିଡ଼ା, ପୁତ୍ର ରବୀନ୍ଦ୍ର କୁମାର ହାଜିରା, ତପନ କୁମାର ହାଜିରା, ମିନତୀ ଭୂୟାଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ହ୍ୟୁମାନସାଗରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଚନ୍ଦନେଶ୍ୱର,୨୩।୧୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ରଣସିଂହପୁର ରଘୁନାଥ ସଙ୍ଗୀତ, ନୃତ୍ୟ ମହାବିଦ୍ୟାଳୟରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ରଘୁନାଥ କାଲ୍‌ଚୁରାଲ କଳାକାର ସଂଘର ସଭାପତି ଭୁବନଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସଂଗୀତଜ୍ଞ ଗୁରୁ ପ୍ରଫୁଲ୍ଲ ବାରିକ, ମୁରଲୀ ମହାକୁଡ଼, ନୃତ୍ୟଗୁରୁ ଆଦ୍ୟାଶା ମହାନ୍ତି, ଭାସ୍କର ଦତ୍ତ, ବିଦ୍ୟାଳୟ କମିଟିରୁ ଜଳେନ୍ଦ୍ର ପାତ୍ର, ବିଷ୍ଣୁପଦ ପଟ୍ଟନାୟକ, ବନମାଳୀ ଘଡ଼ାଇ, ନରେନ୍ଦ୍ର ମଣ୍ଡଳ, ତରୁଣ ଜେନା ପ୍ରମୁଖ ଯୋଗଦେଇଥିଲେ। ହ୍ୟୁମାନସାଗର ୧୫ହଜାର ସଂଗୀତରେ କଣ୍ଠଦାନ କରି ଚଳିତ ମାସ ୧୭ ତାରିଖ ଇହଧାମ ପରିତ୍ୟାଗ କରି ସମସ୍ତ କଳାକାର ଜଗତ ପାଇଁ ସ୍ମୃତିଟିଏ ହୋଇ ରହିଗଲେ ବୋଲି କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ମହାବିଦ୍ୟାଳୟର ସମସ୍ତ ଗୁରୁ ଶିଷ୍ୟ ଓ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ମାନେ ଉପସ୍ଥିତ ଥିଲେ।



ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନତୀ କାନୁନଗୋ
ନଗେଶପୁର, ସାଲେପୁର
ତିରୋଧାନ - ୦୫/୧୨/୨୦୨୪

ମାଆ,
ଆପଣଙ୍କ ପରଲୋକ ଗମନ କରିବାର ଏକ ବର୍ଷ ବିତିଗଲା । ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ । ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ:
ସମସ୍ତ କାନୁନଗୋ ପରିବାରବର୍ଗ

## ଭୋଳେଶ୍ୱର ଜନାର୍ଦ୍ଦନ ନୋଡାଲ ସ୍କୁଲର ହୀରକ ଜୟନ୍ତୀ ଲାଗି ପ୍ରସ୍ତୁତି

ସୋର,୨୩।୧୧(ସମିସ): ସୋର ବ୍ଲକ୍ ମଙ୍ଗଳପୁର ଭୋଳେଶ୍ୱର ଜନାର୍ଦ୍ଦନ ନେଡାଲ ହାଇସ୍କୁଲର ହୀରକ ଜୟନ୍ତୀର ପ୍ରସ୍ତୁତି ବୈଠକ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଦୁଇଦୁଇଟି ଅଧିବେଶନ ପାଇଁ ବହୁ ପ୍ରତିଷ୍ଠିତ ବ୍ୟକ୍ତି, ମୁଖ୍ୟମନ୍ତ୍ରୀ ବା ଅନାନ୍ୟ ରାଜନୈତିକ ଦଳର ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବା ପାଇଁ ଆଲୋଚନା କରାଯାଇଥିଲା। କରୁଣାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶାମୁକ୍ତ ରାଜ୍ୟ ଗଠନ ପାଇଁ 'ମୋନା' ପକ୍ଷରୁ ବୈଠକ



ଜଳେଶ୍ୱରବ୍ଲକ,୨୩।୧୧(ସମିସ)

ରବିବାର ସକାଳେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାଶ୍ୱର୍ରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନିଶା ନିବାରଣର ମହାନ ପୁରୋଧା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୫ ତମ ଜୟନ୍ତୀ ଉପଲକ୍ଷେ "ମୋନା'ର ଜଳେଶ୍ୱର ଶାଖା ସଭାପତି ଅଶୋକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୫୬ ମସିହାରେ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟ ଗଠନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ର ସଭାପତି ପଦ୍ମଚରଣ ନାୟକଙ୍କ ଆହ୍ୱାନରେ ଓଡ଼ିଶାକୁ ନିଶାମୁକ୍ତ ଅଭିଯାନ କୁ ସଫଳ କରିବାପାଇଁ ଆମ ରାଜ୍ୟର ବହୁ ଜନ ସାଧାରଣ ଏହି ସଂଗ୍ରାମରେ ସାମିଲ ହୋଇଛନ୍ତି। ସମଗ୍ର ରାଜ୍ୟରେ ବେଆଇନ ନିଶା କାରବାର ପାଇଁ ମୁଖ୍ୟ କେନ୍ଦ୍ରସ୍ଥଳ ଜଳେଶ୍ୱରରେ ନିଶା ମାଫିଆ ମାନଙ୍କର ବିସ୍ତାରିତ କଳା ସାମ୍ରାଜ୍ୟକୁ ନିପାତ୍ କରିବା ପାଇଁ ସରକାରଙ୍କଠାରେ ନିବେଦନ କରାଯାଇଛି। ଏହାସହିତ ନିଶା ମାଫିଆ ମାନଙ୍କର କାରବାରରେ ଉତ୍ସାହିତ କରୁଥିବା କାର୍ଯ୍ୟରତ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସମ୍ପାଦକ ପ୍ରଦୀପ କୁମାର ସିଂ, ଦୁର୍ଗା ପ୍ରସାଦ ସ, ନିତ୍ୟାନନ୍ଦ ଜେନା, ଗଣେଶ ଗିରି, ରମେଶ ଚନ୍ଦ୍ର ହେମ୍ବ୍ରମ, ସୁଧାଂଶୁ ଜେନା, ନିରୋଜ ।ବେହେରା, ରମେଶ ଜେନା ପ୍ରମୁଖ ସହଯୋଗ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଦୁର୍ଘଟଣାରେ ଯୁବତୀ ଗୁରୁତର

ଆଳି, ୨୩।୧୧(ସମିସ): ଆଳି ଥାନା ଶାଳିଅଞ୍ଚ-ଭୂଇଁପୁର ରାସ୍ତାର ଦିଗଛିଆ ମଠ ଛକରେ ଦୁର୍ଘଟଣା ଘଟି ଙ୍ଖିଧା ଗ୍ରାମର ଚାନ୍ଦିନୀ ଭୂୟାଁ ଗୁରୁତର ଆହତ ହୋଇଛନ୍ତି। ଚାନ୍ଦିନୀ ସ୍କୁଟି ଯୋଗେ ପଟ୍ଟାମୁଣ୍ଡାଇ ଯାଉଥିବା ବେଳେ ହଠାତ ତାଙ୍କ ଗାଡ଼ି ଆଗକୁ ଅନ୍ୟ ଏକ ଗାଡ଼ି ଆସିଯିବାରୁ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ତାଙ୍କ ଅଣ୍ଟା, ମୁହଁ, ମୁଣ୍ଡ ଓ ଆଣ୍ଠୁରେ ଶକ୍ତ ଆଘାତ ଲାଗିଥିଲା। ଜଣେ କାର ଚାଳକ ତାଙ୍କୁ ଉଦ୍ଧାର କରି ଆଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଚେତା ନ ଫେରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ଘଟଣାରେ ୨ ଗିରଫ

ଆଳି, ୨୩।୧୧(ସମିସ): ଆଳି ଥାନା କୋଲିଡିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଲିପିକା ପରିଡ଼ାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ଘଟଣାରେ ଆଳି ଥାନା ପୁଲିସକୁ ସଫଳତା ମିଳିଛି। ଏହି ମାମଲାରେ ପୁଲିସ ଅଳଙ୍କାର ଚୋରି ଅଭିଯୋଗରେ ପୁଲିସ ଜଣେ ମହିଳା ଓ ଏହାକୁ କିଣିଥିବା ସୁନା ଦୋକାନୀଙ୍କୁ ଗିରଫ କରିଛି। ୧୭ ତାରିଖ ଅପରାହ୍ନରେ ଲିପିକା ଘରଠାରୁ କିଛି ଦୂରରେ କାର୍ଯ୍ୟ କରୁଥିବା ସମୟରେ କେହି ଜଣେ ତାଙ୍କ ଘରେ ପଶି ସୁନା ଅଳଙ୍କାର ଲୁଟି ନେଇଥିବା ୧୮ ତାରିଖ ଥାନାରେ ଅଭିଯୋଗ କରିଥିଲେ। ଚୋରି ହୋଇଥିବା ସୁନାଗହଣାର ଆନୁମାନିକ ମୂଲ୍ୟ ୮ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଅଭିଯୁକ୍ତ ମହିଳା ଓ ସୁନା ଦୋକାନୀଙ୍କୁ ଥାନାକୁ ଉଠାଇଆଣି ଜେରା କରିବା ପରେ ସେମାନେ ସତ ସ୍ୱୀକାର କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ସମସ୍ତ ସୁନା ଅଳଙ୍କାର ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଧୀରଜ ଲେଙ୍କା ସୂଚନା ଦେଇଛନ୍ତି।

## ଗରାପୁରରେ ଗୁଳିକାଣ୍ଡ

କେନ୍ଦ୍ରାପଡ଼ା, ୨୩।୧୧(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଗରାପୁର ଗ୍ରାମରେ ରବିବାର ରାତିରେ ଗୁଳିକାଣ୍ଡ ଘଟିଛି। ସୂଚନା ଅନୁସାରେ, ଅସୀମ ରାଉତରାୟଙ୍କ ପରିବାର ଲୋକେ ପୋଷା କୁକୁରକୁ ବାହାରେ ବୁଲାଉଥିବା ବେଳେ ଜଣେ ମଦ୍ୟପ ତାଙ୍କୁ ଗାଳିଗୁଲଜ କରିଥିଲା। ଏହାକୁ ବିରୋଧ କରିବାରୁ ମଦ୍ୟପ ଯୁବକ ଜଣକ ଗୋଟିଏ ରାଉଣ୍ଡ ଗୁଳି ଫୁଟାଇଥିଲା। ତେବେ ସୌଭାଗ୍ୟ କ୍ରମେ ଗୁଳି କାହା ଦେହରେ ବାଜିନି। ଏହି ସମୟରେ ଅସୀମଙ୍କ ପରିବାର ଲୋକେ ସାହସ ଜୁଟାଇ ମଦ୍ୟପଠାରୁ ବନ୍ଧୁକ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ହେଲେ ମଦ୍ୟପ ଜଣକ ସେମାନଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ବନ୍ଧୁକ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ମଦ୍ୟପର ଆକ୍ରମଣରେ ଅସୀମଙ୍କ ସମେତ ତାଙ୍କ ପରିବାରର ଅଞ୍ଜଳି ରାଉତରାୟ ଓ ମନୋଜ ରାଉତରାୟ ଆହତ ହୋଇଛନ୍ତି। ସମସ୍ତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କେନ୍ଦ୍ରାପଡ଼ା ଏସଡିପିଓ ଓ ସଦର ଥାନା ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ପ୍ରଶାସନ ଦ୍ୱାରା ଜବରଦଖଲ ଉଚ୍ଛେଦ

ମହାକାଳପଡ଼ା, ୨୩।୧୧(ସମିସ): ମହାକାଳପଡ଼ା ବ୍ଲକ ଗଡ଼ରୋମିତରେ ଶୁକ୍ରବାର ପ୍ରଶାସନ ଦ୍ୱାରା ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ସୁପରଭାଇଜର ନଳିନୀ ପୃଷ୍ଟି, ଯଦୁପୁର ରାଜସ୍ୱ ନିରୀକ୍ଷକ ରଘୁନାଥ ହାଁସଦା, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଜନ୍ମେଜୟ ବିଶ୍ୱାଳ, ଅମିନ ଅଶୋକ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଗଡ଼ରୋମିତ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମରେ ୧୯ ପରିବାର ସରକାରୀ ଜମି ଜବରଦଖଲ କରି କୋଠାଘର, ଆଜବେଷ୍ଟସ ଘର ଓ ଚାଳଘର କରି ରହୁଛନ୍ତି। ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଉପସ୍ଥିତିରେ ତିନିଟି ବୁଲଡୋଜର ସହାୟତାରେ ସନ୍ଧ୍ୟା ସୁଦ୍ଧା ୬ ପରିବାରର ବାସଗୃହ ଓ ଗୁହାଳ ଭାଙ୍ଗି ଦିଆଯାଇଛି। ଘଟଣାସ୍ଥଳରେ ମହାକାଳପଡ଼ା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ, ଇନ୍ସପେକ୍ଟର ନାରାୟଣ ସାହୁ, ଏସଆଇ ଧରିତ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କୋର୍ଟଙ୍କ ଆଦେଶ ମୁତାବକ ଏହି ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି।

## ରାଏତୁଣ୍ଡି ସାହୁ ସାହିରେ କାର୍ତ୍ତିକେଶ୍ୱର ପୂଜା

ପଞ୍ଚୁପାଣ୍ଡବ, ୨୩।୧୧(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ରାଏତୁଣ୍ଡି ଗ୍ରାମ ସାହୁସାହିରେ କର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଛି। ପାଞ୍ଚଦିନ ଧରି ପୂଜା ପାଳନ କରାଯାଉଥିବା ବେଳେ ଏହି ପୂଜା ପ୍ରାୟ ୫୫ ବର୍ଷ ଧରି ଏଠାରେ ପାଳନ ହେଉଥିବା ପୂଜା କମିଟିର ବଂଶୀଧର ସାହୁ କହିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ ହେଉଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପୂଜକ ସରୋଜ ଦାସ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ଗୋବିନ୍ଦପୁର, ୨୩।୧୧(ସମିସ): ଆଳି ବ୍ଲକ ପାଳିମି ଗ୍ରାମର ଶିକ୍ଷକ ତଥା ସମାଜସେବୀ ଗଣନାଥ ସାମଲଙ୍କ ୮୮ ବର୍ଷ ବୟସରେ ଶୁକ୍ରବାର ରାତିରେ ନିଜ ବାସଭବନରେ ଦେହାନ୍ତ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ଜ୍ଞାନେନ୍ଦ୍ର ସାମଲଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ସ୍ୱର୍ଗତ ସାମଲଙ୍କ ବିୟୋଗରେ ପାଳିମି, ଏରଡଙ୍ଗ ସମେତ ସମଗ୍ର ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ବିରାଟ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରଯାଇଛି। ସାନପୁଅ ଧର୍ମେନ୍ଦ୍ର ସାମଲ ମୁଖାଗ୍ନି ଦେଇଥିଲେ।

### 'ସକାଳ' ୫ମ ସ୍ୱନକ୍ଷତ୍ର ଉପଲକ୍ଷେ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା

# ବରିଷ୍ଠରେ ଅନନ୍ୟା ପ୍ରଜ୍ଞାସ୍ମିତା, କନିଷ୍ଠରେ ସିମ୍ରନ ସର୍ବୋତ୍ତମ







କେନ୍ଦ୍ରାପଡ଼ା, ୨୩।୧୧(ସମିସ)

ଗଣମାଧ୍ୟମ ଜଗତରେ ବୈପ୍ଳବିକ ପରିବର୍ତ୍ତନର ନାମ ବୋଲି ପରିଚିତ ଦୈନିକ ଖବରକାଗଜ 'ସକାଳ'ର ୫ମ ସ୍ୱନକ୍ଷତ୍ର ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ରବିବାର ସ୍ଥାନୀୟ ଗୋପସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରାଙ୍ଗଣରେ ସମ୍ପନ୍ନ ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୪୦ ଛାତ୍ରଛାତ୍ରୀଙ୍କ ଉତ୍ସାହ, ଟାଲେଣ୍ଟ ଓ ଉଦ୍ଦୀପନା ଏହି କାର୍ଯ୍ୟକ୍ରମକୁ ସୃଜନଶୀଳ ରୂପ ଦେଇଥିଲା।

ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିତର୍କ ମାଧ୍ୟମରେ ଚିନ୍ତନଶକ୍ତି, ଅଭିବ୍ୟକ୍ତି କୁଶଳତା ଓ ଆତ୍ମବିଶ୍ୱାସର ଉନ୍ନତି ହୁଏ। ଏଭଳି ମଞ୍ଚ ଯୁବପିଢ଼ିଙ୍କୁ ନିଜ ପ୍ରତିଭା ବିକଶିତ କରିବାର ସୁବର୍ଣ୍ଣ ସୁଯୋଗ ଦେଇଥାଏ ବୋଲି ସେ କହିଥିଲେ। ମାର୍ଶାଘାଇ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପ୍ରଧାନ, ଲୋକନାଥ ମହାବିଦ୍ୟାଳୟର ରାଜନୈତିକ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁଶାନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଓ ସମାଜସେବୀ ରବିନାରାୟଣ ପତି, ଶିକ୍ଷାବିତ ଭଗବାନ ଜେନା, ସୁରେଶ କୁମାର, ସେଣ୍ଟ ଜାଭିୟର ହାଇସ୍କୁଲ ଅଧ୍ୟକ୍ଷ ଲଳିତ ନାରାୟଣ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ବର୍ଗରେ ବିଷୟବସ୍ତୁ ଥିଲା 'ଜେନ-ଜେଡ: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?' ଯେଉଁଥିରେ ପ୍ରତିଯୋଗୀମାନେ ସମାଜ ଦୃଷ୍ଟିଭଙ୍ଗୀ, ପ୍ରଯୁକ୍ତି ପ୍ରଭାବ, ସ୍ୱାଧୀନ ଚେତନା ଓ ଯୁବ ମନୋଭାବକୁ ପ୍ରକାଶ କରିଥିଲେ। କନିଷ୍ଠ ବର୍ଗ ପାଇଁ ବିଷୟ ଥିଲା 'ବହିପତ୍ର: ଆବଶ୍ୟକତା କି ଅନାବଶ୍ୟକ ବୋଝ?' ବରିଷ୍ଠ ବର୍ଗରେ ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ ଓ କନିଷ୍ଠରେ ସିମ୍ରନ ବେହେରାଙ୍କୁ ସର୍ବୋତ୍ତମ ଘୋଷିତ କରାଯାଇଛି। ସେହିପରି ବରିଷ୍ଠ ବିଭାଗର ଦ୍ୱିତୀୟ-ସତ୍ୟଜିତ ସାହୁ, ତୃତୀୟ-ଓମପ୍ରକାଶ ରଥ ଓ କନିଷ୍ଠ ବିଭାଗର ଦ୍ୱିତୀୟ-ଆୟୁଷ ମଙ୍ଗରାଜ, ତୃତୀୟ-ସ୍ୱାତୀପ୍ରଜ୍ଞା ପଣ୍ଡାଙ୍କୁ ଟ୍ରଫି, ମାନପତ୍ର ଦିଆଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ରାକେଶ ମହାନ୍ତି କାର୍ଯ୍ୟକରମ ପରିଚାଳନା କରିଥିଲେ। ପଟ୍ଟାମୁଣ୍ଡାଇ ପ୍ରତିନିଧି ଅନୀଲ ଚୌଧୁରୀ, ମାଳିପୁର ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ପଞ୍ଚୁପାଣ୍ଡବ ପ୍ରତିନିଧି ରିଆସତ, ସମାଜସେବୀ ନିରଞ୍ଜନ ପରିଡ଼ା, ରମାକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପ୍ରଦୀପ ସାହୁ ଫଟୋ ଉତ୍ତୋଳନ କରିଥିଲେ। 'ସକାଳ'ର ଜିଲ୍ଲା ପ୍ରତିନିଧି ଦେବଦତ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ● ଅଇନିପଡ଼ା-ପଛପଡ଼ା ଗାଁ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା

## 'ମହିଳାଙ୍କ ବିକାଶ ବିନା ସାମାଜିକ ବିକାଶର ସ୍ୱପ୍ନ ଅଧୁରା'



ପଟ୍ଟାମୁଣ୍ଡାଇ, ୨୩।୧୧(ସମିସ): ସାମ୍ପ୍ରତିକ ସମୟରେ ନାରୀମାନେ ବିଭିନ୍ନ କ୍ଷେତ୍ରରେ ନିଜ ପରାକାଷ୍ଠା ପ୍ରଦର୍ଶନ କରି ସାମାଜିକ ବିକାଶର ସୂତ୍ରଧର ପାଲଟିଛନ୍ତି। ନାରୀମାନଙ୍କ ବିକାଶ ବିନା ସମାଜର ସାମଗ୍ରିକ ବିକାଶର ସ୍ୱପ୍ନ ଅଧୁରା ରହିବ ବୋଲି ଅଇନିପଡ଼ା-ପଛପଡ଼ା ଗାଁ ଉତ୍ସବ 'ବସୁଧା'ର ପଞ୍ଚଦଶ ସଂସ୍କରଣର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆୟୋଜିତ କୁଇଜ ପ୍ରତିଯୋଗିତା 'ଶକ୍ତି ରୂପେଣ ସଂସ୍ଥିତା'ରେ ଯୋଗଦେଇ ଅତିଥିମାନେ ଦେଶର ବିକାଶରେ ମହିଳାମାନଙ୍କ ଉଲ୍ଲେଖନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସାହିତ୍ୟିକା ଧରିତ୍ରୀ ପାଣିଗ୍ରାହୀ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ଓ ୱାର୍ଡସଭ୍ୟା ପୁଷ୍ପାଞ୍ଜଳି ମହାରଣା ଅତିଥି ଭାବେ ଯୋଗଦେଇ ବିଜୟୀମାନଙ୍କୁ ପୁରସ୍କୃତ କରିଥିଲେ। ଶକ୍ତି ରୂପେଣ ସଂସ୍ଥିତାରେ ଅଇନିପଡ଼ାର ବିନାୟକ ସ୍ୱୟଂସହାୟକ ଗୋଷ୍ଠୀ ଚାମ୍ପିଅନ ଟ୍ରଫି ହାସଲ କରିଥିବାବେଳେ ଓମ ନମଃ ଶିବାୟ ଏସଏସଜି, ସିଦ୍ଧ ମହାପୁରୁଷ ଏସଏସଜି ଓ ଅଇନିପଡ଼ା-ପଛପଡ଼ା ପ୍ରକଳ୍ପ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ କୁଇଜ ପରିଚାଳନା କରିଥିଲେ। ସହ-ସମ୍ପାଦକ ତପରଞ୍ଜନ ବେହେରା ସହଯୋଗ କରିଥିଲେ। ଉପ-ସଭାପତି ଅଭିମନ୍ୟୁ ପଢ଼ିହାରୀ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ। ସାମ୍ବାଦିକ ପବିତ୍ର କୁମାର ପଣ୍ଡା ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଅଭିମନ୍ୟୁ ପଢ଼ିହାରୀ ଓ ଅମୃତ ରଞ୍ଜନ ଦାଶ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ବସୁଧା ସଭାପତି ରଜନୀକାନ୍ତ ନାଥ, ବସୁଧା ସାହିତ୍ୟ ସଂସଦ ସଭାପତି ରଜନୀକାନ୍ତ ନାୟକ, ସମ୍ପାଦକ ସଞ୍ଜିତ ବେହେରା, ରବୀନ୍ଦ୍ର ପାତ୍ର, ରାଜେନ୍ଦ୍ର ପାଢ଼ୀ, ମହେଶ୍ୱର ପାଢ଼ୀ, ପ୍ରଭାକର ତରାଇ, ପ୍ରଭାକର ମହାକୁଳ, ଆରକେ ଶୁଭକାନ୍ତ, ରୋନିତ୍ ବେହେରା, ମିତ୍ର ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଶା କେମିକାଲ ସୋସାଇଟିର ୩୦ତମ ଅଧିବେଶନ

ପଟ୍ଟାମୁଣ୍ଡାଇ, ୨୩।୧୧(ସମିସ): ଓଡ଼ିଶା କେମିକାଲ ସୋସାଇଟି ଓ ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଓଡ଼ିଶା କେମିକାଲ ସୋସାଇଟିର ୩୦ତମ ଆଞ୍ଚଳିକ ଅଧିବେଶନ ଓ ଜାତୀୟ ସେମିନାର ଅନୁଷ୍ଠିତ ହୋଇଛି। ଓଡ଼ିଶା କେମିକାଲ ସୋସାଇଟି ସଭାପତି ପ୍ରଫେସର ସ୍ମୃତିପ୍ରଭା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଅଧିବେଶନରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଚିତ୍ତରଞ୍ଜନ ପାତ୍ର ମୁଖ୍ୟଅତିଥି, ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଶୁଭାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧିବେଶନର ସଂଗଠନ ସମ୍ପାଦକ ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଓଡ଼ିଶା କେମିକାଲ ସୋସାଇଟି ସମ୍ପାଦକ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ପ୍ରଫେସର ସ୍ମୃତିପ୍ରଭା ଦାସ ଅଭିଭାଷଣ ରଖିଥିଲେ। ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଆରାଧନା ଦାଶଙ୍କୁ ଶରତ ଚନ୍ଦ୍ର ବିଜ୍ଞାନ ପ୍ରୋତ୍ସାହନ ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶା କେମିକାଲ ସୋସାଇଟି ଯୁଗ୍ମ ସମ୍ପାଦକ ପ୍ରମୋଦ ଦାସ ଧନ୍ୟବାଦ ଦେଇଥିଲେ। ଓସିଏସ ପୂର୍ବତନ ଅଧ୍ୟକ୍ଷ ଶଶଧର ସାମଲଙ୍କ ପୌରୋହିତ୍ୟ ଓ ମୟୂରଭଞ୍ଜ ଯୁଏନ କଲେଜ ପୂର୍ବତନ ଅଧ୍ୟକ୍ଷ ଅସିତ ପରିଜାଙ୍କ ସଂଯୋଜନାରେ ଆୟୋଜିତ ପ୍ରଥମ ଟେକ୍ନିକାଲ ଅଧିବେଶନରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଦୁର୍ଗାପ୍ରସନ୍ନ ଓଝା, ଟିଆଇଏଫଆର ହାଇଦରାବାଦର ଡ. ପବିତ୍ର ନାୟକ, ନାଇଜର ଭୁବନେଶ୍ୱରର ପ୍ରଫେସର ଚନ୍ଦ୍ରଶେଖର ପୁରୋହିତ ପ୍ରମୁଖ ବିଷୟ ବିଶାରଦ ଭାବେ ଯୋଗଦେଇ ବିଷୟଭିତ୍ତିକ ଆଲୋଚନା କରିଥିଲେ। ଓସିଏସ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଶୁତୋଷ ସାମନ୍ତରାୟଙ୍କ ପୌରୋହିତ୍ୟ ଓ ରାଜକନିକା ଏସଏନ କଲେଜର ରିଡର୍ ଡ. ଫକୀର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଦ୍ୱିତୀୟ ଟେକ୍ନିକାଲ ଅଧିବେଶନରେ କୋଲକାତା ସାହା ଇନଷ୍ଟିଚ୍ୟୁଟ ଅଫ ନିଉକ୍ଲିୟର ଫିଜିକ୍ସର ପ୍ରଫେସର ପଦ୍ମଜା ପ୍ରସାଦ ମିଶ୍ର ଓ ଭୁବନେଶ୍ୱର ଆଇଏମଏମଟିର ପ୍ରଫେସର ରତିରଞ୍ଜନ ନାୟକ ବିଷୟ ବିଶାରଦ ଭାବେ ଯୋଗଦେଇ ବିଷୟଭିତ୍ତିକ ଆଲୋଚନା କରିଥିଲେ। ବୁର୍ଲା ଭିଏସଏସୟୁଟିର ପ୍ରଫେସର ଶରତ କୁମାର ସ୍ୱାଇଁଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ରଞ୍ଜନ କୁମାର ଗାହାଣଙ୍କ ସଂଯୋଜନାରେ ୩ୟ ଟେକ୍ନିକାଲ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଅଧିବେଶନରେ ପ୍ରଫେସର ଶରତ ଦାଶ ମୁଖ୍ୟଅତିଥି, ପ୍ରଫେସର ରୂପଶ୍ରୀ ରାଗିଣୀ ଦାସ, ପ୍ରଫେସର ଅଜୟ ପଟ୍ଟନାୟକ, ଚିତ୍ତରଞ୍ଜନ ମିଶ୍ର, ପ୍ରଫେସର ସୁରେନ୍ଦ୍ର ମହାନ୍ତି, ପ୍ରଫେସର ପ୍ରଶାନ୍ତ ଦାସ ଯୋଗଦେଇଥିଲେ।

## ଦୋହଲି ଓ କୁରୁଜଙ୍ଗାରେ ସାଂସଦ ଖେଳ ମହୋତ୍ସବ

ଡେରାବିଶ, ୨୩।୧୧(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଲି ମିନି ଷ୍ଟାଡିୟମ ଓ କୁରୁଜଙ୍ଗା ପଞ୍ଚାୟତ କୁରୁଜଙ୍ଗା ମିନି ଷ୍ଟାଡିୟମରେ ସାଂସଦ ଖେଳ ମହୋତ୍ସବ ଉଦଯାପିତ ହୋଇଛି। ଉଭୟ ସ୍ଥାନରେ ମୁଖ୍ୟଅତିଥି ଭାବେ ଖେଳ ମହୋତ୍ସବର ପାଟକୁରା ନିର୍ବାଚନ ମଣ୍ଡଳୀ ମୁଖ୍ୟ ସଂଯୋଜକ ତଥା ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଦୋହଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ସ୍ମାରକ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିବି ମଡେଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ ଯୋଗଦେଇଥିଲେ। ଦୀପ୍ତିକାନ୍ତ ସାହୁ ଅତିଥି ପରିଚୟ, ଜିତେନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଓ ସିଆରସିସି ବିଶ୍ୱଜିତ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। କୁରୁଜଙ୍ଗା ଠାରେ ୧୩ନଂ ମଣ୍ଡଳ ସଂଯୋଜକ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଦୀପକ କୁମାର ଓଝା ଅତିଥି ପରିଚୟ, ସାରସ ରଞ୍ଜନ ସାମନ୍ତରାୟ ସ୍ୱାଗତ ଭାଷଣ ଓ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିସ୍ଫୋରଣ ଶବ୍ଦରେ ଥରିଲା ୩ ପଞ୍ଚାୟତ

### ● ଘରଛାଡ଼ି ବାହାରକୁ ପଳାଇଲେ ଲୋକେ

ଡେରାବିଶ, ୨୩।୧୧(ସମିସ): ରବିବାର ପୂର୍ବାହ୍ନରେ ହଠାତ୍ ପ୍ରଚଣ୍ଡ ଶବ୍ଦରେ ଡେରାବିଶ ବ୍ଲକ ଅନ୍ତର୍ଗତ ବାଲିଆ, ଗୋଲରାହାଟ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଞ୍ଚଳ ଥରିଉଠିଥିଲା। ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ଏକ କିଲୋମିଟର ବ୍ୟାପୀ ଅଞ୍ଚଳରେ ଥିବା ଘରଦ୍ୱାର ଥରି ଉଠିଥିଲା। ଫଳରେ ଲୋକେ ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ। କେଉଁ ସ୍ଥାନରେ ଏଭଳି ବିସ୍ଫୋରଣ ହୋଇଛି ଲୋକେ ଜାଣିପାରି ନ ଥିଲେ। ବୋମା ଫୁଟିଥିବା କିମ୍ବା ଭୂମିକମ୍ପ ହୋଇଥିବା ଭାବି ଭୟଭୀତ ହୋଇଯାଇଥିଲେ। କିଛି ଲୋକ ଡେରାବିଶ ଥାନା ଅଭିମୁଖେ ଦୌଡ଼ିବା ଦେଖି ଅନ୍ୟମାନେ ମଧ୍ୟ ତାଙ୍କୁ ଅନୁସରଣ କରିଥିଲେ। ସେଠାରେ ପହଞ୍ଚିବା ପରେ ଯାହା ଦେଖିଲେ ତାହା ବିଶ୍ୱାସ କରିପାରିଲେନି। ମିଳିଥିବା ସୂଚନା ଅନୁଯାୟୀ, ଗତ ଦୀପାବଳି ସମୟରେ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ବେଆଇନ ବାଣକୁ ପୁଲିସ ଜବତ କରିଥିଲା। ତେବେ ଗଚ୍ଛିତ ଥିବା ଏହି ବାଣକୁ ଥାନା ପଛପଟ ପଡ଼ିଆରେ ପୁଲିସ୍ ପୋଡ଼ି ନଷ୍ଟ କରିବା ସମୟରେ ଏଭଳି ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା ବୋଲି ଜଣାପଡ଼ିଛି। ଏହାକୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ଆଇଆଇସି ଅମ୍ବିକା ପ୍ରସାଦ ଦାସଙ୍କୁ ପଚାରିବାରୁ କହିଲେ, ଜବତ ବାଣକୁ ଅଳ୍ପ ଅଳ୍ପ କରି ପୋଡ଼ି ନଷ୍ଟ କରିବା ପାଇଁ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ମଧ୍ୟ ବିଭିନ୍ନ ସ୍ଥାନରେ ବାଣଗୁଡ଼ିକୁ ପକାଇ ପୋଡ଼ିବା ପାଇଁ ଉଦ୍ୟମ କରିବା ବେଳେ ସବୁ ବାଣରେ ଏକାବେଳେ ନିଆଁ ଲାଗିଯାଇଥିବାରୁ ଏଭଳି ବିସ୍ଫୋରଣ ଘଟିଥିଲା। ତେବେ ଜଣେ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀଙ୍କ କହିବା ଅନୁଯାୟୀ ଜବତ ହୋଇଥିବା ବେଆଇନ ବାଣକୁ କୋର୍ଟଙ୍କ ଅନୁମତି କ୍ରମେ ବମ୍ ସ୍କ୍ୱାଡ୍ ନଷ୍ଟ କରିବା କଥା। ଡେରାବିଶ ଥାନା ପକ୍ଷରୁ ଏହି ବାଣଗୁଡ଼ିକୁ କିପରି ଥାନା ନିକଟରେ ଜଣେ କର୍ମଚାରୀଙ୍କ ଦ୍ୱାରା ପୋଡ଼ାଯାଉଥିଲା, ଏପରି କରାଯିବା କଥା ନୁହେଁ ବୋଲି ଅଧିକାରୀ ଜଣକ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ବାଣକୁ ନଷ୍ଟ କରୁଥିବା କର୍ମଚାରୀ ଆହତ ମଧ୍ୟ ହୋଇଛନ୍ତି। ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି।

# ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼



ରାଜନଗର, ୨୩।୧୧(ସମିସ)

ଆଜି ରବିବାର ଥିବାରୁ ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ୮୨୯ ପର୍ଯ୍ୟଟକ ୫୭ଟି ବୋଟରେ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଈ ପଠାରେ ଖରା ପୁଉଁଥିବା ବିରାଟ କୁମ୍ଭୀର ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଞ୍ଚି ପୋଖରୀରେ ଆବଦ୍ଧ ଥିବା ଧଳା କୁମ୍ଭୀର ଗୋରୀ, ମଲ୍ଲିକୁ ଦେଖିଥିଲେ। ଡାଙ୍ଗମାଳ ଠାରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ ସହିଦ୍ ସ୍ତମ୍ଭ, ସ୍କାୟ ଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୪୭ଟି ବୋଟରେ ୪୭୦ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୭ ବୋଟରେ ୧୨୧ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୩ ବୋଟରେ ୪୨ ପର୍ଯ୍ୟଟକ ଓ ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ସ୍ଥଳପଥରେ ୨୪୬ ପର୍ଯ୍ୟଟକ ଭିତରକନିକାକୁ ଆସିଥିଲେ।

ଭିତରକନିକା ଆସୁଥିବା ପର୍ଯ୍ୟଟକମାନେ ଜଳପଥରେ ଜାତୀୟ ଉଦ୍ୟାନର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ବିରଳ ଅଷ୍ଟ୍ରେଲିୟା, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀଙ୍କ ସହ ଦେଶୀ ପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ। ଭିତରକନିକାରେ ଥିବା ବିରଳ ବଉଳାକୁମ୍ଭୀର, ଶହ ଶହ ସଂଖ୍ୟାରେ ହରିଣ, ବାର୍ହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥିସହ ଅଭୟାରଣ୍ୟରେ ଲୁପ୍ତପ୍ରାୟ ହେନ୍ତାଳବଣ ଓ ୬୩ ପ୍ରକାର ଲୁଣା ଜଙ୍ଗଲ ରହିଛି। ହେନ୍ତାଳ, ସୁନ୍ଦରୀ, ଶିଶୁମାର, କେରୁଆଁ, ରାଇ, ବଣି, ଗରଣି, ଖରସି, ବନ୍ଦରୀ, ପାଣିଆମ୍ବ, ସିଙ୍ଗଡ଼ା, ପୀତାମ୍ବରା, ପିତକୋରୁଆ ଭଳି ବିରଳ ଉଦ୍ଭିଦ ସହ ମନୋରମ ପ୍ରକୃତି ଓ ପରିବେଶ କେବଳ ପଶୁପକ୍ଷୀଙ୍କୁ ସୁହାଉନି, ଏହା ପର୍ଯ୍ୟଟକଙ୍କ ମନ ମଧ୍ୟ କିଣି ନେଉଛି।

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଯାଇଛି ଏବେ ପର୍ଯ୍ୟଟକଙ୍କ ଭୂସ୍ୱର୍ଗ। ମ୍ୟୁଜିୟମ୍‌ରେ ଥିବା ୧୯ ଫୁଟ୍ ଓ ୧୭ ଫୁଟ୍ ଲମ୍ବର ବିରାଟକାୟ ଦୁଇଟି ବଉଳା କୁମ୍ଭୀରଙ୍କ କଙ୍କାଳ ସହ ଭିତରକନିକାରେ ଥିବା ପ୍ରାୟ ସମସ୍ତ ସ୍ତନ୍ୟପାୟୀ ଓ ସରୀସୃପଙ୍କ କଙ୍କାଳ ରହିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଏଠାରେ ଭିଡ଼ ଜମାଉଛନ୍ତି।

## ତୁଳସୀକ୍ଷେତ୍ର କଳାକାର ସଙ୍ଘର ଜିଲ୍ଲାସ୍ତରୀୟ ମହୋତ୍ସବ

କେନ୍ଦ୍ରାପଡ଼ା, ୨୩।୧୧(ସମିସ): ତୁଳସୀକ୍ଷେତ୍ର କଳାକାର ସଙ୍ଘର ଜିଲ୍ଲାସ୍ତରୀୟ ମହୋତ୍ସବର ଦ୍ୱିତୀୟ ଦିବସ ଶନିବାର ଶ୍ୟାମସୁନ୍ଦରପୁର ଚଣ୍ଡିଆ ପ୍ୟାଲେସରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି କେଦାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ସ୍ନାୟୁଶଲ୍ୟ ବିଭାଗ ପ୍ରଫେସର ଡା. ରବିନାରାୟଣ ପଣ୍ଡା ଯୋଗଦେଇ କଳାକାରମାନେ ଅଭିନୟ ମାଧ୍ୟମରେ ସମାଜର ବିଭିନ୍ନ ସତ୍ୟ ଓ ଚିତ୍ରକୁ ଲୋକଙ୍କ ସମ୍ମୁଖକୁ ଆଣନ୍ତି, ଯାହାଠୁ ସମାଜ ଶିକ୍ଷିତ ହୁଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କଂଗ୍ରେସ ସମ୍ପାଦିକା ସସ୍ମିତା ପଣ୍ଡା, ଜଗତସିଂହପୁରର ପାଲାଗାୟକ ନାରାୟଣ ମହାରଣା ଓ ଆଠଗଡ଼ର ପାଲାଗାୟକ ସନ୍ତୋଷ ପଟ୍ଟନାୟକ ଯୋଗଦେଇଥିଲେ।



ଏହି ଅବସରରେ ୧୦ଜଣ କଳାକାର ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ଦେବରିତୀ ରାଉତ, ପାଲାଗାୟକ ଶ୍ରୀଧର ସାହୁ, ସୀତାକାନ୍ତ ରାଉଳ, ଚିନ୍ମୟ ଦାସ, ପ୍ରଶାନ୍ତ ବିଶ୍ୱାଳ ଓ କେଦାରନାଥ ପରିଡ଼ା ରହିଛନ୍ତି। କାର୍ଯ୍ୟକାରୀ ସଭାପତି ଗଗନବିହାରୀ ସିଂହ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ପ୍ରବଚକ ନିରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଉପସଭାପତି ସବିତା ବରଜ, ସାଂସ୍କୃତିକ ସମ୍ପାଦକ ବାବାଜୀ ପଟ୍ଟନାୟକ, କାର୍ଯ୍ୟକାରୀ ସଭ୍ୟ ଦେବେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ ଦାସ ସହଯୋଗ କରିଥିଲେ।

'ସକାଳ' ବିତର୍କ ପ୍ରତିଯୋଗିତା

# ବରିଷ୍ଠରେ ରାଜକୁମାର; କନିଷ୍ଠରେ ଅଭିଷେକ ପ୍ରଥମ







ଜଗତସିଂହପୁର,୨୩।୧୧(ସମିସ):

ଦୈନିକ ଖବରକାଗଜ 'ସକାଳ' ଓ 'ନନ୍ଦିଘୋଷ ଟିଭି' ତରଫରୁ ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ସକାଳ'ର ଜିଲ୍ଲା ପ୍ରତିନିଧି ଶଶାଙ୍କ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିତର୍କ ପ୍ରତିଯୋଗିତାରେ ଦୁଇଟି ବର୍ଗର ଛାତ୍ରଛାତ୍ରୀ ଭାଗ ନେଇଥିଲେ। କନିଷ୍ଠ ବର୍ଗରେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ବରିଷ୍ଠ ବର୍ଗରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ରସଲପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଅଭିଷେକ ତ୍ରିପାଠୀ ଏବଂ ବରିଷ୍ଠ ବର୍ଗରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ରାଜକୁମାର ଶତପଥୀ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି କନିଷ୍ଠ ବର୍ଗରେ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅମିତ୍ରା ଷଡ଼ଙ୍ଗୀ ୨ୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜଗତସିଂହପୁରର ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ୩ୟ ହୋଇଥିବା ବେଳେ ବରିଷ୍ଠ ବର୍ଗରେ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ସ୍ମାରକ ମହାବିଦ୍ୟାଳୟର ଛାତ୍ର ଦର୍ଶନ ସାରଦା ଶତପଥି ୨ୟ ଏବଂ ଆଶ୍ରମପାଟଣା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାଞ୍ଜଳି ପାତ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାର କନିଷ୍ଠ ବର୍ଗରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ, ନିକୁଞ୍ଜ କିଶୋର ବେହେରା ଏବଂ ବିଜୟ କୁମାର ରଥ ଯୋଗ ଦେଇଥିଲେ। ସେହିପରି ବରିଷ୍ଠ ବର୍ଗରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ହିତେଶ ମହାନ୍ତି ଏବଂ ବିଜୟ କୁମାର ବିଶ୍ୱାଳ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ଶେଷରେ ସାମାଜିକ କର୍ମୀ ବୈଜୟନ୍ତୀ ବାରିକ ଅତିଥି ଭାବେ ଯୋଗଦେଇ ଉଭୟ ବିଭାଗର ଶ୍ରେଷ୍ଠ ୩ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ 'ନନ୍ଦିଘୋଷ ଟିଭି'ର ଜଗତସିଂହପୁର ପ୍ରତିନିଧି ଦୀପ୍ତି ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର ପାଲ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

■ ଡମ୍ପର ମାଲିକ ସଂଘ ନିର୍ବାଚନ

## ବିଜୟ ନାୟକ ସଭାପତି, ସୁରଜ ବାରିକ ସମ୍ପାଦକ



ପାରାଦୀପ, ୨୩।୧୧(ସମିସ): ପାରାଦୀପ ଡମ୍ପର ମାଲିକ ସଂଘ ସଭାପତି ଭାବେ ବିଜୟ କୁମାର ନାୟକ (ସଦା) ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଏଥିସହିତ ବିଜୟଙ୍କ ଟିମକୁ ପୂର୍ଣ୍ଣ ସମର୍ଥନ ମିଳିଛି। ଏ ନେଇ ଆଜି ପାରାଦୀପ ଅଠରବାଙ୍କୀସ୍ଥ ଡମ୍ପର ମାଲିକ ସଂଘ କାର୍ଯ୍ୟାଳୟରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସକାଳୁ ମତଦାନ ଆରମ୍ଭ ହୋଇ ଦିନ ୩ଟାରେ ଶେଷ ହୋଇଥିଲା। ଅପରାହ୍ନରେ ଫଳାଫଳ ଘୋଷଣା କରାଯାଇଥିଲା। ନିର୍ବାଚନ ଫଳାଫଳ ଘୋଷଣା ପରେ ସଦାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଥିଲା। ସମର୍ଥକ ସଙ୍ଘ ସମ୍ମୁଖରେ ବାଣ ଫୁଟାଇ ଖୁସି ମନାଇଥିଲେ।

**ବିଜୟଙ୍କ ପ୍ୟାନେଲକୁ ବିପୁଳ ସମର୍ଥନ**

ଆଜିର ନିର୍ବାଚନୀ ଫଳାଫଳରୁ ସପ୍ତମଥର ପାଇଁ ଡମ୍ପର ସଂଘର ସଭାପତି ଭାବେ ବିଜୟ ନାୟକ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଗତ କିଛିଦିନ ଧରି ପାରାଦୀପ ବନ୍ଦରର ପଣ୍ୟ କାରବାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଡମ୍ପର ମାଲିକ ସଂଘ ନିର୍ବାଚନକୁ ନେଇ ଚାଲିଥିବା ଛକାପଞ୍ଝାରେ ପୂର୍ଣ୍ଣଚ୍ଛେଦ ପଡିଛି। ଆସନ୍ତା ଦୁଇବର୍ଷ ପର୍ଯ୍ୟନ୍ତ ନୂତନ ନିର୍ବାଚିତ ପ୍ରତିନିଧି ଦାୟିତ୍ୱ ନିର୍ବାହ କରିବେ। ଚଳିତ ନିର୍ବାଚନରେ ସଂଘର ୩୪୯ ସଭ୍ୟ ନିଜର ମତଦାନ ସାବ୍ୟସ୍ତ କରିଥିବାବେଳେ ସଭାପତି ଭାବେ ବିଜୟ ନାୟକ ୨୮୪ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ନାୟକ ୨୫୦ ଖଣ୍ଡ ଭୋଟ ଓ ସମ୍ପାଦକ ଭାବେ ସୁରଜ ବାରିକ ୨୭୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତେବେ ପୂର୍ବରୁ ସହସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ସଦାଙ୍କ ଟିମ ସହିତ କେହି ପ୍ରତିଦ୍ୱନ୍ଦ୍ୱିତା କରି ନ ଥିବାରୁ ଉଭୟ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଥିଲେ। ବର୍ତ୍ତମାନ ପାରାଦୀପ ବନ୍ଦରରେ ଥିବା ବର୍ଥକୁ ପ୍ରାଇଭେଟ୍ ସଂସ୍ଥାକୁ ପ୍ରଦାନ କରିବା ସହିତ ମେକାନାଇଜ କରାଯାଉଛି। ଫଳରେ ପାରାଦୀପ ବନ୍ଦରରେ ଡମ୍ପରରେ ପଣ୍ୟ ପରିବହନ ବନ୍ଦ ହେବା ସମ୍ଭାବନା ଦେଖାଯାଇଛି। ଏଭଳି ହେଲେ ପାଖାପାଖି ୧୫ ହଜାର ପରିବାର କ୍ଷତିଗ୍ରସ୍ତ ହେବେ। ଏ ପରିସ୍ଥିତିରେ ପାରାଦୀପ ବନ୍ଦର ଓ କେନ୍ଦ୍ର ବନ୍ଦର ମନ୍ତ୍ରଣାଳୟକୁ ଚିଠି ମାଧ୍ୟମରେ ଅବଗତ କରାଯିବା ସହିତ ଅନ୍ତତଃ ୪ଟି ବର୍ଥକୁ ମାନୁଆଲ ରଖିବା ପାଇଁ ଅନୁରୋଧ କରାଯାଇଛି। ଯଦି ଏହାକୁ କେନ୍ଦ୍ର ଓ ବନ୍ଦର କର୍ତ୍ତୃପକ୍ଷ ଅଣଦେଖା କରନ୍ତି, ତେବେ ଆନ୍ଦୋଳନ ତୀବ୍ର ହେବ ବୋଲି ବିଜୟୀ ପ୍ରାର୍ଥୀ ଚେତାବନୀ ଦେଇଛନ୍ତି।

## ଇଫକୋ ପାରାଦୀପ ୟୁନିଟ୍ ପୁରସ୍କୃତ

ପାରାଦୀପ,୨୩।୧୧(ସମିସ): ବିଶ୍ୱର ସର୍ବବୃହତ୍ତ ସମବାୟ ଭିତ୍ତିକ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍ ୨୦୨୫ ବର୍ଷ ପାଇଁ ସାମୂହିକ ବିକାଶ କାର୍ଯ୍ୟକ୍ରମର ସର୍ବୋତ୍ତମ ଅଭ୍ୟାସ ପାଇଁ ସମ୍ମାନଜନକ ପୁରସ୍କାର ହାସଲ କରିଛି। କୃଷକଙ୍କ ଜୀବନର ବିଭିନ୍ନ ଦିଗ, ଯେପରିକି କୃଷି ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଅଭ୍ୟାସ, ବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରିବା ପାଇଁ ପ୍ରଦାନ କରାଯାଇଛି। କୃଷକମାନଙ୍କୁ ସମବାୟ ମାଧ୍ୟମରେ ସଶକ୍ତ କରିବାରେ ସହାୟକ ହେଉଛି। ଏହି ପ୍ରୟାସ ମାଧ୍ୟମରେ ଇଫକୋ ସଫଳତାର ସହିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମକୁ ଏହାର ବ୍ୟବସାୟ ନୀତି ସହିତ ସଂଯୁକ୍ତ କରିଛି। ଯାହା ସମାଜ କଲ୍ୟାଣ ଏବଂ ଏହାର ନିଜସ୍ୱ ଅଭିବୃଦ୍ଧିରେ ଯୋଗଦାନ ଦେଉଛି। ଭୁବନେଶ୍ୱରଠାରେ ଓଡିଶା ସିଏସଆର୍ ଫୋରମ୍ ଦ୍ୱାରା ଓଡିଶା ସିଏସ୍ଆର ଏବଂ ମାନବ ସମ୍ବଳ ଅଧିକାରୀଙ୍କ ବର୍ଣ୍ଣାଢ୍ୟ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଇଫେକୋ ପାରାଦୀପ ୟୁନିଟ୍ର ଡେପୁଟି ମ୍ୟାନେଜର (ମାନବ ସମ୍ବଳ) ଜ୍ଞାନୀନ୍ଦ୍ର ସୁନ୍ଦରାୟ, ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ମୁଖ୍ୟଅତିଥି ମାନ୍ୟବର ବାଚସ୍ପତି ସୁରମା ପାଢୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସମାରୋହରେ ହାଲ୍ର ପୂର୍ବତନ ମାନବ ସମ୍ବଳ ନିର୍ଦ୍ଦେଶକ ଡ.ଏବି ପ୍ରଧାନ, ଓଡିଶା ସିଏସଆର୍ ସଂଯୋଜକ ବି.କେ.ମିଶ୍ର ଉପସ୍ଥିତ ଥିଲେ।



## ଯୁବତୀଙ୍କ ଆତ୍ମହତ୍ୟା

ବାଲିକୁଦା,୨୩।୧୧(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଓଷକଣା ଅଞ୍ଚଳର ଜଣେ ୨୦ ବର୍ଷୀୟ ଯୁବତୀ ଅପରାହ୍ନ ୪ଟା ସମୟରେ ପାଇଖାନା ଘରେ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପରିବାର ଲୋକେ ଚିତ୍କାର ଶୁଣି ଯୁବତୀକୁ ଉଦ୍ଧାର କରି ବାଲିକୁଦା ମେଡିକାଲ ନେଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ମୃତ ଘୋଷଣା କରିଥିଲେ। ଯୁବତୀଙ୍କ ଏଭଳି ନିଷ୍ପତ୍ତି ପ୍ରେମ ବ୍ୟାପାରକୁ ନେଇ ଘଟିଥିବା ଶୁଣିବାକୁ ମିଳୁଛି।

ଗୋ ମାଂସ ରୋଷେଇ ବେଳେ ଉତ୍ତେଜନା

## ରୋଷେଇ ମାଂସ ସହ ଜଣକୁ ଉଠାଇ ନେଲା ପୁଲିସ୍

ପାରାଦୀପ,୨୩।୧୧(ସମିସ): ଅଠରବାଙ୍କି ଜଗନ୍ନାଥ ମନ୍ଦିର ନିକଟ ବସ୍ତିରେ ଆଜି ଗୋମାଂସ ରୋଷେଇ କରିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଏହି ସରକାରୀ ଜାଗାରେ ଘର କରି ରହୁଥିବା ପାଖାପାଖି ୧୨ରୁ ଊର୍ଦ୍ଧ୍ୱ ପରିବାର ସବୁବେଳେ ଗୋମାଂସ ରୋଷେଇ କରୁଥିବା ନେଇ ଅଭିଯୋଗ ହେଉଥିଲା। ତେବେ ଆଜି ସେମାନେ ତାଳଦଣ୍ଡା କେନାଲରେ ମାଂସ ଧୋଇବା ସମୟରେ ସ୍ଥାନୀୟ ଲୋକେ ବଜରଙ୍ଗ ଦଳକୁ ଖବର ଦେଇଥିଲେ। ବଜରଙ୍ଗ ଦଳର ସଦସ୍ୟମାନେ ସେଠାରେ ପହଞ୍ଚିବା ବେଳକୁ ସେମାନେ ଉକ୍ତ ମାଂସକୁ ରୋଷେଇ କରୁଥିଲେ। ଯାହାକୁ ବିରୋଧ କରିଥିଲେ ସ୍ଥାନୀୟ ଲୋକେ ଓ ବଜରଙ୍ଗ ଦଳର ସଦସ୍ୟମାନେ। ଏପରିକି ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେମାନେ ଜାଣି ଶୁଣି ଅନ୍ୟ ଧର୍ମାବଲମ୍ବୀଙ୍କ ଧର୍ମ ନଷ୍ଟ କରିବା ଉଦ୍ଦେଶ୍ୟରେ ଯେଉଁ ତାଳଦଣ୍ଡା କେନାଲରେ ଲକ୍ଷାଧିକ ଲୋକ ନିର୍ଭର କରି ଚଳୁଛନ୍ତି, ସେମାନେ ସେଠାରେ ଗୋ ମାଂସ ଧୋଇବା ସହିତ ଏକ ମନ୍ଦିର ନିକଟରେ ଗୋ ମାଂସ ରୋଷେଇ କରୁଥିବା ବଜରଙ୍ଗ ଦଳ ଅଭିଯୋଗ କରିଛି। ତେବେ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଜଣଙ୍କୁ ଥାନାକୁ ଆଣିଥିବା ବେଳେ ରୋଷେଇ ହୋଇଥିବା ମାଂସ ଜବତ କରିଛି। ତେବେ ଏହି ସରକାରୀ ଯାଗାରେ ବେଆଇନ୍ ଭାବେ ରହୁଥିବା ୧୨ରୁ ଊର୍ଦ୍ଧ୍ୱ ପରିବାରକୁ ଏଠାରୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି ପୁଲିସ ପ୍ରଶାସନର ଅବହେଳା ଯୋଗୁଁ ପାରାଦୀପରେ ଗୋମାଂସ ଓ ଗୋହତ୍ୟା ବୃଦ୍ଧି ପାଉଥିବା ପାରାଦୀପ ବଜରଙ୍ଗ ଦଳର ସାରଦା ପ୍ରସନ୍ନ ବେହେରା ଓ ଶିବ ପ୍ରସାଦ ମହାନ୍ତି ଅଭିଯୋଗ କରିଛନ୍ତି। ଆଜି ଏହି ଅଭିଯାନରେ ପାରାଦୀପ ବଜରଙ୍ଗ ଦଳର ସଂଯୋଜକ ସରୋଜ ବଳିୟାରସିଂଙ୍କ ନେତୃତ୍ୱରେ ଶିବ ପ୍ରସାଦ ମହାନ୍ତି, ବାବୁଲ ସ୍ୱାଇଁ, ସୋମନାଥ, ସକ୍ରିୟକର୍ମୀ କେ ବଣ୍ଟି, ଗୁନା, ପିଣ୍ଟୁନା ଦଳାଇ, ସଂଗ୍ରାମ, ବିକାଶ, ଆଦିତ୍ୟ, ବାବୁଲ, ଦିଲ୍ଲୀପ ଓ ବିପ୍ଳବ ପ୍ରମୁଖ ସାମିଲ ହୋଇଥିଲେ।



ନବକୃଷ୍ଣ ଚୌଧୁରୀ ଓ ବୀରକିଶୋର ଦାସଙ୍କ ଜୟନ୍ତୀ

# ଜନ୍ମମାଟିରେ ଦୁଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି





ଜଗତସିଂହପୁର,୨୩।୧୧(ସମିସ):

ଜଗତସିଂହପୁର ମାଟିରେ ଜନ୍ମଲାଭ କରିଥିବା ମହାନ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଓ ଜାତୀୟ କବି ବୀରକିଶୋର ଦାସଙ୍କ ୧୨୯ତମ ଜୟନ୍ତୀ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରଠାରେ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ଶିକ୍ଷାବିତ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଅକ୍ଷୟ ରାଉତ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ତମ୍ଭକାର ତଥା ସାରସ୍ୱତ ପରିଷଦର ଅଧ୍ୟକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବିଜୟ ପତି, ସତ୍ୟବାଦୀ ଦାସ, ବିଭୂତି ଭୂଷଣ ଲେଙ୍କା, ରାମଚନ୍ଦ୍ର ଆଚାର୍ଯ୍ୟ, ସତ୍ୟବତୀ ସାହୁ, ପ୍ରତାପ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ଜାତୀୟ କବି ବୀରକିଶୋରଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଦୁଇ ଯୋଗଜନ୍ମାଙ୍କୁ ଜନ୍ମ ଦେଇ ଜଗତସିଂହପୁର ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ କଲେଜ ଛାତ୍ରଛାତ୍ରୀ ନିହାରିକା ମୁଦୁଲି, ପିଙ୍କିନା ପାତ୍ର, ଦେବଶ୍ରୀତା ନନ୍ଦ, ଅଙ୍କିତା ପ୍ରିୟଦର୍ଶିନୀ, ସସ୍ମିତା ବାରିକ, ବିଶ୍ୱଜିତ ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଗତସିଂହପୁର:** ଓଡିଶା ସ୍ୱାଧୀନତା ସଂଗ୍ରାମର ଏକ୍ତିଡ଼ିଶାଳ ଐତିହାସିକ ଅଳକା ଆଶ୍ରମ ପରିସରରରେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଏବଂ ଜାତୀୟକବି ବୀରକିଶୋର ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଭଗବାନ ଦାଶ, ଅଧ୍ୟାପକ ପ୍ରତାପ ଲେଙ୍କା,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ବେହେରା, ବିଜୟ ରଥ, ସାମାଜିକ କର୍ମୀ ନୃସିଂହ ପ୍ରଧାନ ଏବଂ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ ଉଭୟ ବାରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

**ଏରସମା:** ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରେ ଏରସମା ସଚେତନ ନାଗରିକ ମଞ୍ଚ ତରଫରୁ ଏକ ଆଲୋଚନାଚକ୍ର ଓ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଏରସମା ଗାନ୍ଧୀ ସ୍ମୃତି ପୀଠରେ ଆୟୋଜିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ପ୍ରବୀର ପଣ୍ଡା, ନାରୀ ନେତ୍ରୀ ରିନାବାଳା ସ୍ୱାଇଁ ଏକ ନିଶାମୁକ୍ତ ଏରସମା ପାଇଁ ମଞ୍ଚର ଆଭିମୁଖ୍ୟ ତଥା ଆଗାମୀ କାର୍ଯ୍ୟପନ୍ଥା ଆଲୋଚନା କରିଥିଲେ। ଏହା ସହ ଉଠ ଓଡ଼ିଆ ସଂଗଠନରୁ ବିଚିତ୍ର ବିଶ୍ୱାଳ, ଉତ୍କଳ ସେବାନିବୃତ୍ତ ସେନାନି ସଂଘରୁ ଦେବେନ୍ଦ୍ର ପଣ୍ଡା, ସୁଧାଂଶୁ ନାୟକ, ନାରିଶକ୍ତୀ ଟ୍ରଷ୍ଟ ଅଧ୍ୟକ୍ଷା ଅନୁପମା ସେଠୀ, ବରିଷ୍ଠ ନାଗରିକ ମଞ୍ଚରୁ ଶଶିଭୂଷଣ ସ୍ୱାଇଁ, ରବି ଦାସ, ବାମପନ୍ଥୀ ନେତା ପ୍ରଦୀପ୍ତ ରାମ, ସାମାଜିକ କର୍ମୀ ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନୂଆ ମଦ କାରଖାନା ଖୋଲା ନିଷ୍ପତ୍ତିକୁ ବିରୋଧ କରିବା ସହ ଏହାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ। ଏହାପରେ ମଞ୍ଚର ସମ୍ପାଦକ ଜ୍ଞାନ ରଞ୍ଜନ ଦାସ ଧନ୍ୟବାଦ୍ ଜଣାଇବା ସହ ଏକ ସଚେତନତା ଯାତ୍ରା ବଜାର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚର ସୁରେଶ ସ୍ୱାଇଁ, ଉମେଶ ଖଟୁଆ, ହେମନ୍ତ ରାଉତ, ସୁଶାନ୍ତ ସ୍ୱାଇଁ ଆଦି ସଦସ୍ୟଙ୍କ ସହ ଏରସମା ଶତାଧିକ ସାମାଜିକ କର୍ମୀ, ମହିଳା ନେତ୍ରୀ, ରାଜନୈତିକ କର୍ମୀ ଯୋଗଦାନ କରିଥିଲେ।



**କୁଜଙ୍ଗ:** ଆଜି କୁଜଙ୍ଗ ଜଗନ୍ନାଥ ମନ୍ଦିର ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମିଳିତ ଓଡିଶା ନିଶା ନିବାରଣ ସଂଗଠନ ପକ୍ଷରୁ ବିଶିଷ୍ଟ ସମ୍ୟବାଦୀ ନେତା ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ନାଟ୍ୟକାର ଡା. ରଘୁନାଥ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବଶିଷ୍ଠ ସାମ୍ବାଦିକ ଜୀବନାନନ୍ଦ ଅଧିକାରୀ, ଅନଙ୍ଗ ମହାପାତ୍ର, କବି ନବୀନ ପ୍ରଧାନ, ଶଙ୍କର ଚରଣ ଦାସ, ସୁଭାଷ ସାମନ୍ତରାୟ, ଚାଷୀ ନେତା ବିଭୂତି ଭୁଷଣ ଜେନା, ନୂତନ ତ୍ରୀପାଠୀ, ଡ. ପ୍ରତାପ ମହାପାତ୍ର, ଯୋଗେନ୍ଦ୍ର ଦାସ, ଗୌରହରି ବାରିକ୍, ନାରୀକବି ଜୟନ୍ତୀ ଦାସ, ଦେବୀ ପ୍ରସନ୍ନ ପଟନାୟକ ପ୍ରମୁଖ ଯୋଗାଦେଇଥିଲେ। ପ୍ରାକ୍ତନ ସରପଞ୍ଚ ବିଜୟ ଖଟେଇ ଧନ୍ୟବାଦ୍ ଦେଇ ଥିଲେ।

ଜଗତସିଂହପୁର,୨୩।୧୧(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଓ ଜାତୀୟ କବି ବୀରକିଶୋର ଦାସଙ୍କ ୧୨୯ତମ ଜୟନ୍ତୀ ଅବସରରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପରିଷଦର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବର୍ଷୀୟାନ ଗାନ୍ଧୀବାଦୀ ବଂଶୀଧର ପଟ୍ଟନାୟକ ଯୋଗଦେଇଥିଲେ। ଗାନ୍ଧୀପ୍ରେମୀ ତଥା ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଓ ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ତଥା ପରିଷଦର ସମ୍ପାଦକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଯମ କିଶୋର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କନକଲତା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

ଶିଶିର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦେଶାତ୍ମବୋଧକ କବିତା ପାଠୋତ୍ସବରେ କୃତୀ ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଷଦର ସଭାପତି ଆଇନଜୀବୀ ମୁରଲୀଧର ସାହୁ, ବିରିଡି ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ପ୍ରକାଶ ରଞ୍ଜନ ଦାଶ ଓ ଶ୍ରୀକୃଷ୍ଣ ଏକାଡେମୀର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଇଚରଣ ତ୍ରିପାଠୀ ଓ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅତିଥି ସଦସ୍ୟ ଦେବର୍ଷି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଅଙ୍ଗଦାନ ସଚେତନତା ଗ୍ରୁପ୍, ବିରିଡିର ପ୍ରମୁଖ ଉପଦେଷ୍ଟା ନିକୁଞ୍ଜ ଭଞ୍ଜ ଓ ଅନ୍ୟତମ ଅତିଥି ଉପଦେଷ୍ଟା ତଥା ଜିଲ୍ଲା ପରିଷଦର ପୂର୍ବତନ ସଭାପତି ନଟବର ବାରିକ, ମୁଖ୍ୟବକ୍ତା ଭାବେ ରାଜନୀତି ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରତାପ ଲେଙ୍କା ଓ ମୁଖ୍ୟଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇଥିଲେ।

# ମେଗା ପାନୀୟଜଳ ପାଇପ୍ ବିଛାଇବାରେ ଅନିୟମିତତା

■ ଅସନ୍ତୋଷ ପ୍ରକାଶ କଲେ ଅଧୀକ୍ଷଣ ଯନ୍ତ୍ରୀ
■ ଅବଧି ପରେ ବି ସରିନି ପ୍ରକଳ୍ପ କାର୍ଯ୍ୟ



ନିଶ୍ଚିନ୍ତକୋଇଲି,୨୩।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳକୁ ମେଗା ପାଇପଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନେଇ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ବିଗତ ସରକାରଙ୍କ ଅମଳରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସହରାଞ୍ଚଳ ଭଳି ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ କାର୍ଯ୍ୟ କରିବା ନେଇ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ପାଇଁ ୬୨ କୋଟି ୧୬ ଲକ୍ଷ ଟଙ୍କା ଅନୁଦାନ ମଧ୍ୟ ଯୋଗାଇ ଦିଆଯାଇଥିଲା। ଏହି ପ୍ରକଳ୍ପ ଦ୍ୱାରା ୧୧ଟି ପଞ୍ଚାୟତରେ ଥିବା ୭୨ଟି ରାଜସ୍ୱ ଗ୍ରାମର ୫୦ ହଜାର ୩୧୪ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ଗତ ୨୦୨୧ ମସିହା ଡିସେମ୍ବର ୩ ତାରିଖଠାରୁ ଆରମ୍ଭ କରାଯାଇ ଦୁଇ ବର୍ଷ ମଧ୍ୟରେ ତଥା ୨୦୨୩ ଡିସେମ୍ବର ମାସ ୨ ତାରିଖରେ ଶେଷ ପାଇଁ ଚୁକ୍ତିନାମା କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମୁଖୀ ଓ ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ଅବଧି ଶେଷ ହେବାର ପାଖାପାଖି ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ଏ ଅଞ୍ଚଳର ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପକଳ୍ପ କାର୍ଯ୍ୟରେ ପାଇପ୍ ବିଛାଇବା କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ଜଳ ବିଶୋଧନାଗାର କାର୍ଯ୍ୟ ମଧ୍ୟ ଶେଷ ହୋଇନାହିଁ। ପ୍ରକଳ୍ପର ଚୁକ୍ତିନାମା ଅନୁଯାୟୀ ଲୁଣାନଦୀର କୁଳଗାଁ ଇସାଳୋ ମଙ୍ଗଳାଗଡା ନିକଟରୁ ଜଳ ଉତ୍ତୋଳନ କରାଯାଇ ଓରତି ପଞ୍ଚାୟତ କୃଷ୍ଣଦାସପୁର ନରାଜଠାରେ ଏକ ଜଳ ବିଶୋଧନାଗାରକୁ ଯାଇ ସେଠାରୁ ପାଇପ ଯୋଗେ ଘରେ ଘରେ ପିଇବା ପାଣି ଯୋଗାଇଦେବାର ବ୍ୟବସ୍ଥା ଥିଲା। ହେଲେ ଅଦ୍ୟାବଧି ଜଳ ବିଶୋଧନାଗାର ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ଏହା ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ନେଇ ଅଭିଯୋଗ ହେଉଛି। ଏହାଛଡା ୧୧ଟି ଯାକ ପଞ୍ଚାୟତରେ ବିଛାଯାଉଥିବା ପାଇପ କାର୍ଯ୍ୟରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିକି ନିୟମାନୁଯାୟୀ, ୧ ମିଟର ମାଟି ଖୋଳାଯାଇ ସେଥିରେ ପାଇପ ବିଛା ହେବାର ଧାର୍ଯ୍ୟ ହୋଇଥିବା ବେଳେ ଠିକାଦାର ମାତ୍ର ଦେଢଫୁଟ ଖୋଳି ସେଥିରେ ପାଇପ୍ ପକାଉଥିବା ଦେଖାଯାଇଛି। ଯାହାଦ୍ୱାରା ପାଣି ଚାଲିବା ବେଳେ ଏହି ପାଇପ ଗୁଡିକ ସାମାନ୍ୟ ଆଘାତରେ ଫାଟିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ଗ୍ରାମ ପରିମଳ ଓ ପାନୀୟଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରୌପ୍ୟରଞ୍ଜନ ବେହୁରା, ସାଲେପୁର ସହକାରୀ ନିର୍ବାହୀଯନ୍ତ୍ରୀ ଏଲିନା ମଲିକ, ନିଶ୍ଚିନ୍ତକୋଇଲି ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ଭୋଇ ପହଞ୍ଚି କାର୍ଯ୍ୟର ତଦାରଖ କରିଥିଲେ। ଠିକାଦାରଙ୍କ ଏଭଳି ନିମ୍ନମାନର କାର୍ଯ୍ୟରେ ସେ ବିରକ୍ତି ହୋଇଥିଲେ। ଟେଣ୍ଡରରେ ଚୁକ୍ତିନାମା ଅନୁଯାୟୀ ପାଇପ ବିଛା କାର୍ଯ୍ୟ କରା ନ ଗଲେ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ମଧ୍ୟ ଦେଇଥିଲେ। ସରକାର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଠିକାଦାର ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା କରୁଥିବାରୁ ଏହାର ସଫଳ ରୂପାୟନ ହୋଇ ପାରୁ ନ ଥିବା ଦେଖାଯାଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଇ କାର୍ଯ୍ୟକୁ ଉପଯୁକ୍ତ ତଦାରଖ କରିବା ନିମନ୍ତେ ଦାବି କରିଛନ୍ତି।

## ଘର ଗ୍ରିଲ୍ କାଟି ଲୁଟ୍

● ୫୦ ହଜାର ଟଙ୍କା ସହ ୬୦ ଗ୍ରାମ ସୁନା ଚୋରି

ନିଆଳି,୨୩।୧୧(ସମିସ): ନିଆଳି ଥାନାଠାରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା ନିଆଳି ଶାସନସାହି ଅଞ୍ଚଳରେ ଚୋରମାନେ ଏକ ଘରୁ ଗ୍ରିଲ୍ କାଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଜଣାପଡ଼ିଛି। ଶାସନସାହିର ପ୍ରଦୀପ କୁମାର ମିଶ୍ରଙ୍କ ପରିବାର ଗତ ୧୨ ତାରିଖରୁ ଘରେ ତାଲା ପକାଇ ତୀର୍ଥ ବୁଲି ଯାଇଥିଲେ। ସେମାନେ ଗତ ୨୨ ତାରିଖରେ ଘରକୁ ଫେରି ଦେଖିଲା ବେଳକୁ ଘରର ମୁଖ୍ୟ ଦ୍ୱାର ଲକ୍ ଥିଲେ ମଧ୍ୟ ପାଶ୍ୱର୍ରେ ଥିବା ଗ୍ରିଲକୁ କାଟି ଚୋରମାନେ ଘରେ ପ୍ରବେଶ କରିଥିଲେ। ଘରୁ ନଗଦ ୫୦ ହଜାର ଟଙ୍କା, ୬୦ ଗ୍ରାମର ସୁନା, ୫୦୦ ଗ୍ରାମର ରୁପା ସମେତ କେତେକ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ଜଣାପଡ଼ିଛି। ଶ୍ରୀ ମିଶ୍ର ନିଆଳି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସାଲେପୁର,୨୩।୧୧(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁରଠାରେ ରାମନାରାୟଣ ସ୍ମୃତିସଂସଦ ପକ୍ଷରୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ରାମନାରାୟଣ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଗୀତା, ପାରାୟଣ, ଭାଗବତ ପଣ୍ଡିତ ବିଜୟ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏଥିରେ ପାଲା ଗବେଷକ ଶରତ ଲେଙ୍କା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା କେନ୍ଦ୍ର ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରସନ୍ନ ମିଶ୍ର, ମୁଖ୍ୟବକ୍ତା ରୂପେ ଡ୍ରିମ୍ସ୍ ୟୁନିଭର୍ସିଟିର ଓଡ଼ିଆ ଅଧ୍ୟାପକ ଡଃ ଅଜିତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ ଓ ଅବସରପ୍ରାପ୍ତ ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ପଣ୍ଡା ଯୋଗଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିବାବେଳେ ମଧୁମାଟିର ସଂପାଦକ ଡଃ ଚିତ୍ତରଂଜନ ପଣ୍ଡା ସଂଯୋଜନା କରିଥିଲେ। ଶିକ୍ଷାବିତ୍ ପ୍ରଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ପୂର୍ବରୁ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶୁଭମ୍ ଦାଶ, ପଣ୍ଡିତ ସଞ୍ଜୟ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ସ୍ୱାଇଁ, ଅବତନ ଷଡ଼ଙ୍ଗୀ, ଗୋପବନ୍ଧୁ ମହାନ୍ତି, ପରମାନନ୍ଦ ମୁଦୁଲି, ବିରଞ୍ଚି ନାରାୟଣ ଦାଶ, ଜ୍ୟୋତିର୍ମୟୀ ମିଶ୍ର, ସୁମିତା ସାମଲ, ବିଶ୍ୱରଞ୍ଜନ ସାହୁ, ଧନେଶ୍ୱର ସାହୁ, ସଂଘମିତ୍ରା ରାଉତ ପରିଚାଳନା କରିଥିଲେ।

କଳା ଶ୍ରମ କୋଡ୍ ବାତିଲ ଦାବିରେ

## ୨୬ରେ ପ୍ରତ୍ୟାଖ୍ୟାନ ଦିବସ ଓ ବିକ୍ଷୋଭ

କଟକ,୨୩।୧୧(ସମିସ): କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ସହ କୌଣସି ଆଲୋଚନା ନ କରି ଏବଂ ଏକତରଫା ଭାବେ ଦେଶର ୨୯ଟି ଶ୍ରମ ଆଇନକୁ ବାତିଲ କରି ଚାରୋଟି ଶ୍ରମ କୋଡ୍‌କୁ ପ୍ରଚଳନ କରାଯାଇଛି। ଏହି ଶ୍ରମ ଆଇନ ସମ୍ପୂର୍ଣ୍ଣ ଭବେ ମାଲିକ ସପକ୍ଷବାଦୀ ଓ ଶ୍ରମିକ ବିରୋଧୀ। ସର୍ବନିମ୍ନ ମଜୁରୀ ବୃଦ୍ଧିର ବ୍ୟବସ୍ଥା, ସର୍ବନିମ୍ନ ପେନସନ, ସ୍ଥାୟୀ ଚାକିରି, ସାମୂହିକ ମୂଲଚାଲ, ସାମାଜିକ ସୁରକ୍ଷା ସହ ସମସ୍ତ ପ୍ରକାରର ଅଧିକାର ଖାରଜ ହୋଇଗଲା ଏବଂ ଅବାଧ ଛଟେଇ (ହାୟାର ଆଣ୍ଡ ଫାୟାର) ଓ ନାମମାତ୍ର ମଜୁରି ଦେବାର ବ୍ୟବସ୍ଥା ଏହି ଚାରି ଶ୍ରମ ସଂହିତାରେ କରାଯାଇଛି। ଏହି ଶ୍ରମ କୋଡ୍ କେବଳ ଶ୍ରମିକଙ୍କ ଅଧିକାର କାଢ଼ିନେଇ ନାହିଁ, ଏପରିକି ଏହି ସଂହିତା ମାଧ୍ୟମରେ ସମ୍ବାଦପତ୍ରର କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଇତ୍ୟାଦି ପ୍ରାବଧାନ ଆଇନ ୧୯୫୫ ଏବଂ ୧୯୫୮ର ବେତନ ନିର୍ଦ୍ଧାରଣ ଆଇନ ଦୁଇଟିକୁ ମଧ୍ୟ ଉଠାଇ ଦିଆଯାଇ ସମ୍ବାଦପତ୍ରର ସ୍ୱାଧୀନତା ଓ ମତ ପ୍ରକାଶର ଅଧିକାର ଉପରେ କୁଠାରାଘାତ କରାଯାଇଛି। ଏହି ଚାରି ଶ୍ରମ ସଂହିତାକୁ ଭାରତବର୍ଷର ଶ୍ରମିକ ଶ୍ରେଣୀ ପ୍ରତ୍ୟାଖ୍ୟାନ କରୁଛି। ଏହାର ବାତିଲ ଦାବି କରି ବୃହତ୍ତର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଆଗାମୀ ନଭେମ୍ବର ୨୬ ତାରିଖରେ ଦେଶବ୍ୟାପୀ ପ୍ରତ୍ୟାଖ୍ୟାନ ଦିବସ ଉପଲକ୍ଷେ ସରକାରୀ ଗେଜେଟ୍ ପୋଡ଼ି ସହ ବିକ୍ଷୋଭ ପ୍ରଦର୍ଶନ କରିବାକୁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡ଼େରେସନମାନଙ୍କର ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ଡକରା ଦିଆଯାଇଛି।

## ଜନତା ରଙ୍ଗମଞ୍ଚର ନୂତନ କର୍ମକର୍ତ୍ତା

କଟକ,୨୩।୧୧(ସମିସ): ଜନତା ରଙ୍ଗମଞ୍ଚର ଏକ ଜେନେରାଲ୍ ବଡି ମିଟିଂ ଇନ୍ଦ୍ରଜିତ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ଦିବଙ୍ଗତ କଣ୍ଠଶିଳ୍ପୀ, ନାଟ୍ୟକାର, ମଞ୍ଚ ଅଭିନେତା ଏବଂ ଅଭିନେତ୍ରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମ୍ପାଦକ ବିନୋଦ ବେହେରା ପୂର୍ବ ବର୍ଷର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ଡିସେମ୍ବର ୬ରେ ବିଶିଷ୍ଟ ଗୀତିନାଟ୍ୟକାର ବୈଷ୍ଣବ ପାଣିଙ୍କ ଉପରେ ଆଧାରିତ ଏକ ନାଟକ ମଞ୍ଚସ୍ଥ ହେବ। ଏହା ସହିତ ଜନତା ରଙ୍ଗମଞ୍ଚର ଉନ୍ନତିକରଣ ସମ୍ପର୍କରେ ମଧ୍ୟ ଆଲୋଚନା



କରାଯାଇଥିଲା। ସାଂଗଠନିକ ଅଧିବେଶନ ଶେଷରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୀପେନ ଘୋଷ କାର୍ଯ୍ୟକାରୀ ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ, ଇନ୍ଦ୍ରଜିତ ଘୋଷ ଓ ଅମରେନ୍ଦୁ ମହାନ୍ତି ଉପସଭାପତି ଭାବରେ ମନୋନୀତ ହୋଇଛନ୍ତି। ବିନୋଦ କୁମାର ବେହେରା ସାଧାରଣ ସମ୍ପାଦକ ଏବଂ ସୁକାନ୍ତ ପଣ୍ଡା ଓ ଧୀରାଜ ଚୌଧୁରୀ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିବା ଅନ୍ୟ ସଦସ୍ୟମାନେ ହେଲେ ଶିବାନୀ ପ୍ରସାଦ ମହାପାତ୍ର, ଅନନ୍ତ ଦାସ, ରବିନାରାୟଣ ରଥ, ଉମେଶ ଦାସ, ବିଶ୍ୱଭୂଷଣ ମହାନ୍ତି, ବାପୁ ଲେଙ୍କା, ଅଶୋକ ମହାନ୍ତି, ଅଶୋକ ଚୌଧୁରୀ, ଡ଼. ଅନଙ୍ଗ ଦ୍ୱିବେଦୀ ଏବଂ କେୟାର ଟେକର୍ ଶାଦୀକ ମନିହାର ପ୍ରମୁଖ। ସଭାରେ ସରକାର ଜନତା ରଙ୍ଗମଞ୍ଚ ଅବସ୍ଥିତ ଜମିକୁ ଅଧିଗ୍ରହଣ କରି ସାଂସ୍କୃତିକ ମଞ୍ଚର ଅସ୍ମିତା ରକ୍ଷା କରିବାକୁ ଆହ୍ୱାନ ଦିଆଯାଇଥିଲା।

## ତାଲୁକ ଆଇନସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା







ଟିଗିରିଆ,୨୩।୧୧(ସମିସ): ଜେଏମଏଫସି କୋର୍ଟରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟିଗିରିଆ କୋର୍ଟର ବିଚାରପତି ତଥା ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ଅନିମେଶ ସାମଲ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ଟିଗିରିଆ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଓକିଲ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାସ, ଆଇନଜୀବୀ ରମେଶଚନ୍ଦ୍ର ମାଝୀ, ରଞ୍ଜନ ମହାରଣା, ତନ୍ମୟ ମିଶ୍ର, ଶାନ୍ତନୁ ଦାଶ, ଶରତ ଚନ୍ଦ୍ର ମହାପାତ୍ର, ଇଭା ପଣ୍ଡାଙ୍କ ସମେତ କୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ବଡ଼ମ୍ବା: ଜୁଡ଼ିସିଆଲ କୋର୍ଟରେ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସିନିୟର ଡିଭିଜନର ବିଚାର ବିଭାଗୀୟ ବିଚାରପତି ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦୁର୍ବାସା ଦୁର୍ଗାଙ୍କ ପୌରହିତ୍ୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରିଚି ମିଳନ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଚାରପତି କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି କୈଳାଶଚନ୍ଦ୍ର ଜେନା, ପ୍ରାକ୍ତନ ସଭାପତି ସନ୍ତୋଷ ପଟ୍ଟନାୟକ ଓ ପି ଏଲ ଭି ନବ କିଶୋର ବେହେରା, ନବ କିଶୋର ପଣ୍ଡା, ବିକ୍ରମ କେଶରୀ ବରାଳ, ପ୍ରକାଶ ସ୍ୱାଇଁ, କୋର୍ଟ କର୍ମଚାରୀ ରଞ୍ଜିତ ମାଝୀ, ପ୍ରଭାକର ସାହୁ, ବିନୟ ପତି ଓ ଲଳିତ କୁମାର ହେମ୍ବ୍ରମ ସହଯୋଗ କରିଥିଲେ।

## ଶତବାର୍ଷିକୀ ସମାରୋହ ଉଦଯାପନୀ ଉତ୍ସବ ପ୍ରସ୍ତୁତି



କଟକ,୨୩।୧୧(ସମିସ): ରାଣୀହାଟ ହାଇସ୍କୁଲ ଶତବାର୍ଷିକୀ ସମାରୋହର ଉଦଯାପନୀ ଉତ୍ସବ ପାଇଁ ଏକ ସାଧାରଣ ପରିଷଦ ବୈଠକ ଜଷ୍ଟିସ ଡ ଦୁର୍ଗାପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅର୍ଥ କମିଟିର ଅଧ୍ୟକ୍ଷ ଅବନୀ କୁମାର ସାହୁ ଉଦଘାଟନ ଉତ୍ସବର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ ଯାହାକି ସର୍ବସମ୍ମତକ୍ରମେ ଗୃହୀତ ହୋଇଥଲା। ଉତ୍ସବର ଅତିଥିଙ୍କ ସମୟ ଅନୁଯାୟୀ ଆସନ୍ତା ଫେବୃୟାରୀ ମାସରେ ସ୍କୁଲ୍ ପ୍ରାଙ୍ଗଣରେ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟ ନିଷ୍ପତ୍ତି ମଧ୍ୟରେ ଏକ ସ୍ମରଣିକା ପ୍ରକାଶ କରିବା, ସ୍କୁଲ୍ ୱେବ୍‌ସାଇଟକୁ ତୁରନ୍ତ କ୍ରିୟାଶୀଳ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ, କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଇତ୍ୟାଦି। ଏହି ବୈଠକରେ ସୌମ୍ୟ ରଞ୍ଜନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଛାଟୋଇ, ପାର୍ଥସାରଥୀ ମିଶ୍ର, ବ୍ରଜ କିଶୋର ନନ୍ଦ, ନୃସିଂହ ଚୌଧୁରୀ, ମିତାଲି ମହାପାତ୍ରଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଲୋକାର୍ପିତ



କଟକ,୨୩।୧୧(ସମିସ): ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜନ୍ମଦିନରେ ତାଙ୍କ ଜନ୍ମସ୍ଥାନ ସ୍ୱାଧୀନତା ସଂଗ୍ରାମୀ ପୀଠ ତଥା ଗୋକୁଳାନନ୍ଦ ଚୌଧୁରୀ ଜାତୀୟ ପୀଠରେ ନିରାଡମ୍ବର ପରିବେଶରେ ପାଳିତ ହୋଇଯାଇଛି। ପ୍ରଫୁଲ୍ଲ ବେହେରା ଏହି ଉତ୍ସବକୁ ପରିଚାଳନା କରିଥିବା ବେଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଗୁରୁ ମହାନ୍ତି ସ୍ୱର୍ଗତ ନବ ବାବୁଙ୍କ ବିଷୟରେ ଏକ ସାରଗର୍ଭକ ଭାଷଣ ଦେଇଥିଲେ। ପରେ ପୁସ୍ତକର ଲେଖକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ବୀରେନ୍ଦ୍ର ନାୟକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଡ. କର୍ମଦେବ ମହାରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜ୍ଞାନଦେବ ମହାରଣା, ଚିତ୍ତ ମହାନ୍ତି, ରମାକାନ୍ତ ମଣ୍ଡଳ, କ୍ଷିରୋଦ ମହାପାତ୍ର, ଇନ୍ଦୁମତୀ ସାହୁ, ସ୍ୱପ୍ନା ମହାପାତ୍ର, ବିଜୟ ରାଉତରାୟ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରମାକାନ୍ତ ନାଥ, ଡ. ସତ୍ୟ ରାୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସତ୍ୟ ଗୋପାଳ ପରିଜା ୱାଇଜ୍‌ମ୍ୟାନ୍ ବିଶ୍ୱଭ୍ରାତୃତ୍ୱ ଆମ୍ବାସଡର



କଟକ,୨୩।୧୧(ସମିସ): ଜାତିସଂଘ ସହବନ୍ଧିତ ତଥା ୧୦୩ ବର୍ଷର ଅନ୍ତର୍ଜାତୀୟ ଅଗ୍ରଣୀ ସେବା ସଂସ୍ଥା ୱାଇଜ୍‌ମ୍ୟାନ୍ ଇଣ୍ଟରନ୍ୟାସନାଲ୍ ପକ୍ଷରୁ ବିଶ୍ୱଭ୍ରାତୃତ୍ୱକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସାରା ବିଶ୍ୱରୁ ୯ ଜଣ 'ବିଶ୍ୱଭ୍ରାତୃତ୍ୱ ଆମ୍ବାସଡର' ଭାବେ ମନୋନୀତ ହୋଇଛନ୍ତି। ଏହି ୯ ଜଣଙ୍କ ମଧ୍ୟରେ ଓଡ଼ିଶାରୁ ଏକମାତ୍ର ବ୍ୟକ୍ତି ଭାବେ ସତ୍ୟ ଗୋପାଳ ପରିଜା ସ୍ଥାନ ପାଇଛନ୍ତି। ଏନେଇ ଜେନେଭାସ୍ଥିତ ୱାଇଜ୍‌ମ୍ୟାନ୍ ଇଣ୍ଟରନ୍ୟାସନାଲ୍ ପକ୍ଷରୁ ପ୍ରକାଶିତ 'ୱାଇଜ୍‌ମ୍ୟାନ୍ ୱାର୍ଲ୍ଡ'ରେ ଘୋଷଣା କରାଯାଇଛି। ମନୋନୀତ ବ୍ୟକ୍ତିଙ୍କ ମଧ୍ୟରେ ଭାରତରୁ ୪ ଜଣ (ଶ୍ରୀ ପରିଜାଙ୍କୁ ମିଶାଇ), ଜାପାନ, ନେଦରଲାଣ୍ଡ, ନାଇଜେରିଆରୁ ଜଣେ ଲେଖାଏଁ ଏବଂ ଦକ୍ଷିଣ କୋରିଆରୁ ୨ ଜଣ ଅନ୍ତର୍ଭୁକ୍ତ ଅଛନ୍ତି। ଏକମାତ୍ର ଓଡ଼ିଆ ଶ୍ରୀ ପରିଜା ଆସନ୍ତା ବର୍ଷ ସେପ୍ଟେମ୍ବର ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ସମ୍ମିଳନୀରେ ବିଶ୍ୱଭ୍ରାତୃତ୍ୱର ଆମ୍ବାସଡର ଭାବେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ଶ୍ରୀ ପରିଜା ବର୍ତ୍ତମାନ ୱାଇଜ୍‌ମ୍ୟାନ୍ ଓଡ଼ିଶା ଜିଲ୍ଲାର ଗଭର୍ଣ୍ଣର ଭାବରେ ଅଧିଷ୍ଠିତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ୱାଇଜ୍‌ମ୍ୟାନ୍ ଇଣ୍ଟରନ୍ୟାସନାଲ୍‌ର ଉତ୍ତର, ପୂର୍ବ, ଓ ଉତ୍ତର-ପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ନିଶା ନିବାରଣକୁ ବ୍ୟାପକ କରିବାକୁ ଆହ୍ୱାନ



କଟକ,୨୩।୧୧(ସମିସ): ଗୁଣନିଧି ଭବନରେ ସର୍ବୋଦୟର ଦିଗଦର୍ଶକ ନୀତି ନିଷ୍ଠ ମାନବବାଦୀ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ, ଉତ୍କଳ ସର୍ବୋଦୟ ମଣ୍ଡଳ ତଥା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଜିଲ୍ଲା ସଭାପତି ଡ ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରା ଓଡ଼ିଶାରେ ମଦକୁ ବନ୍ଦ କରିବା ଦାବିରେ ଯେଉଁ ଦସ୍ତଖତ ଅଭିଯାନ ଚାଲିଛି ତାକୁ ସଫଳ କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସରକାର ଆସିଲେ ମଦକୁ ବନ୍ଦ କରିବେ ବୋଲି ତାଙ୍କ ଇସ୍ତାହାରରେ ଲେଖିଥିଲେ। ମଦ ବନ୍ଦ ପରିବର୍ତ୍ତେ ଅଧିକ ଦୋକାନ ଖୋଲିବାକୁ ଲାଗିଛନ୍ତି। ଏଣୁ ସରକାର ୧୯୫୬ ଆଇନକୁ ସମ୍ମାନ ଦେଇ ତୁରନ୍ତ ମଦ ଦୋକାନ ବନ୍ଦ କରନ୍ତୁ। ଏହା ନବବାବୁଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଦାବି କରାଯାଇଥିଲା। ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ, ରବିନ୍ଦ୍ର ମହାନ୍ତି, ରେଣୁକା ସାହୁ, ପ୍ରଭାତ ପାତ୍ର, ଗୋବିନ୍ଦ ଭଗବାନ, ଗଜେନ୍ଦ୍ର ପାଣି, ନିତାରାଣୀ ବେହେରା, ମାୟା ମରିଚୀକା, ମାଳତୀ ପାତ୍ର, କୃଷ୍ଣଚନ୍ଦ୍ର ସାମନ୍ତରାୟ ଆଲୋଚନାରେ ଯୋଗଦେଇଥିଲେ।

## ଏନ୍‌ସିସି ମୁଖ୍ୟାଳୟରେ ଏନ୍‌ସିସି ଦିବସ

### ଯୁବ ସଶକ୍ତୀକରଣରେ ଏନ୍‌ସିସିର ଭୂମିକା ଅତୁଳନୀୟ




କଟକ,୨୩।୧୧(ସମିସ): କଟକ ଡିଭିଜନ୍ ଏନ୍‌ସିସି ପକ୍ଷରୁ ରବିବାର କଟକ ଡ଼ିଭିଜନ୍ ମୁଖ୍ୟ କାର୍ଯ୍ୟାଳୟରେ ଗ୍ରୁପ୍ କମାଣ୍ଡର୍ କର୍ଣ୍ଣେଲ୍ ସତ୍ୟବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏନ୍‌ସିସିର ୭୭ତମ ସ୍ଥାପନା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ମହାନଗର ନିଗମ ମେୟର ସୁବାସ ସିଂହ ଯୋଗଦେଇଥିଲେ। ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟାନ୍ୟ ସେବାନିବୃତ୍ତ ଅଧିକାରୀ କ୍ୟାଡେଟଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ବିକଶିତ ଦେଶ ଗଠନ, ଯୁବ ସଶକ୍ତୀକରଣ ଓ ଚରିତ୍ର ଗଠନରେ ଏନ୍‌ସିସିର ଅତୁଳନୀୟ ଭୂମିକାକୁ ପ୍ରଶଂସା କରିଥିଲେ। ଏନ୍‌ସିସି ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଶୃଙ୍ଖଳିତ ନେତୃତ୍ୱ ଭାବ ଏବଂ ସମାଜସେବାର ମୂଲ୍ୟବୋଧ ସୃଷ୍ଟି କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କର ସଫଳତା, ଗୌରବ ଏବଂ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ନେଇ ପ୍ରସ୍ତୁତ କରାଯାଇଥିବା ଷ୍ଟଲ୍‌ଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା। ଏନ୍‌ସିସି ସଙ୍ଗୀତ ଓ ଜାତୀୟ ସଙ୍ଗୀତ ଗାନ କରାଯାଇ ସଭା ଉଦ୍‌ଯାପିତ ହୋଇଥିଲା। ଏହି ଉତ୍ସବରେ କ୍ୟାଡେଟ୍, ପ୍ରଶିକ୍ଷକ, ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟ ଓ କଲେଜର କ୍ୟାଡେଟ୍‌ମାନେ ଉପସ୍ଥିତ ଥିଲେ। ଅତିଥିମାନେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ପ୍ରସ୍ତୁତ ସମାଜସେବା ସମ୍ପର୍କିତ ଏକ ପ୍ରଦର୍ଶନୀକୁ ମଧ୍ୟ ଉଦ୍‌ଘାଟନ କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନତୀ କାନୁନଗୋ
ନଗେଶପୁର, ସାଲେପୁର
ତିରୋଧାନ - ୦୫/୧୨/୨୦୨୪

ମାଆ,
ଆପଣଙ୍କ ପରଲୋକ ଗମନ କରିବାର ଏକ ବର୍ଷ ବିତିଗଲା। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ସମସ୍ତ କାନୁନଗୋ ପରିବାରବର୍ଗ

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



BHARAT MASALA
The Taste of New India

## ଭୁବନେଶ୍ୱର ମହାନଗରସ୍ତରୀୟ ବିତର୍କ ପ୍ରତିଯୋଗିତା

In Association with: CBSE-XI & XII SRI VINAYAKA Concept School BHUBANESWAR

### କନିଷ୍ଠ ବର୍ଗରେ ଶୁଭଲକ୍ଷ୍ମୀ ପ୍ରଥମ, ସୁଶ୍ରୀ ସୁରଭି ଦ୍ୱିତୀୟ, ପରିଣୀତି ତୃତୀୟ ■ ବରିଷ୍ଠରେ ଶାଶ୍ୱତୀ ପ୍ରଥମ, ସୂର୍ଯ୍ୟକାନ୍ତ ଓ ଅଦ୍ୱିତ ଯୁଗ୍ମ ଦ୍ୱିତୀୟ, ବିଶ୍ୱରଞ୍ଜନ ତୃତୀୟ





# ବହି ଅମୂଲ୍ୟ; ସ୍ୱଚେତନା 'ଜେନ୍-ଜି'ର ସ୍ୱାତନ୍ତ୍ର୍ୟତା



ଭୁବନେଶ୍ୱର, ୨୩।୧୧(ସମିସ):

ବହି ବଞ୍ଚିବା ଶିଖାଏ, ଜ୍ଞାନାଲୋକରେ ଜୀବନକୁ ଜାଜ୍ଜ୍ୱଲ୍ୟମାନ କରେ। ଯିଏ ବହିକୁ ଆଦର କରିଛି; ପ୍ରତିଦାନରେ ବହି ତାକୁ ଶତଗୁଣ ପରିଶୋଧ କରିଛି। ଡ଼ିଜିଟାଲ ସମୟରେ ବହିର ଆଦର କମିଥିବା କୁହାଯାଉଛି; ମାତ୍ର ବହିଠାରୁ ଭଲ ସାଥୀ, ଭଲ ବନ୍ଧୁ ଦୁନିଆରେ କେହି ନ ଥିଲା ଓ ଭବିଷ୍ୟତରେ ବି କେହି ସୃଷ୍ଟି ହୋଇପାରିବେ ନାହିଁ। ପ୍ରତ୍ୟେକ ସଫଳ ମଣିଷ ପଛରେ ବହିର ଅବଦାନ ଅବିସ୍ମରଣୀୟ। ସେହିପରି ସ୍ୱ-ଅଧିକାର ଚେତନା ବର୍ତ୍ତମାନ ସମୟରେ ସର୍ବାଧିକ ଚର୍ଚ୍ଚିତ 'ଜେନ୍-ଜି'ଙ୍କ ସ୍ୱାତନ୍ତ୍ରତା। ନିଜର ଅଧିକାର ପାଇଁ ଲଢିବା ଓ ସମାଜରେ ପରିବର୍ତ୍ତନ ଆଣିବା ଏହି ପିଢ଼ିଙ୍କ ପ୍ରମୁଖ ଲକ୍ଷ୍ୟ। ସବୁ ସମୟରେ ସମାଜ ପରିବର୍ତ୍ତନ ଓ ନବ ଜାଗରଣ କ୍ଷେତ୍ରରେ ଯୁବ ଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବଲମ୍ବନ କରି ଆସିଛନ୍ତି। ସାମ୍ପ୍ରତିକ ସମୟରେ ଜେନ୍-ଜି ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ମାତ୍ର ଉପଯୁକ୍ତ ମାର୍ଗଦର୍ଶନ ହୋଇ ପାରିଲେ ଜେନ୍-ଜି ବିଶ୍ୱରେ ସକାରାତ୍ମକ ପରିବର୍ତ୍ତନ କରିବାରେ ସକ୍ଷମ ହୋଇ ପାରିବ ବୋଲି 'ସକାଳ' ପକ୍ଷରୁ ଭୁବନେଶ୍ୱର ମହାନଗରସ୍ତରୀୟ ବିତର୍କ ପ୍ରତିଯୋଗିତାରେ ମତ ରଖିଛନ୍ତି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ।

ଦୈନିକ ସମ୍ବାଦପତ୍ର 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରବିବାର ୟୁନିଟ୍-୮ ଡ଼ିଏଭି ସ୍କୁଲରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି ବିତର୍କ ପ୍ରତିଯୋଗିତା। ସକାଳେ ଅନୁଷ୍ଠିତ କନିଷ୍ଠ ବର୍ଗ ବିତର୍କରେ ସହରର ବିଭିନ୍ନ ବିଦ୍ୟାଳୟର ୮ମରୁ ୧୦ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ଏଥିରେ ବିଚାରକ ତଥା ଅତିଥି ରୂପେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ଼. ନିଶା ଜୈନ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓଡ଼ିଆ ବିଭାଗ ମୁଖ୍ୟ ଡ଼ ଦେବାଶିଷ ମହାପାତ୍ର ଯୋଗ ଦେଇଛନ୍ତି। ଏଥିରେ ନୟାପଲ୍ଲୀ ସୟଦ ମମ୍‌ତାଜ ଅଲ୍ଲୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୟୁନିଟ୍ ୮ ଡିଏଭି ପବ୍ଲିକ୍ ସ୍କୁଲ୍ ଛାତ୍ରୀ ସୁଶ୍ରୀ ସୁରଭି ଦ୍ୱିତୀୟ ସ୍ଥାନ, ସୟଦ ମମ୍‌ତାଜ ଅଲ୍ଲୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପରିଣୀତି ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ଅପରାହ୍ନରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ବରିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ସହରର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ବିଚାରକ ତଥା ଅତିଥି ରୂପେ କମଳାନେହେରୁ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଡ. ଲମ୍ବୋଦର ରାଉତ, ସ୍ତମ୍ଭକାର ତଥା ଜଳ ଅଧିକାର ବିଶେଷଜ୍ଞ ସୁଦର୍ଶନ ଛୋଟରାୟ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ପୂର୍ବତନ ରାଜ୍ୟ ସଂଯୋଜକ ଅଦ୍ୱୈତ କୁମାର ବଳିଆରସିଂ ଯୋଗ ଦେଇଛନ୍ତି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ସାଧାରଣ ପ୍ରଶାସନ ବିଭାଗର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସୂର୍ଯ୍ୟକାନ୍ତ ବେହେରା ଓ କିଟ୍ ବିଶ୍ୱବିଦ୍ୟାଳୟର ଅଦ୍ୱିତ ମିଶ୍ର ଯୁଗ୍ମ ଦ୍ୱିତୀୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ବିଶ୍ୱରଞ୍ଜନ ରାଉତରାୟ ତୃତୀୟସ୍ଥାନ ଅଧିକାର କରିଛନ୍ତି।

'ଭାରତ ମସଲା' ପ୍ରାୟୋଜିତ ଓ 'ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ' ସହଭାଗିତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଶେଷରେ ବିଚାରକ ତଥା ଅତିଥିମାନେ ବିତର୍କର ବିଷୟ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ପ୍ରସଙ୍ଗର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିବାବେଳେ 'ସକାଳ'ର ସିଇଓ ସୁବ୍ରତ ଦାସ, ପ୍ରକାଶକ ଓ ମୁଦ୍ରାକର ଅମିତ୍ ମଲ୍ଲିକ, 'ନନ୍ଦିଘୋଷ ଟିଭି' ସମ୍ପାଦକ ଶିଶିର ଭଟ୍ଟମିଶ୍ର ଓ 'ସକାଳ' ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି ଅତିଥି ବିଚାରକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। 'ସକାଳ' ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ପ୍ରତିଯୋଗିତାକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ତ୍ତା ସଂଯୋଜକ ତୁଷାର ମହାନ୍ତି, ବରିଷ୍ଠ ସହ ସମ୍ପାଦକ ସଞ୍ଜୟ ସୁବୁଦ୍ଧି, ସୁଶୀଲ ବାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଡ଼ିଏଭି ସ୍କୁଲ କର୍ତ୍ତୃପକ୍ଷଙ୍କ ସହଯୋଗକୁ ଉଚ୍ଚ ପ୍ରଶଂସା ସହ 'ସକାଳ' ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଫଳକ ଓ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲ ପକ୍ଷରୁ ଅକ୍ଷୟ କୁମାର ଜେନା ଓ ଗୋପବନ୍ଧୁ ଲେଙ୍କା ଏହି ସମ୍ମାନ ଗ୍ରହଣ କରିଥିଲେ। ପ୍ରସାର ବିଭାଗର ବରିଷ୍ଠ ଅଧିକାରୀ ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ବିଜ୍ଞାପନ ଅଧିକାରୀ ଅଭିଷେକ ସାହୁ ସାମଗ୍ରିକ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ପ୍ରମୋଦ ନାୟକ, ପ୍ରଶାନ୍ତ ବିହାରୀ, ଦୀପକ ବେହେରା, ପ୍ରଦୀପ ଭାରତୀ, ବିଶ୍ୱଜିତ୍ ଗାଇଗରିଆ, ହୋଚିମିନ ଦେବତା, ସଂପୂର୍ଣ୍ଣା ଦାସ, ରଞ୍ଜନା ନାୟକ, ରଶ୍ମୀରେଖା ମଲ୍ଲିକ୍, ସରୋଜ ଓତା, ରାଜେଶ ପ୍ରଧାନ, ଚନ୍ଦନ ନାୟକ, ବିଜୟ ସାସମଲ, ପ୍ରଦୀପ ନାୟକ, ଜୟଦେବ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।





















# 'ମଦମୁକ୍ତ ଓଡ଼ିଶା' ନବକୃଷ୍ଣ ଚୌଧୁରୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି

ନନ୍ଦନକାନନ,୨୩।୧୧(ସମିସ):



ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ସାରା ରାଜ୍ୟରେ ଥିବା ମୋନାର ବିଭିନ୍ନ ଜିଲ୍ଲା କମିଟି ତରଫରୁ ନବକୃଷ୍ଣ ଚୌଧୁରୀଙ୍କୁ ପ୍ରକୃତ ଶ୍ରଦ୍ଧା ଜ୍ଞାପନ କରିବା ହେଉଛି ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ବୋଲି ମତପ୍ରକାଶ ପାଇଥିଲା। ବିଭିନ୍ନ ଜିଲ୍ଲାରେ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ମଦମୁକ୍ତ ଓଡ଼ିଶା ପାଇଁ ସଚେତନତା ସଭା, ଶାନ୍ତିପୂର୍ଣ୍ଣ ଧାରଣା ଓ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ପତ୍ର ଦିଆଯାଇଥିଲା। ଏହି ଅବସରରେ ଓଡ଼ିଶାର ପୂର୍ବତନ ଅନନ୍ୟ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ ତମ ଜନ୍ମଜୟନ୍ତୀ ଉପଲକ୍ଷେ ବର୍ଷିଆନ ସ୍ୱାଧୀନତା ସଂଗ୍ରାମୀ ତଥା ମୋନାର ସଭାପତି ପଦ୍ମଚରଣ ନାୟକଙ୍କ ପୌରୋହିତ୍ୟରେ ସହକର୍ମୀଙ୍କ ଦ୍ୱାରା ବିଧାନ ସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମ୍ମାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଭୁବନେଶ୍ୱର ବିଧାନସଭା ଗାନ୍ଧୀମାର୍ଗ ଧାରଣାସ୍ଥଳରେ ମୋନାର ପଦ୍ମଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ସଭା ଅନୁଷ୍ଠିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସର୍ବଶ୍ରୀ ମଳୟ ତ୍ରିପାଠୀ, ଅଦ୍ୱୈତ କୁମାର ପାତ୍ର, ଅରୁଣ ସ୍ୱାଇଁ, ଦୁର୍ଗା ପ୍ରସାଦ ଦାଶ, ଦୁଷ୍ମନ୍ତ କୁମାର ଜେନା, ଚକ୍ରଧର ଦାଶ, ଗୀତାଞ୍ଜଳି ସ୍ୱାଇଁ, ବିଜୟଲକ୍ଷ୍ମୀ ଦାସ, ଗୀତାଞ୍ଜଳି ଦଳେଇ, ପ୍ରୀତି ନାୟକ, ଅଲେଖ ଚନ୍ଦ୍ର ଜେନା, କୈଳାସ ଚନ୍ଦ୍ର ମଲ୍ଲିକ, ଗିରିଜା ପ୍ରସାଦ ନାୟକ, ସନୁଜ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ରମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଚଉଷଠି ଯୋଗିନୀ ପୀଠର ବିକାଶ ଖୁବ୍‌ଶୀଘ୍ର

ବାଲିଅନ୍ତା,୨୩।୧୧(ସମିସ): ବାଲିଅନ୍ତା ବ୍ଲକ୍ ହୀରାପୁରସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ଚଉଷଠି ଯୋଗିନୀ ପୀଠର ସାମଗ୍ରୀକ ବିକାଶ କାର୍ଯ୍ୟ ହେବ। ଏ ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦ କୋଟି ଟଙ୍କା ମଞ୍ଜୁର କରାଯିବ। ଖୁବଶୀଘ୍ର ଏହାର ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଜି ପୂର୍ବାହ୍ନରେ ଚଉଷଠୀ ଯୋଗିନୀ ପୀଠ ପରିଦର୍ଶନରେ ଆସି ସେ ଏହି ଘୋଷଣା କରିଛନ୍ତି।



ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ସାଢେ ୧୦ଟା ସମୟରେ ଚଉଷଠୀ ଯୋଗିନୀ ପୀଠ ପରିସରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହାପରେ ପୀଠ ପରିସରରେ ପର୍ଯ୍ୟଟନ କମିଶନର ରାଜନାଥ ସିଂହ ଓ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହ ପୀଠର ବିକାଶ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଯୋଗିନୀ ପୀଠ ପରିସରରେ ଆୟୋଜିତ ଆଲୋଚନାରେ ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ ଓ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଓ ଅଙ୍ଗନବାଡ଼ି କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ଜଗନ୍ନାଥ ପ୍ରତିମୂର୍ତ୍ତି ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ପ୍ରବେଶ ଫାଟକ ତୋରଣ, ଜବରଦଖଲ ସମସ୍ୟା ଏବଂ ୩ ଏକର ପରିମିତ ମହାମାୟା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କିଭଳି କରାଯିବ ସେ ନେଇ ଆଲୋଚନା କରିଥିଲେ।

## ଜୀବନର କେତେ ରଙ୍ଗ

# ରାସ୍ତା କଡ଼ରେ ମହେରାଜଙ୍କ ଜୀବିକା

ଭୁବନେଶ୍ୱର,୨୩।୧୧(ସମିସ): ବଢୁଥିବା ବୟସ ତାଙ୍କ ପାଇଁ ବାଧା ସାଜିନି। ବରଂ ନିଜ କାମରେ ସେ ମଗ୍ନ ହୋଇ ଗଡ଼ି ଚାଲିଥିଲେ ରୋଜଗାରର ମାଧ୍ୟମ। ସହରର ବିଭିନ୍ନ ଛକ ଏବଂ ଆୟୋଜିତ ମେଳା ତାଙ୍କର ଠିକଣା। ଅନ୍ୟ ରାଜ୍ୟରୁ ଧାଇଁ ଆସିଛନ୍ତି ଦି ପଇସା ରୋଜଗାରର ଆଶା ନେଇ। ନିଜର ମଜାଳିଆ ଏବଂ ସ୍ନେହଭରା କଥାରେ ଗ୍ରାହକଙ୍କୁ ଆକୃଷ୍ଟ କରିବାର କଳା ତାଙ୍କୁ ଜଣା।

ଏ ହେଉଛନ୍ତି ମହେରାଜ, ଯେକି ଲକ୍ଷ୍ନୌର କାନପୁରରୁ ଆସିଛନ୍ତି। ଗ୍ରାହକ ତାଙ୍କୁ ଚାଚା କହି ସମ୍ବୋଧନ କଲେ ସେ ବେଶ ଖୁସି ହୋଇଯାନ୍ତି। ଢୋଲ ବଜାଇ ଲୋକଙ୍କୁ ଆକର୍ଷିତ କରାନ୍ତି। ଏହା ତାଙ୍କ ରୋଜଗାରର ମାଧ୍ୟମ। ଯେଉଁଥିରେ ବିଭିନ୍ନ ପ୍ରକାରର ବାଜା ଓ ଢୋଲ ବିକ୍ରି କଲେ ତାଙ୍କ ଘର ଚଳେ। ଆକାଶିଆ ଗଛ, ନିମ୍ବ ଗଛ ଆଦିରୁ ଏହିସବୁ ବାଜା ତିଆରି କରୁଛନ୍ତି ବୋଲି କୁହନ୍ତି। ଯାହାର ମୁଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୧୫ଶହ ପର୍ଯ୍ୟନ୍ତ ଆକୃତି ଅନୁଯାୟୀ ରହିଛି। କଟକର ବାଲିଯାତ୍ରାକୁ ସେ ପ୍ରତିବର୍ଷ ତାଙ୍କ ପୁଅ ସହ ଆସିଥାନ୍ତି। ସେଠାରୁ ରାଜଧାନୀରେ ବେପରା ପାଇଁ କିଛି ଦିନ ଘୁରି ବୁଲନ୍ତି। ସେଇଥିରୁ ଯାହା ମିଳେ ଖୁସିରେ ଘର ଚଳେ। ପରିବାରରେ ଦୁଇ ପୁଅ ତାଙ୍କୁ ଏହି କାମରେ ସାହାଯ୍ୟ କରନ୍ତି। ଏହିଭଳି ଦୀର୍ଘ ଦଶ ବର୍ଷରୁ ଅଧିକ ହେବ ସେ ଲକ୍ଷ୍ନୌରୁ କଟକ ବାଲିଯାତ୍ରା ଆସୁଛନ୍ତି। ଓଡ଼ିଶା ଏବଂ ଓଡ଼ିଶାର ଲୋକ ତାଙ୍କୁ ଭଲ ଲାଗନ୍ତି। ବିକ୍ରି ପାଇଁ ଯେତିକି ବାଜା ବା ଢୋଲ ଆଣିଥାନ୍ତି, ସେତିକି ବିକ୍ରି ହୋଇଗଲେ ସେ ନିଜ ଘରକୁ ଫେରିଯାନ୍ତି। ମୁଖ୍ୟତଃ ବାଲିଯାତ୍ରାରେ ହିଁ ତାଙ୍କର ଭଲ ବେପାର ହୋଇଥାଏ। ହେଲେ ଚଳିତ



ବର୍ଷ ସେତେ ବିକ୍ରି ନହେବା କାରଣରୁ ବର୍ତ୍ତମାନ ସେ ଖଣ୍ଡଗିରି ଛକ ନିକଟରେ ନିଜ ଆସର ଜମେଇଛନ୍ତି। ବିସେଷ କରି ସେ ସେଠାରେ ତିଆରି କରିବା ସହ ଲୋକଙ୍କୁ ଆକର୍ଷଣୀୟ ଢଙ୍ଗରେ ବଜାଉଛନ୍ତି। ସେଥିପାଇଁ ଯିବା ଆସିବା କରୁଥିବା ଲୋକ ଘଡିଏ ଅଟକି ଦେଖୁଛନ୍ତି। ଏହା କେବଳ ତାଙ୍କ ରୋଜଗାରର ମାଧ୍ୟମ ନୁହଁ ବରଂ ସେ ଏହି କାମକୁ ଖୁସିର ସହ କରନ୍ତି। ବଳ ବୟସ କେବେ ମନବଳ ଆଗରେ ହାରିବାକୁ ଦେଇନି। ସେଥିପାଇଁ ହାତଗୋଡ ଚାଲିଥିବା ଯାଏଁ ଏହି କାମ ଚାଲିଥିବ ବୋଲି କହିଥିଲେ।

# ଆଇଏମ୍‌ଆଇଏସ୍‌ର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୨୩।୧୧(ସମିସ): ଆଇଏମ୍‌ଆଇଏସ୍ ଶିକ୍ଷାନୁଷ୍ଠାନର ୨୯ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ଶିକ୍ଷା ପ୍ରଯୁକ୍ତି ମଞ୍ଚ (ଏନ୍‌ଇଟିଏଫ୍)ର ଅଧ୍ୟକ୍ଷ ପ୍ରଫେସର ଅନୀଲ୍ ଡି. ସହସ୍ରବୁଦ୍ଧେ ଓ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଉପକୁଳପତି ଡ. ଏସ୍‌ଏସ୍ ପଟ୍ଟନାୟକ, ଏବଂ ପୁଣେସ୍ଥିତ ପିଡବ୍ଲ୍ୟୁ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶା ରାମନାଥନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଛନ୍ତି। ନିରନ୍ତର ଭାବେ ଅଧ୍ୟୟନ କରି ନିଜର ଲକ୍ଷ୍ୟ ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ସହ ନିଜର ଅନନ୍ୟ ପ୍ରତିଭାକୁ ଉପଯୋଗ କରି ବିକଶିତ ଭାରତ ଗଠନରେ ଅବଦାନ ରଖିବା ପାଇଁ ଆହ୍ୱାନ ଦେଇଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଡ. କମଳାକାନ୍ତ ବେଉରିଆ ସ୍ୱାଗତ ଭଷାଣ ପ୍ରଦାନ କରିବା ସହ ଶିକ୍ଷାନୁଷ୍ଠାନର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଅବଗତ କରିଥିଲେ। ନିର୍ଦ୍ଦେଶିକା ଡ. ଉଷା କାମିଲା ଶିକ୍ଷାନୁଷ୍ଠାନର ଅତ୍ୟାଧୁନିକ ଶୈକ୍ଷିକ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀଙ୍କୁ ହେମନ୍ତ କୁମାର ସ୍ୱର୍ଣ୍ଣ ପଦକ, ସୁଧୀର ଚନ୍ଦ୍ର ସ୍ୱର୍ଣ୍ଣ ପଦକ, ଶ୍ୟାମ ସୁନ୍ଦର ଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନ ଏବଂ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଶିକ୍ଷାନୁଷ୍ଠାନର ମୁଖ୍ୟ ସଚିବ ପ୍ରଫେସର ପ୍ରୀତିରାଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଓଡ଼ିଶା ଲେଖକ ସମବାୟ ସମିତିର ଆଲୋଚନାଚକ୍ର

ଭୁବନେଶ୍ୱର,୨୩।୧୧(ସମିସ): ଭାବ ଭକ୍ତି ସମର୍ପଣର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ବୋଲି ସଭାରେ ମତପ୍ରକାଶ ପାଇଛି। ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ଇଂ ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇଂ ଅମ୍ବର କୁମାର ରାଉତ, ବକ୍ତା ଓ ଆଲୋଚକ ଭାବେ ଇଂ ସୁବାସ ଚନ୍ଦ୍ର ସାହୁ, ପ୍ରହଲ୍ଲାଦ ସାହୁ, ପ୍ରଜା ରଞ୍ଜନ ସାମନ୍ତରାୟ, ଚୈତନ୍ୟ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଭକ୍ତ ଭଗବାନ କିପରି ପରସ୍ପର ପରିପୂରକ ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ପରିଷଦର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଡାକ୍ତର ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ। କୈଳାସ ଚନ୍ଦ୍ର ରଥ ନିଜ ବକ୍ତବ୍ୟ ସହ ଧନ୍ୟବାଦ ଦେଇଥିଲେ।



# ୩୮ ତମ ଶ୍ରୀଜଗନ୍ନାଥ କଥା ଲହରୀ

ଭୁବନେଶ୍ୱର,୨୩।୧୧(ସମିସ): ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ଆନୁକୂଲ୍ୟରେ ୩୮ ତମ କଥାଲହରୀ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀମନ୍ଦିର ପ୍ରଶାସନର ପୂର୍ବତନ ନୀତି ପ୍ରଶାସକ ଡ. ପ୍ରଦୀପ କୁମାର ଦାଶ ଯୋଗଦେଇ ମହାପ୍ରଭୁଙ୍କର ନୀତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହାପ୍ରଭୁଙ୍କର ନୀତି ସ୍ୱତନ୍ତ୍ର, ଏହା ଯୌଥ ନୀତି, ପ୍ରତ୍ୟେକ ନୀତି ପାଇଁ ଏକ ନୁହେଁ, ଛତିଶା ନିଯୋଗର ଅନେକ ବର୍ଗଙ୍କର ସେବା ର ଆବଶ୍ୟକତା ପଡିଥାଏ। ଏହାର ଏକ ସୁନ୍ଦର ଦୃଷ୍ଟାନ୍ତ ଭାବରେ, ସେ ଦ୍ୱାରଫିଟା ଓ ଅବକାଶ, ମଙ୍ଗଳ ଆରତୀ ନୀତିର ବର୍ଣନା କରିଥିଲେ। ଯେଉଁଥିରେ ସାତ ପ୍ରକାର ସେବକଙ୍କ ଆବଶ୍ୟକତା ପଡ଼ିଥାଏ। ମହାପ୍ରଭୁଙ୍କର ସେବା ନୀତିକୁ ସୁଚାରୁ ରୂପେ ସମ୍ପାଦନ କରିବାପାଇଁ ତାଙ୍କରି ପାଖରେ ସମର୍ପିତ ହେବା ଜରୁରି ବୋଲି କହିଥିଲେ। ମାର୍ଗଶିର ମାସରେ ମହାଲକ୍ଷ୍ମୀ ଉପାସନା ଉପରେ ବକ୍ତବ୍ୟ ରଖି ପ୍ରବାଚକ ଚାରଣ ନିହାର ରଞ୍ଜନ ଦାଶ କହିଥିଲେ ଯେ, ମହାଲକ୍ଷ୍ମୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ତତ୍ତ୍ୱ କିଛି ଭିନ୍ନ ନାହିଁ।। ଉପସଭାପତି ଶର୍ମିଷ୍ଠା ପ୍ରଭା ମହାନ୍ତି ସଭା ପରିଚାଳନା କରିଥିଲେ। ନୂତନ ସଭ୍ୟ ଭାବରେ ଛନ୍ଦା ଚରଣ ଦାଶ, ଜୟଶ୍ରୀ ପଟ୍ଟନାୟକ, ଦୀପ୍ତି ଲତା ନାୟକ, ମଧୁମିତା ବିଶ୍ୱାଳଓ ଡ. ରବେନ୍ଦ୍ର ନାରାୟଣ ବିଶ୍ୱାଳଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା।



# ରାଜ୍ୟ ରୋଲର୍ ସ୍କେଟିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୩।୧୧ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଦୁଇ ଦିନିଆ ଓଡ଼ିଶା ରାଜ୍ୟ ରୋଲର୍ ସ୍କେଟିଂ ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ରୋଲର୍ ସ୍କେଟିଂ ସଂଘ (ଓଆର୍‌ଏସ୍‌ଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, ଗଞ୍ଜାମ, ଗଜପତି, କେନ୍ଦୁଘର, ଖୋର୍ଦ୍ଧା, କୋରାପୁଟ, ନୟାଗଡ଼, ପୁରୀ ଓ ସମ୍ବଲପୁରର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରୁ ୬୩ତମ ଜାତୀୟ ରୋଲର୍ ସ୍କେଟିଂ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ ବୋଲି ସମ୍ପାଦକ ପାର୍ଥ ସାରଥୀ ଜେନା ସୂଚନା ଦେଇଛନ୍ତି।

# ବିହାରରେ 'ଜନତାଙ୍କ ଶକ୍ତିର ବିଜୟ' ହୋଇଛି: ଧର୍ମେନ୍ଦ୍ର

## ଝାରସୁଗୁଡ଼ା ଓ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ

ଭୁବନେଶ୍ୱର, ୨୩।୧୧(ସମିସ): ବିହାର ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭୂମିକା ଗ୍ରହଣ କରି ଦଳ ପାଇଁ ବିଜୟର ପଥ ପରିଷ୍କାର କରିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଜି ଝାରସୁଗୁଡ଼ା ଓ ସମ୍ବଲପୁର ଗସ୍ତ ସମୟରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ତାଙ୍କୁ ସ୍ୱାଗତ କରିଥିଲେ। ପାରମ୍ପରିକ ସମ୍ବଲପୁରୀ ବାଦ୍ୟ 'ଡାଲଖାଇ' ଓ ସଙ୍ଗୀତର ତାଳେତାଳେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ଏହି ଅବସରରେ ଶ୍ରୀ ପ୍ରଧାନ ବିହାର ନିର୍ବାଚନରେ ଏନ୍‌ଡିଏର ବିଜୟକୁ 'ଜନତାଙ୍କ ଶକ୍ତିର ବିଜୟ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଅନେକ



ବର୍ଷ ଧରି ବିହାରରେ ବିଜେପି ଓ ଏନ୍‌ଡିଏର ଶାସନ ଏକ ସେବା ଭାବରେ ଚାଲିଆସିଛି। ଏହି ଅବସରରେ ସେ କଂଗ୍ରେସ ପାର୍ଟିର ସମାଲୋଚନା କରି କହିଥିଲେ ଯେ କଂଗ୍ରେସ ବାରମ୍ବାର ପରାଜିତ ହେବା ପରେ 'ଭୋଟ ଚୋରି' ଭଳି ଅପପ୍ରଚାର କରୁଛି। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଜି ସକାଳେ ଖିଣ୍ଡା ଠାରେ ମାଟିର ବରପୁତ୍ର ବୀରସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଓ ଠେଲକୋଲୋଇସ୍ଥିତ ମା' ତାରିଣୀ ମନ୍ଦିରରେ ମଧ୍ୟ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

# ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ

ଭୁବନେଶ୍ୱର,୨୩।୧୧(ସମିସ): ସତ୍ୟସାଇ ସେବା ସଙ୍ଗଠନ ଭୁବନେଶ୍ୱର ସାଇ ଜିଲ୍ଲାରେ ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ରେଡ୍‌କ୍ରସ୍ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର କରାଯାଇଥିଲା। ସଙ୍ଗଠନ ତରଫରୁ ସମସ୍ତ ରୋଗୀଙ୍କ ଆରୋଗ୍ୟ କାମନା କରାଯାଇ କ୍ୟାପିଟାଲ ହସ୍ପିଟାଲ, ହାଇଟେକ ହସ୍ପିଟାଲ, ବିଏମ୍‌ସି ହସ୍ପିଟାଲ, ଆୟୁର୍ବେଦ ହସ୍ପିଟାଲ ସମେତ ବିଭିନ୍ନ ହସ୍ପିଟାଲରେ ଫଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ସତ୍ୟସାଇ ହାଇସ୍କୁଲ ପିଲାଙ୍କ ଦ୍ୱାରା ଜନ୍ମଦିନ କେକ୍ କଟାଯାଇ ବଣ୍ଟନ କରାଯାଇଥିଲା। ଭୁବନେଶ୍ୱର ସାଇ ଜିଲ୍ଲା ଅନ୍ତର୍ଗତ ୬ଟି ସମିତିରେ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇ ଭଜନମଣ୍ଡଳୀ ଓ ପୋଷ୍ୟଗ୍ରାମରେ ଜନ୍ମଉତ୍ସବ ପାଳିତ ହୋଇଯାଇଛି।

# ଚିତ୍ରଶିଳ୍ପୀ ବସନ୍ତ ପଣ୍ଡାଙ୍କ ଜୟନ୍ତୀ

ଭୂବନେଶ୍ୱର, ୨୩।୧୧(ସମିସ): କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଓ ଓଡ଼ିଶା ଲଳିତ କଳା ଏକାଡେମୀ ମିଳିତ ଆନୁକୂଲ୍ୟରେ ବରିଷ୍ଠ ଚିତ୍ରଶିଳ୍ପୀ ବସନ୍ତ କୁମାର ପଣ୍ଡାଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଚିତ୍ରଶିଳ୍ପୀ ତାରକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ଚକ୍ରଧର ବେହେରା ଏବଂ ସଂସ୍କୃତି ସମୀକ୍ଷକ ଦିଲୀପ ହାଲି ପ୍ରମୁଖ ଯୋଗଦେଇ ମହାନ ଶିଳ୍ପୀଙ୍କର ସ୍ମୃତି ଚାରଣ କରିବା ସହିତ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ସମବେଦନା ଜଣାଇଥିଲେ। ପରିଶେଷରେ ଲଳିତ କଳା ଏକାଡେମୀ ଦ୍ୱାରା ପ୍ରାୟୋଜିତ ପ୍ରାମାଣିକ ଚଳଚିତ୍ର କଳା ମହାବିଦ୍ୟାଳୟେରେ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟ କ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଏବଂ ଏକାଡେମୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଶେଷରେ ଏକାଡେମୀର କର୍ମକର୍ତ୍ତା ସୁନୀଲ କୁମାର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।



## ଓଏସଆରଟିସି ଅଧିକାରୀ ଓ ଚାଳକ ମୃତ୍ୟୁ ଘଟଣା

# ଅମରେଶ ମହାନ୍ତି ଓ ପି ସାଇକ୍ରିଷ୍ଣାଙ୍କ ପରିବାରକୁ ଆର୍ଥିକ ସହାୟତା

ଭୁବନେଶ୍ୱର,୨୩।୧୧(ସମିସ): ରାଜ୍ୟରେ ଶୂନ ଦୁର୍ଘଟଣା ଜନିତ ମୃତ୍ୟୁ ପକ୍ଷ ପାଳନ ପରିପ୍ରେକ୍ଷୀରେ ସୁନ୍ଦରଗଡ଼ର କରମଡିଆ ଠାରେ ପ୍ରବର୍ତ୍ତନ ଚାଲିଥିବା ବେଳେ ଟ୍ରକ୍ ଧକ୍କାରେ ସୁନ୍ଦରଗଡ଼ ଜିଲ୍ଲାର ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସଆରଟିସି) ଜିଲ୍ଲା ପ୍ରବନ୍ଧକ ଅମରେଶ ମହାନ୍ତିଙ୍କ ମୃତ୍ୟୁ ସହ ଗୁରୁବାର ବିଜୟାନଗରମରୁ ମାଲକାନଗିରି ଯାଉଥିବା ଏକ ବସର ଡ୍ରାଇଭର ପି ସାଇକ୍ରିଷ୍ଣାଙ୍କର ମୃତ୍ୟୁ ହୋଇଛି। ପି ସାଇ କ୍ରିଷ୍ଣା ହଠାତ୍ କୋରାପୁଟଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାକୁ ରାସ୍ତା କଡକୁ ବସ୍ ନେଇ ରଖିବା ଯୋଗୁଁ ବସ୍‌ରେ ବସିଥିବା ପ୍ରାୟ ୨୫ ଜଣ ଯାତ୍ରୀମାନଙ୍କ ଜୀବନ ରକ୍ଷା କରି ନିଜେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ଏଭଳି ଦୁଃସାହସିକ କାର୍ଯ୍ୟପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଏହି ଅବସରରେ ସୁନ୍ଦରଗଡ ଜିଲ୍ଲାର ପ୍ରବନ୍ଧକ ସ୍ୱର୍ଗତଃ ଅମରେଶ ମହାନ୍ତି ଓ ଓଏସ୍‌ଆରଟିସିର ବାହାଦୁର ଡ୍ରାଇଭର ପି ସାଇକ୍ରିଷ୍ଣାଙ୍କ ପରିବାରକୁ ସମବେଦନା ଜ୍ଞାପନା ସହ ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ରିଲିଫ୍ ଫାଣ୍ଡିରୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହାସହ ଓଏସ୍‌ଆରଟିସି ତରଫରୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି। ତତସହିତ ଡ୍ରାଇଭର କଲ୍ୟାଣ ବୋର୍ଡରୁ ପି ସାଇକ୍ରିଷ୍ଣାଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ଦିଆଯିବା ନେଇ ମଧ୍ୟ ନିଷ୍ପତ୍ତି ହୋଇଛି।

# ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା

ଭୁବନେଶ୍ୱର, ୨୩।୧୧(ସମିସ):

ଭୁବନେଶ୍ୱରସ୍ଥିତ ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏହି ପ୍ରତିଯୋଗିତା ଜିଲ୍ଲାର ଅନ୍ୟ ବିଚାର ବିଭାଗୀୟ ଅଦାଲତ ପରିସର ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ବେଗୁନିଆଠାରେ ମଧ୍ୟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ କରାଯାଇଛି। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଯାପନ କରିଥିଲେ। ଅନ୍ୟତମ ବିଚାରପତି ଅତିରିକ୍ତ ଜିଲ୍ଲାଜଜ୍ ହିମାଂଶୁ ଶେଖର ମଲ୍ଲିକ, ସବ୍‌ଜଜ୍ ବେଦପ୍ରକାଶ, ରେଜିଷ୍ଟ୍ରାର ସବ୍ୟସାଚୀ ପ୍ରଧାନ, ବରିଷ୍ଠ ସବ୍‌ଜଜ୍ ଅରୂପ କୁମାର ନାୟକ, ସଚିବ ସଲୋମି ସାହୁ, ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଅନୁଷ୍ଠାନର ସଚିବ ସଲୋମୀ ସାହୁ ସମସ୍ତ ପଦାଧିକାରୀ, ଅଭିଭାବକବୃନ୍ଦ କୋର୍ଟ କର୍ମଚାରୀ ପ୍ରମୁଖଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



## ବିହାରରେ ଏନ୍‌ଡିଏର ବିଜୟ 'ଜନତାଙ୍କ ଶକ୍ତିର ବିଜୟ'

# ଝାରସୁଗୁଡ଼ା ଓ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା





**ସମ୍ବଲପୁର, ୨୩।୧୧(ସମିସ)**

ବିହାର ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭୂମିକା ଗ୍ରହଣ କରି ଦଳ ପାଇଁ ବିଜୟର ପଥ ପରିଷ୍କାର କରିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବୁଧବାର ଝାରସୁଗୁଡ଼ା ଓ ସମ୍ବଲପୁର ଗସ୍ତ ସମୟରେ ବିପୁଳ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଉଭୟ ସହରରେ ଶତାଧିକ କାର୍ଯ୍ୟକର୍ତ୍ତା, ସମର୍ଥକ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଭିଡ଼ ଜମାଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ସ୍ଥାନରେ ପାରମ୍ପରିକ ସମ୍ବଲପୁରୀ ବାଦ୍ୟ 'ଡାଲଖାଇ' ଓ ସଙ୍ଗୀତର ତାଳେ ତାଳେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ବିହାର ନିର୍ବାଚନରେ ଏନଡ଼ିଏର ବିଜୟକୁ 'ଜନତାଙ୍କ ଶକ୍ତିର ବିଜୟ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଜନଶକ୍ତି ବିଜେପିକୁ ବିକାଶର ନୂଆ ଆଶା ଓ ଭରସା ଦେଇଛି। ଅନେକ ବର୍ଷ ଧରି ବିହାରରେ ବିଜେପି ଓ ଏନ୍‌ଡିଏର ଶାସନ ଏକ ସେବା ଭାବରେ ଚାଲିଆସିଛି। ବିଗତ ସାଢ଼େ ଏଗାର ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କ ନେତୃତ୍ୱରେ ହିଁ ଏହି ବିକାଶର ଧାରା ସମ୍ଭବ ହୋଇଛି। ସେ କଂଗ୍ରେସ ପାର୍ଟିର ସମାଲୋଚନା କରି କହିଥିଲେ ଯେ କଂଗ୍ରେସ ବାରମ୍ବାର ପରାଜିତ ହେବା ପରେ 'ଭୋଟ ଚୋରି' ଭଳି ଅପପ୍ରଚାର କରୁଥିଲା। ମାତ୍ର ବିହାରର ଜନତା ଏଥର ଉଚିତ୍ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କଲେ। ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଜି ସକାଳେ ଖିଣ୍ଡା ଠାରେ ମାଟିର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ସେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଓ ଠେଲକୋଲୋଇସ୍ଥିତ ମା' ତାରିଣୀ ମନ୍ଦିରରେ ମଧ୍ୟ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

## କଲମ ପରିବାର ପକ୍ଷରୁ ଶୀତ ସକାଳ କବିତା ଆସର

**ସମ୍ବଲପୁର, ୨୩।୧୧ (ସମିସ) :** କଲମ ପରିବାର ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ଭବନଠାରେ ଏକ ଶୀତ ସକାଳ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସକାଳରେ ଉପସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ କ୍ଷେତ୍ରମଣି ବିଭାର, ଯୁଗ୍ମ ସମ୍ପାଦକ ଡଃ ସତ୍ୟ ନାରାୟଣ ଠାକୁର, ଉପଦେଷ୍ଟା ସୁହଂସ ଭୋଇ ଓ ଭବାନୀ ଶଙ୍କର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଶ୍ରୀ ବିଭାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଆଗାମୀ ଦିନରେ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ତୃତୀୟ ସମ୍ବଲପୁରୀ ବହି ହାଟର ପ୍ରସ୍ତୁତି ବିଷୟରେ କହିଥିଲେ। ସଭାପତି ଶ୍ରୀ ହୁସେନ କହିଲେ ଯେ, ବହିହାଟରେ ଏକ ସ୍ମରଣିକା ପ୍ରକାଶିତ କରାଯିବ। ତା'ବାହାରେ ପ୍ରତି ୬ ମାସରେ



ଥରେ ସାହିତ୍ୟ ପୁସ୍ତକ ୨୫/୩୦ ଜଣ ସାହିତ୍ୟିକଙ୍କ ଲେଖାକୁ ନେଇ ପ୍ରକାଶ କରାଯିବ। ସେଥିପାଇଁ ସମସ୍ତ ସାହିତ୍ୟିକ କବିଙ୍କ ସହଯୋଗ ଆହ୍ୱାନ କରିଥିଲେ। ଏହି ପରିପେକ୍ଷୀରେ ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ଡଃ ସତ୍ୟନାରାୟଣ ଠାକୁର, ସୂର୍ଯ୍ୟ ପାଣିଗ୍ରାହୀ, ସୁହଂସ ଭୋଇ, କମଳ ଲୋଚନ ପଣ୍ଡା, ଡଃ ପଦ୍ମାଳୟା ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଶେଷରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରତିଷ୍ଠା ଦିବସ



**ସମ୍ବଲପୁର, ୨୩।୧୧(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟର ଏନ୍‌ସିସି ୟୁନିଟ୍ ପକ୍ଷରୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଏହି ଅବସରରେ ଆୟୋଜିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବାପୂର୍ବକ ପତାକା ଉତ୍ତୋଳନ କରିଥିଲେ। ୟୁନିଟ୍ ଅଫିସର ମେଜର ସରିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଭୋଇ ଦିବସ ପାଳନର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ତଥା ବିକଶିତ ଭାରତର ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବାରେ ଏନ୍‌ସିସିର ଲକ୍ଷ୍ୟ ଏକତା ଓ ଶୃଙ୍ଖଳା ବିଶେଷ ଜରୁରୀ ବୋଲି ପ୍ରକାଶ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ କ୍ୟାଡେଟ ଜୁନିଅର ଅଣ୍ଡରଅଫିସର ଅପସରା ଖାତୁନ, ସର୍ଜେଣ୍ଟ ସ୍ନେହା ରାଜଗୁରୁ ଓ ଲାନ୍ସ କର୍ପୋରାଲ ରୁବାନା ଅନଜାନା ସଂଯୋଜନା କରିଥିଲେ। ଦିବସ ପାଳନ ଉପଲକ୍ଷେ କ୍ୟାଡେଟ ସଜାସ୍ମିତା ନାୟକ, ସିଦ୍ଧିଶ୍ରୀ ବକ୍ସି, ଅଦିଜା ବେହେରା, ଜିଜ୍ଞାସା ମେହେର ଓ ଦେବସ୍ମିତା ଛୁରା ନିଜ ନିଜ ଅନୁଭୂତି ପ୍ରକାଶ କରି ଜୀବନକୁ ଶୃଙ୍ଖଳିତ ଓ ପରିବର୍ତ୍ତିତ କରିବାରେ ଏନ୍‌ସିସିର ଭୂମିକା ଉପରେ ଆଲୋକପାତ କରିଥିଲେ। ସଭାପରେ ଛାତ୍ରୀମାନଙ୍କ ଦ୍ୱାରା ଦେଶଭକ୍ତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦିଲ୍ଲୀପ ଆଇଏନ୍‌ଟିୟୁସି ଓଡ଼ିଶା ରାଜ୍ୟ ସଭାପତି

**ସମ୍ବଲପୁର, ୨୩।୧୧(ସମିସ):**ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶ୍ରମିକ କଂଗ୍ରେସ ମହାସଂଘର ଓଡ଼ିଶା ରାଜ୍ୟର ସଭାପତି ନିଯୁକ୍ତି କରାଯାଇଛି। ସମ୍ବଲପୁରର ଦିଲ୍ଲୀପ ଦୁରିଆଙ୍କ



ରାଜ୍ୟ ସଭାପତି ଭାବେ ମନୋନୀତ କରାଯାଇଛି। ପୂର୍ବରୁ କଂଗ୍ରେସ ଦଳ ପାଇଁ ଅନେକ କାମ କରିଥିବାରୁ ତାଙ୍କୁ କାର୍ଯ୍ୟଭାର ଦିଆଯାଇଛି। ଶ୍ରମିକଙ୍କ ସ୍ୱାର୍ଥ ପାଇଁ କାମ କରିବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି।

## ଗ୍ୟାରେଜରୁ ଚୋରି, ୨ଗିରଫ

**ସମ୍ବଲପୁର, ୨୩।୧୧(ସମିସ):**ସଦର ଥାନା ଅଞ୍ଚଳର ଏକ ଗ୍ୟାରେଜରୁ ଚୋରି ଅଭିଯୋଗରେ ପୁଲିସ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ସିଦ୍ଧାର୍ଥ ବେସନ ଓରଫ ରାକା ଓ ଏମଡି ସୋନୁ। ସେମାନେ ଏକ ଗ୍ୟାରେଜରୁ ବିଭିନ୍ନ ସାମଗ୍ରୀ ଚୋରି କରିବା ପରେ ନିଆଁ ଲଗାଇଦେଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ ସାମଗ୍ରୀ ଉଦ୍ଧାର କରିଛି।

## ଭାଗବତ ପଠନ ଓ ଶ୍ରବଣର ସାର୍ଥକତା ରହିଛି : ଦାମକିଙ୍କରଜୀ ମହାରାଜ

**ସମ୍ବଲପୁର, ୨୩।୧୧ (ସମିସ):**ସାମ୍ପ୍ରତିକ ବ୍ୟସ୍ତପୂର୍ଣ୍ଣ, ପ୍ରତିଯୋଗିତାମୂଳକ ପରିବେଶରେ ସତ୍‌ସଙ୍ଗର ଆବଶ୍ୟକତା ରହିଛି ବୋଲି ବୃନ୍ଦାବନନିବାସୀ ଶ୍ରୀ ଦାମକିଙ୍କରଜୀ ମହାରାଜ କହିଛନ୍ତି। ସ୍ଥାନୀୟ ଦଧିବାମନ କଲ୍ୟାଣ ମଣ୍ଡପ ଠାରେ ଗୋପାଳବାଡ଼ି ମଠର ମହନ୍ତ ଅଦ୍ୱୈତ ପ୍ରସାଦ ମହାରାଜଙ୍କ ନିକୁଞ୍ଜ ଗମନୋତ୍ସବ ଅବସରରେ ଭାଗବତ ସପ୍ତାହରେ ଏହା ସେ କହିଛନ୍ତି। ବର୍ତ୍ତମାନ ଯୁଗରେ ଭାଗବତ ପଠନ, ଶ୍ରବଣ, କୀର୍ତ୍ତନ ଦ୍ୱାରା ମଣିଷ ଜୀବନ ସାର୍ଥକ ହୋଇପାରିବ। ସନ୍ଥମାନଙ୍କ ଦ୍ୱାରା ବର୍ଣ୍ଣିତ ଚରିତ୍ରମାନଙ୍କ ନୀତି ସମୂହକୁ ପାଳନ କରିବା ପାଇଁ ସମସ୍ତେ ସମୟ ବାହାର କରିବା ଉଚିତ। ଯାହାକି ବର୍ତ୍ତମାନ ପାଇଁ ଉପାଦେୟ ବୋଲି ସେ ମତ ରଖିଛନ୍ତି। ଦିବ୍ୟ ଭାଗବତ ସପ୍ତାହ ଅବସରରେ ରାମଜନ୍ମ, ବାମନ ଜନ୍ମ, ନୃସିଂହାବତାର ପ୍ରସଙ୍ଗ ବ୍ୟାଖ୍ୟାନ କରି ଶ୍ରୀ ଶ୍ରୀ ଦାମକିଙ୍କରଜୀଙ୍କ ଦ୍ୱାରା କ୍ରିଷ୍ଣାବତାର ଓ ନନ୍ଦୋତ୍ସବରେ ସହର ଓ ଆଖପାଖ ଅଞ୍ଚଳର ବହୁ ଭକ୍ତ ଅଂଶଗ୍ରହଣ କରିଛନ୍ତି। ପଟ୍ଟନାୟକପଡ଼ା ନିବାସୀ ରାଜେଶ ବହିଦାର ଓ ଜାଗୃତି ବହିଦାର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଭାଗବତ ସପ୍ତାହର ପ୍ରଥମ ଦିବସରେ ଭବ୍ୟ କଳସ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ

**ବରଗଡ଼ ୨୩। ୧୧(ସମିସ):** ସଦର ବ୍ଲକ ଅଧୀନ ଜମୂର୍ଡ଼ା ଟାଙ୍ଗରପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା କ୍ଲଷ୍ଟରସ୍ତରୀୟ ଦୁଇ ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ସିଆର୍‌ସିସି ଜିତେନ୍ଦ୍ର ପାଇକଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ପ୍ରଥମ ଦିବସରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଟିଏଲଏମ ଓ ତାର ବ୍ୟବହାରିକ ଦିଗ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିବା ବେଳେ



ଦ୍ୱିତୀୟ ଦିବସରେ ଟିଏଲଏମ ସାମଗ୍ରୀର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।ପ୍ରଦର୍ଶନୀକୁ ବ୍ଲକ ଶିକ୍ଷାଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସହକାରୀ ଶିକ୍ଷୟିତ୍ରୀ ନିରୁପମା ବାରିକ, ଭୂମିଜା ବଢ଼େଇ, ତିଲପାଲି ସ୍କୁଲର ପ୍ରଧାନଶିକ୍ଷକ ଅଶୋକ ଦାଶ, ରେଶମା ଛୁରିଆ, ମଞ୍ଜୁଲତା ଭୋଇ, ମହିମା ଭୋଇ, ରାମେଶ୍ୱର ଭୋଇ, ସୀମା ପ୍ରଧାନ, ପ୍ରିୟା ପାଲ, ବୀଣାପାଣି ମେହେର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶ୍ରେଣୀ ଗୃହ ପାଠ୍ୟ ଦାନ ସମୟରେ ଶିକ୍ଷଣ ସାମଗ୍ରୀର ବ୍ୟାବହାରିକ ଦିଗ ଓ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ।

## ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ




**ବରଗଡ଼, ୨୩। ୧୧(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକସ୍ଥିତ ଶିକ୍ଷାକେନ୍ଦ୍ର ଲରମ୍ଭା କଲେଜ ଖେଳପଡ଼ିଆରେ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ ମହାନ୍ତି ପତାକ ଉତ୍ତୋଳନ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ।ଚଳିତବର୍ଷ ମିଳିତଭାବେ ଲରମ୍ଭା ମହାବିଦ୍ୟାଳୟର ଏନ୍‌ସିସି ଆର୍ମୀ ଅଧିକାରୀ ପାଟମଞ୍ଜରୀ ସାହୁ, ନାଭାଲ ଅଧିକାରୀ ସରୋଜ ନାୟକ, ଅଜିତ ନାଥ, ସଂଘମିତ୍ରା ମହାକୁର ଯୁବରେଡକ୍ରସ ଅଧିକାରୀ କାଦମ୍ବିନୀ ଗୁରୁ, ବୀଣା ମେହେର ଲରମ୍ଭା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୟ ନାୟକ, କୁଲୁତାଟୁକୁରା ଉଚ୍ଚବିଦ୍ୟାଳୟର ଅଧିକାରୀ ଫକୀର ଝାଙ୍କର, ଜନତା ଉଚ୍ଚବିଦ୍ୟାଳୟ ଗୋଡଭଗାର ଅଧିକାରୀରାଜେଶ ପଟେଲ, ସିଦ୍ଧାର୍ଥ ପବ୍ଲିକ ସ୍କୁଲ କୁମେଲସିଂହାର ଅଧିକାରୀ ପୁଷ୍ପାଞ୍ଜଳି ଦାଶ ନିଜନିଜର ଟ୍ରୁପ ସହ ଯୋଗଦାନ କରିଥିଲେ। ପରେଡ ସମାପନ ପରେ ଟ୍ରୁପମାନେ ନିଜର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ।କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଦିଗାମ୍ବର ଚାନ୍ଦ, ଅଧ୍ୟାପକ ପବିତ୍ର ମାହାଣା ପୂର୍ଣ୍ଣଚନ୍ଦ୍ର ମିରିଗ, ଅବିନାଶ ସାହୁ, ହୃଷିକେଶରଥ, ଲକ୍ଷ୍ମୀନାରାୟଣ ଦେହେରୀ, ବଡ଼ବାବୁ ପ୍ରମୋଦ ଚନ୍ଦ୍ର ସେଠ, ସତ୍ୟବ୍ରତ କର୍ଣ୍ଣ, ତାରାଚନ୍ଦ୍ରା କଣ୍ଟା ପ୍ରମୁଖ ସହଯୋଗ କରିଥିଲେ।

**ବିଜେପୁର :** ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଚିନ୍ମୟ ସାହୁ ନେତୃତ୍ୱ ନେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅଧ୍ୟାପିକା ମଣ୍ଟି ବିଶି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଯୁବଶକ୍ତି ଓ ଦେଶ ନିର୍ମାତା ସମ୍ପର୍କରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଲିଜା ପଧାନ, ମାନସ ମିର୍ଦ୍ଧା, ନୀତିଶ ନନ୍ଦ, ପ୍ରଭାତ ସାହୁ, ସ୍ମୃତି ସାହୁ ପ୍ରମୁଖ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଚିତ୍ତରଞ୍ଜନ ପଶାୟତ, ସୋନାଲିରାଣୀ ଦାଶ, ମାନସ ମହାପାତ୍ର, ଭେଙ୍କଟେଶ୍ୱର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରାରେ ବିଜେପୁର ସହର ପରିକ୍ରମା କରିବା ସହ ଏକତା ଓ ଅନୁଶାସନର ସନ୍ଦେଶ ପ୍ରଦାନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଫିସର ରୂପକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ପରିଚାଳିତ ହୋଇଥିଲା। ମାନସ ମହାପାତ୍ର, ରୁଦ୍ର ପ୍ରତାପ ମେହେର, କିରନ ସାହୁ, ପୁନମ ପାଇକ, ପୂଜା ଜାଲ ପ୍ରମୁଖ ପରିଚାଳନା କରିଥିଲେ।

## ଚତୁର୍ଥ ମା' ପରରାପାଟ ଯାତ୍ରା ମହୋତ୍ସବ

**ବିଜେପୁର, ୨୩।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଜାଲପାଲି ଗାଁରେ ଚତୁର୍ଥ ମା' ପଁରରାପାଟ ଯାତ୍ରା ମହୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଦେବକୀ ବସୁଦେବ ବିବାହ, କୃଷ୍ଣଜନ୍ମ ଠାରୁ କଂସବଧ ପର୍ଯ୍ୟନ୍ତ ତଥା ଝାଙ୍କର ବରଣ, ଉଗ୍ରସେନ ଦରବାର ଆଦି ନାଟ୍ୟାଭିନୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଅଗ୍ରଣୀ ସମାଜସେବୀ ସଂଗଠନ ସଂଘମିତ୍ରା ଗ୍ରୁପ୍ ସମେ ଅନେକ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ବିନୋଦ ମେହେର, ସମ୍ପାଦକ ନରେଶ ମେହେର ତଥା ଜାଲପାଲି ଗ୍ରାମବାସୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବୟସ୍କଙ୍କ କ୍ରିକେଟ ମ୍ୟାଚ୍

**ବରଗଡ଼, ୨୩। ୧୧(ସମିସ):** ରବିବାର ବରଗଡ଼ ସଦର ବ୍ଲକ ଅଧୀନ କୁର୍ଲା ଅମ୍ବୁରାଇ ପଡ଼ିଆଠାରେ କୁର୍ଲା ଓ ଜଗଣ୍ଡ ମଧ୍ୟରେ ୪୦ବର୍ଷରୁ ଉର୍ଦ୍ଧ୍ୱ ବୟସର ଏକଦିବସୀୟ ୫୦ ଓଭର୍‌ର କ୍ରିକେଟ ମ୍ୟାଚ୍ ହୋଇଥିଲା। ଏଥିରେ କୁର୍ଲା ଦଳ ୫୦ ଓଭରରେ ୮ ୱିକେଟରେ ୩୦୪ରନ କରିଥିଲେ। ଜଗଣ୍ଡ ଦଳ ୩୯ ଓଭରରେ ୨୩୦ରନ କରି ଆଲଆଉଟ୍ ହୋଇଥିଲା। ଏଥିରେ କୁର୍ଲଦଳ ବିଜୟୀ ହୋଇ ଥିଲା। ସରପଞ୍ଚ କିରଣ ପ୍ରଧାନ ଖେଳାଳିଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଗୁରୁ ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି



**ସମ୍ବଲପୁର, ୨୩।୧୧(ସମିସ):** ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରବିବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ନାଟ୍ୟମହର୍ଷୀ ଗୁରୁ ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଯାଇଛି। ବୈଠକରେ ଗୁରୁ ଭଗବାନ ସାହୁ ସମ୍ବଲପୁରୀ ନାଟକ ଜରିଆରେ ସାମାଜିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଥିବା ନେଇ ଆଲୋଚନା କରାଯାଇଥିଲା। ଗୁରୁ ଭଗବାନ ସାହୁ ନିଜ ନାଟକ ଦଳ ଜରିଆରେ ସମ୍ବଲପୁରୀ ଭାଷା, ସମ୍ବଲପୁରୀ ନାଚ ସହ ଅଞ୍ଚଳର ଶାସ୍ତ୍ରୀୟ ନୃତ୍ୟ ଶବ୍ଦନୃତ୍ୟକୁ ପ୍ରଚାର ପ୍ରସାର କରିଥିବା ବିଷୟରେ ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ଆସନ୍ତା ଡିସେମ୍ବର ୨୦ ଏବଂ ୨୧ ତାରିଖରେ ଆୟୋଜିତ ହେବାକୁ ଥିବା ପଞ୍ଚମ ଜାତୀୟ ସମ୍ବଲପୁରୀ ସମ୍ମିଳନୀର ଆୟୋଜନ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀରେ ସମ୍ବଲପୁରୀ ଭାଷାର ବିଶେଷଜ୍ଞ ମାନଙ୍କୁ ନେଇ ଆଲୋଚନାଚକ୍ର ସହ ସମ୍ବଲପୁରୀ ନୃତ୍ୟଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆଜିର କାର୍ଯ୍ୟକ୍ରମକୁ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ସଂଯୋଜନା କରିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଝାରବନ୍ଧ, ୨୩।୧୧(ସମିସ):**ଝାରବନ୍ଧ ବ୍ଲକ ପଡ଼ିଆ ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ହରିହର ସାହୁ ଯୋଗ ଦେଇଥିବା ବେଳେ ଡାକ୍ତର ଆଚାର୍ଯ୍ୟ



ଚନ୍ଦ୍ରକାନ୍ତ ପାଟଯୋଶୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନ୍ତୋଷ ବେହେରା, ଡାକ୍ତର ସମୀର ଖମାରୀ, ରୋଶନ ସେଠ, ଆଲୋକ ରଞ୍ଜନ ମେହେର, ଡାକ୍ତର ଆକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି, ପ୍ରାଣୀ ଓ ମତ୍ସ୍ୟ ବିଭାଗର ଚାଷୀ ସଚେତନତା ଉପରେ ଆଲୋଚନା ହୋଇଥିଲା। ବିପିଏମ ସତ୍ୟକୁମାର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ଏମବିକେ ସୌଦାମିନୀ ବାଗ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପ୍ରାଣୀ ସମ୍ପଦ କ୍ଷେତ୍ରର ଚାରି ଜଣ ସଫଳ ଚାଷୀ ଏବଂ ମତ୍ସ୍ୟ ଚାଷ କ୍ଷେତ୍ରରେ ଚାରି ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଇନରହ୍ୱିଲ୍ କ୍ଲବ୍‌ର ପ୍ରଶଂସନୀୟ ପଦକ୍ଷେପ

# 'ଅରେଞ୍ଜ୍ ଦି ୱାର୍ଲ୍ଡ'ମହିଳା ସୁରକ୍ଷା ଶୋଭାଯାତ୍ରା

**ବରଗଡ଼, ୨୩।୧୧(ସମିସ)**

ବରଗଡ଼ରେ ଇନରହ୍‌ୱିଲ୍ କ୍ଲବ୍ ଅଫ ବରଗଡ଼ ଏବଂ ଇନରହ୍‌ୱିଲ୍ କ୍ଲବ୍ ଅଫ ବରଗଡ଼ ସେଣ୍ଟ୍ରାଲର ମିଳିତ ଉଦ୍ୟମରେ 'ଅରେଞ୍ଜ୍ ଦି ୱାର୍ଲ୍ଡ - ମହିଳା ଏବଂ ଝିଅମାନଙ୍କ ବିରୋଧରେ ହିଂସା ବନ୍ଦ କରନ୍ତୁ' ଅଭିଯାନକୁ ସମର୍ଥନ କରି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଅରେଞ୍ଜ୍ ଦି ୱାର୍ଲ୍ଡ ଅଭିଯାନ ମହିଳା ହିଂସା ଉନ୍ମୂଳନ ପାଇଁ ବିଶ୍ୱସ୍ତରୀୟ ଅଭିଯାନର ଏକ ଅଂଶ ବୋଲି କ୍ଲବ୍ ପିଡିସି ମମତା ପୁରୋହିତ କହିଥିଲେ। ମହିଳାଙ୍କ ପ୍ରତି ହିଂସା, ଡିଜିଟାଲ୍ ଉତ୍ପୀଡ଼ନ ଏବଂ ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଉଦ୍ଦେଶ୍ୟରେ ଅନୁଷ୍ଠିତ ରାଲିକୁ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶୁଭାରମ୍ଭ କରିଥିଲେ।ସମାଜକୁ ମହିଳାମାନଙ୍କ ସୁରକ୍ଷା ଏବଂ ସମ୍ମାନ ସୁନିଶ୍ଚିତ



କରିବାକୁ ଆହ୍ୱାନ କରିଥିଲେ। କ୍ଲବ୍‌ର ପୂର୍ବତନ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ମମତା ପୁରୋହିତଙ୍କ ତତ୍ତ୍ୱାବଧାନରେ ଇନରହ୍‌ୱିଲ୍ କ୍ଲବ୍ ଅଫ୍ ବରଗଡ଼ର ସଭାନେତ୍ରୀ ଆଶିମା ବିସୋଇ ଏବଂ ଇନରହ୍‌ୱିଲ୍ କ୍ଲବ୍ ବରଗଡ଼ ସେଣ୍ଟ୍ରାଲ୍‌ର ସଭାନେତ୍ରୀ ଅଫସାନା ଲୋଧିଆ ମିଳିତ ଭାବେ କହିଛନ୍ତି ଯେ ଏହି ଅଭିଯାନ ହେଉଛି ସଂଯୁକ୍ତରାଷ୍ଟ୍ରର ମହିଳା ବିରୋଧୀ ହିଂସା ସମାପ୍ତି ଅଭିଯାନର ଏକ ଅଂଶ, ଯାହାର ଲକ୍ଷ୍ୟ ମହିଳା ବିରୋଧୀ ସମସ୍ତ ପ୍ରକାରର ହିଂସା ସମାପ୍ତ କରିବା। ପୂଜା ଅଗ୍ରୱାଲ, ଭାବନା ଅଗ୍ରୱାଲ, ପ୍ରତିଭା ବାରିକ, ମଞ୍ଜୁ ସାହୁ, ଅଞ୍ଜନା ଦାଶ, ଅନୁପମା ଅଗ୍ରୱାଲ, ନିବେଦିତା ପୂଜାରୀ, ସରିତା ଦାଶ, ସୁପ୍ରଭା ସାମଲ, ଲୀନାରାଣୀ ଦାଶ, ପ୍ରଜ୍ଞା ମିଶ୍ର, ରତ୍ନ ସାନନ, ମନ୍ଦାକିନୀ ପତି, ଗାୟତ୍ରୀ କର, ସାରିକା ଅଗ୍ରୱାଲ, ସ୍ୱେତା ମିତ୍ତଲ, ନୁପୁର ଅଗ୍ରୱାଲ, ପ୍ରିୟା ପନସାରୀ, ଗୀତାଞ୍ଜଳି ମେହେର, ସୁନିତା ଅଗ୍ରୱାଲ, କିରଣ କାଂସଲ, ସୁନିତା ଅଗ୍ରୱାଲ ସମେତ ବହୁ ସଂଖ୍ୟାରେ ମହିଳା ଅଂଶଗ୍ରହଣ କରିଥିଲେ। ରାଲିର ମୁଖ୍ୟ ଆକର୍ଷଣ ଥିଲା ବରଗଡ଼ ଫିଜିକାଲ୍ ଏକାଡେମୀର ଛାତ୍ରୀମାନେ, ଯେଉଁମାନେ ଉତ୍ସାହର ସହିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସମୟରେ ବରଗଡ଼ ଫିଜିକାଲ୍ ଏକାଡେମୀର ପ୍ରତିଷ୍ଠାତା ସୁରେଶ ଦାଶଙ୍କୁ ମହିଳା ସୁରକ୍ଷା ସଚେତନତା ଅଭିଯାନରେ ସହଯୋଗ ପାଇଁ ସମ୍ମାନିତ କରାଯାଇଥିଲା।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନତୀ କାନୁନଗୋ
ନଗେଶପୁର, ସାଲେପୁର
ତିରୋଧାନ - ୦୫/୧୨/୨୦୨୪

ମାଆ,
ଆପଣଙ୍କ ପରଲୋକ ଗମନ କରିବାର ଏକ ବର୍ଷ ବିତିଗଲା ।ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ ।ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ:
ସମସ୍ତ କାନୁନଗୋ ପରିବାରବର୍ଗ

## 'ସକାଳ'ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିତର୍କ ପ୍ରତିଯୋଗିତା

# ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପ୍ରୟାସ

**ସମ୍ବଲପୁର, ୨୩।୧୧ (ସମିସ)**

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ରବିବାର ସମ୍ବଲପୁର ସ୍ଥିତ ସ୍ଥାନୀୟ ଗୁରୁ ନାନକ ପବ୍ଲିକ ସ୍କୁଲରେ 'ବିତର୍କ ପ୍ରତିଯୋଗିତା ୨୦୨୫' ଆୟୋଜିତ ହୋଇଯାଇଛି। ଏଥିରେ କନିଷ୍ଠ ବର୍ଗରେ ମୃଣ୍ମୟୀ ପ୍ରଧାନ ଓ ବରିଷ୍ଠ ବର୍ଗରେ ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ସକାଶେ ମନୋନୀତ ହୋଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୁରୁନାନକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାଥ ଦାଶ ଯୋଗ ଦେଇଥିଲେ। ବିତର୍କ ପ୍ରତିଯୋଗିତାର ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଅନୁଭବ ତଥା ନିଜସ୍ୱ ଚିନ୍ତନକୁ ମଞ୍ଚରେ ଉପସ୍ଥାପନ କରିବାର ଏକ ସୁନ୍ଦର ସୁଯୋଗ 'ସକାଳ' ଯୋଗାଇ ଦେଉଛି ବୋଲି ମୁଖ୍ୟଅତିଥି ଭୂୟସୀ ପ୍ରଶଂସା କରିଥିଲେ।

କନିଷ୍ଠ ବର୍ଗରେ ବିତର୍କର ବିଷୟ "ବହିପଢ଼ା : ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ?" ଥିବାବେଳେ ବରିଷ୍ଠ ବର୍ଗରେ ବିଷୟ - "ଏରଭ -ଛ : ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା?" ରହିଥିଲା। ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସେଭେନ ହିଲ୍ସ ରେସିଡେନ୍ସିଆଲ ସ୍କୁଲର ମୃଣ୍ମୟୀ ପ୍ରଧାନ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାର ସ୍ନେହମୟୀ ମହାପାତ୍ର ଦ୍ୱିତୀୟ ଏବଂ ଓ.ଏ.ଭି. ଜମନକିରାର ଅଙ୍କେଶ କୁମାର ନାଥ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ ସରକାରୀ ମହିଳା ମହାବିଦ୍ୟାଳୟର ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ, 'ସୁଇଟ୍', ସମ୍ବଲପୁର ବିଶ୍ୱବିଦ୍ୟାଳୟର ମାନସ ରଞ୍ଜନ ଦୀକ୍ଷିତ ଦ୍ୱିତୀୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବର୍ଷାରାଣୀ ମେହେର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିତର୍କ ପ୍ରତିଯୋଗିତାରେ ବିଚାରକ ଭାବେ ହାଇସ୍କୁଲସ୍ତରୀୟ ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ହୋତା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳି ଦାଶ ଓ ବରିଷ୍ଠ ସାମ୍ବାଦିକ

### କନିଷ୍ଠରେ ମୃଣ୍ମୟୀ, ବରିଷ୍ଠରେ ଶ୍ରୁତିରେଖା ବିଜୟୀ

ପ୍ରିୟ ରଞ୍ଜନ ସାହୁ ଥିବାବେଳେ ବରିଷ୍ଠ ବର୍ଗରେ ଅଧ୍ୟାପକ ଅଖିଳ ରଞ୍ଜନ ବିଶ୍ୱାଳ, ଅଧ୍ୟାପକ ଡ. ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା ଓ ଅଧ୍ୟାପିକା ରୀତାରାଣୀ ମିଶ୍ର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁନାନକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାଥ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଚାରକମାନେ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୧ ତାରିଖ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।

'ସକାଳ' ଏଜିଏମ୍ ନରୋତ୍ତମ ଗୁରୁଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର ଓ ନନ୍ଦିଘୋଷ ବ୍ୟୁରୋମୁଖ୍ୟ ସମୀର ଷଡ଼ଙ୍ଗୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସାମ୍ବାଦିକ ଶୁଭମ ଖଡ଼ିରତ୍ନ, ନରସିଂହ ବଗର୍ତ୍ତୀ, ନିଲୁ ସାହୁ, ବିଜ୍ଞାପନ ଏକ୍ଜିକ୍ୟୁଟିଭ ବ୍ରିଜେଶ ଷଡ଼ଙ୍ଗୀ, ପ୍ରସାରଣ ଏକ୍ଜିକ୍ୟୁଟିଭ୍ ସନତ କୁମାର ସ୍ୱାଇଁ, ନିରଞ୍ଜନ ଲେଙ୍କା, ଗୋଲକ ମୋହନ ଛତ୍ରିଆ, ସୁନୀଲ ଗୁପ୍ତା, ସତ୍ୟବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।


















# ଗୋମାଂସ ସହ ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର, ୨୩।୧୧(ସମିସ):** ହୀରାକୁଦ ଥାନା ଅନ୍ତର୍ଗତ ନୂଆଁ ଗୁଜାତାଲ ଗାଁରୁ ରବିବାର ସକାଳେ ହୀରାକୁଦ ପୁଲିସ ଗୋମାଂସ ସହିତ ବେଆଇନ୍ ଗଞ୍ଜେଇ ଜବତ କରିଛି। ଯାହାକୁ ନେଇ ଉକ୍ତ ଗ୍ରାମରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା।ଏଥିରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ହୀରାକୁଦର ଗରିଧାରୀ ରୋହିଦାସ(୫୫) ଓ ତାଙ୍କ ସହଯୋଗୀ। ସେମାନଙ୍କ ନିକଟରୁ ପ୍ରାୟ ୩ କିଲୋଗ୍ରାମ ଗୋମାଂସ ଓ ୫ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁସାରେ ହୀରାକୁଦର ଶ୍ରୀଗୋପାଳ ଗୋ-ସେବକ ଓ ସେବା କୁଞ୍ଜ ସଂଗଠନର କର୍ମକର୍ତ୍ତାମାନେ ଉକ୍ତ ଗ୍ରାମର ଅଭିଯୁକ୍ତ ରୋହିଦାସଙ୍କ ଘରେ ଗୋମାଂସ କଟାଯାଇ ବିକ୍ରୟ କରାଯାଉଥିବା ସମ୍ପର୍କରେ ଖବର ପାଇ ସେଠାରେ ଚଢଉ କରିଥିଲେ। ଚଢାଉ ସମୟରେ ସେଠାରେ ଗାମାଂସ ସହିତ ବେଆଇନ୍ ଭାବେ ଗଚ୍ଛିତ ରଖା ଯାଇଥିବା ଏକାଧିକ ଗଞ୍ଜେଇ ପ୍ୟାକେଟକୁ ମଧ୍ୟ ଠାବ କରିଥିଲେ।ଏହି ସମୟରେ ଅଭିଯୁକ୍ତ ଗରିଧାରୀଙ୍କ ପରିବାର ଲୋକଙ୍କ ପକ୍ଷରୁ ପ୍ରତିବାଦ କରିବାରୁ ଏଠାରେ କିଛି ସମୟ ପାଇଁ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇଁ ପୁଲିସ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରଶମିତି ହୋଇଥିଲା। ଏନେଇ ହୀରାକୁଦ ଥାନାରେ ଶ୍ରୀଗୋପାଳ ଗୋ-ସେବକ, ସେବା କୁଞ୍ଜ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଆଦି ଏକାଧିକ ସଂଘଠନ ପକ୍ଷରୁ ଏକାଧିକ ଏତଲା ଦିଆ ଯାଇଥିଲା। ଏହା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଅଭିଯୋଗକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଅଭିଯୁକ୍ତ ଗିରିଧାର ନିୟମିତ ଭାବେ ବେଆଇନ୍ ଗୋ।।ମାଂସ ବ୍ୟବସାୟ କରି ଆସୁଛନ୍ତି। ଅତିତରେ ମଧ ବେଆଇନ୍ ଗୋମାଂସ ବ୍ୟବସାୟ ଲିପ୍ତ ଅଭିଯୋଗରେ ଗିରଫ ହୋଇଛନ୍ତି। ତେବେ ଜାମିନରେ ଆସି ପୁନର୍ବାର ବେଆଇନ୍ ଭାବେ ଏହି ବ୍ୟବସାୟରେ ଲିପ୍ତ ରୁହନ୍ତି।



## ଆୟୁଷ ଛାତ୍ରଛାତ୍ରୀଙ୍କ ଦାବି ଶୁଣିଲେନି ସରକାର

# ସମ୍ବଲପୁର ହୋମିଓପାଥି କଲେଜରେ ଆଜିଠୁ ତାଲା

**ସମ୍ବଲପୁର, ୨୩।୧୧(ସମିସ):**ଆଠ ଦଫା ଦାବି ପୂରଣ ନେଇ ଆୟୁଷ ଛାତ୍ରଛାତ୍ରୀ ସଂଘ ପ୍ରତିବାଦ କରିଥିଲେ। ଏନେଇ ଗତ ୬ ତାରିଖରୁ ସମସ୍ତ ସରକାରୀମମହାବିଦ୍ୟାଳୟରେ ଛାତ୍ରଛାତ୍ରୀ କଳାବ୍ୟାଜ ପିନ୍ଧିଥିଲେ। ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚରେ ମଧ୍ୟ ଏହାକୁ ସମର୍ଥନ କରିଥିଲେ। ଆନ୍ଦୋଳନକୁ ୧୯ ଦିନ ବିତିଗଲାଣି କିନ୍ତୁ ସରକାର କୌଣସି ଦାବି କର୍ଣ୍ଣପାତ କରିନଥିଲେ। ଏଣୁ ଆଜି(ସୋମବାର)ଠାରୁ ସମ୍ବଲପୁର ହୋମିଓପାଥି କଲେଜରେ ତାଲା ଝୁଲିବ ବୋଲି ସୂଚନା ରହିଛି।

### କଳାବ୍ୟାଜ ପ୍ରତିବାଦକୁ ୧୯ ଦିନ ପୁରିଲା

ରାଜ୍ୟରେ ଥିବା ସାତୋଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ(ଆୟୁଷ) ଛାତ୍ରଛାତ୍ରୀ ଓ ହାଉସ ସର୍ଜନଙ୍କ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ବିଜେପି ସରକାର ଆସିବା ଦୁଇ ବର୍ଷ ହେବାକୁ ଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏ ସମ୍ପର୍କରେ ଆୟୁଷ ଛାତ୍ରଛାତ୍ରୀ ବାରମ୍ବାର ଭେଟି ଦାବିପତ୍ର ଓ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ ମଧ ଏ ପର୍ଯ୍ୟନ୍ତ ସରକାର କୌଣସି ପ୍ରକାର ପଦକ୍ଷେପ ନ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋମବାର ଦିନ ଠାରୁ ସମସ୍ତ ଆୟୁଷ କଲେଜ ବନ୍ଦ ସହିତ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି। ଏହାକୁ ନେଇ ଆଜି ଅଲ ଓଡ଼ିଶା ଆୟୁଷ ଛାତ୍ର ସଂସଦ ପକ୍ଷରୁ ସମ୍ପୃକ୍ତ ସମସ୍ତ ଜିଲ୍ଲା ପାଳ, ଏସପି ଓ ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ପତ୍ର ପ୍ରଦାନ କରାଯାଇଛି।

# ନାରୀ ଜାଗୃତି ମହିଳା ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ



**ସମ୍ବଲପୁର, ୨୩।୧୧(ସମିସ):** ରବିବାର ନାରୀ ଜାଗୃତି ମହିଳା ସମିତିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଶୁଭଶ୍ରୀ ମିଶ୍ର ଯୋଗ ଦେଇଥିଲେ। ସମିତିର ଉପାଧ୍ୟକ୍ଷା ବବିତା ରଏଙ୍କ ତତ୍ତ୍ୱାବଧାନରେ ସମ୍ପାଦିକା ବବିତା ଦାସ ତଥା ଅନ୍ୟାନ ସଦସ୍ୟ ସହଯୋଗ କରିଥିଲେ।

# ଡିଏଭି ସ୍କୁଲରେ ଏନ୍‌ସିସି ଦିବସ

**ସମ୍ବଲପୁର, ୨୩।୧୧(ସମିସ):**ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଛି। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏନସିସି ବିଦ୍ୟାର୍ଥୀଙ୍କ ଦ୍ୱାର ହୋଇଥିବା ମାର୍ଚ୍ଚପାଷ୍ଟରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଏନସିସି କ୍ୟାଡେଟଙ୍କୁ ଦେଶ ପାଇଁ କାର୍ଯ୍ୟ କରିବାକୁ ସଦା ତତ୍ପର ରହିବାକୁ ପରାମର୍ଶ ଦେଇଥିଲେ। କ୍ୟାଡେଟ ମାନେ ଏନିସିସି ସଙ୍ଗୀତ ଗାନ କରିଥିଲେ।କାର୍ଯ୍ୟକ୍ରମକୁ ଏନସିସି ଅଫିସର ଶୁକ୍ଲାମ୍ବର ସା ପରିଚାଳନା କରିଥିବା ବେଳେ, ଏନ୍‌ସିସି ଅଫିସର ରାଜଶ୍ରୀ ସାହାଣୀ ସାହାଯ୍ୟ କରିଥିଲେ।



# ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୨୩।୧୧(ସମିସ)**

ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଆଜି ସନ୍ଧ୍ୟାରେ ଭକ୍ତି ସଙ୍ଗୀତର ସ୍ୱରରେ ଆଧ୍ୟାତ୍ମିକ ପରିବେଶରେ ଭରିଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ଭଜନ ପରିବେଷଣ ଭକ୍ତି ଓ ଆସ୍ଥାର ଅଲୌକିକ ମାହୋଲ ସୃଷ୍ଟି କରିଥିଲା। ଏହି ଭଜନ ସନ୍ଧ୍ୟାର ଆୟୋଜନ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରଙ୍କ ପକ୍ଷରୁ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ କୁମାର ଆଜମେରିଆ, ଡଃ ଶ୍ୟାମ ସୁନ୍ଦର ଧର, ସୁଶୀଲ ଦାସ, ଗୁରୁ ରଞ୍ଜନ ସାହୁ, ଗୁରୁ ତ୍ରିଲୋଚନ ତ୍ରିପାଠୀ, ପଦ୍ମିନୀ ଦୋରା, ଦିପାଳି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମା ଗାନ କରିଥିଲେ। କଣ୍ଠଶିଳ୍ପୀ ବିଶ୍ୱେଶ ପଣ୍ଡା, ସୁଧାଂଶୁ ଜାଲ, ରାଜକୁମାର ଜାଲ, ବିଜୟ କୁମାର ମିଶ୍ର, ପ୍ରୀତିନନ୍ଦା ମିଶ୍ର, ଯୋଗିତା ରାଣୀ ଭୋଇ, କିରନ ସାହୁ, ପୂଜା ମୁଣ୍ଡା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କୃଷ୍ଣଚନ୍ଦ୍ର ବାଗ, ଦେବାଶିଷ ପାଢ଼ୀ, ସିଲୁ ସିଂଦେଓ, ଦିବାକର ମହାନନ୍ଦ, ମହେଶ ପଣ୍ଡା ଓ ସଞ୍ଜୟ ବାଗ ସହଯୋଗ କରିଥିଲେ। ଶ୍ରୀକାନ୍ତ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଗୁରୁ ତ୍ରିଲୋଚନ ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିଲେ।

ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହିପରି 'ଭଜନ ସନ୍ଧ୍ୟା' ନିୟମିତ ଭାବରେ ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶାପ୍ରକାଶ କରିଛନ୍ତି। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଏବଂ ଆଗାମୀଦିନରେ ଏ ଦିଗରେ ଟ୍ରଷ୍ଟ ବୋର୍ଡ ଆହୁରି ଅନେକ ପଦକ୍ଷେପ ନେବାକୁ ଯୋଜନା କରିଛି ବୋଲି ସଭାପତି ସଞ୍ଜୟ ବାବୁ କହିଛନ୍ତି।

# ହୀରାକୁଦ କ୍ରୀଡ଼ା ସଂସଦ ପକ୍ଷରୁ ଲିଗ୍ ମ୍ୟାଚ୍



**ସମ୍ବଲପୁର, ୨୩।୧୧(ସମିସ):**ହୀରାକୁଦ କ୍ରୀଡ଼ା ସଂସଦ ତରଫରୁ ଆଜି ସ୍ଥାନୀୟ ସୁବାଷ ଖେଳ ପଡ଼ିଆରେ ଡିସେମ୍ବର ୭ ତାରିଖରେ ହେବାକୁ ଥିବା ହୀରାକୁଦ କ୍ରିକେଟ ଲିଗ ପ୍ରତିଯୋଗିତା ପାଇଁ ଏମଏମ ସିଟି ଓ ରାଇସିଂ ଷ୍ଟାର ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ମ୍ୟାଚକୁ ହୀରାକୁଦ କ୍ରୀଡା ସଂସଦର ଉପ ସଭାପତି କାର୍ତ୍ତିକ କଲେତ ଉଦଘାଟନ କରିଥିଲେ।କ୍ରୀଡା ସଂସଦର ଉପ କ୍ରିକେଟ ସମ୍ପାଦକ ଅନିଶ ସାହୁ, ପ୍ରହଲ୍ଲାଦ ତାଣ୍ଡି, ଅଭିଷେକ ଦାସ, ଅଶୋକ ମହାରଣା, ତୁଷାର ଷଣ୍ଢ ଓ ଜଟା ଛନ୍ଦ ଉପସ୍ଥିତ ଥିଲେ।